
# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ସେପ୍ଟେମ୍ବର ୪/୨୦୧୮ (୧୬ ପୃଷ୍ଠା) Dhenkanal-Angul, Tuesday, September 4 /2018 ★★★★★

୧୪ଶ ଭାଗ ୧୯୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-

**ପ୍ରକୃତିକୁ ଉପଭୋଗ କରୁଛନ୍ତି ପ୍ରିୟଙ୍କା**

ଆମେରିକୀୟ ଗାୟକ ନିକ୍ ଜୋନାସ୍‌ଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କର ନିର୍ବନ୍ଧ ସରିଥିବା ବେଳେ ଉଭୟ ସ୍ଥାନୀୟ ମାମଥ୍ ମାଉଣ୍ଟେନ୍‌ରେ ପ୍ରକୃତିକୁ ଉପଭୋଗ କରୁଛନ୍ତି। ୦୯

୧୪ **ଆଶାରେ ଦୂତୀ**

ଜାକର୍ତ୍ତା ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତି ଦେଶକୁ ଗର୍ବିତ କରିଥିବା ଓଡ଼ିଶାର ଦୂତୀ ଚାନ୍ଦ ଆଗାମୀ ଦିନରେ ଆହୁରି ସଫଳତା ପାଇଁ ବେଶ୍ ଆଶାବାଦୀ।








## ସଂକ୍ଷେପରେ

### ନବୀନଙ୍କୁ ହତ୍ୟା ଧମକ

ବିଳାସପୁର, ୩।୯ (ପି.ଟି.)

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଛତିଶଗଡ଼ରୁ ହତ୍ୟା ଧମକ ମିଳିଛି। ବିଳାସପୁର ଜିଲା ଜେଲରେ ଥିବା ଜଣେ ଅନ୍ତେବାସୀ ଏହି ଧମକପୂର୍ଣ୍ଣ ଚିଠି ଦେଇଥିବା ପୋଲିସ କହିଛି। ପୁଷ୍ପେନ୍ଦ୍ର ନାଥ ଚୌହ୍ୱାନ ନାମକ ଏହି କଏଦୀ ନବୀନଙ୍କଠାରୁ ୫୦ କୋଟି ଟଙ୍କା ଦାବି କରିଥିବା ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ବିଳାସପୁର ଏସ୍‌ପି ଅରିଫ୍ ଶେଖ୍ କହିଛନ୍ତି। ହେଲେ ଚିଠିରେ ଆଉ ସବୁ କ'ଣ ଲେଖା ଯାଇଛି ତାହାକୁ ସେ ପ୍ରକାଶ କରି ନାହାନ୍ତି। ଅଗଷ୍ଟ ୨୫ରେ ଏହି ଚିଠି ଡାକ ଯୋଗେ ଓଡ଼ିଶା ପୋଲିସ ନିକଟରେ ପହଞ୍ଚିଥିଲା। ଓଡ଼ିଶାର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଗୋଇନ୍ଦା) ରବିବାର ଛତିଶଗଡ଼ ପୋଲିସକୁ ଜଣାଇବା ପରେ ଘଟଣା ପଦକୁ ଆସିଛି। ଛତିଶଗଡ଼ ପୋଲିସ ଏ ବିଷୟରେ ଜାଣିବା ପରେ ଖୋଳତାଡ଼ ☞ ପୃଷ୍ଠା-୪

### ଆର୍‌ବିଆଇ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

କୋଲକାତା, ୩।୯(ପି.ଟି.)

ଭାରତୀୟ ରିଜର୍ଭ ବ୍ୟାଙ୍କର କର୍ମଚାରୀ ଓ ଅଧିକାରୀମାନେ ସେପ୍ଟେମ୍ବର ୪ ଓ ୫ରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ନାହିଁ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ୟୁନାଇଟେଡ୍ ଫୋରମ ଅଫ୍ ରିଜର୍ଭ ବ୍ୟାଙ୍କ ଅଫିସର୍ସ ଆଣ୍ଡ୍ ଏମ୍ପ୍ଲଇଜ୍(ୟୁଏଫ୍‌ଆର୍‌ବିଓଇ) ଆନ୍ଦୋଳନ କରିବ ନାହିଁ ବୋଲି ନିଷ୍ପତ୍ତି ନେଇଛି। ଆର୍‌ବିଆଇର ଉଚ୍ଚପଦସ୍ଥ ଅଧିକାରୀ ଓ କର୍ମଚାରୀ ସଂଘର ଆଲୋଚନା ପରେ ଏହି ଆନ୍ଦୋଳନ ଯୋଜନାକୁ ସ୍ଥଗିତ ରଖାଯାଇଛି ବୋଲି ସୋମବାର ସଂଘ ସ୍ପଷ୍ଟ କରିଛି। କର୍ମଚାରୀ ଓ ଅଧିକାରୀ ସଂଘର ଯେଉଁ ସବୁ ଦାବୀ ରହିଛି ସେ ସମ୍ପର୍କରେ ବିଚାର କରିବା ପାଇଁ ଆର୍‌ବିଆଇ ଅଧିକ ସମୟ ମାଗିଛି। ସୂଚନା ଅନୁସାରେ ଯେଉଁ କର୍ମଚାରୀମାନେ ୨୦୧୨ରୁ ନିଯୁକ୍ତି ପାଇଛନ୍ତି ସେମାନଙ୍କ ପାଇଁ ଏକ ଆଡିଶନାଲ୍ ପ୍ରୋଭିଡେଣ୍ଟ୍ ଫଣ୍ଡ୍ (ଏପିଏଫ୍) ବ୍ୟବସ୍ଥା ପାଇଁ ଦାବି ରହିଛି।

### ଖାତକୁ ବସ୍ ଖସି ୧୩ ମୃତ

୮

## ଆଜିର ସମ୍ପାଦକୀୟ

### ବୁଢ଼ା ହେଲେ ବି

## ଆଜିର ମନ୍ତବ୍ୟ

"ପ୍ରବାସୀ ଭାରତୀୟ ଦେଶର ପ୍ରକୃତ ଦୂତ।"

-ରାମନାଥ କୋବିନ୍ଦ, ରାଷ୍ଟ୍ରପତି


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,200/- 10gm.
Gold 22 CT - ₹ 30,200/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 03.09.2018 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 61 | 107 | 117 |
| DKL | 61 | 107 | 117 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 61 | 107 | 117 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


■ ଏଫ୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ ଲୋକାର୍ପିତ

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯୋଡ଼ି ହେଲା ନୂଆ ଅଧ୍ୟାୟ

- ■ ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ■ କ୍ୟାମ୍ପସରେ ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ଅନାବରଣ
- ■ ଛାତ୍ରୀଛାତ୍ରଙ୍କ ଗହଣରେ ସମୟ ବିତାଇଲେ ମୁଖ୍ୟମନ୍ତ୍ରୀ



ଉଦ୍‌ଘାଟନ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

**ବାଲେଶ୍ୱର ଅଫିସ/ରେମୁଣା, ୩।୯(ଡି.ଏନ.ଏ.)**

ବାଲେଶ୍ୱରବାସୀଙ୍କ ଦୀର୍ଘଦିନର ଦାବି ଓ ଆନ୍ଦୋଳନର ଫଳସ୍ୱରୂପ ବହୁ ପ୍ରତୀକ୍ଷିତ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହି ମେଡିକାଲ କଲେଜ ଏକ ନୂତନ ଅଧ୍ୟାୟ ଯୋଡ଼ିଛି। ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ କେବଳ ସ୍ୱାସ୍ଥ୍ୟସେବା ନୁହେଁ, ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଫକୀରମୋହନ ସେନାପତିଙ୍କ ନାମରେ ନାମିତ ଏହି ମେଡିକାଲ କଲେଜ ଆଗାମୀ ଦିନରେ ଶ୍ରେଷ୍ଠତା ବଜାୟ ରଖିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱାସ୍ଥ୍ୟସେବା ପ୍ରସାର ପାଇଁ କେନ୍ଦ୍ର ସରକାର ୪ ବର୍ଷ ମଧ୍ୟରେ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ଜେନା, ଉଚ୍ଚଶିକ୍ଷା ଓ ଶିଳ୍ପମନ୍ତ୍ରୀ ଅନନ୍ତ ଦାସ, ଏମ୍‌ପି ରବୀନ୍ଦ୍ର କୁମାର ଜେନା, ଅର୍ଜୁନ ଚରଣ ସେଠୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

ଲୋକାର୍ପଣ ଉତ୍ସବ ପୂର୍ବରୁ ମେଡିକାଲ କଲେଜର ସୁରମ୍ୟ ଫାଟକ ନିକଟରେ ନିର୍ମିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଅନାବରଣ କରିଥିଲେ। ପରେ ମେଡିକାଲ କଲେଜରେ ପ୍ରଥମ ☞ ପୃଷ୍ଠା-୪

■ ଢେଙ୍କାନାଳରେ ଚାଞ୍ଚଲ୍ୟ

# ସୁନା ବ୍ୟବସାୟୀଙ୍କୁ ହତ୍ୟା



ଏସ୍‌ପି ସନ୍ତୋଷ କୁମାର ନାୟକ ଘଟଣାର ତଦନ୍ତ କରୁଛନ୍ତି।

- ■ ଘରେ ଶୋଇଥିବାବେଳେ ଆକ୍ରମଣ
- ■ କାରଣ ଅସ୍ପଷ୍ଟ, ଅଭିଯୁକ୍ତ ଫେରାର
- ■ ଜାଣିପାରିଲେନି ସ୍ତ୍ରୀ, ପୁଅ

**ଢେଙ୍କାନାଳ ଅଫିସ,୩।୯-**

ଢେଙ୍କାନାଳ ସହର ମୀନାବଜାର ସ୍ଥିତ ପଟ୍ଟନାୟକ ସାହିରେ ସୋମବାର ସ୍ପଷ୍ଟ ଦିବାଲୋକରେ ଜଣେ ସୁନା ବ୍ୟବସାୟୀଙ୍କୁ ଗଳା କାଟି ହତ୍ୟା କରାଯିବା ଜିଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକ ହେଲେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲା ଖଡାଲ ଫାଣ୍ଡି ପରମାଣିକପାଟି ଗ୍ରାମର ମଣ୍ଟୁ ପାତ୍ର(୪୨)। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ସେଠାରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

ଘଟଣାରୁ ପ୍ରକାଶ ଯେ, ପ୍ରାୟ ୨୦ ବର୍ଷ ହେବ ମଣ୍ଟୁ ପରିବାର ସହ ପଟ୍ଟନାୟକ ସାହିରେ ଭଡା ଘରେ ରହୁଥିଲେ। ଗାନ୍ଧୀମନ୍ଦିର ରୋଡ୍‌ଠାରେ ଜଗନ୍ନାଥ ୱାର୍କସପ୍ ନାମରେ ତାଙ୍କର ଏକ ଦୋକାନ ଅଛି। ☞ ପୃଷ୍ଠା-୪

# ଆଜିଠାରୁ ବିଧାନସଭା, ଆସିବ ୪ ବିଲ୍

**ଭୁବନେଶ୍ୱର,୩।୯(ବ୍ୟୁରୋ)**




- ■ ବିଧାୟକ, ମନ୍ତ୍ରୀଙ୍କ ଦରମା, ପେନ୍‌ସନ୍ ସଂଶୋଧନ ହେବ
- ■ ବୁଧବାର ଆଗତ ହେବ ଅତିରିକ୍ତ ବଜେଟ
- ■ ୬ରେ ବିଧାନ ପରିଷଦ ସଂକଳ୍ପ ପାରିତ ହେବ
- ■ ବାଜପେୟୀଙ୍କ ପାଇଁ ଦିନକ ଲାଗି ଗୃହ ମୁଲତବୀ ହେବ

ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ଅଧିବେଶନ ସେପ୍ଟେମ୍ବର ୨୦ ତାରିଖ ଯାଏ ଚାଲିବ। ଏଥିରେ ମୋଟ ୧୧ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମ ଦିବସରେ ୨୦୧୮-୧୯ ଆର୍ଥିକବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରିବା ଲାଗି ବିଧାନସଭା କାର୍ଯ୍ୟସୂଚୀରେ ପୂର୍ବରୁ ସ୍ଥିର କରାଯାଇଥିଲା। ତେବେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ପୂର୍ବତନ ଲୋକ ସଭା ବାଚସ୍ପତି ସୋମନାଥ ଚାଟାର୍ଜୀ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧିଙ୍କ ସମେତ ବିଧାନସଭାର କେତେଜଣ ପୂର୍ବତନ ସଦସ୍ୟଙ୍କ ବିୟୋଗରେ ଗୃହ ଦିନକ ପାଇଁ ମୁଲତବୀ ହେବାକୁ ଥିବାରୁ ବୁଧବାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ ନାହିଁ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବ। ଜାତୀୟ ସଙ୍ଗୀତ ଗାନ ପରେ ବିଧାନସଭାରେ ଶୋକ ପ୍ରସ୍ତାବ ଉପସ୍ଥାପନ କରାଯିବ। ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିବେ। ଏହି ପ୍ରସ୍ତାବ ଆଲୋଚନା ପରେ ଦିବଂଗତ ନେତାମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହକୁ ବୁଧବାର ସକାଳ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖାଯିବ। ଦିବଂଗତ ନେତାଙ୍କ ସମ୍ମାନାର୍ଥେ ସେପ୍ଟେମ୍ବର ୪ ତାରିଖରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ ୫ ତାରିଖରେ ଗୃହରେ ଉପସ୍ଥାପନ କରାଯିବ। ସେପ୍ଟେମ୍ବର ୬ରେ ଗୃହରେ ବିଧାନ ପରିଷଦ ପାଇଁ ସଂକଳ୍ପ ଆଗତ ଓ ପାରିତ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ଏହି ସ୍ୱଳ୍ପକାଳୀନ ଅଧିବେଶନରେ ୪ଟି ବିଲ୍ ଆଗତ ହେବ। ସେହି ବିଲ୍‌ଗୁଡିକ ହେଲା ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା, ଭତ୍ତା(ସଂଶୋଧନ) ବିଲ୍ ୨୦୧୮, ଓଡ଼ିଶା ମନ୍ତ୍ରୀଙ୍କର ଦରମା, ଭତ୍ତା ଓ ପେନ୍‌ସନ୍(ଦ୍ୱିତୀୟ ସଂଶୋଧନ) ବିଲ୍ ୨୦୧୮, ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ୟୁନିଭରସିଟି ବିଲ୍ ୨୦୧୮ ଏବଂ ଓଡ଼ିଶା ସମବାୟ ସମିତି(ସଂଶୋଧନ) ବିଲ୍ ୨୦୧୮। ଚଳିତ ଅଧିବେଶନରେ ☞ ପୃଷ୍ଠା-୪

■ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସିଭିସି ଛାଟ

# କୋର୍ଟ ମାମଲା ସଙ୍ଗେ ହେବ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୩।୯(ପି.ଟି.)**




ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଦୁର୍ନୀତିର ମୂଳୋତ୍ପାଟନ ଜରୁରୀ। ତେଣୁ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଣିକି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଥିବା ସମୟରେ ମଧ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏନେଇ ବ୍ୟାଙ୍କ, ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଭିଜିଲାନ୍ସ କମିଶନଙ୍କ ସଦ୍ୟ ନିଷ୍ପତ୍ତି ପରେ ଆଉ ଦୁର୍ନୀତିଖୋର ଅଧିକାରୀଙ୍କୁ କୋର୍ଟ ଫଇସଲା ପର୍ଯ୍ୟନ୍ତ ଢିଲା ଛଡ଼ାଯିବ ନାହିଁ। କମିଶନ କହିଛନ୍ତି ଯେ, ଅନେକ ଦୁର୍ନୀତି ମାମଲାରେ କୋର୍ଟରେ ବିଚାର ବିଳମ୍ବ ହେଉଛି। ଅଦାଲତରେ ମାମଲା ପଡ଼ିରହିଥିବାବେଳେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ପାରୁନାହିଁ। ତେଣୁ ଏହାର ଫାଇଦା ନେଇ ଅଭିଯୁକ୍ତ ଅଧିକାରୀମାନେ ବେଧଡ଼କ କାର୍ଯ୍ୟ କରିପାରୁଛନ୍ତି। ଏକ ସଂସ୍ଥା କିମ୍ବା ବିଭାଗର ଶୃଙ୍ଖଳା ଟିମ୍ ପ୍ରଚଳିତ ନିୟମ ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇ ନ ପାରିବା ନିହାତି ଭୁଲ୍। ତେଣୁ ଏହା ଉପରେ ରୋକ ଲଗାଇବା ଲାଗି ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ ବୋଲି ସିଭିସି କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟର ଦୃଷ୍ଟାନ୍ତ ଦେଇ ଭିଜିଲାନ୍ସ କମିଶନ କହିଛନ୍ତି ଯେ, ଏକ ସମୟରେ ଅଦାଲତି ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ଅସୁବିଧା ନାହିଁ।




## ସଂକ୍ଷେପରେ

### କଣିହାଁ ଖଣିରେ ଭିଜିଲାନ୍ସ ଚଢ଼ାଉ

କଣିହାଁ, ୩।୯(ଡି.ଏନ.ଏ.)- ଏମ୍‌ସିଏଲ୍‌ର ଏଠାରେ ଥିବା କଣିହାଁ ଓପନକାଷ୍ଟ କୋଇଲା ଖଣିରେ ସୋମବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଉଛି। କୋଇଲା ଷ୍ଟକ, ସେଲସ୍ ସମେତ ବିଭିନ୍ନ ବିଭାଗରେ ଯାଞ୍ଚ କରାଯାଇଥିଲା। ଏହାକୁ ନେଇ ଦୁର୍ନୀତିଗ୍ରସ୍ତ ଅଫିସରମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କୋଇଲା ଚୋରି ସହ ସିଭିଲ, କୋଇଲା ଡେସପାଚ, ବିଦ୍ୟୁତ୍ ବିଭାଗରେ ବ୍ୟାପକ ଅନିୟମିତତା ଚାଲିଥିବା ଦୀର୍ଘଦିନ ହେଲା ବିଭିନ୍ନ ମହଲରେ ଅଭିଯୋଗ ହୋଇ ଆସୁଥିଲା। ଏହାର ତଦନ୍ତ ସିବିଆଇ ଦ୍ୱାରା କରାଯିବାକୁ ଅନେକ କର୍ମଚାରୀ, ଶ୍ରମିକ ଦାବି କରିଛନ୍ତି। ପ୍ରକାଶ ଯେ, କୋଇଲା ଖଣିରେ ସୁରକ୍ଷା ସମସ୍ୟା ନେଇ ଏଚ୍‌ଏମ୍‌ଏସ୍ ଶ୍ରମିକ ସଙ୍ଗଠନ ତରଫରୁ ଅଭିଯୋଗ ହୋଇଥିଲା। ଏ ନେଇ ସୋମବାର ସିବିଓ(ସେଣ୍ଟ୍ରାଲ ବ୍ୟୁରୋ ଅଫିସ)ର ଅଧିକାରୀମାନେ ଚଢ଼ାଉ କରିଥିବା ସଙ୍ଗଠନ ସଭାପତି ଦୁଷ୍ମନ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

### ଜୋର ଧରିଲା ବିଇଓଙ୍କ ବଦଳି ଦାବି

ତାଳଚେର,୩।୯ (ନି.ପ୍ର.)- ତାଳଚେର ବ୍ଲକ ଏଜୁକେଶନ ଅଫିସର (ବିଇଓ)ଙ୍କ ବିରୋଧରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ବ୍ୟବହାର, ଆଚରଣରେ ଅତିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନେ ତାଙ୍କ ବଦଳି ଦାବିରେ ଗ୍ ଜୁଲାଇରେ ସ୍ଥାନୀୟ ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଗାମୀ ୫ ତାରିଖ ଗୁରୁଦିବସ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅନୁଗୋଳ ଶୈଳଶ୍ରୀକ୍ଷେତରୁ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ନଷ୍ପତ୍ତି ନେଇଥିବା ସଂଘ ସଭାପତି ଉଷାରାଣୀ ପଣ୍ଡା, ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ ଗଣମାଧ୍ୟମକୁ ଲିଖିତ ଭାବେ ଜଣାଇଛନ୍ତି।

# କେଞ୍ଝୁଆନାଳୀରେ ବାଘୁଣୀ, ଲୋକେ ଆତଙ୍କିତ

**ବଇଣ୍ଡା,୩।୯(ଡି.ଏନ.ଏ.)**



- ଗୁହାଳରେ ପଶିବାକୁ କରୁଥିଲା ଉଦ୍ୟମ
- ଭୟରେ ତାଟି କବାଟ ପକାଇ ଦେଇଛନ୍ତି ଲୋକେ
- ତୁରନ୍ତ ସ୍ଥାନାନ୍ତର କରା ନ ଗଲେ ଆନ୍ଦୋଳନ

ବାଘ ବଂଶ ବୃଦ୍ଧି ପାଇଁ ମଧ୍ୟପ୍ରଦେଶରୁ ଅଣାଯାଇ ସାତକୋଶିଆ ଜଙ୍ଗଲରେ ଛଡ଼ାଯାଇଥିବା ବାଘୁଣୀ 'ସୁନ୍ଦରୀ' ଏବେ ଜଙ୍ଗଲ ନିକଟସ୍ଥ ଗ୍ରାମବାସୀଙ୍କ ଚିନ୍ତା ବଢାଇ ଦେଇଛି। ସାତକୋଶିଆ ଜଙ୍ଗଲରୁ ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜକୁ ଗୁରୁବାରଠାରୁ ପଳାଇ ଆସିଥିବା ସୁନ୍ଦରୀ ସୋମବାର ପୂର୍ବାହ୍ନ ୯ଟାରେ ଧଣ୍ଡାତୋପା ରେଞ୍ଜ କେଞ୍ଝୁଆନାଳୀ ଗ୍ରାମ ଭିତରକୁ ପଳାଇ ଆସିଥିଲା। ଫଳରେ ସୁନ୍ଦରୀକୁ ଦେଖି ଗ୍ରାମବାସୀ ଭୟରେ ଦୀର୍ଘ ୪ ଘଣ୍ଟା ଧରି ତାଟି କବାଟ ପକାଇ ଦେଇଥିଲେ। ସେହିପରି ଆଖପାଖ ଗାଁ ଲୋକଙ୍କ ମଧ୍ୟରେ ମଧ୍ୟ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ଆତଙ୍କିତ ଅବସ୍ଥାରେ ଥିବା ବିପ୍ରଡ଼ିହ, ତରଣ୍ଡା, କେଞ୍ଝୁଆନାଳୀବାସୀ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି।

ଘଟଣାରୁ ଜଣାପଡ଼ିଛି, ସୋମବାର ସକାଳେ ବାଘୁଣୀ କେଞ୍ଝୁଆନାଳୀ ଗ୍ରାମର ପ୍ରଫୁଲ୍ଲ ଭୋଇଙ୍କ ଗୁହାଳରେ ପଶିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ଠେଙ୍ଗା ବାଡ଼ି ଧରି ପାଟି କରିଥିଲେ। ଫଳରେ ସୁନ୍ଦରୀ ଜଙ୍ଗଲ ମଧ୍ୟକୁ ପଳାଇଯାଇଥିଲା। ବାଘୁଣୀ ଗାଁ ମୁହାଁ ହୋଇଥିବା ଦେଖି ଭୟରେ ଗ୍ରାମବାସୀ ଗୃହପାଳିତ ପଶୁଙ୍କୁ ଚରିବା ପାଇଁ ପଡ଼ିଆକୁ ଛାଡ଼ୁ ନାହାନ୍ତି। ଏଥିସହ ଉକ୍ତ ଗ୍ରାମକୁ ଅଞ୍ଚଳବାସୀ ଯାତାୟାତ କରୁ ନ ଥିବା ଜଣାପଡ଼ିଛି। ତୁରନ୍ତ ବାଘୁଣୀକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ କେଞ୍ଝୁଆନାଳୀ ଗ୍ରାମ ସଭାପତି ମନ୍ଦିର ଦେହୁରୀ, ସମ୍ପାଦକ ଗୁରୁଚରଣ ପ୍ରଧାନ, ଜମ୍ମେଶ୍ୱର ପ୍ରଧାନ, ସୁରେଶ ଚନ୍ଦ୍ର ପ୍ରଧାନ, ଅଚ୍ୟୁତା ବେହେରା, କୈଳାସ ପ୍ରଧାନ, ନାରାୟଣ ବେହେରା, ଶ୍ରୀପତି ଭୋଇ, ସତ୍ୟବାନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ରେଞ୍ଜ ଅଫିସ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା କହିଛନ୍ତି, ବାଘୁଣୀ କେଞ୍ଝୁଆନାଳୀ ଗ୍ରାମରୁ ବାଘମୁଣ୍ଡା ଅଞ୍ଚଳକୁ ଯାଇଛି। ତାର ଗତିବିଧି ଉପରେ ନଜର ରଖାଯାଇଛି। ୩ ଦିନ ତଳେ ଏକ ବାଛୁରୀକୁ ମାରି ବାଘୁଣୀ ଖାଇଥିଲା। ବାଛୁରୀ ମାଲିକଙ୍କୁ ୧୫ ଦିନ ମଧ୍ୟରେ କ୍ଷତିପୂରଣ ଯୋଗାଇ ଦିଆଯିବ। ବନ ବିଭାଗ ପକ୍ଷରୁ କର୍ମଚାରୀମାନେ ସଜାଗ ରହିଛନ୍ତି।

## ଠିକା ଶ୍ରମିକଙ୍କୁ ମାଡ଼ ଅଭିଯୋଗ

**ବଁଅରପାଳ, ୩।୯(ଡି.ଏନ.ଏ.)**

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରୁ କାର୍ଯ୍ୟ ସାରି ଫେରୁଥିବାବେଳେ ଜଣେ ମହିଳା ଠିକା ଶ୍ରମିକଙ୍କୁ ସୋମବାର ପ୍ଲାଣ୍ଟର ମୁଖ୍ୟଫାଟକ ସମ୍ମୁଖରେ ଜଣେ ମହିଳା ସିଆଇଏସ୍‌ଏଫ୍ କର୍ମଚାରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ଶ୍ରମିକ ମହଲରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ସମ୍ପୃକ୍ତ ସିଆଇଏସ୍‌ଏଫ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନାଲ୍‌କୋ ଶ୍ରମିକ କଂଗ୍ରେସ ଲେବର ସେଲର ସଭାପତି ବିପ୍ଳବ ଜେନା ଦାବି କରିଛନ୍ତି।

## ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ତାଳଚେର,୩।୯ (ନି.ପ୍ର.)**

ଜନୈକା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ତାଳଚେର କଲିୟାରୀ ପୋଲିସ ଅଭିଯୁକ୍ତ ବଲଟୁ ସିଂ (୨୨)ଙ୍କୁ ଗିରଫ କରିଛି। ଗତ ୩୧ ତାରିଖରେ ଅଭିଯୁକ୍ତ ସମ୍ପୃକ୍ତା ନାବାଳିକାଙ୍କୁ ସାଇକେଲରେ ନେଇ ଜଙ୍ଗଲରେ ବଳାତ୍କାର ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ନଂ. ୨୫୪/୧୮ରେ ଏକ ମାମଲା ରୁଜୁ କରାଯାଇଛି।

# ରେଙ୍ଗାଳି ଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ



ଖୋଲାଯାଇଥିବା ଗେଟ୍ ଦେଇ ଡ୍ୟାମ୍‌ରୁ ଜଳ ନିଷ୍କାସନ ହେଉଛି।

**କଣିହାଁ, ୩।୯(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ରୁ ସୋମବାର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ସନ୍ଧ୍ୟା ୬ଟାରେ ଏହାର ଗୋଟିଏ ଗେଟ୍ ଖୋଲାଯାଇ ପାଣି ଛଡାଯାଇଛି। ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନାଙ୍କ ସୂଚନା ମୁତାବକ, ଡ୍ୟାମ୍‌ରେ ଜଳ ନିଷ୍କାସନ ପାଇଁ ୨୪ଟି ଗେଟ୍ ରହିଛି। ଏହାର ଜଳଧାରଣ କ୍ଷମତା ୧୨୩.୦୫ ମିଟର। ଉପରମୁଣ୍ଡରୁ ବନ୍ୟାଜଳ ପ୍ରବେଶ ଯୋଗୁ ଜଳସ୍ତର ବୃଦ୍ଧି ପାଇଛି। ଏଥିଯୋଗୁ ୭ ନମ୍ବର ଗେଟ ଖୋଲାଯାଇଛି। ବିଭିନ୍ନ ଶାଖା ନଦୀରୁ ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୨୫୫୦ ଘନମିଟର ଜଳ ପ୍ରବେଶ କରୁଛି। ଖୋଲା ଯାଇଥିବା ଗେଟ୍ ଯୋଗେ ୨୧୨୦ ଘନମିଟର ଜଳ ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ୫ଟି ଟରବାଇନ୍‌ରୁ ୭ଶହ ଘନମିଟର ଜଳ ନିଷ୍କାସିତ ହେଉଛି। ରେଙ୍ଗାଳି ଡ୍ୟାମ୍‌ରୁ ଜଳ ନିଷ୍କାସନ ହେବା ଯୋଗୁ ତଳମୁଣ୍ଡରେ ଥିବା ସମଲ ଆନିକଟର ୪ଟି ଗେଟ୍ ଖୋଲାଯାଇଛି। ବନ୍ୟାଜଳ ଛଡାଯାଇଥିବା ସମ୍ପର୍କରେ ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡା ଜିଲାପାଳଙ୍କ ସମେତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ଖବରଲେଖା ହେବା ପର୍ଯ୍ୟନ୍ତ ଡ୍ୟାମରେ ଜଳସ୍ତର ୧୨୨.୪୪ ମିଟର ରହିଛି।

# ମିଳିତ ଜନଶୁଣାଣିରେ ୧୩୯ ଅଭିଯୋଗ

**ଅନୁଗୋଳ ଅଫିସ, ୩।୯**

ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନିଲ କୁମାର ସାମଲଙ୍କ ସହ ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର ଶିବିରରେ ଉପସ୍ଥିତ ଥିଲେ। ସମୁଦାୟ ୧୩୯ ଅଭିଯୋଗରୁ ୧୧୫ଟି ବ୍ୟକ୍ତିଗତ ଓ ୨୪ଟି ଗ୍ରାମ୍ୟ ଭିତ୍ତିକ ସମସ୍ୟାର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ୬ ଜଣଙ୍କୁ ୨୩ ହଜାର ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଜଣଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ନିମନ୍ତେ ପ୍ରଦାନ କରାଯାଇଥିଲା। ପୂର୍ବରୁ ପଡ଼ି ରହିଥିବା ୧୪ଟି ଅଭିଯୋଗର ସମାଧାନ ମଧ୍ୟ ଏହି ଶିବିରରେ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ବନ୍ଦ କୋଠରିରୁ ମହିଳା ଉଦ୍ଧାର

**ଛେଣ୍ଡିପଦା,୩।୯(ସ୍ୱ.ପ୍ର./ଡି.ଏନ.ଏ.)**

- ଶାଶୁଘର ୟୁପି ଯିବାକୁ ଚାହୁଁ ନ ଥିଲେ
- ପଠାଇବାକୁ ଜିଦ୍ ଧରିଥିଲେ ପରିବାର ଲୋକେ
- ହଇରାଣ ନ କରିବାକୁ ଥାନାରେ ଲିଖିତ ପ୍ରତିଶ୍ରୁତି

ଦଲାଲ କଥାରେ ପଡ଼ି ୟୁପିର ଜଣେ ଅଣଓଡ଼ିଆଙ୍କ ସହ ଯୁବତୀଙ୍କ ବିବାହ କରାଇ ଦେଇଥିଲେ ପରିବାର ଲୋକେ। ହେଲେ ସେଠାରେ ଅନେକ ଅସୁବିଧାର ସମ୍ମୁଖୀନ ହେବା ପରେ ସେ କୌଶଳ କରି ଫେରି ଆସିଥିଲେ ବାପ ଘରକୁ। ଭାବିଥିଲେ ତାଙ୍କ ସମସ୍ୟା ସମ୍ପର୍କରେ ଜାଣିବା ପରେ ଘର ଲୋକେ ତାଙ୍କୁ ଆଉ ସେଠାକୁ ପଠାଇବେ ନାହିଁ। କିନ୍ତୁ ଓଲଟି ଘର ଲୋକେ ୟୁପି ଯିବାକୁ ବାଧ୍ୟ କରିବା ସହ ଏକ ଘର ମଧ୍ୟରେ ପୂରାଇ ତାଙ୍କୁ ବନ୍ଦ କରିଦେଇଥିଲେ। ଖବରପାଇ ସୋମବାର ପୋଲିସ ଉକ୍ତ ବନ୍ଦ ଘର ମଧ୍ୟରୁ ସମ୍ପୃକ୍ତା ମହିଳାଙ୍କୁ ଉଦ୍ଧାର କରିଛି। ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ କହିଛି, ସମ୍ପୃକ୍ତା ମହିଳାଙ୍କ ଘର ବାଗଡିଆ ଫାଣ୍ଡି ଅଞ୍ଚଳରେ। ଦଲାଲ କଥାରେ ପ୍ରଲୋଭିତ ହୋଇ ପରିବାର ଲୋକେ ୧୫ ହଜାର ଟଙ୍କା ନେଇ ଉତ୍ତରପ୍ରଦେଶର ଜଣେ ବ୍ୟକ୍ତିଙ୍କ ସହ ମନ୍ଦିରରେ ବିବାହ କରାଇ ଦେଇଥିଲେ। ସେଠାରେ ପହଞ୍ଚିବା ପରେ ମହିଳା ଜଣଙ୍କ ସ୍ୱାମୀଙ୍କ ଭାଷା ବୁଝିପାରି ନ ଥିଲେ। ଏପରି କି ଖାଇବା ରହିବାରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ଘରକୁ ଫେରିଯିବାକୁ ସେ ଯୋଜନା କରିଥିଲେ। ଭାଇଙ୍କୁ ରାଖି ବାନ୍ଧିବା ସହ ଘରେ ରଖିଥିବା ଟଙ୍କା ଆଣିବାକୁ କହି ସ୍ୱାମୀଙ୍କ ସହ ସେ ଗାଁକୁ ଆସିଥିଲେ। ହେଲେ ଗାଁରେ ପହଞ୍ଚିବା ପରେ ଆଉ ୟୁପି ଫେରିବାକୁ ଚାହିଁ ନ ଥିଲେ। ସ୍ୱାମୀ ଫେରିଯାଇଥିଲେ ବି ସେ ଗାଁରେ ରହିଥିଲେ। ତେବେ ୟୁପି ଯିବାକୁ ପରିବାର ଲୋକେ ବାରମ୍ବାର ବାଧ୍ୟ କରିବା ପରେ ସୋମବାର ସେ ଏକ ବସ୍‌ରେ କେଉଁଆଡ଼େ ଯାଉଥିବା ବେଳେ ତାଙ୍କ ଭାଇ ଜବରଦସ୍ତି ଏକ ଘର ମଧ୍ୟରେ ପୂରାଇ ତାଲା ପକାଇ ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଥାନାକୁ ନେବା ସହ ତାଙ୍କ ଭାଇଙ୍କୁ ମଧ୍ୟ ଅଟକ ରଖିଥିଲା। ହେଲେ ପରିବାର ବିରୋଧରେ ଅଭିଯୋଗ କରିବାକୁ ମହିଳା ଜଣକ ରାଜି ନ ହେବାରୁ ପୋଲିସ ଆଉ ହଇରାଣ ନ କରିବାକୁ ତାଙ୍କ ଭାଇଙ୍କଠାରୁ ଲିଖିତ ପ୍ରତିଶ୍ରୁତି ରଖିବା ପରେ ସମସ୍ତଙ୍କୁ ଛାଡ଼ି ଦେଇଥିଲା।





କେରଳ ଉପରେ ଗୋଟିଏ ପରେ ଗୋଟିଏ ଦୁଃଖ ମାଡ଼ି ଆସୁଛି। ପ୍ରଳୟଙ୍କରୀ ବନ୍ୟାରେ ହଜାର ହଜାର ଲୋକଙ୍କ ପ୍ରାଣହାନି ଘଟିବା ପରେ ଲକ୍ଷଲକ୍ଷ ବାସହରା ହୋଇ ଅସ୍ଥାୟୀ ଆଶ୍ରୟ ସ୍ଥଳରେ ରହୁଛନ୍ତି। ଏବେ ଅନେକ ଲୋକ ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଇତିମଧ୍ୟରେ ଅଗଷ୍ଟ ୨୦ତାରିଖଠାରୁ ର୍ୟାଟ ଫିଭରରେ ରାଜ୍ୟରେ ୪୩ ଜଣଙ୍କର ମୃତ୍ୟୁ ଘଟିଛି। ୧୩ଟି ଜିଲାରେ ଏଥିପାଇଁ ଜାରି ହୋଇଛି ହାଇ ଆଲର୍ଟ। ଏହି ଫିଭରରେ ଲିଭର ଏବଂ କିଡ୍‌ନୀ ସଂକ୍ରମଣ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବାତିଲ ହେଲା କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର, ୩୧।୯(ବ୍ୟୁରୋ): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ବାତିଲ ହୋଇଯାଇଛି। ସୋମବାର ସନ୍ଧ୍ୟା ୬.୧୫ରେ ସଚିବାଳୟଠାରେ କ୍ୟାବିନେଟ୍ ବୈଠକ ବସିବାର ଥିଲା। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକଗୁଡ଼ିଏ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଯିବା କାରଣରୁ କ୍ୟାବିନେଟ୍ ବୈଠକ ହୋଇପାରି ନ ଥିବା ଜଣାପଡିଛି। ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଲେଶ୍ୱର ଗସ୍ତ କରିଥିଲେ। ସେଠାରୁ ଫେରିବା ପରେ ସନ୍ଧ୍ୟାରେ ମୌସୁମୀ ଅଧିବେଶନ ପାଇଁ ବିଜେଡି ବିଧାୟକ ଦଳ ବୈଠକ ବସିଥିଲା। ବିଧାୟକ ଦଳ ବୈଠକ ବିଳମ୍ବରେ ଶେଷ ହେବା କାରଣରୁ ସୋମବାର ହେବାକୁ ଥିବା କ୍ୟାବିନେଟ୍ ବୈଠକକୁ ସ୍ଥଗିତ ରଖାଯାଇଥିବା ଜଣେ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ମିଳିତ ମଞ୍ଚ ଆନ୍ଦୋଳନକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସମର୍ଥନ

ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ମହାସଂଘ

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ବ୍ଲକଗ୍ରାଣ୍ଟ ଉଚ୍ଛେଦ କରି ପୂର୍ଣ୍ଣ ଅନୁଦାନ ଦାବିରେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆନ୍ଦୋଳନକୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ସମର୍ଥନ ଜଣାଇଛି। ଶିକ୍ଷକଙ୍କ ସମସ୍ୟାକୁ ମୁଖ୍ୟମନ୍ତ୍ରୀ ତୁରନ୍ତ ସମାଧାନ ପାଇଁ ହସ୍ତକ୍ଷେପ କରନ୍ତୁ ବୋଲି ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଉଛି ବୋଲି ମହାସଂଘ ସାଧାରଣ ସମ୍ପାଦକ ରବି ରାୟ ସୋମବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବ୍ଲକଗ୍ରାଣ୍ଟ ଶିକ୍ଷକ ପ୍ରଥା ସରକାର ୨୦୦୪ଠାରୁ ଲାଗୁ କରିଛନ୍ତି। ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ମୁଣ୍ଡାମୁଣ୍ଡି ଦରମା ପାଉଥାନ୍ତି। ଏଥିରେ ଚାକିରି ସର୍ତ୍ତାବଳୀ ନାହିଁ। ପେନସନ୍ ନାହିଁ। ଜିପିଏଫ୍ ଭଳି ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମଧ ନାହିଁ। ସରକାର ବ୍ଲକଗ୍ରାଣ୍ଟ୍ ଉଠାଇ ଚାକିରି ସର୍ତ୍ତାବଳୀ ଦେବା ସହ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବାକୁ ଶିକ୍ଷକ ମହାସଂଘ ପୂର୍ବରୁ ସରକାରଙ୍କ ପାଖରେ ଦାବି କରିଆସୁଛି। ମିଳିତ ମଞ୍ଚର ବ୍ଲକଗ୍ରାଣ୍ଟ ଶିକ୍ଷକ, ଅଧାପକ ଏବଂ କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ସରକାର ବ୍ଲକଗ୍ରାଣ୍ଟ ଉଚ୍ଛେଦକୁ ରାଜି ହୋଇଛନ୍ତି। ହେଲେ ତାହା ପୁଣି ସର୍ତ୍ତମୂଳକ। ଅଦାଲତକୁ ଯାଇଥିବା ଶିକ୍ଷକମାନେ କେସ୍ ଉଠାଇଲେ ବର୍ଦ୍ଧିତ ବ୍ଲକଗ୍ରାଣ୍ଟ ମିଳିବ ବୋଲି ସରକାର କହୁଛନ୍ତି। ଉପରୋକ୍ତ ସର୍ତ୍ତକୁ ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି। ତେବେ ଆନ୍ଦୋଳନ ଚଳାଇଥିବା ଶିକ୍ଷକଙ୍କ ଦାବି ଯଥାର୍ଥ ଦର୍ଶାଇ ମହାସଂଘ ସରକାରଙ୍କ ପାଖରେ ଜଣାଉଥିବା ରାୟ କହିଛନ୍ତି। ଉକ୍ତ ସମସ୍ୟାର ସମାଧାନ ହୋଇଗଲେ ଶିକ୍ଷା କ୍ଷେତ୍ରରେ ଉପୁଜିଥିବା ଅଚଳ ଅବସ୍ଥା ଦୂର ହୋଇପାରିବ ବୋଲି ସଭାପତି ନାୟକ କହିଛନ୍ତି।

### ଘରୋଇ ହୋମିଓପାଥିକ ଚିକିତ୍ସକଙ୍କୁ ପଞ୍ଜୀକରଣ ଦାବି

ଭୁବନେଶ୍ୱର, ୩।୯(ବ୍ୟୁରୋ): ରାଜ୍ୟରେ ଥିବା ଘରୋଇ ହୋମିଓପାଥିକ ଚିକିତ୍ସକମାନଙ୍କୁ ସରକାର ପଞ୍ଜୀକରଣ କରନ୍ତୁ ବୋଲି ଦାବି କରି ପ୍ରାଇଭେଟ ହୋମିଓପାଥିକ ପ୍ରାକ୍ଟିସନର୍ସ ଆସୋସିଏଶନ ଆସନ୍ତା ୧୧ ତାରିଖରେ ଲୋୟର ପିଏମ୍‌ଜିରେ ବିକ୍ଷୋଭ କରିବ ବୋଲି ସଂଘ ସଭାପତି ଅଟଳ କୁମାର ଦାଶ କହିଛନ୍ତି। ସେ ଆହୁରି କହିଛନ୍ତି, ସରକାର ପୂର୍ବ ପ୍ରଚଳିତ ନିୟମ ଅନୁଯାୟୀ ଘରୋଇ ହୋମିଓପାଥିକ ଚିକିତ୍ସକମାନଙ୍କୁ ତାଲିକାଭୁକ୍ତ କରି ପଞ୍ଜୀକରଣ କରୁଥିଲେ। ମାତ୍ର ସରକାର ସେହି ନିୟମକୁ ରଦ୍ଦ କରି ଦେଇଛନ୍ତି। ଫଳରେ ସରକାର ଆଉ ରାଜ୍ୟରେ ଥିବା ହୋମିଓପାଥିକ ଚିକିତ୍ସକଙ୍କ ତଥ୍ୟ ସରକାରଙ୍କ ପାଖରେ ରହୁନି ବୋଲି ଦାଶ ସୋମବାର ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରସ୍ ଆସୋସିଏଶନ ସଭାକକ୍ଷରେ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଏହା ପ୍ରକାଶ କରିଛନ୍ତି। ଦାଶ ଆହୁରି ମଧ କହିଛନ୍ତି, ହୋମିଓପାଥିକ ଚିକିତ୍ସାର ପ୍ରଚାର ଓ ପ୍ରସାର ପାଇଁ ଘରୋଇ ହୋମିଓପାଥିକ ଚିକିତ୍ସକମାନଙ୍କ ଭୂମିକା ରହିଛି। ସେମାନଙ୍କ ବଳରେ ହୋମିଓପାଥିକ ଚିକିତ୍ସା ବିଜ୍ଞାନକୁ ପରାକାଷ୍ଠା କରିଛି। ପୂର୍ବରୁ ଏହି ଘରୋଇ ଚିକିତ୍ସକମାନେ ଗାଁ ଗଣ୍ଡାରେ ବୁଲି ଚିକିତ୍ସା ଯୋଗାଇ ଦେଇ ଆସୁଥିଲେ। ଶେଷରେ ଏହି ହୋମିଓପାଥିକ ଚିକିତ୍ସାର ବିକାଶ ତଥା ରାଜ୍ୟର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ହୋମିଓପାଥିକ ମେଡିକାଲ କଲେଜ ଖୋଲିଥିଲେ। ତେଣୁ ଘରୋଇ ଚିକିତ୍ସକମାନଙ୍କ ଚିକିତ୍ସାର ମାନ ବୃଦ୍ଧି କରିବା ପାଇଁ ସରକାର ସେମାନଙ୍କୁ ତାଲିକାଭୁକ୍ତ କରି ପଞ୍ଜୀକରଣ କରନ୍ତୁ ବୋଲି ସଂଘ ଦାବି କରୁଥିବା ଦାଶ କହିଛନ୍ତି।




# ଗଳା କାଟି ନିଜକୁ ବଳି ପକାଇଲେ

## ଅନ୍ଧବିଶ୍ୱାସର କୁପରିଣତି

ଧାମନଗର,୩।୯ (ଡି.ଏନ.ଏ.)

ମାନସିକ ପୂରଣ ଲାଗି ଠାକୁରଙ୍କ ନିକଟରେ ବଳି ପକାଇବା ଭଳି ଅନ୍ଧବିଶ୍ୱାସର ଏକ ଭିନ୍ନ ନଜିର ଦେଖିବାକୁ ମିଳିଛି। ଭଦ୍ରକ ଜିଲା ଧାମନଗର ବ୍ଲକ, ଧୂଷୁରୀ ଥାନା ଅଧୀନ ସାହାସପୁର ସାଏନ୍ତ ସାହିର ସନ୍ତୋଷ ସାଏନ୍ତ ନାମକ ୪୦ ବର୍ଷର ଜଣେ ଯୁବକ ସୋମବାର ସକାଳେ ଠାକୁର ପୂଜା କରିବା ବେଳେ ନିଜକୁ ବଳି ପକାଇବାକୁ ଉଦ୍ୟମ କରି ଏକ ଛୁରିରେ ନିଜ ଗଳା କାଟି ଦେଇଥିଲେ। ପୂଜା ଘର ରକ୍ତ ଜୁଡୁବୁଡୁ ହୋଇ ସେ ଯନ୍ତ୍ରଣାରେ ଚିତ୍କାର କରିବାରୁ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ୧୦୮ ଆମ୍ବୁଲାନ୍ସ ଦ୍ୱାରା ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣା ନେଇ ଅଧିକ ତଦନ୍ତ କରାଯାଉଥିବା ପୋଲିସ କହିଛି।

ସାହାସପୁର ସାଏନ୍ତ ସାହିର ଶଶଧର ସାଏନ୍ତଙ୍କର ସାନ ପୁଅ ସନ୍ତୋଷ ଠାକୁରଙ୍କର ଜଣେ ଭକ୍ତ ତଥା ଆଧ୍ୟାତ୍ମିକତାବାଦୀ ଭାବେ ଜଣାଶୁଣା ଥିଲେ। ସେ ନିୟମିତ ଘରେ ପୂଜାପାଠ କରୁଥିଲେ। ବିବାହ ମଧ କରିଥିଲେ। ସୋମବାର ସକାଳ ସେ ଠାକୁରଙ୍କ ପୂଜାଘରକୁ ଯାଇଥିଲେ। ପୂର୍ବାହ୍ନ ୯ଟା ବେଳକୁ ତାଙ୍କ ସ୍ତ୍ରୀ ଚିତ୍କାର ଶୁଣି ପୂଜାଘରକୁ ଯାଇ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଡାକ ପକାଇଥିଲେ। ପରିବାର ଓ ସାହିଲୋକେ ଆସି ତାଙ୍କୁ ଭଦ୍ରକ ମେଡିକାଲ ପଠାଇବା ବ୍ୟବସ୍ଥା କରିଥିଲେ। କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। କୌଣସି ମାନସିକ ପୂରଣ ଲକ୍ଷ୍ୟରେ ସନ୍ତୋଷ ନିଜକୁ ବଳି ଦେବା ଉଦ୍ଦେଶ୍ୟରେ ଏପରି କାଣ୍ଡ ଭିଆଇଥିବା ପଡୋଶୀମାନେ ମତ ପ୍ରକାଶ କରିଛନ୍ତି । ଅନ୍ଧବିଶ୍ୱାସର ଏହି କୁପରିଣତି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲା ପୁରୁଣା ସିଟି, ବି.ଇଡି. ସଂଘ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ପୁଣି ଆନ୍ଦୋଳନାକୁ ଓହ୍ଲାଇଲା ଅଲ୍ ଓଡ଼ିଶା ଅଣକର୍ମଚାରୀ ପୁରୁଣା ସିଟି ଏବଂ ବି.ଇଡି ସଂଘ। ସ୍ୱତନ୍ତ୍ର ପ୍ୟାକେଜ ଜରିଆରେ ପୁରୁଣା ସିଟି ଏବଂ ବି.ଇଡିମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦିଅନ୍ତୁ ବୋଲି ସଂଘ ଦାବି କରିଛି। ପୂର୍ବରୁ ସଂଘ ଆନ୍ଦୋଳନ କରି ସଂଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସଂଘର ଦାବି ଯଥାର୍ଥ ବୋଲି ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ପ୍ୟାକେଜ ଆଣି ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅତିରିକ୍ତ ସଚିବଙ୍କ ପ୍ରତିଶ୍ରୁତିକୁ ଦୁଇ ମାସ ପୂରି ଯାଇଛି। ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା ଅଣାଯାଇ କୌଣସି ନିଯୁକ୍ତି ଦିଆଗଲା ନାହିଁ। ଫଳରେ ସଂଘ ପୁନର୍ବାର ଆନ୍ଦୋଳନାକୁ ଓହ୍ଲାଇଛି ବୋଲି ସଂଘ ସଭାପତି ଗୋପବନ୍ଧୁ ମୁଦୁଲୀ କହିଛନ୍ତି।

ମୁଦୁଲୀଙ୍କ କହିବା ହେଲା, ୧୯୯୦ରୁ ୨୦୦୦ ମସିହା ମଧ୍ୟରେ ସିଟି ଏବଂ ବି.ଇଡି ତାଲିମ୍ ପାଇଁ ଶିକ୍ଷାନୀତି ଅଲଗା ଥିଲା। ପରୀକ୍ଷାରେ ବିଷୟ ପିଛା ପୂର୍ଣ୍ଣ ସଂଖ୍ୟା ୧୦୦ ଥିଲା। ୫ଟି ପ୍ରଶ୍ନର ଦୀର୍ଘ ମୂଳକ ଉତ୍ତର ଦେବାକୁ ପଡୁଥିଲା। ମାତ୍ର ୨୦୦୧ ବେଳକୁ ଶିକ୍ଷାନୀତିରେ ପରିବର୍ତ୍ତନ କରାଗଲା। ଯେଉଁ ନୂଆ ପିଲାମାନେ ସିଟି ଏବଂ ବି.ଇଡି ତାଲିମ୍ ନେଲେ ସେମାନଙ୍କ ପାଇଁ ପରୀକ୍ଷାରେ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ରହିଲା। ଯାହାକି ସେମାନେ ଅଧିକ ନମ୍ବର ରଖି ପାସ୍ କଲେ। ନିଯୁକ୍ତି ବେଳେ ସେମାନେ ଚାକିରି ପାଇଁ ପୁରୁଣା ସିଟି ଏବଂ ବି.ଇଡି ତାଲିମଧାରୀଙ୍କ ଅପେକ୍ଷା ଅଧିକ ଯୋଗ୍ୟ ହୋଇପାରିଲେ। ଏହି ୧୦ ବର୍ଷ ଭିତରେ ସରକାର ଶିକ୍ଷକ ପଦବୀ ନିଯୁକ୍ତି କଲେ ନାହିଁ। ଫଳରେ ସିଟି ଏବଂ ବି.ଇଡି ତାଲିମ୍ ନେଇଥିବା ଯୁବତୀ ଯୁବକ ଚାକିରି ପାଇ ପାରିଲେ ନାହିଁ ବୋଲି ମୁଦୁଲୀ କୁହନ୍ତି। ତେଣୁ ସଂଘ ଦାବି କରୁଛି କି, ସରକାର ପୁରୁଣା ସିଟି ଏବଂ ବି.ଇଡି ତାଲିମପ୍ରାପ୍ତ ବ୍ୟକ୍ତିଙ୍କ ଭବିଷ୍ୟତକୁ ବିଚାର କରି ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ ଆଣି ନିଯୁକ୍ତି ଦିଅନ୍ତୁ।



ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନରେ ବସିଥିବା ଅଲ୍ ଓଡ଼ିଶା ଅଣକର୍ମଚାରୀ ପୁରୁଣା ସିଟି ଏବଂ ବି.ଇଡି ସଂଘ ସଦସ୍ୟ।

# ୫ରେ କଳାଦିବସ ପାଳିବେ ୬୦ ହଜାର ଶିକ୍ଷକ

- ୧୯ ଦିନରେ ଶିକ୍ଷକଙ୍କ ଆନ୍ଦୋଳନ
- ମିଳିତମଞ୍ଚ ଷ୍ଟିଅରିଂ କମିଟିର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ଭୁବନେଶ୍ୱର, ୩।୯(ବ୍ୟୁରୋ)

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚର ଆନ୍ଦୋଳନ ସୋମବାର ୧୯ଦିନରେ ପହଞ୍ଚିଛି। ଯେହେତୁ ସରକାର ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନେଲେ ନାହିଁ, ତେଣୁ ମିଳିତମଞ୍ଚ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୫ତାରିଖ ଗୁରୁଦିବସକୁ ୬୦ହଜାର ଶିକ୍ଷକ, ଅଧାପକ, ଶିକ୍ଷା କର୍ମଚାରୀ କଳାଦିବସ ଭାବେ ପାଳନ କରିବେ। ୬ତାରିଖରୁ ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ(ବ୍ଲକ୍‌ଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରହିବ। ୫ରୁ ୭ ତାରିଖ ପର୍ଯ୍ୟନ୍ତ ଶିକ୍ଷକ, ଅଧାପକ, ଶିକ୍ଷା କର୍ମଚାରୀ ୩ଦିନ ଧରି ଭୁବନେଶ୍ୱରରେ ରହିବେ। ୬ତାରିଖ ଦିନ ପୂର୍ବାହ୍ନରେ ୧୪୭ ବିଧାୟକଙ୍କର ବାସଭବନ ଘେରାଉ କରାଯିବ। ଏହି ଘେରାଉ କାର୍ଯ୍ୟକ୍ରମ ୭ତାରିଖ ଅପରାହ୍ନ ପର୍ଯ୍ୟନ୍ତ ବଳବତ୍ତର ରହିବ। ସେହିଦିନଠାରୁ ପ୍ରତ୍ୟେକ ସ୍କୁଲ ଓ କଲେଜରୁ ୨ଜଣ, ଉଚ୍ଚପ୍ରାଥମିକ ବିଦ୍ୟାଳୟ, ମଦ୍ରାସା, ସଂସ୍କୃତ ଟୋଲ ବିଦ୍ୟାଳୟରୁ ଜଣେ ଲେଖାଏ ବିଧାନସଭା ଶେଷ ହେବା ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆନ୍ଦୋଳନରେ ଉପସ୍ଥିତ ରହିବେ। ୧୦ ତାରିଖଠାରୁ ସ୍କୁଲ, କଲେଜର ଅବଶିଷ୍ଟ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀମାନେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରିବେ। ୧୭ ତାରିଖରୁ ବ୍ଲକ୍‌ର ସମସ୍ତ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀମାନେ ପ୍ରତିଦିନ ଗୋଟିଏ ପଞ୍ଚାୟତରେ ପଦଯାତ୍ରା କିମ୍ବା ମୋଟରସାଇକେଲ ରାଲି କରି ଘରେ ଘରେ ମିଳିତମଞ୍ଚର ଲିଫ୍‌ଲେଟ୍ ଦେବେ। ଶିକ୍ଷା ବିରୋଧୀ ସ୍ଲୋଗାନ ଦେଇ ଅପରାହ୍ନ ୩ଟାରେ ପଞ୍ଚାୟତ ହେଡ୍‌କ୍ୱାର୍ଟରରେ ସାଧାରଣ ସଭା କରିବେ। ଆନ୍ଦୋଳନ ବେଳେ ମଧ୍ୟାହ୍ନଭୋଜନ କାର୍ଯ୍ୟ ବନ୍ଦ ରହିବ। ଏହି ସମସ୍ତ ନିଷ୍ପତ୍ତିକୁ ପାଳନ କରିବା ପାଇଁ ଜିଲା ଷ୍ଟିଅରିଂ କମିଟି, ବ୍ଲକ୍ ଷ୍ଟିଅରିଂ କମିଟିର ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀମାନଙ୍କୁ ମିଳିତମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି ନିବେଦନ କରିଛନ୍ତି।

# ଦାମଙ୍କ ଚକ୍ରବ୍ୟୂହ ବାଣକୁ ନେଇ ଅଡୁଆରେ ବିଜେଡି

ଭୁବନେଶ୍ୱର, ୩।୯(ବ୍ୟୁରୋ)

ନିଜର ରୋକ୍‌ଠୋକ୍ ମନ୍ତବ୍ୟ ଦେଇ ବିଜେଡିକୁ ପୁଣିଥରେ ଅଡୁଆରେ ପକାଇଛନ୍ତି ଦଳର ବରିଷ୍ଠ ନେତା ଦାମୋଦର ରାଉତ। ସୋମବାର ଦାମଙ୍କ ଚକ୍ରବ୍ୟୂହ ବାଣ ବିଜେଡି ଶିବିରରେ କମ୍ପନ ସୃଷ୍ଟି କରିଛି। କେତେଜଣ ନେତା ଓ ଅଫିସରଙ୍କ ଚକ୍ରବ୍ୟୂହରେ ପଶି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ବଦ୍‌ନାମ ହେଉଛନ୍ତି। ସେହି ନେତା ଓ ଅଫିସରଙ୍କୁ ଭଗବାନ ସହାୟକ ହୁଅନ୍ତୁ। ମେ ୨୯ ମିଡ୍‌ନାଇଟ୍ ଅପରେଶନ୍‌ରେ ସାମିଲ ଥିବା ଲୋକ ଏବେ ବିଜେଡିର ସର୍ବେସର୍ବା ହୋଇଛନ୍ତି। ପ୍ରତ୍ୟେକ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଯେଉଁ ଗୋଇନ୍ଦା ରିପୋର୍ଟ ଆସିବା କଥା। ତାହା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚୁ ନାହିଁ। ପ୍ୟାରିମୋହନ ମହାପାତ୍ର ସେତେବେଳେ ଏଭଳି କରୁଥିଲେ। ସ୍ପେଶାଲ ବ୍ରାଞ୍ଚ ରିପୋର୍ଟକୁ ମାଗିଆଣି ପ୍ୟାରିବାବୁ ତାକୁ ସଂଶୋଧନ କରି ମୁଖ୍ୟମନ୍ତ୍ରୀଙ୍କୁ ଦେଇ ଦେଉଥିଲେ। ଏବେ ପ୍ୟାରିବାବୁଙ୍କ ସମୟରୁ ଅଧିକ ଗଫଲତି ହେଉଛି ବୋଲି ଦାମ କହିଛନ୍ତି। ବିଜୁବାବୁଙ୍କ ସଭାରେ ଯେଉଁମାନେ ଖଣ୍ଡା ବୁଲାଉଥିଲେ ସେମାନେ ଦଳର ଆଗ ଧାଡିର ନେତା ହୋଇଛନ୍ତି। ଯେଉଁମାନେ ବିଜୁବାବୁଙ୍କୁ କେବେହେଲେ ଦେଖି ନାହାନ୍ତି ସେମାନେ ବିଜୁବାବୁଙ୍କ ଆଦର୍ଶ କଥା କହୁଛନ୍ତି ବୋଲି ସେ କହିଛନ୍ତି।

ବିଜେଡି କିନ୍ତୁ ଦାମଙ୍କ ମନ୍ତବ୍ୟର ଜବାବ୍ ରଖିଛି। ଦଳର ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, ଦଳରେ କିଏ କ'ଣ କରୁଛି ତାହା ଗଣମାଧ୍ୟମ ଆଗରେ କହିବା ଠିକ୍ ନୁହେଁ। ଜଣେ ବରିଷ୍ଠ ନେତା ଭାବରେ ଦାମବାବୁ ଯାହା କହିବା କଥା ତାହା ଦଳୀୟ ଫୋରମରେ କୁହନ୍ତୁ ବୋଲି ସେ କହିଛନ୍ତି।



ଦାମୋଦର ରାଉତ

## ୧୪ରେ ନୂଆଁଖାଇ: ଧାର୍ଯ୍ୟ ହେଲା ଲଗ୍ନ

ସମ୍ବଲପୁର, ୩।୯ (ବ୍ୟୁରୋ)

ଆସନ୍ତା ୧୪ ତାରିଖରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ସୋମବାର ଏଥିଲାଗି ବ୍ରହ୍ମପୁରା ମନ୍ଦିରରେ ଲଗ୍ନ ଧାର୍ଯ୍ୟ କରାଯାଇଛି। ୧୪ ତାରିଖ ପୂର୍ବାହ୍ନ ୮ଟା ୧୦ରୁ ୮ଟା ୪୦ ମିନିଟ ମଧ୍ୟରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନବାନ୍ନ ଭୋଗ ଲାଗିବ ବୋଲି ଲଗ୍ନ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ପଣ୍ଡିତମାନେ ଏହି ଲଗ୍ନ ଧାର୍ଯ୍ୟ କରିଥିଲେ। ଘଣ୍ଟ, ଶଙ୍ଖ, ଦୁଲଦୁଲି ସହ ପଣ୍ଡିତମାନେ ସହର ପରିକ୍ରମା କରି ଗୋଧୂଳୀ ଲଗ୍ନରେ ସମଲେଶ୍ୱରୀ ପୀଠରେ ପହଞ୍ଚିଥିଲେ। ସେଠାରେ ବ୍ରହ୍ମପୁରା ମନ୍ଦିର ପୂଜକ ସନ୍ତୋଷ କୁମାର ପଣ୍ଡା ଦେବୀଙ୍କୁ ଲଗ୍ନ ଅର୍ପଣ କରିଥିଲେ। ସମଲେଶ୍ୱରୀ ମନ୍ଦିର ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନେ ଏହି ସମୟରେ ଉପସ୍ଥିତ ଥିଲେ। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସରୋଜ କୁମାର ଦଳପତିଙ୍କ ପରିଚାଳନାରେ ଲଗ୍ନ ଧାର୍ଯ୍ୟ କାର୍ଯ୍ୟକ୍ରମ ହୋଇଥିଲା।




# କେନ୍ଦ୍ରମନ୍ତ୍ରୀଙ୍କୁ ଅସମ୍ମାନ କରୁଛନ୍ତି ରାଜ୍ୟ ସରକାର: ଭାଜପା

- ଭାଜପା ଅଭିଯୋଗରୁ ରାଜନୈତିକ ଗନ୍ଧ ଆସୁଛି: ବିଜେଡି

ଭୁବନେଶ୍ୱର, ୩।୯(ବ୍ୟୁରୋ)

ରାଜ୍ୟ ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀମାନଙ୍କୁ ବାରମ୍ବାର ଅସମ୍ମାନ କରାଯାଉଛି। ରାଜ୍ୟ ସରକାର ବାସ୍ତବରେ ଅତିଥିମାନଙ୍କୁ ସମ୍ମାନ ଦିଅନ୍ତି ନାହିଁ। ଅସହିଷ୍ଣୁତା ମନୋଭାବ ରଖି ରାଜ୍ୟକୁ ଆସୁଥିବା ଅତିଥିମାନଙ୍କୁ ସୁରକ୍ଷା ଯୋଗାଇବାରେ ରାଜ୍ୟ ସରକାର ହୀନ ରାଜନୀତି ଅଭିସନ୍ଧି ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ସମଗ୍ର ରାଜ୍ୟବାସୀଙ୍କ ପାଇଁ ଲଜ୍ଜାର ବିଷୟ ବୋଲି ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି।

ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କନକ ବର୍ଦ୍ଧନ କହିଛନ୍ତି, ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ବାଲେଶ୍ୱରଠାରେ ନବନିର୍ମିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଶୁଭ ଉଦ୍‌ଘାଟନ ପାଇଁ ରବିବାର କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ଭୁବନେଶ୍ୱରଠାରେ ପହଞ୍ଚିଥିଲେ। ମାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବାକୁ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ କିମ୍ବା କୌଣସି ଉଚ୍ଚପଦସ୍ଥ ପଦାଧିକାରୀ ଉପସ୍ଥିତ ନ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ହେଲିକପ୍ଟର ଯୋଗେ ଭୁବନେଶ୍ୱରଠାରୁ ବାଲେଶ୍ୱର ଯିବା ଲାଗି କାର୍ଯ୍ୟକ୍ରମ ପୂର୍ବରୁ ନିର୍ଦ୍ଧାରିତ ହୋଇଥିଲା, ମାତ୍ର ଶେଷ ମୁହୂର୍ତ୍ତରେ ତାହା ବାତିଲ ହୋଇଥିଲା। ଏହାପରେ ସଡକ ପଥରେ ଚୌବେଙ୍କୁ ବାଲେଶ୍ୱର ଯିବାକୁ ପଡିଥିଲା। ମାତ୍ର ତାଙ୍କ ଗସ୍ତ ସମୟରେ ଯାଜପୁର ଜିଲାର ସୀମା ପର୍ଯ୍ୟନ୍ତ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଇଥିଲା। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କୁ ୱାଇ କାଟେଗୋରି ସୁରକ୍ଷା ମିଳିଥିବା ବେଳେ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ପୂର୍ବରୁ ୨ଟି ମେଡିକାଲ କଲେଜ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସମୟରେ ରାଜ୍ୟ ସରକାର କେନ୍ଦ୍ରର କୌଣସି ମନ୍ତ୍ରୀ ବା ଅଧିକାରୀଙ୍କୁ ନିମନ୍ତ୍ରଣ କରି ନ ଥିଲେ। ଗତ ୩୧ତାରିଖରେ ବଲାଙ୍ଗୀର ଜିଲାର ଭୀମଭୋଇ ମେଡିକାଲ କଲେଜ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଯୋଗଦେଇଥିଲେ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ନିମନ୍ତ୍ରଣ ପତ୍ରରେ କେନ୍ଦ୍ରମନ୍ତ୍ରୀଙ୍କ ନାମ ରହି ନ ଥିଲା। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ବୋଲି କନକ କହିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ଓଡିଶା ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀ ବା ସରକାରୀ ପଦାଧିକାରୀଙ୍କ ସୁରକ୍ଷା ଏବଂ ପ୍ରୋଟକଲ୍ ପାଇଁ ରାଜ୍ୟ ସରକାର ସର୍ବଦା ସଚେତନ ରହିଛନ୍ତି। ଭାଜପା ଯେଉଁ ଅଭିଯୋଗ ଆଣୁଛି ତା'ପଛରେ ରାଜନୈତିକ ଅଭିସନ୍ଧି ରହିଥିବା ସ୍ପଷ୍ଟ ବାରି ହୋଇପଡୁଛି। ଯଦି କେନ୍ଦ୍ରମନ୍ତ୍ରୀଙ୍କ ସୁରକ୍ଷାରେ କୌଣସି ପ୍ରକାର ଅସୁବିଧା ହୋଇଥାଏ ତେବେ ସେ ନିଜେ ଏ ସମ୍ପର୍କରେ କହିପାରି ଥାଆନ୍ତେ। ପ୍ରଶାସନିକସ୍ତରରେ ଏସବୁ ଆଲୋଚନା ହେବା କଥା। ଏଭଳି ମିଛ ଅଭିଯୋଗ ଆଣି ଭାଜପା ରାଜନୀତି କରିବାକୁ ଚେଷ୍ଟା କରିବା ଦୁର୍ଭାଗ୍ୟଜନକ ବୋଲି ସସ୍ମିତ କହିଛନ୍ତି।





ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କୁ କଡ଼ା ଜବାବ ଦେବା ପାଇଁ ମିଳିତ ସୁରକ୍ଷାବଳଙ୍କ ପକ୍ଷରୁ ସୋମବାର ସକାଳେ ଆରମ୍ଭ ହୋଇଛି ସର୍ଚ୍ଚ ଅପରେଶନ। ପୁଲଓ୍ୱାମା ଏବଂ ଶୋପିଆନ୍ ଜିଲାର ୧୮ଟି ଗାଁରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଏସବୁ ଅଞ୍ଚଳରେ ଆତଙ୍କବାଦୀମାନେ ସକ୍ରିୟ ଥିବାରୁ ଏପରି କରାଯାଉଥିବା କୁହାଯାଉଛି। ଏଥିରେ ଜାମ୍ମୁ-କଶ୍ମୀର ପୋଲିସ, ସିଆରପିଏଫ୍ ତଥା ସେନାର ୫୫ ଆର୍‌ଆର୍, ୪୪ଆର୍‌ଆର ଏବଂ ୫୩ ଆର୍‌ଆର ଯବାନ ଅଂଶଗ୍ରହଣ କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଜୀଦିନ୍
ପରିବାରବର୍ଗ



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ବିମୁଦ୍ରୀକରଣ ପରେ ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ଛାପା ବାବଦ ସରକାର ୨୦୧୮ ମାର୍ଚ୍ଚ ଶେଷ ସୁଦ୍ଧା ୭,୯୬୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। -ଆର୍‌ବିଆଇ

### ଆଇନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

# ପୈଠ କରାଯାଉନି ବାର କାଉନ୍‌ସିଲ ଫି

- ସରକାରୀ ଆଇନ କଲେଜର ଅବହେଳା
- ବାକି ରହିଛି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା
- ରାଜ୍ୟ ବାହାରକୁ ଯାଇ ହଇରାଣ ହେଉଛନ୍ତି ଛାତ୍ରୀଛାତ୍ର

ଦୀପକ କୁମାର ଭଳ
କଟକ ଅଫିସ, ୩।୯-

ଭାରତୀୟ ବାର କାଉନ୍‌ସିଲରେ ସମସ୍ତ ରାଜ୍ୟର ଆଇନ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ନିତାନ୍ତ ଆବଶ୍ୟକ। ପଞ୍ଜୀକରଣ ହେବା ଦ୍ୱାରା ଛାତ୍ରୀଛାତ୍ରମାନେ ଭାରତର ଯେକୌଣସି କୋର୍ଟରେ ଓକିଲାତି କରିପାରିବେ। ଏହି ପଞ୍ଜୀକରଣ କରିବା ପାଇଁ ପ୍ରତି ଶିକ୍ଷାବର୍ଷରେ ଆଇନ କଲେଜ ତରଫରୁ କାଉନ୍‌ସିଲରେ ଫି' ଜମା କରିବାକୁ ପଡିଥାଏ। ହେଲେ ଓଡ଼ିଶାର ଅଧିକାଂଶ ସରକାରୀ ଆଇନ କଲେଜ ଏହି ଫି ଜମା କରୁନାହାନ୍ତି। ଫଳରେ ରାଜ୍ୟ ବାହାରକୁ ଏବଂ ସୁପ୍ରିମ୍‌କୋର୍ଟରେ ଓକିଲାତି କରିବାକୁ ଯାଉଥିବା ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓକିଲାତି କରିବା ପାଇଁ ସେମାନଙ୍କୁ ଲାଇସେନ୍ସ ମିଳୁନାହିଁ। ଛାତ୍ରୀଛାତ୍ରମାନେ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଏନେଇ ଅଭିଯୋଗ କରୁଥିଲେ ମଧ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ସବୁଠୁ ବଡ଼ କଥା ହେଉଛି, ଭାରତୀୟ ବାର କାଉନ୍‌ସିଲ ଫି ବାବଦରେ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ନେଉଥିଲେ ମଧ ତାହା ଜମା କରାଯାଉନାହିଁ। ଓଡ଼ିଶାର ସରକାରୀ ଆଇନ କଲେଜଗୁଡ଼ିକ ଏହି ଫି ବାବଦକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରଖିଥିବା ଜଣାପଡିଛି।

ବାର କାଉନ୍‌ସିଲର ୨୦୧୧ ନିର୍ଦ୍ଦେଶନାମା ଅନୁଯାୟୀ ୩ ବର୍ଷିଆ ଏବଂ ୫ ବର୍ଷିଆ ଏଲଏଲବି କୋର୍ସ ପାଇଁ ଦେଢ ଲକ୍ଷ ଟଙ୍କା ଲେଖାଏ ଫି ରହିଥିଲା। ୨୦୧୬ ନୂତନ ନିର୍ଦ୍ଦେଶନାମା ଅନୁସାରେ ୩ ବର୍ଷିଆ ଏବଂ ୫ ବର୍ଷିଆ ଏଲଏଲବି କୋର୍ସ ପାଇଁ ଯଥାକ୍ରମେ ୩ ଲକ୍ଷ ଏବଂ ୫ ଲକ୍ଷ ଟଙ୍କା ଫି ଆକାରରେ ଜମା କରିବାକୁ କୁହାଯାଇଛି। ଉଭୟ ନୂଆ ଏବଂ ପୁରୁଣା କଲେଜ ଏହି ଫି ଜମା କରିବାକୁ ନିର୍ଦ୍ଦେଶ ରହିଛି। ଓଡ଼ିଶାର ଘରୋଇ ଆଇନ କଲେଜଗୁଡିକ ଏହି ଫି ଜମା କରୁଥିବାବେଳେ ଅଧିକାଂଶ ସରକାରୀ କଲେଜ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଭାରତୀୟ ବାର କାଉନ୍‌ସିଲ ୱେବ୍‌ସାଇଟ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ୨୧ଟି ସରକାରୀ ଆଇନ କଲେଜ ରହିଛି। ଏହି କଲେଜଗୁଡିକ ମଧ୍ୟରୁ କେଉଁଥିରେ ୩ ବର୍ଷିଆ, କେଉଁଥିରେ ୫ ବର୍ଷିଆ ଏବଂ କେଉଁଥିରେ ଉଭୟ ୩ ଓ ୫ ବର୍ଷିଆ ଏଲଏଲବି କୋର୍ସ ରହିଛି। ୨୦୧୫-୧୬ ଶିକ୍ଷାବର୍ଷ କିମ୍ବା ତା'ପରଠାରୁ ଏହି ଫି କୌଣସି ସରକାରୀ କଲେଜ ଜମା କରିନାହାନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ କଲେଜ ଏବଂ ମଧୁସୂଦନ ଲ କଲେଜ ଉଭୟ ୩ ବର୍ଷିଆ ଏବଂ ୫ ବର୍ଷିଆ ଏଲଏଲବି କୋର୍ସ ପାଇଁ ୨୦୧୨-୧୩ରେ ଶେଷ ଥର ଫି ଜମା କରିଥିଲେ। ଏହି ତଥ୍ୟ ଭାରତୀୟ ବାର କାଉନ୍‌ସିଲ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି।

ୟୁନିଭରସିଟି ଲ' କଲେଜର ଛାତ୍ର ଅବିନାଶ ମହାନ୍ତି କୁହନ୍ତି, ମୁଁ ଓକିଲାତି କରିବା ପାଇଁ ଦିଲ୍ଲୀ ଯାଇଥିଲି। ସେଠାକାର ରାଜ୍ୟ ବାର କାଉନ୍‌ସିଲରେ ଲାଇସେନ୍ସ ପାଇଁ ଆବେଦନ କରିଥିଲି। ହେଲେ ଆମ କଲେଜ ବାର କାଉନ୍‌ସିଲର ଫି ଜମା କରି ନ ଥିବାରୁ ମୋର ଆବେଦନକୁ ଖାରଜ କରି ଦିଆଯାଇଥିଲା। ଏନେଇ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ ସେମାନେ ଆଦୌ ଶୁଣୁନାହାନ୍ତି ବୋଲି ସେ କହିଛନ୍ତି।

ୟୁନିଭରସିଟି ଲ' କଲେଜର ଅଧ୍ୟକ୍ଷ ପ୍ରଣବ କୁମାର ରଣାଙ୍କୁ ପଚାରିବାରୁ ସେ କହିଲେ, ଆମେ ଫି ଜମା କରୁଛୁ। ଫି ବାବାଦକୁ ଆଉ କିଛି ଟଙ୍କା ବାକି ରହିଛି, ଯାହାକୁ ଆମେ ଖୁବ୍‌ଶୀଘ୍ର ଜମା କରିଦେବୁ ବୋଲି ସେ କହିଛନ୍ତି।

କଟକ ମଧୁସୂଦନ ଆଇନ କଲେଜ ଅଧ୍ୟକ୍ଷ ଏସ୍. କେ. ନନ୍ଦଙ୍କୁ ପଚାରିବାରୁ ସେ କହିଲେ, ଆମେ ଫି ଜମା କରିଦେଇଛୁ। ହେଲେ ବିଳମ୍ବରେ ଫି ଜମା କରିଥିବାରୁ ତାହା ଉପରେ ଫାଇନ୍ ଲାଗିଛି। ଫାଇନ ଜମା କରି ଦେବା ପରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

## ଏବିଡିଓଙ୍କ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ

ଓଡାପଡା,୩।୯(ଡି.ଏନ.ଏ) ଢେଙ୍କାନାଳ ଜିଲା ଓଡାପଡା ଏବିଡିଓ କିଶୋର ଚନ୍ଦ୍ର ସାହୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କଠାରେ ଅଭିଯୋଗ କରାଯାଇଛି। ଗତ ୩୧ ତାରିଖ ଅପରାହ୍ନ ୩ଟାରେ ବ୍ଲକ ପରିସରରେ ଏକ ଜରୁରୀ ବୈଠକ ଚାଲିଥିବା ବେଳେ ଏବିଡିଓ ସରପଞ୍ଚ କିଛି ନୁହନ୍ତି ବୋଲି ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିୟମ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ଚଳିତବର୍ଷ ଆବେଦନ କରିଥିବା ଆବେଦନକାରୀଙ୍କ ମଧ୍ୟରେ କିଛି ଅଯୋଗ୍ୟ ବ୍ୟକ୍ତିଙ୍କ ନାମଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ତେଣୁ ଏବିଡିଓଙ୍କ ବିରୋଧରେ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପଞ୍ଚାୟତ କାର୍ଯ୍ୟରେ ଅସହଯାଗ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏ ସଂକ୍ରାନ୍ତରେ କିଶୋରଚନ୍ଦ୍ର ସାହୁଙ୍କୁ ପଚରାଯିବାରେ ସେ କୁହନ୍ତି, ଯେ କୌଣସି ସରପଞ୍ଚଙ୍କୁ କେବେ ଦୁର୍ବ୍ୟବହାର କରିନାହିଁ । ବୈଠକରେ ଯାହା କହିଥିଲି ତାହା ବ୍ଲକ ଅଧ୍ୟକ୍ଷାଙ୍କଠାରୁ ଆରମ୍ଭ କରି ଉପସ୍ଥିତ ସମସ୍ତ ସରପଞ୍ଚ ଶୁଣିଛନ୍ତି। ମୁଁ ଯୋଜନା ସମ୍ପର୍କିତ ଆଇନର କଥା କହିଥିଲି। କିନ୍ତୁ କେତେଜଣ ସରପଞ୍ଚ ଏହାକୁ ଦୁର୍ବ୍ୟବହାର ବୋଲି କହୁଥିବା ଏବିଡିଓ କହିଛନ୍ତି।

classified

real estate

SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64125

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

Plot for sale near AIIMS Hospital, Bhubaneswar. Contact: 9938670164, 6370907396. D-64119

Flats for sale 2BHK/ 3BHK at Patrapada (Ready to move) near Amber Showroom and Krupajal College, Bhubaneswar- Puri NH side. 9861037729, 9040337729. D-63910

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64130

GENERAL
SALE

କଲେଜବ୍ୟାଗ୍ ସ୍କୁଲ, ଲଗେଜ, ଲେଡିଜ୍‌ବ୍ୟାଗ କଲିକତା ଦାମ୍‌ରେ ବିକ୍ରିହେବ। College bag School, luggage, ladies bag for sale. 7978677350, 9778250077. D-59917

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

Opening newly ayurvedic full body massage ladies & gents. 7438851534, 7609923705. D-38527

AFFIDAVIT

ମୁଁ ବିରଞ୍ଚି ନାରାୟଣ ବାରିକ/ ବିରଞ୍ଚି ବାରିକ, ପିତା- ନରସିଂହ ବାରିକ, ଗ୍ରାମ- ଗୋବର୍ଦ୍ଧନପ୍ରସାଦ, ଥାନା- ଫତେଗଡ଼, ଜିଲ୍ଲା- ନୟାଗଡ଼, ନୋଟାରି ସତ୍ୟପାଠ (37AA340822) ଅନୁଯାୟୀ ଏହା ଦ୍ୱାରା ସମସ୍ତ ଉଦ୍ଦେଶ୍ୟ ପାଇଁ ବିଜୟ ବାରିକ ଭାବେ ପରିଚିତ ହେବି। ଧ-୮୨୧୯

## ୬ରେ ଲଘୁଚାପ

ଭୁବନେଶ୍ୱର, ୩।୯(ବ୍ୟୁରୋ) ଆସନ୍ତା ୬ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବର୍ଷା ପରିମାଣ ବୃଦ୍ଧି ପାଇବ। ଏଥିଯୋଗୁ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୬ ତାରିଖରେ ସୁନ୍ଦରଗଡ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୭ ତାରିଖରେ ଉତ୍ତର ଓଡିଶା ସମେତ ପୁରୀ ଓ ଖୋର୍ଦ୍ଧା ଜିଲାରେ ପ୍ରବଳ ବର୍ଷା ହେବ। ସେହିପରି ୮ ତାରିଖରେ ସୁନ୍ଦରଗଡ, ବରଗଡ, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡିଶାର ଅଧିକାଂଶ ସ୍ଥାନରେ ଏବଂ ଦକ୍ଷିଣ ଓଡିଶାର ଅଳ୍ପ କେତେକ ସ୍ଥାନରେ ଘଡଘଡି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ...

ବ୍ୟାଚରେ ନାମ ଲେଖାଇଥିବା ୧୪ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇ ସେମାନଙ୍କ ଗହଣରେ କିଛି ସମୟ ବିତାଇଥିଲେ। ଏହା ବିଦ୍ୟାର୍ଥୀମାନଙ୍କୁ ବେଶ୍ ଉତ୍ସାହିତ କରିଥିଲା। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୭୦ ଲକ୍ଷ ଲୋକଙ୍କୁ ସାମିଲ କରିବା ସକାଶେ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ବେଳେ କେନ୍ଦ୍ର ମନ୍ତ୍ରୀ ଚୌବେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ କହିଥିଲେ। ଓଡ଼ିଶା ସରକାର ଏହି କେନ୍ଦ୍ରୀୟ ଯୋଜନାରେ ସାମିଲ ହୁଅନ୍ତୁ ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ବାଲେଶ୍ୱର ରେମୁଣା ଗୋଲେଇସ୍ଥିତ ନବନିର୍ମିତ ଫକୀରମୋହନ ମେଡିକାଲ କଲେଜ ପରିସର ଲୋକାର୍ପଣ ସମାରୋହ ପାଇଁ ବେଶ୍ ଚଳଚଞ୍ଚଳ ରହିଥିଲା। ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ମେଡିକାଲ କଲେଜ ପରିସରରେ ନିର୍ମିତ ହେଲିପ୍ୟାଡଠାରେ ପହଞ୍ଚିବା ପରେ ସେଠାରେ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ, ଦୁଇ ଏମ୍‌ପି, ସମସ୍ତ ବିଧାୟକ ଓ ବରିଷ୍ଠ ଅଧିକାରୀଗଣ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉପସ୍ଥିତ ଲୋକ କଳାକାରମାନେ ଶଙ୍ଖ ବଜାଇ ହୁଳହୁଳି ଦେଇ ଲୋକବାଦ୍ୟର ତାଳେ ତାଳେ ମୁଖ୍ୟମନ୍ତ୍ରୀଙ୍କୁ ପାଛୋଟି ନେଇଥିଲେ । ପରେ ପ୍ରେକ୍ଷାଳୟଠାରେ ଆୟୋଜିତ ଛାତ୍ରୀଛାତ୍ରଙ୍କ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଏଥିରେ ଯୋଗଦେଇ ରାଜ୍ୟରେ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବା ଦିଗରେ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଏକ ଐତିହାସିକ ପଦକ୍ଷେପ ବୋଲି ସେ ବର୍ଣ୍ଣନା କରିଥିଲେ। ଫକୀରମୋହନଙ୍କ ନାମରେ ମେଡିକାଲ କଲେଜ ନାମକରଣ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଚୌବେ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ଗତ ୪ ବର୍ଷ ମଧ୍ୟରେ ଦେଶରେ ପ୍ରସ୍ତାବିତ ୭୨ ମେଡିକାଲ କଲେଜ ମଧ୍ୟରୁ ୫୭ଟିକୁ ଅନୁମୋଦନ କରାଯାଇଥିବା କହିଥିଲେ। ଓଡ଼ିଶାରେ ସ୍ୱାସ୍ଥ୍ୟସେବା ବିକାଶ ଦିଗରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରିଥିବାରୁ ସେ ସ୍ୱତନ୍ତ୍ର ଭାବେ ଧନ୍ୟବାଦ ଜଣାଇଥିଲେ। କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଆରମ୍ଭ କରିଥିବା ଆୟୁଷ୍ମାନ ଭାରତ ଯୋଜନା ଉପରେ ସେ ଆଲୋକପାତ କରି ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ।

ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେନା ତାଙ୍କ ବକ୍ତବ୍ୟରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟ ପାଇଁ ଆଗକୁ ଏକ 'ଟିଚିଂ ହସ୍‌ପିଟାଲ' ନିର୍ମାଣ କରାଯିବ ବୋଲି ସୂଚନା ଦେଇଥିଲେ। ସେହିପରି ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପିଏଲ ଓ ବିପିଏଲଙ୍କୁ ଏଣିକି ମାଗଣା ସ୍ୱାସ୍ଥ୍ୟସେବା ମିଳିବ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଦାସ, ବାଲେଶ୍ୱର ଏମ୍‌ପି ଜେନା, ଭଦ୍ରକର ଏମ୍‌ପି ସେଠୀ ମଧ ବାଲେଶ୍ୱର ମେଡିକାଲ କଲେଜ ସ୍ୱପ୍ନ ସାକାର ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇ ଏହାଦ୍ୱାରା ଉତ୍ତରଓଡ଼ିଶା ଓ ଅନ୍ୟାନ୍ୟ ଅଞ୍ଚଳର ରୋଗୀ ଉପକୃତ ହେବେ ବୋଲି କହିଥିଲେ। ସୋର ବିଧାୟକ ପର୍ଶୁରାମ ଧଡା, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବାଲେଶ୍ୱର ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷ ଆଲୋକ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଲୋକାର୍ପଣ ସଭାରେ ସ୍ୱାଗତଭାଷଣ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମେଡିକାଲ କଲେଜ ଅଧ୍ୟକ୍ଷ ଡା. ପ୍ରତାପ କୁମାର ରଥ କଲେଜ ସମ୍ବନ୍ଧୀୟ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଜ୍ଞା ପ୍ରିୟଦର୍ଶନୀ, କୀର୍ତ୍ତିମାନ ସାହୁ, ଦେବୀ ଅନ୍ୱେଷା ଧଳ, ଅରୁଣ ଗୁପ୍ତା, ତନୁ ମିତ୍ତଲ, ବିବେକ ପ୍ରସାଦ ଦାସ, ଉତ୍କଳିକା ବିଶ୍ୱମ୍ଭର ଓ ରାକେଶଙ୍କୁ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ସ୍ମୃତି ଫଳକ ପ୍ରଦାନ କରିଥିଲେ। ମେଡିକାଲ କଲେଜ ଅଧୀକ୍ଷକ ଡା. ସୁଧୀର କୁମାର ଘୋଷ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଭାରପ୍ରାପ୍ତ ସଦର ତହସିଲଦାର ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ପରେ 'ଫଟୋ ସେସନ' କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧ୍ୟାପିକ, ଅଧ୍ୟାପକମାନଙ୍କ ସହ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ।

### ଆଜିଠାରୁ ବିଧାନସଭା...

ସେପ୍ଟେମ୍ବର ୭ ତାରିଖରେ ବେସରକାରୀ କାର୍ଯ୍ୟଦିବସ ଥିବା ବେଳେ ୮ ଓ ୯ ତାରିଖ ସରକାରୀ ଛୁଟି ଦିବସ ରହିଛି। ୧୦ରୁ ୧୨ ତାରିଖ ୩ ଦିନ ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ। ୧୩ ତାରିଖରେ ଗଣେଶ ପୂଜା, ୧୪ରେ ନୂଆଖାଇ, ୧୫ ଶନିବାର ଓ ୧୬ ତାରିଖ ରବିବାର ପଡୁଥିବାରୁ ଲଗାତର ୪ ଦିନ ବିଧାନସଭା ଗୃହ କାର୍ଯ୍ୟବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ୧୭ ତାରିଖରେ ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ୨୦୧୮-୧୯ ପାରିତ ହେବ। ସେପ୍ଟେମ୍ବର ୨୦ ତାରିଖରେ ଅଧିବେଶନ ଶେଷ ହେବ ହେବ।

### ସୁନା ବ୍ୟବସାୟୀଙ୍କୁ ...

ସେଠାରେ ସେ ସୁନା କାରିଗରି କାମ ସହ ବ୍ୟବସାୟ କରୁଥିଲେ। ସୋମବାର ଦୋକାନରୁ ଫେରି ସେ ଘରେ ବିଶ୍ରାମ ନେଉଥିଲେ। ସ୍ତ୍ରୀ ଅରୁଣା ପାତ୍ର(୩୨), ବଡ ପୁଅ ସୂର୍ଯ୍ୟ ପାତ୍ର(୧୪) ଓ ସାନପୁଅ ସନ ପାତ୍ର(୬) ଅନ୍ୟ ଏକ ପ୍ରକୋଷ୍ଠରେ ଶୋଇଥିଲେ। ମଣ୍ଟୁଙ୍କ ଶୋଇଥିବା ଘର କବାଟ ଖୋଲାଥିଲା। ଅପରାହ୍ନ ପ୍ରାୟ ୨ଟା ୪୫ରେ କେହି ଦୁର୍ବୃତ୍ତ ସେହି ଘରେ ପଶି ମଣ୍ଟୁଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ବେକ କାଟିଦେଇଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତାଙ୍କ ବାମପଟ ବେକ କଟିଯାଇଥିବା ବେଳେ ବାମ ହାତରେ ଗଭୀର ଆଘାତ ଲାଗିଛି। ତେବେ ଆକ୍ରମଣ ବେଳେ ଅନ୍ୟ ପ୍ରକୋଷ୍ଠରେ ଥିବା ତାଙ୍କ ସ୍ତ୍ରୀ ଓ ପିଲାମାନେ କେମିତି ଏହା ଜାଣି ନ ପାରିଲେ ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଘଟଣାର କିଛି ସମୟ ପରେ କୌଣସି ଶବ୍ଦ ଶୁଣି ବଡପୁଅ ଉକ୍ତ ପ୍ରକୋଷ୍ଠକୁ ଆସି ବାପାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏହାପରେ ତାଙ୍କ ସ୍ତ୍ରୀ ଓ ପୁଅଙ୍କ ପାଟିଶୁଣି ସାହିପଡିଶା ଲୋକେ ସେଠାରେ ଜମା ହୋଇଯାଇଥିଲେ। ଅପରପକ୍ଷେ ତାଙ୍କ ଦୋକାନରେ କାମ କରୁଥିବା ୨ ହେଲପରଙ୍କ ମଧ୍ୟରୁ ଜଣେ କଟକ ବ୍ୟବସାୟ କାମରେ ଯାଇଥିବା ବେଳେ ଅନ୍ୟ ଜଣେ ଛୁଟିରେ ଥିଲେ। ସେହିପରି ମଣ୍ଟୁ ଓ ଅରୁଣାଙ୍କ ମଧ୍ୟରେ ଗତ ରାତିରେ ଏବଂ ପ୍ରାୟ ଅଧିକାଂଶ ସମୟରେ ପାଟିତୁଣ୍ଡ ହେଉଥିବା ତାଙ୍କ ବଡପୁଅ ପୋଲିସ ଆଗରେ ପ୍ରକାଶ କରୁଥିଲେ। ଖବରପାଇ ଏସ୍‌ପି ସନ୍ତୋଷ କୁମାର ନାୟକ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ସଦର ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଅରୁଣା ଓ ତାଙ୍କ ଦୁଇପୁତ୍ରଙ୍କୁ ଅଲଗା ଅଲଗା କରି ଏସ୍‌ପି ପଚରାଉଚରା କରୁଛନ୍ତି। ପୋଲିସ ମଣ୍ଟୁଙ୍କ ମୋବାଇଲ ମଧ ଜବତ କରିଛି। ଏ ସଂକ୍ରାନ୍ତରେ ଏସ୍‌ପି ନାୟକ କୁହନ୍ତି, ବର୍ତ୍ତମାନ ସୁଦ୍ଧା ଘଟଣାସ୍ଥଳରେ ରହି ପଚରାଉଚରା ଜାରି ରଖିଛୁ। ତଦନ୍ତ ସରିବା ପରେ ଯାହାକଛି କହିହେବ। ସଦର ଥାନାରେ ଏ ନେଇ ନଂ. ୨୪୫/୧୮ରେ ଏକ ମାମଲା ରୁଜୁ କରାଯାଇଛି।

### ନବୀନଙ୍କୁ ହତ୍ୟା ...

ଆରମ୍ଭ କରି ଦେଇଛି। ଚୌହ୍ୱାନଙ୍କୁ ଚିହ୍ନଟ କରାଯିବା ପରେ ବିଳାସପୁର ଏଏସ୍‌ପି ନୀରଜ ଚନ୍ଦ୍ରକାର ପଚରାଉଚରା କରିଛନ୍ତି। ଚୌହ୍ୱାନ ଜାଞ୍ଜଗିରି-ଚମ୍ପା ଜିଲାର ବାସିନ୍ଦା। ଡକାୟତି ଓ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସେ ୨୦୦୯ରୁ ଜେଲରେ ରହୁଛନ୍ତି ବୋଲି ଶେଖ୍ ସ୍ପଷ୍ଟ କରିଛନ୍ତି। ସାଧାରଣରେ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ସେ ଏଭଳି ଚିଠି ଲେଖିଛନ୍ତି ବୋଲି ଏସ୍‌ପି ଶେଖ୍ କହିଛନ୍ତି। ତେବେ ଛତିଶଗଡ଼ ପୋଲିସ ସମ୍ପୂର୍ଣ୍ଣ ତଦନ୍ତ କରିବା ପରେ ଓଡ଼ିଶା ପୋଲିସକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବା ଲାଗି ରିପୋର୍ଟ ପ୍ରଦାନ କରିବ ବୋଲି ଶେଖ୍ କହିଛନ୍ତି । ପ୍ରାଥମିକ ତଦନ୍ତରୁ ଚୌହ୍ୱାନ ଜଣେ ମାନସିକ ବିକୃତ ବ୍ୟକ୍ତି ବୋଲି ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ଚତୁର୍ଥାଧିପ ଚନ୍ଦ୍ର ମିତ୍ର ମଙ୍ଗଳଙ୍କ ନକ୍ଷତ୍ରସ୍ଥ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟମ୍ଭାବୀ। ସୁସ୍ଥ ପାରିବାରିକ ଜୀବନ ସାଙ୍ଗକୁ ବନ୍ଧୁମାନଙ୍କ ସହ ସୁସମ୍ପର୍କ ବୃଦ୍ଧି, ନୂତନ ଗୃହ, ଗାଡ଼ି, ମୋଟର କ୍ରୟକରିବା ସକାଶେ ମନ ବଳାଇପାରନ୍ତି। ଛୋଟ ଛୋଟ କଥାକୁ କେନ୍ଦ୍ରକରି ନିଜ ପରିସରରେ କଳହର ଆଶଙ୍କା ଦେଖାଦେଇପାରେ।

**ବୃଷ** - ଆଜି ତୃତୀୟାଧିପ ଚନ୍ଦ୍ର ରାଶିରେ ରହିଥିବାରୁ ସମ୍ପର୍କୀୟା ମହିଳାଙ୍କ ସାହାଯ୍ୟରୁ ଉପକୃତ ହେବେ। ଘରେ କିମ୍ବା କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ । ହଠାତ୍ ବାହାରକୁ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। ମାନସିକ ଅସ୍ଥିରତା କାରଣରୁ କ'ଣ କରିବେ ନ କରିବେ ଏହି ଦ୍ୱନ୍ଦ୍ୱରେ ପଡ଼ି କିଛି ବି କରିପାରିବେ ନାହିଁ।

**ମିଥୁନ** - ରବି ଓ ବୁଧ ପ୍ରଭାବରେ ବନ୍ଧୁବାନ୍ଧବଙ୍କ ସାହାଯ୍ୟ, ସହାନୁଭୂତି ଆପଣଙ୍କ ସ୍ଥଗିତ କାମରେ ସହାୟକ ହୋଇପାରିବ। ପାରସ୍ପରିକ ସହମତି ଅଭାବରୁ ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ।

**କର୍କଟ** - ଆଜି କାମର ଚାପ ବୃଦ୍ଧି ପାଇଲେ ମଧ ଉପସ୍ଥିତ ବୁଦ୍ଧି ଓ କାର୍ଯ୍ୟଦକ୍ଷତା ବଳରେ ସାଧନ କରିବାରେ ଅସୁବିଧା ହେବନାହିଁ। ସାମାଜିକ ସ୍ତରରେ କିନ୍ତୁ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି,ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି।

**ସିଂହ** - ତୃତୀୟରେ ଶୁଭଗ୍ରହ ଓ ରାଶିରେ ବୁଧ ହେତୁ ସକାଳୁ ସକାଳୁ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିବିଶେଷ ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ। ପରିବହନ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।

**କନ୍ୟା** - ରାଶ୍ୟାଧିପ ଦ୍ୱାଦଶରେ ରହି ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ହେତୁ ହଠାତ୍ କୌଣସି କାମରେ ବାହାରକୁ ଯିବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି ତାହା ନିଶ୍ଚୟ ପାଇବେ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା** - ଚନ୍ଦ୍ର ସହ ଶୁକ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସକାଶେ ଅନୁକୂଳ ନ ହୋଇପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ବିଛା** - ମାନସିକ ସୁସ୍ଥତା ସାଙ୍ଗକୁ ସୁସ୍ଥ ପାରିବାରିକ ଜୀବନ ଦିନଟିକୁ ସରସ, ସୁନ୍ଦର ରଖିବାରେ ସହାୟକ ହେବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ।

**ଧନୁ** - ବିଶେଷ କିଛି ଅସୁବିଧା ନ ଥାଇ ମଧ ନିଜର ପୁରୁଣା କଥାକୁ କେନ୍ଦ୍ରକରି ମନ ଭଲ ରହିବନାହିଁ। ମୂଳା ନକ୍ଷତ୍ର ସକାଶେ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**ମକର** - ଅନ୍ୟମାନଙ୍କୁ ମନେଇ କାମ ହାସଲ କରିବା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ରହିଲେ ମଧ ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।


**କୁମ୍ଭ** - ଧୈର୍ଯ୍ୟଧାରଣ ପୂର୍ବକ ଅନ୍ୟମାନଙ୍କ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭକରିବେ। ଯାତ୍ରା,ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ।

**ମୀନ** - ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ଚନ୍ଦ୍ରଙ୍କ ସ୍ଥାନ ସ୍ଥିତିରୁ ପ୍ରାୟତଃ ଶୁଭପ୍ରଦ ରହିବ। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ଆପଣ ଯେତେ ଭଲ କାମ କଲେ ମଧ ପ୍ରଶଂସା ପାଇପାରିବେନି। ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଈର୍ଷାପରାୟଣତା ଜନିତ ପ୍ରତିବନ୍ଧକ ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି।

ଆଜି ଭାଦ୍ରବ କୃଷ୍ଣ ନବମୀ ମଙ୍ଗଳବାର, ବୈଷ୍ଣବ ମତାନୁସାରେ ନନ୍ଦୋତ୍ସବ, ସେପ୍ଟେମ୍ବର ୪ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଦିବା ଘ୮।୨୮ମି. ପରେ ମିଥୁନ ଚନ୍ଦ୍ର, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮।୩୦ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୧୧।୪୯ମି. ଗତେ ଘ୧।୨୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୦ମି. ଗତେ ଘ୧୧।୪୯ମି. ମଧ୍ୟେ, ଘ୩।୪୩ମି. ଗତେ ଘ୫।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୨।୫୦ମି.ଗତେ ଘ୪।୨୪ମି. ମଧ୍ୟେ ରାହୁକାଳ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ହରେକୃଷ୍ଣ ଦାଶ
ପୂର୍ବତନ ଯୁଗ୍ମ ସଚିବ, ପଞ୍ଚାୟତିରାଜ ବିଭାଗ, କପିଳପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ: ୧୪।୦୭।୧୯୪୫
ତିରୋଧାନ: ୧୬।୦୮।୨୦୧୭

ଆପଣ ଆରପାରିକୁ ଚାଲିଯିବା ଏହାମଧ୍ୟରେ ବର୍ଷଟିଏ ବିତିଗଲାଣି। ଆପଣଙ୍କ ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇଯାଇଛି ସିନା ହେଲେ ଆପଣ ଆମ୍ଭମାନଙ୍କ ସ୍ମୃତିରେ ଏବେବି ସଜୀବ ଅଛନ୍ତି। ଆଜି ଏ ପବିତ୍ର ତିଥିରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ ପରିବାର ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୫୬୧୪୫

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରତୀକ ସିଂହ
୪ର୍ଥ ବାର୍ଷିକ ଛାତ୍ର (I.T.E.R)
Engineering College, BBSR
ଦରଜୀ ପୋଖରୀ ଛକ, ପୁରୀ
ଜନ୍ମ: ୧୪।୦୭।୧୯୯୭ (ବାହୁଡା ଦଶମୀ)
ତିରୋଧାନ: ୨୫।୦୮।୨୦୧୮

ଆଜି ଏକାଦଶାହ ଉପଲକ୍ଷେ ତୁମ ଅମର ଆତ୍ମାର ଚିର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ସହିତ ଅଜସ୍ର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଶୋକସନ୍ତପ୍ତ: ପରିବାରବର୍ଗ ଓ ସାଙ୍ଗସାଥୀମାନେ। ଧ-୬୩୭୨୩



ଏବେ ବୋହୂ ହେବା ପାଇଁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚ୍ୟୁ)ରେ ୩ ମାସିଆ ପାଠ୍ୟକ୍ରମ ପ୍ରଦାନ କରାଯିବ। ଦାମ୍ପତ୍ୟ ଜୀବନରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ବଢୁଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସ୍କିଲ୍ ଇଣ୍ଡିଆ ସିଇଓ ନୀରବ ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ଏନେଇ ବିଏଚ୍ୟୁ ଆଇଆଇଟି ପକ୍ଷରୁ ଆରମ୍ଭ କରାଯାଇଛି ଉଦ୍ୟମ। ବାହାଘର ପୂର୍ବରୁ ଯେକୌଣସି ଛାତ୍ରୀ ଏହି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ଏଥିରେ ବିଭିନ୍ନ ଘରକରଣା ତାଲିମ୍ ଦିଆଯିବା ସହିତ ଶାଶୂଘରେ କିପରି ଚାଲିଚଳଣ କରାଯିବ ସେ ନେଇ ଶିକ୍ଷା ଦିଆଯିବ।



୫୪ ନମ୍ବର ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକ।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଧାୟକ ଦଳ ବୈଠକ।



ବିଧାନସଭା ପରିସରରେ ଥିବା ବିରୋଧୀ ଦଳ ନେତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ କଂଗ୍ରେସ ବିଧାୟକ ଦଳ ବୈଠକ।

# ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ମୌସୁମୀ ଅଧିବେଶନ। ଏହି ଅଧିବେଶନ ସେପ୍ଟେମ୍ବର ୨୦ ଯାଏ ଚାଲିବ। ସ୍ୱଳ୍ପକାଳୀନ ହୋଇଥିଲେ ମଧ୍ୟ ଏହା ବେଶ୍ ସରଗରମ ହେବ। ବିରୋଧୀ କଂଗ୍ରେସ ଓ ଭାଜପା ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଷଣ୍ଢଆସି ଆକ୍ରମଣ କରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା, ଶିକ୍ଷକ ଆନ୍ଦୋଳନ, ଚାଷୀଙ୍କୁ ବୀମା ଅର୍ଥ ନ ମିଳିବା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ପ୍ରସଙ୍ଗକୁ ବିରୋଧୀ ମୁଖ୍ୟ ଅସ୍ତ୍ର କରିବେ।

ସରକାରଙ୍କୁ ଘେରିବାକୁ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଛି। କୃଷି ବୀମା ଓ ଶିକ୍ଷକମାନଙ୍କ ସମସ୍ୟା ହେବ ଦଳର ମୁଖ୍ୟ ପ୍ରସଙ୍ଗ। ଦୀର୍ଘଦିନ ହେବ ଚାଷୀମାନେ କୃଷି ବୀମା ପାଉ ନାହାନ୍ତି। ସେଥିପ୍ରତି ସରକାର ଦୃଷ୍ଟି ଦେଉ ନାହାନ୍ତି। ଅନ୍ୟ ପଟେ ଅଧ୍ୟାପକ ଓ ଶିକ୍ଷକମାନେ ଦାବି ପୂରଣ ପାଇଁ ଦୀର୍ଘଦିନ ହେବ ରାଜରାସ୍ତାରେ ବସିଛନ୍ତି। ଏହି ଉଭୟ ପ୍ରସଙ୍ଗକୁ ବିଧାନସଭାରେ ଜୋରଦାର ଉଠାଇ କଂଗ୍ରେସ ସରକାରଙ୍କୁ ଘେରିବାକୁ ଯୋଜନା ପ୍ରସ୍ତୁତ କରିଛି। ଏଥିସହିତ କୃଷକ ସମସ୍ୟା, ବେକାରି ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବ , ଡାକ୍ତର ସମସ୍ୟା, ଦୁର୍ନୀତି, ପାନୀୟ ଜଳ ଆଦିକୁ ନେଇ କଂଗ୍ରେସ ସରକାରଙ୍କୁ ନାକେଦମ୍ କରିବ ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର ସୂଚନା ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ବିଧାନସଭା ପରିସରରେ ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରସଙ୍ଗଗୁଡିକ ଉପରେ ଆଲୋଚନା ହୋଇ ରଣନୀତି ପ୍ରସ୍ତୁତ କରାଯାଇଛି। ଏହି ବୈଠକରେ ୧୫ ଜଣ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ନବ କିଶୋର ଦାସ, କୈଳାସ ଚନ୍ଦ୍ର କୁଲେସିକା ଓ କୃଷ୍ଣ ଚନ୍ଦ୍ର ସଗରିଆ ଉପସ୍ଥିତ ନ ଥିଲେ।

ଭାଜପା ମଧ୍ୟ ସରକାରଙ୍କୁ ହଲାପଟା କରିବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ବିଧାୟକ ଦଳ ନେତା କେ.ଭି ସିଂଦେଓଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟାଳୟରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ

**ଆଜିଠୁ ବିଧାନସଭା**

- ଚାଷୀଙ୍କୁ ବୀମା ଅର୍ଥ ନ ମିଳିବା, ଶିକ୍ଷକ ଆନ୍ଦୋଳନ ହେବ ମୁଖ୍ୟ ଅସ୍ତ୍ର
- ସରକାରଙ୍କ ଢାଲ ତୈଳଦର ବୃଦ୍ଧି, ପୋଲାଭରମ୍, ମହାନଦୀ

ହୋଇଛି। ଆୟୁଷ୍ମାନ ଭାରତ ଯୋଜନାକୁ ଭାଜପା ମୁଖ୍ୟ ଅସ୍ତ୍ର କରିବ। ଏହାଛଡା ଦୁର୍ନୀତି, ମହିଳା ନିର୍ଯାତନା, ଆଇନଶୃଙ୍ଖଳା, ଚାଷୀ ସମସ୍ୟାକୁ ନେଇ ସରକାରଙ୍କୁ ପ୍ରଚଣ୍ଡ ଆକ୍ରମଣ କରିବ ଭାଜପା। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ବାହାର ରାଜ୍ୟକୁ ଯାଇ କାମ କରୁଥିବା ଗରିବ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଓଡ଼ିଆଙ୍କ ସହ ବିଶ୍ୱାସଘାତକତା କରିଛନ୍ତି। ବିଧାନସଭାରେ ଏହି ପ୍ରସଙ୍ଗ ଉପରେ ସୌଭାଗ୍ୟ ଯୋଜନାରେ ମଗଣାରେ ବିଜୁଳି ଦେବା ପରିବର୍ତ୍ତେ ଟଙ୍କା ଆଦାୟ କରିବା , ଅଘୋଷିତ ବିଜୁଳି କାଟ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩ ଲକ୍ଷ ଲୋକଙ୍କୁ ବାଦ ଦେବା ଓ ହଜାର ହଜାର ଆଦିବାସୀ ପରିବାରଙ୍କୁ ରାଶନ କାର୍ଡ ପାଇବା ସତ୍ତ୍ୱେ ୧ ଟଙ୍କିଆ ଚାଉଳରୁ ବଞ୍ଚିତ କରିବା ଆଦି ବିଷୟରେ ଦଳ ସରକାରଙ୍କଠାରୁ କୈଫିୟତ ତଲବ କରିବ ବୋଲି ସେ କହିଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାର ପଲ୍ଲିସଭା ଓ ଜନପ୍ରତିନିଧିଙ୍କୁ କରୁଥିବା ଅଣଦେଖାର ମଧ୍ୟ ଜୋରଦାର ପ୍ରତିବାଦ କରାଯିବ ବୋଲି ସେ କହିଛନ୍ତି। ବୈଠକରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ଚୌବେଙ୍କ ସହ ଦଳୀୟ ବିଧାୟକମାନେ ଉପସ୍ଥିତ ଥିଲେ।

ବିରୋଧୀଙ୍କୁ ସମ୍ମୁଖୀନ ହେବାକୁ ଶାସକ ବିଜେଡି ମଧ୍ୟ ରଣନୀତି ପ୍ରସ୍ତୁତ କରିଛି। ତୈଳ ଦର ବୃଦ୍ଧି, ଓଡ଼ିଶା କେନ୍ଦ୍ରୀୟ ଅନୁଦାନ ପ୍ରଦାନରେ ବିଳମ୍ବ, ମହାନଦୀରେ ଛତିଶଗଡ଼ ବ୍ୟାରେଜରୁ ହଠାତ୍ ଜଳ ଛାଡିବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ପୋଲାଭରମ୍ ଓ ଅନ୍ୟାନ୍ୟ କେନ୍ଦ୍ର ବିରୋଧୀ ପ୍ରସଙ୍ଗକୁ ନେଇ ଶାସକ ଦଳ ବିରୋଧୀଙ୍କ ଆକ୍ରମଣରୁ ବର୍ତ୍ତିବାକୁ ଉଦ୍ୟମ କରିବ।

ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲ। ଏଥିରେ ୧୧୨ ଜଣ ସଦସ୍ୟ ଯୋଗ ଦେଇଥିଲେ। ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଧାନସଭାରେ ଯାହା ଲୋକମାନଙ୍କ ହିତ ପାଇଁ ହୋଇଥିବ ସେ ସବୁ ପ୍ରସଙ୍ଗ ଉପରେ ଆଲୋଚନା ହେବ। ବିରୋଧୀ ଦଳ ଆଣୁଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଗୃହରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ ଆସନ୍ତା ବିଧାନସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହେବ। ବିରୋଧୀ ଦଳ ଆଣୁଥିବା ଜନହିତକର ପ୍ରସ୍ତାବ ଉପରେ ସରକାର ଆଲୋଚନା କରିବାକୁ ପଛାଇବେ ନାହିଁ।

## ସଂକ୍ଷେପରେ

ଅବସର ପରେ ଆଉ ରହିବନି ଚାକିରି

### ସବୁ ବିଭାଗକୁ ଚିଠି କଲେ ସରକାର

**ଭୁବନେଶ୍ୱର, ୩।୯(ବ୍ୟୁରୋ):** ଅବସର ପରେ ପୁନଃନିଯୁକ୍ତି ପାଇ ସରକାରୀସ୍ତରରେ ଦାୟିତ୍ୱ ତୁଲାଉଥିବା ବହୁ ଅଧିକାରୀ ଏବେ ଦାୟିତ୍ୱ ମୁକ୍ତ ହେବେ। ଶକ୍ତି ବିଭାଗ ସଚିବ ତାଙ୍କ ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କିତ ଚିଠି ଲେଖିବା ପରେ ଏହା ଜଣାପଡିଛି। କେବଳ ଶକ୍ତି ନୁହେଁ ସବୁ ବିଭାଗକୁ ଏନେଇ ଚିଠି କରାଯାଇଛି। ନିକଟ ଅତୀତରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ବସିଥିବା ସଚିବସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଥିଲା। ବିଗତ ୪ବର୍ଷରେ ପ୍ରାୟ ୫୦ହଜାର ଅବସରପ୍ରାପ୍ତ କର୍ମଚାରୀ ସରକାରୀ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପ୍ରଶାସନିକ ଆବଶ୍ୟକତା ଏବଂ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଅବସର ପରେ ବହୁ ଅଧିକାରୀଙ୍କୁ ପୁନଃନିଯୁକ୍ତି ଦିଆଯାଉଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଉଥିଲା। ମାତ୍ର ଏଭଳି ଆଭିମୁଖ୍ୟ ବଦଳାଇ ଅବସର ପରେ ଆଉ ଚାକିରି ନ ଦେବା ପାଇଁ ସ୍ଥିର ହୋଇଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ ମଧ କରାଯାଇଛି। ରାଜ୍ୟ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି, ଏନେଇ ଆମ ନିକଟକୁ ଚିଠି ଆସିବା ପରେ ଅଧିକାରୀମାନଙ୍କୁ ଚିଠି କରାଯାଇଛି। ଅବସର ପରେ କେତେ କର୍ମଚାରୀ ଶକ୍ତି ବିଭାଗରେ କାର୍ଯ୍ୟ କରୁଛନ୍ତି ତା'ର ରିପୋର୍ଟ ଅଣାଯିବ। ଏହାପରେ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ସୁଶାନ୍ତ କହିଛନ୍ତି।

ଡଙ୍ଗା ଚାଳକଙ୍କ ମଧ୍ୟରେ ବିବାଦ

### ଚିଲିକାରେ ଜଳପଥ ଅବରୋଧ

ବ୍ରହ୍ମଗିରି, ୩।୯(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ମଏଁଷା ଗ୍ରାମ ଓ ଜହ୍ନିକୁଦା ଗ୍ରାମର ଡଙ୍ଗା ଚାଳକଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ହେବାରୁ ସୋମବାର ସକାଳେ ମଏଁଷା ଗ୍ରାମର ଲୋକମାନେ ଚିଲିକାର ଜଳପଥକୁ ଅବରୋଧ କରିଥିଲେ। ଫଳରେ ଦିନ ତମାମ ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ ରହିବା ସହ କୌଣସି ଡଙ୍ଗାକୁ ସାତପଡାରୁ ଜହ୍ନିକୁଦା ଘାଟକୁ ଛଡ଼ାଯାଇ ନ ଥିଲା। ଫଳରେ ଯାତ୍ରୀମାନେ ହଇରାଣ ହରକତ ହୋଇଥିଲେ।

# ବିଧାନସଭା ପାଇଁ ତ୍ରିସ୍ତରୀୟ ସୁରକ୍ଷା

ଭୁବନେଶ୍ୱର, ୩।୯(ବ୍ୟୁରୋ)

ମଙ୍ଗଳବାରଠାରୁ ଆରମ୍ଭ ହେବ ବିଧାନସଭା ଅଧିବେଶନ। ଏଥିପାଇଁ ପୋଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୋମବାର ପୋଲିସ କମିଶନର ସତ୍ୟଜିତ ମହାନ୍ତି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ସେ ବିଧାନସଭା ପରିସର ଓ ଭିତରେ ବୁଲି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀଙ୍କଠାରୁ ପଚାରିବୁଝିଥିଲେ। ୫ ଅତିରିକ୍ତ ଡିସିପି, ୧୨ ଏସ୍‌ପି, ୮୫ ଏଏସ୍‌ଆଇ ଏବଂ ଏସ୍‌ଆଇ ସୁରକ୍ଷା ଦାୟିତ୍ୱରେ ରହିବେ। ବିଧାନସଭା ଭିତରେ ଓ ବାହାରେ ୩୨ ପ୍ଲାଟୁନ

- ଯାଞ୍ଚ କଲେ ପୋଲିସ କମିଶନର
- ଜଗିବେ ୩୨ ପ୍ଲାଟୁନ ପୋଲିସ, ୨ପ୍ଲାଟୁନ ଏସ୍‌ଓଜି, ୧୦୦ ଅଫିସର

ପୋଲିସ ଫୋର୍ସ, ୨ପ୍ଲାଟୁନ ଏସ୍‌ଓଜି ଯବାନ ମୁତୟନ ହେବେ। ବିଧାନସଭା ଚାରିପଟରେ ଥିବା ଗଳିକନ୍ଦି ରାସ୍ତାରେ ବନ୍ଧୁକଧାରୀ ପୋଲିସ ମୁତୟନ ରହିବେ। ଏହାସହ ଏଥର ପ୍ରଥମଥର କ୍ୟୁଆରଟି ମଧ୍ୟ ବିଧାନସଭା ଭିତରେ ମୁତୟନ ରହିବେ। ବିଧାନସଭା ଆଗରେ ଯେପରି ଟ୍ରାଫିକ୍ ସମସ୍ୟା ନ ହୁଏ ସେଥିପାଇଁ ମଧ୍ୟ ଟ୍ରାଫିକ ପୋଲିସ ମୁତୟନ ରହିବେ



କମିଶନରେଟ୍ ପୋଲିସ ପକ୍ଷରୁ ବିଧାନସଭା ପରିସରରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

ବୋଲି ପୋଲିସ କମିଶନର କହିଛନ୍ତି। ବିଧାନସଭା ଚାଲୁଥିବାରୁ ବିଭିନ୍ନ ସଂଗଠନ ନିଜର ଦାବି ନେଇ ଆନ୍ଦୋଳନ କରିବାର ଯୋଜନା ରହିଛି। ତେଣୁ ସେମାନଙ୍କ ଉପରେ ନଜର ରଖିବା ପାଇଁ ଲୋୟର ପିଏମ୍‌ଜିରେ ପୋଲିସ ମୁତୟନ କରାଯାଇଛି। ସେଠାରେ ମହିଳା ପୋଲିସ ରହିବା ସହ ସାଦା ପୋଷାକରେ ପୋଲିସ କର୍ମଚାରୀ ଉପସ୍ଥିତ ରହିବେ। ଏହାସହ ଲୋୟର ପିଏମ୍‌ଜିରେ ୩୦ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯାଇଛି। ବିକ୍ଷୋଭକାରୀଙ୍କ ପାଇଁ ଦୁଇଟି ବ୍ୟାରିକେଡ କରାଯାଇଛି। ପ୍ରଥମ ବ୍ୟାରିକେଡେ ନିକଟରେ ଏକାଧିକ ପୋଲିସ ମୁତୟନ ରହିବେ। ଦ୍ୱିତୀୟ ବ୍ୟାରିକେଡ ନିକଟରେ ବଜ୍ର, ଗ୍ୟାସ ଓ ପାଣି ସ୍ପ୍ରେ ଗାଡି ରହିଛି। ବିକ୍ଷୋଭକାରୀମାନେ ଦ୍ୱିତୀୟ ବ୍ୟାରିକେଡ ଭାଙ୍ଗିବାକୁ ଉଦ୍ୟମ କଲେ ଜରୁରିକାଳୀନ ପରିସ୍ଥିତିରେ ଏସବୁ ବ୍ୟବହାର କରାଯିବ ବୋଲି କମିଶନର କହିଛନ୍ତି।

ମହିଳାଙ୍କୁ ଅସଦାଚରଣ ଅଭିଯୋଗ

### ଚିଟ୍‌ଫଣ୍ଡ ଅଭିଯୁକ୍ତ ଶୁଭଙ୍କର ନାୟକ ଗିରଫ

ଭୁବନେଶ୍ୱର, ୩।୯(ବ୍ୟୁରୋ)

ପୁଣି ଚର୍ଚ୍ଚାରେ ସି-ସୋର ଚିଟ୍‌ଫଣ୍ଡ ଠକେଇ ଅଭିଯୁକ୍ତ ଶୁଭଙ୍କର ନାୟକ। ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ପୁଅକୁ ମାଡ ମାରିବା ଘଟଣାରେ ଖାରବେଳନଗର ପୋଲିସ ସୋମବାର ତାଙ୍କୁ ଗିରଫ କରିଛି। ପୋଲିସ ଦଫା ୪୫୮, ୩୪୧, ୨୯୪, ୩୨୩, ୪୨୭, ୩୫୪(ଏ)(୨), ୩୫୪(ଡି)(୨), ୫୦୬ରେ ଏକ ମାମଲା(୨୪୧/୧୮) ରୁଜୁ କରି ଶୁଭଙ୍କରଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ କୋର୍ଟରେ ବୟାନ ରେକର୍ଡ ଲାଗି ପୋଲିସ ମହିଳାଙ୍କୁ ନୋଟିସ ଜାରି କରିଛି।

ସୂଚନା ମୁତାବକ, ଖାରବେଳନଗର ଥାନା ଅନ୍ତର୍ଗତ ଚନ୍ଦ୍ରମା ଆପାର୍ଟମେଣ୍ଟର ସ-ବ୍ଲକ୍‌ରେ ଶୁଭଙ୍କର ପରିବାର ସହ ରୁହନ୍ତି। ସ୍ଥାନୀୟ ଜଣେ ମହିଳାଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା। ମହିଳାଙ୍କ ସ୍ୱାମୀଙ୍କ ଦେହାନ୍ତ ହେବା ପରେ ସେ ତାଙ୍କର ୧୨ବର୍ଷର ପୁଅ ସହିତ ରହୁଥିଲେ। ରବିବାର ରାତି ପ୍ରାୟ ୮ଟାରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ମହିଳାଙ୍କ ୧୨ ବର୍ଷର ପୁଅ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଯୁକ୍ତତର୍କ ଧୀରେ ଧୀରେ ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶୁଭଙ୍କର ମହିଳାଙ୍କୁ ଗାଳି ଗୁଲଜ କରି ଅସଦାଚରଣ କରିବା ସହ ତାଙ୍କ ଗାଡିକୁ ଭଙ୍ଗାରୁଜା କରିଥିଲେ। ପାଖିଶୁଣି ପଡୋଶୀମାନେ ଦୌଡି ଆସିଥିଲେ ହେଁ ଶୁଭଙ୍କର ଝଗଡା ବନ୍ଦ କରି ନ ଥିଲେ। ବରଂ ସର୍ବ ସମ୍ମୁଖରେ ସମ୍ପୃକ୍ତ ମହିଳା ଏବଂ ତାଙ୍କ ପୁଅଙ୍କୁ ମାଡ ମାରିଥିଲେ। ମହିଳାଙ୍କ ପୁଅ ଖାରବେଳନଗର ଥାନାକୁ ଫୋନ୍ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶୁଭଙ୍କରକୁ ଥାନାକୁ ନେଇଯାଇଥିଲା। ସୂଚନାଯୋଗ୍ୟ, ସି-ସୋର ଚିଟଫଣ୍ଡ ଠକେଇ ମାମଲାରେ ସିବିଆଇ ୨୦୧୪ରେ ଶୁଭଙ୍କରଙ୍କୁ ଗିରଫ କରିଥିଲା। ୨୦୧୭ ଅଗଷ୍ଟରେ ସେ ଜାମିନରେ ଆସିଥିଲେ।

### ପୂର୍ବତନ ପାକ୍ସ ସମ୍ପାଦକଙ୍କୁ ୨ ବର୍ଷ ଜେଲ

କଟକ ଅଫିସ, ୩।୯

୧ହଜାର ଟଙ୍କା ଲାଞ୍ଚ ପାଇଁ ୨ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା। ଜରିମାନା ଅନାଦାୟ ହେଲେ ଆଉ ୬ ମାସ ସଶ୍ରମ ଜେଲ୍‌ଦଣ୍ଡ। ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଏଭଳି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପୂର୍ବତନ କନିଷ୍ଠ ସୁପରଭାଇଜର ସୋମନାଥ ସାହୁ। ଅଭିଯୁକ୍ତ ସାହୁ ବର୍ତ୍ତମାନ ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମୁଖ୍ୟ ଶାଖାରେ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଅଭିଯୁକ୍ତ ସାହୁ ପୂର୍ବରୁ ଶିବତୁଲା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ର ଭାରପ୍ରାପ୍ତ ସମ୍ପାଦକ ଥିଲେ। ଏହି ସମୟରେ ସେ ତରଭା ଥାନା ଅନ୍ତର୍ଗତ ରମ୍ଭା ସିଢୋଳ ଗ୍ରାମର ଦିଲୀପ ନାୟକଙ୍କଠାରୁ ୧ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।


ଭାରତୀୟ ରେଲ INDIAN RAILWAYS

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.Dy.CMM/CRW/EP/2018-19/1 ତା. 29.08.2018

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ । ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ ।

PR-336/J/18-19

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ,
ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର



CLASSIFIED DISPLAY

EARN IN DOLLARS
NO ENTRANCE-NO INTERVIEW-DIRECT JOINING
AIMA is providing 6 months Training at its own campus at Berhampur, Ganjam to Join Merchant Navy, since-2004.
For Spot Admission in 24th batch please Contact / Visit /Call :-
Eligibility:-10th Pass, ITI ,+2,+3,Diploma (Age18-28Yrs)
ALL INDIA MARINE ACADEMY
N.H-5,Golanthara, Berhampur
Ganjam, Odisha-761008
Website : www.aimaedu.in, E-Mail- aimaltd@rediffmail.com
PHONE- 0680-2492300 /2302/ 2303 MOB.9861212145 / 9861264222

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Estd.2000
Ph.0674-2385773, M:9437114882, 9090366575

APOLLO HOSPITALS HYDERABAD
Apollo HOSPITALS
VASCULAR CLINIC
All vascular and endo-vascular conditions, like upper & lower limb edema management of varicose veins, creation of vascular access to kidney failure patients. lower limb bypass surgeries, lymphedema, abdominal aortic aneurysm, leg artery diseases neuro stroke, thoracic aneurysm,pulmonary embolism, peripheral artery diseases etc.
Apollo Speciality Clinic, 11A, BJB Nagar, BBSR
Date:-08.09.2018, Contact -8480902909
Super Speciality Hospital, Civil Township, Rourkela
Date:-09.09.2018, Contact - 9861016907, 8480902909
Dr. Nihar Ranjan Pradhan
MS. DNB (Vascular surgery), FVES(UK)
Consultant vascular & endovascular surgeon

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ, ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
9650446732 9971793786

BRAIN TUMOUR OPERATION
NEUROSURGICAL OPERATION
ସବୁ ପ୍ରକାର ଯଥା:
Brain tumour, Head Injury, Spinal Cord Tumour, Brain ପାଇଁ
Ashwini Hospital, CDA, Cuttack
ASHWINI HOSPITAL
Phone :- 7894460443 କୁ ଯୋଗାଯୋଗ କରନ୍ତୁ ।

HURRY UP LIMITED SEATS
FOR YOUR CIVIL SERVICE ASPIRATIONS
JOIN
START 15TH SEPTEMBER
Surge Ahead
PANCHASAKHA ACADEMY
FOR
IAS- (PRELIM-CUM-MAINS) | OAS (ONE MONTH CRASH COURSE)
YES, TOGETHER WE CAN
PH : 6370981054, 8457099246
L-280, HB Colony, Bhubaneswar, www.panchasakha.com

ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ। —ଶ୍ରୀମା



# ବୁଢ଼ା ହେଲେ ବି

ପାଶ୍ଚାତ୍ୟରେ ବଡ଼ ଚୌକିରେ ବସିସାରିଥିବା ବ୍ୟକ୍ତି ପଦ ଲାଳସାରେ ପଡ଼ନ୍ତି ନାହିଁ। ସେମାନେ ଦୀର୍ଘ ବର୍ଷ ଧରି ଆହରଣ କରିଥିବା ଅଭିଜ୍ଞତାକୁ ଉତ୍ତରପିଢ଼ିଙ୍କ ମଧ୍ୟରେ ବାଣ୍ଟିବାକୁ ଉଚିତ ମଣିଥାନ୍ତି। ଉଦାହରଣ ସ୍ୱରୂପ ଆମେରିକାର କେତେକ ପୂର୍ବତନ ରାଷ୍ଟ୍ରପତି ଅବ୍ୟାହତି ନେବା ପରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ କରିବାକୁ ପସନ୍ଦ କରିଥାଆନ୍ତି। ବାରକ୍ ଓବାମା ଆମେରିକା ରାଷ୍ଟ୍ରପତି ପଦରୁ ଯିବା ପରେ ତାଙ୍କୁ ସାଧାରଣ ଜୀବନରେ ଦେଖିବାକୁ ମିଳୁନାହିଁ। ସେଠାରେ ବୟସ ହୋଇଗଲା ପରେ ଯୁବପିଢ଼ିଙ୍କୁ ସୁଯୋଗ ଦେବା ପରମ୍ପରା ରହିଆସିଛି। ଭାରତରେ ଏହାର ବିପରୀତ ଲକ୍ଷ୍ୟ କରାଯାଉଛି। ଘୁଷୁରିବା ସ୍ଥିତିକୁ ଆସିଯାଇଥିବା ବ୍ୟକ୍ତି ପଦବୀ ଛାଡ଼ିବାକୁ ନାରାଜ। ଚାକିରିରୁ ଅବସର ଗ୍ରହଣ କରିବା ପରେ ଅନେକେ ପୁଣି କିଭଳି ଏକ ନୂଆ ପଦ ମାଡ଼ିବସି ସବୁ ସୁବିଧା ହାତେଇ ହେବ କାର୍ଯ୍ୟକାଳ ଭିତରେ ହିଁ ତା'ର ବ୍ୟବସ୍ଥା କରିଦେଇଥାନ୍ତି।

ଭାରତକୁ ଯୁବ ଦେଶ ବୋଲି କୁହାଯାଉଛି। ଦେଶ ଜନସଂଖ୍ୟାର ୬୫ ପ୍ରତିଶତରୁ ଊର୍ଦ୍ଧ୍ୱ ୧୮ରୁ ୩୫ ବର୍ଷ ବୟସ ମଧ୍ୟରେ ଅଛନ୍ତି। ଏହା ସତ୍ତ୍ୱେ ଯୁବପିଢ଼ିକୁ ଅଣଦେଖା କରାଯାଉଛି। ଯୁବବର୍ଗଙ୍କ ବିଷୟରେ ବରିଷ୍ଠମାନେ ଚିନ୍ତା କରୁ ନ ଥିବାର ଦୃଷ୍ଟାନ୍ତ ଖୋଜିଲେ ଅନେକ ମିଳିବ। ସେନାଧ୍ୟକ୍ଷ ରହିଥିବା ଜଣେ ବ୍ୟକ୍ତି ରାଷ୍ଟ୍ରମନ୍ତ୍ରୀ ହେବା ପାଇଁ ବ୍ୟାକୁଳ। ଏବେ ଦେଶରେ ସୈନ୍ୟ ସଙ୍କଟ ଦେଖାଦେଇଛି। କାହିଁକି ଯୁବବର୍ଗ ଦେଶର ସେବା କରିବା ପାଇଁ ଆଗେଇ ଆସୁ ନାହାନ୍ତି, ସେ ନେଇ ଚିନ୍ତା କରି ସମାଧାନର ବାଟ ଖୋଲିଥିଲେ ହୁଏତ ସେହିଭଳି ବ୍ୟକ୍ତିଙ୍କୁ ଅଧିକ ସମ୍ମାନ ମିଳି ପାରିଥାଆନ୍ତା। ସେହିପରି ଉଚ୍ଚ ନ୍ୟାୟାଳୟ ବିଚାରପତି ପଦରୁ ଅବସର ନେବା ପରେ ବି ରାଜ୍ୟ ସଭା ସଦସ୍ୟ କିମ୍ବା ରାଜ୍ୟପାଳ ପଦବୀ ପାଇଁ ମୁହଁମାଡ଼ି ପଡ଼ୁଛନ୍ତି।

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଗତ ଜୁନ୍‌ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟାଳୟ ନାଗପୁରରେ ସର ସଂଘଚାଳକ ମୋହନ ଭାଗବତଙ୍କ ସହ ତାଙ୍କୁ ଗୋଟିଏ ମଞ୍ଚରେ ବସିଥିବା ଦେଖିବାକୁ ମିଳିଥିଲା। ଫଳରେ ଆଲୋଚନା ଆରମ୍ଭ ହୋଇଥିଲା ଯେ ପ୍ରଣବ ପୁଣି ସକ୍ରିୟ ରାଜନୀତିକୁ ଫେରିବା ଲାଗି ପାଗ ଭିଡ଼ିଲେଣି। ଏହି ଚର୍ଚ୍ଚାରେ ଭଟ୍ଟା ପଡ଼ି ନ ଥିବା ବେଳେ ସେପ୍ଟେମ୍ବର ୨ରେ ହରିୟାଣାର ଗୁରୁଗ୍ରାମଠାରେ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାରଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି। କଥା ଉଠିଲାଣି ଯେ, କଂଗ୍ରେସଠାରୁ ସବୁ ସୁବିଧା ନେବା ପରେ ପ୍ରଧାନମନ୍ତ୍ରୀ ପଦବୀ ପାଇଁ ଅତ୍ୟନ୍ତ ଆଶାରେ ରହି ଯାଇଥିବା ଏହି ବିଚକ୍ଷଣ ରାଜନେତା ନୂଆ ସମୀକରଣ ଆଣିବାକୁ ଚେଷ୍ଟା କରୁଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଆବଶ୍ୟକ ଆସନ ନ ପାଇଲେ ତାହାର ଅଳ୍ପସଂଖ୍ୟକ ସାଂସଦଙ୍କ ସହ ଏବେକାର ଅଣ-ଏନ୍‌ଡିଏ ଦଳଗୁଡ଼ିକର ସାଂସଦଙ୍କୁ ମିଶାଇ ନେତୃତ୍ୱ ନେବାର ସ୍ୱପ୍ନ ପ୍ରଣବ ଦେଖୁଥାଇପାରନ୍ତି। ଦେଖିବାକୁ ଗଲେ ବିରୋଧୀଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ହେବା ଭଳି ଚେହେରା ଦୃଶ୍ୟମାନ ହେଉ ନ ଥିବାରୁ ସମ୍ଭବତଃ ପ୍ରଣବ ନିଜକୁ ଏହି ପଦବୀ ଲାଗି ଯୋଗ୍ୟ ମନେକରୁଥାଇପାରନ୍ତି। ଅତୀତରେ ଏହି ୮୨ ବର୍ଷୀୟ ରାଜନେତା ପ୍ରଧାନମନ୍ତ୍ରୀ ହେବା ପାଇଁ ଅନେକ ଥର ଚେଷ୍ଟା କରିଥିଲେ। ରାଜୀବ ଗାନ୍ଧୀଙ୍କ ହତ୍ୟା ପରେ ପ୍ରଣବଙ୍କୁ ନେଇ ଏହିଭଳି ମନ୍ତବ୍ୟ ପ୍ରକାଶ ପାଇଥିଲା। କଂଗ୍ରେସ ତାଙ୍କୁ ରାଷ୍ଟ୍ରପତି ଆସନରେ ସନ୍ତୁଷ୍ଟ କରିବାକୁ ଚାହିଁଥିଲେ ମଧ୍ୟ ସେ ସେଥିରେ ଖୁସି ହୋଇ ନ ଥିଲେ। ବର୍ତ୍ତମାନ ପରିସ୍ଥିତିରେ ଭାଜପାର ଲୋକପ୍ରିୟତା କମିଥିବା ଲକ୍ଷ୍ୟ କରାଯାଇଛି। ଦଳ ଭିତରେ ବହୁ ବରିଷ୍ଠ ନେତା ଅସନ୍ତୁଷ୍ଟ ଅଛନ୍ତି। ଏମାନେ ପ୍ରଣବଙ୍କୁ ତାଙ୍କ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସହଯୋଗ କରିପାରନ୍ତି। ରାଷ୍ଟ୍ରପତି ଥିବା ବେଳେ ପ୍ରଣବ 'ସଂଘୀୟ ସାମ୍ମୁଖ୍ୟ' ଗଠନ ନେଇ କେତେକ ଆଞ୍ଚଳିକ ଦଳ ସହ କଥା ହୋଇଥିବା ସେତେବେଳେ ଗଣମାଧ୍ୟମରେ ଆଲୋଚନା ହୋଇଥିଲା। ହେଲେ ସେ ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବାରୁ ତାଙ୍କୁ କେହି ପ୍ରଶ୍ନ ପଚାରିପାରି ନ ଥିଲେ। ଏବେ ସକ୍ରିୟ ରାଜନୀତିରେ ପ୍ରବେଶ ଲାଗି ତାଙ୍କୁ ଆକଟ ନ ଥିଲେ ମଧ୍ୟ ବୟସାଧିକ୍ୟ କାରଣ ଓ ରାଷ୍ଟ୍ରପତି ରହିସାରିବା ପରେ ପ୍ରଧାନମନ୍ତ୍ରୀ ହେବା ଲାଗି ହେଉଥିବା ଚେଷ୍ଟା ସାଧାରଣରେ ଆଲୋଚନା ହେଉଛି। ଅତୀତରେ କଂଗ୍ରେସର ବରିଷ୍ଠ ନେତା ଏସ୍.ଏମ୍. କ୍ରିଷ୍ଣା ଓ ସୁଶୀଲ କୁମାର ସିନ୍ଦେ ରାଜ୍ୟପାଳ ରହିବା ପରେ କେନ୍ଦ୍ର ମନ୍ତ୍ରୀ ହୋଇଥିବାରୁ ସମାଲୋଚନାର ଶିକାର ହୋଇଥିଲେ। ଭାରତରେ ରାଷ୍ଟ୍ରପତି ହେବା ପରେ କେହି ପ୍ରଧାନମନ୍ତ୍ରୀ ହୋଇ ନାହାନ୍ତି। ପ୍ରଣବ ଯଦି ସେଭଳି ଲକ୍ଷ୍ୟ ନେଇ ଆଗାଉଥାଆନ୍ତି, ତାହା ହେଲେ ବୁଢ଼ା ହେଲେ ବି ଲୋଭ ସମ୍ବରଣ କରିପାରୁ ନାହାନ୍ତି ବୋଲି କୁହାଯାଇପାରିବ।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୩

- ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ଲାଗି ସେମାନଙ୍କୁ ପୁଞ୍ଜି ବଜାରରେ ପ୍ରବେଶ ନିମନ୍ତେ ସୁଯୋଗ ଦେବାକୁ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି।
- ରୁଷିଆର ଉପରାଷ୍ଟ୍ରପତି ଆଲେକଜାଣ୍ଡାର ରୁଟ୍‌ସ୍କୋଇଙ୍କୁ ଦୁର୍ନୀତି ଅଭିଯୋଗରେ ବହିଷ୍କାର କରିବା ନିମନ୍ତେ ରାଷ୍ଟ୍ରପତି ବୋରିସ ୟେଲଟସିନ ଜାରି କରିଥିବା ଡିକ୍ରୀକୁ ସ୍ଥଗିତ ରଖିବାକୁ ପାର୍ଲାମେଣ୍ଟରେ ଏକ ପ୍ରସ୍ତାବ ଗୃହୀତ।

# ଭାରତରେ ଶରଣାର୍ଥୀ ସମସ୍ୟା



ବୈକୁଣ୍ଠନାଥ ମିଶ୍ର

ସମଗ୍ର ପୃଥିବୀରେ ଶରଣାର୍ଥୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗୋଟିଏ ଦେଶରେ ଜନ୍ମଗ୍ରହଣ କରି କୌଣସି କାରଣବଶତଃ ନିଜ ଜନ୍ମଭୂମିରୁ ସ୍ଥାନାନ୍ତରିତ ହୋଇ ଅନ୍ୟ ଏକ ଦେଶରେ ବସବାସ କରି ସମୟକ୍ରମେ ସେ ଦେଶର ନାଗରିକତ୍ୱ ଗ୍ରହଣ ଓ ରାଜନୈତିକ ପ୍ରକ୍ରିୟାରେ ଅଂଶଗ୍ରହଣ ସମ୍ପୃକ୍ତ ଦେଶର ମୂଳ ଅଧିବାସୀଙ୍କ ମଧ୍ୟରେ ଭ୍ରୂକୁଞ୍ଚନ ସୃଷ୍ଟି କରେ। ପ୍ରଥମେ ସେମାନେ ଅତ୍ୟନ୍ତ ନିରୀହ ଓ ସରଳ ପ୍ରତୀତ ହୁଅନ୍ତି। ସେମାନେ ସ୍ଥାନୀୟ ମୂଳ ଅଧିବାସୀଙ୍କ ବିଶ୍ୱାସଭାଜନ ହୁଅନ୍ତି ଓ ସମୟସୁବିଧା ଦେଖି ଜମିବାଡି କ୍ରୟ କରି ନିଜର ପ୍ରଭୁତ୍ୱ ବିସ୍ତାର କରନ୍ତି। ବେଳେ ବେଳେ ସେମାନଙ୍କ ଉପଦ୍ରବ ପ୍ରବଳ ହେଲେ ମଧ୍ୟ ସେମାନଙ୍କୁ ସେଥିରୁ ନିବୃତ୍ତ କରିବା ଦୁରୂହ ହୋଇପଡେ। ଅଧିକନ୍ତୁ ରାଜନେତା ଓ ରାଜନୈତିକ ଦଳମାନେ ଭୋଟ ଲୋଭରେ ସେମାନଙ୍କର ନିକଟତର ହୋଇ ପ୍ରିୟଭାଜନ ହୁଅନ୍ତି। ନେତାଙ୍କର ଆଶୀର୍ବାଦର ହାତ ସେମାନଙ୍କ ଉପରକୁ ଲମ୍ବି ଆସିଲେ ବିଚରା ସ୍ଥାନୀୟ ସାଧାରଣ ଜନତା କ'ଣ କରିପାରିବେ? ଫଳରେ ସେମାନେ ନାନା କୌଶଳ ପ୍ରୟୋଗ କରି ସ୍ଥାନୀୟ ଅଧିବାସୀଙ୍କୁ ଶୋଷଣ କରନ୍ତି।

୧୯୭୫ ମସିହାରେ ପାରାଦୀପରୁ କେତେକ ଥାଇଲାଣ୍ଡ ଧୀବରଙ୍କୁ ଭାରତୀୟ ତଟରକ୍ଷୀବାହିନୀ ଗିରଫ କରିଥିଲା। ଉକ୍ତ ଧୀବରମାନେ ଭାରତୀୟ ଜଳସୀମା ମଧ୍ୟକୁ ଅନଧିକାର ପ୍ରବେଶ ଅପରାଧରେ ଧରାହୋଇ ଜଗତ୍‌ସିଂହପୁର ସବ୍‌ଡିଭିଜନାଲ କୋର୍ଟକୁ ଆସିଥିଲେ ଏବଂ ପରେ ଆଳିପିଙ୍ଗଳ କାରାଗାରରେ ସେମାନଙ୍କୁ ରଖାଯାଇଥିଲା। ନିର୍ଦ୍ଦିଷ୍ଟ ସମୟର ଜେଲଦଣ୍ଡ ଭୋଗିସାରିବା ପରେ ଯେତେବେଳେ ସେମାନଙ୍କୁ ମୁକ୍ତ କରାଗଲା ସେତେବେଳକୁ ଅନେକ ବିଳମ୍ବ ହୋଇସାରିଥିଲା। ଭାରତ ସରକାର ଥାଇ ସରକାରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଥାଇଲାଣ୍ଡ ସରକାର କୌଣସି ଆଗ୍ରହ ପ୍ରକାଶ କଲେ ନାହିଁ। ବୋଧହୁଏ ସେମାନଙ୍କ ପରିବାର ତରଫରୁ ଆଗ୍ରହ ପ୍ରକାଶ ପାଇଲା ନାହିଁ। ଫଳରେ ସେମାନେ ଜେଲରୁ ମୁକ୍ତହୋଇ ନିକଟସ୍ଥ ଗ୍ରାମରେ ମୂଲମଜୁରି ଲାଗି ଜୀବିକା ନିର୍ବାହ କଲେ। ଅନେକେ ସେମାନଙ୍କ ଭିତରୁ ବର୍ତ୍ତମାନ ମୃତ। କିଛି ମଧ୍ୟ ସେ ଅଞ୍ଚଳରେ ବୈବାହିକ ସୂତ୍ରରେ ଆବଦ୍ଧ ହୋଇ ସଂସାର କରିଗଲେ। ଓଡ଼ିଆ ଭାଷା, ଖାଦ୍ୟ ଓ ଚଳଣିକୁ ସେମାନେ ସମୟକ୍ରମେ ଆପଣେଇନେଲେ।

ଶରଣାର୍ଥୀ ସମସ୍ୟା ଭାରତ ସ୍ୱାଧୀନତା ସମୟରୁ ଲାଗିରହିଛି। ପାକିସ୍ତାନ ସୃଷ୍ଟି ସମୟରେ ପାକିସ୍ତାନରେ ନୂତନ ରୂପେ ପ୍ରତିଷ୍ଠିତ ସରକାର ମାତ୍ର ୨୪ ଘଣ୍ଟା ମଧ୍ୟରେ ହିନ୍ଦୁମାନଙ୍କୁ ଭାରତ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇ କେତୋଟି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କଲେ। ଯେଉଁମାନେ ସେହି ସମୟ ମଧ୍ୟରେ ପାକିସ୍ତାନ ସୀମା ପାର ହୋଇପାରିବେ ନାହିଁ ସେମାନେ ପାକିସ୍ତାନରେ ରହିପାରିବେ, ମାତ୍ର ଦ୍ୱିତୀୟ ଶ୍ରେଣୀ ନାଗରିକ ହିସାବରେ। ଏ ସମ୍ବନ୍ଧରେ ପ୍ରସିଦ୍ଧ ଲେଖକ ଏଡିଥ୍ ପାରଜେଟରଙ୍କ 'ଏ ଗ୍ରେନ ଅଫ୍ ମଷ୍ଟାର୍ଡ ସିଡ୍' ଶୀର୍ଷକ ଲେଖାରେ ତାଙ୍କ ଅନୁଭୂତି ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। କେଉଁ ବାପଅଜା ଅମଳରୁ ଘର କରି ରହିଥିବା ମଣିଷକୁ ଯେତେବେଳେ ନିଜ ସ୍ୱତ୍ୱରୁ ଉଚ୍ଛେଦ କରାଗଲା, ସେମାନେ ଭାରତକୁ ଆସି ବହୁ ଦୟନୀୟ ପରିସ୍ଥିତିର ସମ୍ମୁଖୀନ ହେଲେ। ସେମାନେ ମୂଳତଃ ଭାରତୀୟ ହୋଇଥିଲେ ବି ଭିଟାମାଟି ତ୍ୟାଗକରି ଅନ୍ୟ ସ୍ଥାନରେ ନୂତନ ରୂପେ ବାସକରିବା ନିଶ୍ଚିତ ଭାବେ କଷ୍ଟଦାୟକ। ସେହିପରି ୧୯୭୧ରେ ବାଂଲାଦେଶ ପାକିସ୍ତାନଠାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ଲାଭ କଲା ପରେ ସେ ଦେଶରୁ ଶରଣାର୍ଥୀମାନଙ୍କର ଭାରତକୁ ସୁଅ ଛୁଟିବାକୁ ଲାଗିଲା। ପଶ୍ଚିମବଙ୍ଗ, ଓଡ଼ିଶା ଭଳି ଉପକୂଳବର୍ତ୍ତୀ ରାଜ୍ୟରେ ବାଂଲାଦେଶୀମାନେ ଦେଖାଯାଉଥିବା ବେଳେ ଆସାମରେ ସେମାନଙ୍କର ସ୍ଥାୟୀ ବସତି ରହିଛି। ଓଡ଼ିଶାର ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ତଟବର୍ତ୍ତୀ ଇଲାକାରେ ମାଇଲ ମାଇଲ ବ୍ୟାପୀ ବିଦେଶୀ ଶରଣାର୍ଥୀଙ୍କ ବସତି ରହିଛି। ସେମାନେ ଓଡ଼ିଶାରେ 'ରିଫ୍ୟୁଜି' ଭାବେ ପରିଚିତ।

ନିକଟରେ ଆସାମ ସରକାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ସେ ରାଜ୍ୟର ମୂଳ ଅଧିବାସୀଙ୍କୁ ଚିହ୍ନଟ କରାଯାଇଛି। ତାଲିକା ବହିର୍ଭୂତ ଲୋକଙ୍କୁ ବିଦେଶୀ ବୋଲି ମନେକରାଯାଉଛି। ବିଶେଷକରି ଯେଉଁମାନେ ବଙ୍ଗଳା କହୁଛନ୍ତି ଅଥଚ ମୁସଲମାନ, ସେମାନଙ୍କୁ ବିଦେଶୀ ଭାବେ ଆଖ୍ୟାୟିତ କରାଯାଉଛି। ସରକାର ପ୍ରସ୍ତୁତ କରିଥିବା ତାଲିକାରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ବାଦ୍ ପଡିଛନ୍ତି। ନ୍ୟାଶ୍‌ନାଲ ରେଜିଷ୍ଟର ଅଫ୍ ସିଟିଜେନ୍ସ (ଏନ୍‌ଆର୍‌ସି), ଯାହାକି ୨୦୧୮ ଜାନୁୟାରୀରେ ପ୍ରକାଶ ପାଇଥିଲା ; ସେଥିରେ ଏହି ତଥ୍ୟ ପ୍ରକାଶ ପାଇଛି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କୁହନ୍ତି, ''ଯେଉଁମାନଙ୍କୁ ବିଦେଶୀ ବୋଲି ଚିହ୍ନଟ କରାଗଲା ସେମାନଙ୍କୁ ସମସ୍ତ ପ୍ରକାର ସାମ୍ବିଧାନିକ ଅଧିକାର, ଭୋଟ୍ ଅଧିକାର ଏପରିକି ମୌଳିକ ଅଧିକାରରୁ ବଞ୍ଚିତ କରାଯିବ।'' ସେମାନେ ତାଙ୍କ ଜନ୍ମସ୍ଥାନକୁ ଯାଆନ୍ତୁ ବା ଆଉ ଯୁଆଡେ ଯାଆନ୍ତୁ ସେମାନଙ୍କୁ ଆସାମ ଛାଡିବାକୁ ହେବ। କିନ୍ତୁ ମାନବିକ ଅଧିକାର କର୍ମୀଙ୍କ ମତରେ ଏହା ମାନବିକ ଅଧିକାରର ଉଲ୍ଲଂଘନ। ବିଦେଶୀଙ୍କୁ ବିତାଡିତ କରିବା ସମୟରେ କୌଣସି ଦେଶ ବା ରାଜ୍ୟ ଆନ୍ତର୍ଜାତିକ ମାନବିକ ଅଧିକାରର ମାନ ରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ। ବିତାଡିତ କରାଗଲେ ମଧ୍ୟ ସେମାନଙ୍କୁ ନ୍ୟାୟିକ ଲଢ଼େଇର ସୁଯୋଗ ଦେବା ଉଚିତ। ଏହି ପରିପ୍ରେକ୍ଷୀରେ ଭାରତ ପାର୍ଲାମେଣ୍ଟ ୨୦୧୬ ସମ୍ବିଧାନ ସଂଶୋଧନ (ନାଗରିକତ୍ୱ) ଅନୁସାରେ ଭାରତରେ ବସବାସ କରୁଥିବା କୌଣସି ବ୍ୟକ୍ତିକୁ ଧାର୍ମିକ ଭିତ୍ତିରେ ବିତାଡିତ କରାଯାଇପାରିବ ନାହିଁ।

ଆସାମର ଚା ବଗିଚାରେ କାମ କରୁଥିବା ବିଦେଶୀଙ୍କ ଯୋଗୁ ସେ ରାଜ୍ୟର ମୂଳ ଅଧିବାସୀମାନେ ବେକାର ହୋଇ ଦୁଃଖରେ କାଳାତିପାତ କରୁଥିବାରୁ ସେମାନେ ବହୁଦିନରୁ ବିଦେଶୀମାନଙ୍କୁ ତଡ଼ିବାର ଦାବି କରିଆସୁଛନ୍ତି। ୧୯୮୦ ଦଶକରେ ଆସାମରେ ବିଦେଶୀ ନାଗରିକ ସମସ୍ୟାକୁ ନେଇ ଏକ ବିରାଟ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନରୁ ସୃଷ୍ଟ ଆସାମ ଗଣପରିଷଦ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କର ଏକ ଚୁକ୍ତି ହୋଇଥିଲା। ଚୁକ୍ତି ଅନୁସାରେ ଆସାମରେ ବିଦେଶୀମାନଙ୍କୁ ଚିହ୍ନଟ କରାଯିବା ଓ ବିତାଡିତ କରାଯିବାର ବ୍ୟବସ୍ଥା ଥିଲା। ମାତ୍ର ରାଜନୈତିକ କାରଣରୁ ଭୋଟ କଟିବା ସମ୍ଭାବନାକୁ ନେଇ ଏହା କାର୍ଯ୍ୟକାରୀ କରାଗଲା ନାହିଁ। ସେହି ସମୟରେ କିଛି ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ଆଜିର ଏ ସମସ୍ୟା ମୁଣ୍ଡ ଟେକି ନ ଥାନ୍ତା। ୨୦୧୪ ନିର୍ବାଚନୀ ଘୋଷଣାରେ ନରେନ୍ଦ୍ର ମୋଦି ଆସାମବାସୀଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଆସାମକୁ ବିଦେଶୀମୁକ୍ତ କରାଯିବ, ଯାହା ଆଜିର ସମସ୍ୟାର ମୂଳଉତ୍ସ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସାମର ସାମ୍ପ୍ରତିକ ପରିସ୍ଥିତିକୁ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ବର୍ଣ୍ଣନା କରି କେନ୍ଦ୍ରର ଏହା ଏକ ରାଜନୈତିକ ଚକ୍ରାନ୍ତ ବୋଲି କହିଛନ୍ତି।

ଯେଉଁ ୪୦ ଲକ୍ଷ ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ତାଲିକାରୁ ବାଦ୍ ପଡିଛନ୍ତି, ସେମାନଙ୍କ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଅଛନ୍ତି। ଭାରତୀୟ ସେନାର କମିଶନ୍‌ଡ ଅଫିସର ମହମ୍ମଦ ଅଜମଲ ହକ୍ ଦୀର୍ଘ ୩୦ ବର୍ଷ ଭାରତୀୟ ସେନା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟକରି ଅବସର ନେବା ପରେ ଏବେ ସେ ଏନ୍‌ଆର୍‌ସି ତାଲିକାରୁ ବାଦ୍ ପଡିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦଙ୍କ ପରିବାର ତାଲିକାରୁ ବାଦ୍ ପଡିଛନ୍ତି। ଆସାମର ଜଣେ ଭାଜପା ବିଧାୟକ ମଧ୍ୟ ତାଲିକାରୁ ବାଦ୍ ପଡିଛନ୍ତି। ମିଳିଥିବା ସୂଚନା ଅନୁସାରେ ଏନ୍‌ଆର୍‌ସି ତାଲିକା ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପ୍ରସ୍ତୁତ କରାଯାଇଛି। ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯେଉଁମାନେ ତାଲିକାରୁ ବାଦ୍ ପଡିଛନ୍ତି, ସେମାନଙ୍କୁ ଆସାମର ନାଗରିକତ୍ୱ ପ୍ରମାଣ ଦେବାକୁ ଏକ ଅବସର ଦିଆଯିବ। ସେମାନେ ଏ ସମ୍ବନ୍ଧରେ ସୁପ୍ରିମ୍‌କୋର୍ଟରେ ନ୍ୟାୟ ଭିକ୍ଷା କରିପାରିବେ କିମ୍ବା ଫରେନର୍ସ ଟ୍ରିବ୍ୟୁନାଲରେ ମଧ୍ୟ ଅପିଲ କରିପାରିବେ।

ଶରଣାର୍ଥୀ ସମସ୍ୟା ଗୁରୁତର ହେବା ପୂର୍ବରୁ ପ୍ରାଥମିକ ଅବସ୍ଥାରେ ଏହାର ସମାଧାନ ହେବା ଜରୁରୀ। ନଚେତ୍ ଆସାମ ପରିସ୍ଥିତି ଅନ୍ୟ ରାଜ୍ୟରେ ସୃଷ୍ଟି ନ ହେବ ବୋଲି କିଏ କହିପାରିବ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# ଆମ୍ବଟାକୁଆ ଯାଉ

କାନ୍ତିଲତା ଦାଶ

ଖାଲି ମାଟି ଘୋଡ଼େଇ ଦେଇଥିବା ଆମ୍ବଟାକୁଆ ପାଣି ପବନ ପାଇ ଆପେ ଆପେ ବଡ଼ ହୋଇଛି ମୋ ବାଡ଼ିରେ। ଆମ ଘରକୁ ଲୋକେ ଆମ୍ବଗଛ ଘର ବୋଲି କହିଥାନ୍ତି। ବେଳେବେଳେ ମୁଁ ଦେଖେ ଏଇ ଆମ୍ବଗଛର ପତ୍ରଗୁଡ଼ିକ ଆପେ ଆପେ ପୁଡିଆ ଭଳି ବାନ୍ଧି ହୋଇଥାଏ, ଆଉ ଦେଖେ ତା' ଭିତରେ କାଇ (ନାଲିଜନ୍ଦା)ର ଡିମ୍ବ ଭର୍ତ୍ତି, ଚାରିପାଖେ କାଇ ପ୍ରହରୀ। ମୋର ମନେପଡେ, ପିଲାଦିନେ ଆମ ଘରର ହଳିଆ ଜାଗିଲି କଥା। ସେ ଏ ଡିମ୍ବପୁଡିଆ ଉତାରି ଆଣି ଚଣା ଖାଇଲା ଭଳି ଡିମ୍ବଗୁଡିକ ଖାଇଯାଏ। ଆମ ଘରେ ଯୋଡିଏ ଭୃଙ୍ଗରାଜ ଚଢ଼େଇ ଥାନ୍ତି। ସେ ଚଢ଼େଇଙ୍କର ଖାଦ୍ୟ ଏଇ କାଇଡିମ୍ବ। ସୁତରାଂ ସେଇ ଡିମ୍ବ ସଂଗ୍ରହ କରି ଆଣିବାକୁ ଜାଗିଲି ନିୟୋଜିତ ଥାଏ। ସଂଗୃହୀତ ଡିମ୍ବରୁ ତିନିଭାଗ ସେ ନେଇ ଏକଭାଗ ଚଢ଼େଇ ପାଇଁ ପତ୍ର ଦନାରେ ଦିଏ। ସେ ଯେତେବେଳେ କଞ୍ଚା ଡିମ୍ବଗୁଡିକ ଖାଉଥାଏ, ଆମେ ତା' ପାଟିକୁ କାବା ହୋଇ ଚାହିଁଥାଉ, ଆଉ ପଚାରୁ ଜାଗିଲି କାକା ସେଗୁଡାକ କେମିତି ଲାଗୁଛି? ସେ ଚଣା ଖାଇଲା ପରି ପାଟିକୁ ଡିମ୍ବ ପକଉ ପକଉ ଆମ ଆଡ଼କୁ ନ ଚାହିଁ କହେ, ବଡ଼ ସୁଆଦ ଲାଗୁଛି। ତମେ ବ୍ରାହ୍ମଣ ଲୋକ। ଏଗୁଡାକ ଖାଇନ, ଜାଣିବ କେମିତି? ସେ କିଛି ଖାଇ ବାକିତକ ମଇଳା ଗାମୁଛାରେ ବାନ୍ଧୁ ବାନ୍ଧୁ କହେ, ଏତକ ତମ ଆମ୍ମା ପାଇଁ ନେବି। ତେଲଲୁଣ ଦେଇ ଭାଜିଦେଲେ ଯାଉ ସାଙ୍ଗେ ଚାଖଣା କରି ରାତିକୁ ଆମେ ଖାଇବୁ। ଏ କଥା ଜେଜେମା କି ଜେଜେ ଶୁଣିଲେ କହନ୍ତି ତାଙ୍କର ଖାଦ୍ୟ ସେଇଟା, ତମର କ'ଣ ଗଲା? ଖାଲି ସେତିକି ନୁହେଁ, ବଡ଼ ମୂଷାଟିଏ ଯନ୍ତାରେ ପଡିଲେ, ଆମ ଘରେ ଗାଧୁଆ ପାଣି ଗରମ କରୁଥିବା ସରାବୁର ମା' ଧାଇଁଆସି ମୂଷାଟିକୁ ଝାମ୍ପିନିଏ, ଆଜି ତା'ର ଗୋଟେ ଭଲ ତରକାରି ହେବ।

ମୋର ଏଇ ପ୍ରସଙ୍ଗ ଅବତାରଣା କରିବାର କାରଣ ହେଲା, ଆମ୍ବକୋଇଲି ପ୍ରସ୍ତୁତ ଯାଉ, ପିଠା ଖାଇ ପ୍ରତିବର୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ତାହା ଏବେ ଏକ ଚର୍ଚ୍ଚିତ ପ୍ରସଙ୍ଗ। କିନ୍ତୁ ଏହା ସେମାନଙ୍କ ପାରମ୍ପରିକ ଖାଦ୍ୟ। କେବଳ ଫିମ୍ପମରା ଆମ୍ବଟାକୁଆ ଯାଉ ଖାଇଲେ ସେମାନଙ୍କର ଏପରି ଦଶା ହୁଏ। ଏ ବିଷୟରେ ମୋର ଅନୁଭୂତି ପାଠକଙ୍କ ଜାଣିବା ପାଇଁ ଲେଖିବାକୁ ଉଚିତ ମନେକଲି। ମୋର ଜନ୍ମ ରାୟଗଡା ନିକଟସ୍ଥ 'ପିତାମହଲ' ଗ୍ରାମରେ। ସେ ଗାଁରେ ଆମେ ଏକମାତ୍ର ବ୍ରାହ୍ମଣ ପରିବାର। ପାଇକସାହିରେ ତିରିଶ ଚାଳିଶ ଘର ସେତେବେଳେ ରହୁଥିଲେ। ସେମାନେ ତାଙ୍କ ଖାଦ୍ୟପେୟରେ ସଚେତନ ଥିଲେ। ପାଇକସାହି ପରେ ବାକି ଆଦିବାସୀ ସଉରାକନ୍ଧ ଓ ହରିଜନ ସାହି। ତେବେ ଆଦିବାସୀ ପରିବାରରେ କୟାଁମଞ୍ଜି ଗୁଣ୍ଡ, ଆମ୍ବକୋଇଲି ଗୁଣ୍ଡର ଯାଉ ଓ ପତ୍ରପୋଡ଼ା ପିଠା ଖାଇବା ପିଲାଦିନେ ଦେଖିଛି।

ଖରାଦିନେ ପାଚିଲା ଆମ୍ବ ଖାଇସାରି ତା'ର ଟାକୁଆକୁ ନିଜ ନିଜ ବାଡିରେ ଗଦେଇଥାନ୍ତି। ବର୍ଷା ପଡିଲେ ସେଗୁଡିକରୁ ଗଛ ଉଠିଥାଏ। ସେଇ ଗଛଗୁଡିକ ଏକହାତ ଉଚ୍ଚ ହେଲେ ଉପାଡି ଆଣନ୍ତି। ଗଛମୂଳରେ ଟାକୁଆଟି ଲଟକିଥାଏ। ସେ ଟାକୁଆ ଆଁ କରି ଦୁଇଫାଳିଆ ଥାଏ। ଅନାୟାସରେ ସେ ଟାକୁଆକୁ ଚିରି ତା' ପେଟରୁ କୋଇଲିଟି କାଢି ଯତ୍ନରେ ଗଦାକରେ ଆଦିବାସୀ ରମଣୀଟି। ବଡ଼ ବଡ଼ ଝୁଡିରେ ପୂରାଇ ଖରାରେ ଶୁଖାଇଥାଏ। କୋଇଲିଗୁଡିକ ଶୁଖି ଟାଣ ହେଲେ ଢିଙ୍କି କିମ୍ବା ହାତ ପାହୁରାଣୀରେ ତୁସ୍‌ତୁସା କୁଟି ରାତିରେ ଶୁଏଇ ଦିଅନ୍ତିନି ସେମାନେ। କେହି କେହି ଆଦିବାସୀ ରମଣୀ ଛତୁ, ବାଉଁଶ କରଡି, ସୁନୁସୁନିଆ ଶାଗ ସଂଗ୍ରହ କରି ଆମ ଘରେ ଦେଇ ତା' ବଦଳରେ ଚାଉଳ, ଖୁଦ ନେଇଥାନ୍ତି ଯାଉରେ ମିଶେଇ ରାନ୍ଧିବା ପାଇଁ। ପଇସା ଦେଲେ ନିଅନ୍ତି ନାହିଁ। ବିଭିନ୍ନ ଜଙ୍ଗଲଜାତ ଶାଗକନ୍ଦା ଯଥା, ବର୍‌ଡ଼ା ଶାଗ, କଣ୍ଟାଖଡା, ଲୁଡୁଲାଇ, ଲହୁଣି, ବାଉଁଶକରଡି, ଟାକୁଣ୍ଡା ଶାଗ, କାଣ୍ଟୁଣ୍ଡି ଇତ୍ୟାଦି ଶାଗ ସବୁ ସଂଗ୍ରହ କରି ଘରେ ଘରେ ଦେଇ ନିଜ ପରିବାରର ଚାଖଣା ଅଭାବ ମେଣ୍ଟାନ୍ତି ଆଦିବାସୀ ରମଣୀ। ଆମ୍ବକୋଇଲିର ଯାଉ, ତାକୁ ଚାଉଳ ଖୁଦ ସହ ଗୋଳେଇ ଲୁଣ ଗୁଡ଼ ଦେଇ ଶାଳପତ୍ରରେ ଲଦି ରନ୍ଧନିଆଁରେ ବସାଇ ପୋଡ଼ପିଠା କରନ୍ତି। ତାଙ୍କରି ଭିତରେ ସାଇପଡିଶାରେ ବାଣ୍ଟାକୁଣ୍ଟା, ଖିଆପିଆ ହୁଏ। ରାତି ହେଲେ ସାଇଦାଣ୍ଡରେ କରଞ୍ଜତେଲ, ଜଡାତେଲ ଢାଳି ଦିହୁଡି ଜାଳି ବିଭିନ୍ନ ନାଚତାମସା କରନ୍ତି।

ତେବେ ସେ ଆମ୍ବକୋଇଲି ଯାଉ କି ପିଠା, କନ୍ଦା ପୋଡା, କୟାଁମଞ୍ଜି ପୋଡି, କୁଟି ଯାଉ ରନ୍ଧା ଆଉ ଆମ ଗାଁରେ ନାହିଁ। ଏବେ ଗଲେ ଦେଖୁଛୁ ଆଦିବାସୀ ସାହିରେ ସେ କୁକୁଡା ଲଣ୍ଡି, ମଇଁଷି ଗୋବର, ଅପରିଷ୍କାର ଛେଳି ଗାଦି ନାହିଁ, ଢିଙ୍କିକୁଟା ଶବ୍ଦ ଆଉ ଶୁଭୁନି। ସୁନ୍ଦର ଚୂନ ସିମେଣ୍ଟର ଛୋଟ ଛୋଟ ଘର, ସେବାଶ୍ରମ ସ୍କୁଲ, ଛୋଟ ଡାକ୍ତରଖାନା, ରାସ୍ତାଘାଟ, ପ୍ରତ୍ୟେକ ଘରେ ଗୋଟିଏ ଲେଖାଁ ମୋଟରସାଇକେଲ। ଝିଅବୋହୂଙ୍କ ପୋଷାକ ବେଶ୍ ଆଧୁନିକ ଓ ପରିଷ୍କାର ମଧ୍ୟ। ପ୍ରାୟ ପ୍ରତି ଝିଅ ଶିକ୍ଷିତ ଓ ସ୍ମାର୍ଟଫୋନ୍‌ଧାରୀ ଏବଂ କେହି ନା କେହି, କୋଉଠି ନା କୋଉଠି ଚାକିରି ମଧ୍ୟ କରୁଛନ୍ତି। ଏ ସବୁ ସତ୍ତ୍ୱେ କିଛି ଆଦିବାସୀ ପରିବାରରେ ଆମ୍ବକୋଇଲି ଯାଉ, ପିଠା ଖାଇ ମୃତ୍ୟୁମୁଖରେ ପଡୁଥିବା ଖବର ଶୁଣି ବିସ୍ମିତ ହୁଏ।

- ପ୍ଲଟ୍ ନଂ. ୮୦୨, ମହାବୀର ନଗର,
ଝାରପଡ଼ା, ଭୁବନେଶ୍ୱର

## ଏଇ ଭାରତରେ

ମଣିଷକୁ ମଣିଷ ଭଲ ପାଇବା ବୋଧହୁଏ ସବୁଠୁ ଶ୍ରେଷ୍ଠ ଧର୍ମ। ଏଭଳି ସର୍ବଧର୍ମ ସମନ୍ୱୟର ବାର୍ତ୍ତା ବହନ କରି ଜଣେ କ୍ୟାଥୋଲିକ୍ ଧର୍ମଯାଜକ କେରଳ ବନ୍ୟାପୀଡିତଙ୍କୁ ସାହାଯ୍ୟ କରିଥିବା ମୁସଲମାନ ସମ୍ପ୍ରଦାୟକୁ ଧନ୍ୟବାଦମୂଳକ ବକ୍ତୃତା ଦେବା ଅବସରରେ ପ୍ରଶଂସା କରିଛନ୍ତି। ବନ୍ୟା ପ୍ରପୀଡିତ ଲୋକମାନେ ଏକ ଗୀର୍ଜାରେ ଆଶ୍ରୟ ନେଇଥିବା ବେଳେ ମୁସଲମାନ ଭାଇମାନେ ସେମାନଙ୍କୁ ଖାଦ୍ୟ ଯୋଗାଇବା ଭଳି ନିଃସ୍ୱାର୍ଥପର ସେବା କରିଥିଲେ। ସାଇରୋ-ମାଲାବାର ଚର୍ଚ୍ଚର ଫାଦର ସାନୁ ପୁଥୁସେରି ଶୁକ୍ରବାର ପ୍ରାର୍ଥନା ଅବସରରେ କୋଟାୟାମ ଜିଲାର ଜୁମା ମସ୍‌ଜିଦ୍ ପରିଦର୍ଶନ କରିଥିଲେ। ମସଜିଦ୍ ପ୍ରାର୍ଥନା କକ୍ଷରେ ସେ ଧନ୍ୟବାଦମୂଳକ ବକ୍ତୃତା ଦେଇଥିଲେ। ଦୁଇ ସପ୍ତାହ ତଳେ କେରଳର ଭୟାନକ ବନ୍ୟାରେ ୫୮୦ଜଣ ବିପନ୍ନ ଆଚିନାକୋମ୍‌ସ୍ଥିତ ସେଣ୍ଟ୍ ଆଣ୍ଟୋନି ଚର୍ଚ୍ଚରେ ଆଶ୍ରୟ ନେଇଥିଲେ। ଫାଦର ପୁଥୁସେରି ହେଉଛନ୍ତି ଏହି ଗୀର୍ଜାର ଧର୍ମଯାଜକ। ଚର୍ଚ୍ଚ କର୍ତ୍ତୃପକ୍ଷ ବିପନ୍ନଙ୍କ ପାଇଁ ତାଙ୍କ ଗୀର୍ଜା ଦୁଆର ଖୋଲିଦେଇଥିଲେ ହେଁ ପରବର୍ତ୍ତୀ ଦିନ ଖାଦ୍ୟ ଅଭାବ ଦେଖାଦେଇଥିଲା। ଫାଦର ପୁଥୁସେରି ମସ୍‌ଜିଦ୍ ଯାଇ ଖାଦ୍ୟ ପାନୀୟର ବ୍ୟବସ୍ଥା କରିବାକୁ ମୌଲବୀଙ୍କୁ ଅନୁରୋଧ କରିଥିଲେ। ତାଙ୍କ ଅନୁରୋଧକ୍ରମେ ମୁସଲମାନ ଭାଇମାନେ ପ୍ରଚୁର ଖାଦ୍ୟ ଓ ପାନୀୟ ସଂଗ୍ରହ କରି ବିପନ୍ନଙ୍କୁ ଯୋଗାଇ ଦେଇଥିଲେ। ବିପଦ ସମୟରେ ମୁସଲମାନ ଭାଇଙ୍କ ଅକୁଣ୍ଠିତ ସାହାଯ୍ୟ ଓ ସହଯୋଗ ପାଇଁ ଫାଦର ପୁଥୁସେରି ଗଭୀର କୃତଜ୍ଞତା ଜଣାଇଛନ୍ତି।

### ଚିରନ୍ତନୀ

ନ ପାରେ ତୁମ ସାଥିରେ ଉଡି
ବେଦନା ତଳେ ଯାଇଛି ବୁଡ଼ି
ପବନ ତାକୁ ଠକିଲା ଆଜି
ସ୍ୱପନ ଏବେ ଦେଲା ଘଉଡି।
(କବିର ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | 1 | 0 | | | | 7 | 5 | 8 | 6 | 4 | |
| | | | A | | | | | | 0 | | 6 | | | 7 |
| | | | | | | 8 | E | D | 2 | | 4 | | | 5 |
| | A | 5 | 3 | | | | | | | E | | | | 0 |
| | | | | E | | 1 | C | | | | A | | | B |
| 7 | 5 | | B | | | 0 | 1 | | | | 2 | 3 | | |
| C | | E | | | | 3 | 8 | 9 | | | | | 0 | |
| | | | D | C | | | | | | B | | 7 | | |
| 8 | | | | | A | | | 5 | | 9 | | | E | |
| 0 | | | 7 | | | D | | | | | 3 | C | | |
| | | | | 8 | 6 | | | | 3 | | C | | | |
| 1 | | | | | | C | | B | | 4 | | | | 6 |
| B | | | | 7 | | | 6 | E | | | | 5 | | |
| | | | | | 3 | 9 | | 4 | | | | | 8 | |
| | | 6 | | B | 4 | | A | | 5 | | | 1 | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 5 | 4 | A | D | 2 | 1 | 6 | 0 | E | C | 3 | 9 | 7 | 8 |
| 8 | A | 9 | 3 | 0 | E | C | 7 | B | 1 | D | 4 | 2 | 5 | 6 |
| C | 0 | E | 1 | 5 | 6 | 3 | D | 8 | 7 | 2 | 9 | 4 | B | A |
| 3 | 2 | 1 | 7 | 9 | 8 | 4 | A | 5 | B | 6 | 0 | D | C | E |
| 6 | 7 | D | 4 | C | B | 9 | 2 | E | 5 | A | 8 | 3 | 0 | 1 |
| D | 8 | 7 | 6 | 4 | C | E | 5 | 9 | 0 | 1 | 2 | B | A | 3 |
| 5 | 6 | A | B | 1 | 9 | 7 | 8 | 2 | 3 | 4 | D | C | E | 0 |
| 1 | 3 | 2 | 8 | 7 | A | B | 0 | 4 | C | E | 5 | 6 | D | 9 |
| 9 | 4 | B | 0 | E | D | A | C | 3 | 8 | 7 | 6 | 5 | 1 | 2 |
| 0 | E | C | 5 | 2 | 3 | D | 1 | 6 | 9 | B | A | 7 | 8 | 4 |
| 4 | 9 | 6 | C | 3 | 7 | 5 | B | 1 | A | 0 | E | 8 | 2 | D |
| 7 | C | 8 | E | A | 1 | 2 | 4 | D | 6 | 3 | B | 0 | 9 | 5 |
| E | B | 0 | D | 8 | 4 | 6 | 9 | A | 2 | 5 | C | 1 | 3 | 7 |
| A | D | 5 | 2 | B | 0 | 8 | 3 | 7 | 4 | 9 | 1 | E | 6 | C |
| 2 | 1 | 3 | 9 | 6 | 5 | 0 | E | C | D | 8 | 7 | A | 4 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାଇରାଲ ଭିଡିଓ

ମହାଶୟ,

ଝିଅମାନଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ ହେବା ଏବେ ଗଣମାଧ୍ୟମର ଏକ ରୀତିମତ ଖବର ପାଲଟିଗଲାଣି। ସବୁ ଭାଇରାଲ ଘଟଣା ଏକାଭଳି ନୁହେଁ। ଯେଉଁ କ୍ଷେତ୍ରରେ ଜବରଦସ୍ତି ଓ ବଳାତ୍କାରଜନିତ ଭିଡିଓ ଉଠାଇ ତାକୁ ଭାଇରାଲ କରାଇ ଫାଇଦା ନେବାର ଚେଷ୍ଟା କରାଯାଉଛି, ତାହା ଅକ୍ଷମଣୀୟ ଅପରାଧ। ସେଥିପ୍ରତି କଠିନ ଦଣ୍ଡ ଆବଶ୍ୟକ। କିନ୍ତୁ ଯେଉଁ କ୍ଷେତ୍ରରେ ସହମତିରେ ଫଟୋ ଓ ଭିଡିଓ ଉଠାଯାଉଛି, ସେ ସ୍ଥଳରେ ଦୋଷ ଉଭୟଙ୍କର। ପ୍ରେମ କରିବା, ଭଲ ପାଇବାର ଅର୍ଥ ନୁହେଁ ବିବାହ ପୂର୍ବରୁ ଦୈହିକ ସମ୍ପର୍କ ସ୍ଥାପନ କରିବା। ଏଥିପାଇଁ ଝିଅପୁଅ ସମପରିମାଣରେ ଦାୟୀ। ପ୍ରଶାସନ ଓ ନ୍ୟାୟପାଳିକା ଏଥିପ୍ରତି ସତର୍କ ରହିବା ଭଲ ହେବ। ପୁଅ ଓ ଝିଅ ଉଭୟଙ୍କ ପାଇଁ ନ୍ୟାୟ ସମାନ ହେବା ଉଚିତ।

ପ୍ରଭାତ କୁମାର ଦାସ, ୫୮ ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର

### ଗ୍ରାମାଞ୍ଚଳ ଜବରଦଖଲକାରୀ

ପ୍ରଥମେ ସରକାର 'ସର୍ବକ୍ଷମା ଯୋଜନା' କରି ତେଲିଆ ମୁଣ୍ଡରେ ତେଲ ଢାଳିଲେ। ଏବେ ସହରରେ 'ଜବରଦଖଲ କରିଥିବା ଜବରଦଖଲକାରୀଙ୍କୁ ସରକାରୀ ଅନୁକମ୍ପା' ପ୍ରଦର୍ଶନ କରିବାର ପ୍ରସ୍ତାବ ଉପରେ ମୋହର ବାଜିବ। କିନ୍ତୁ ସରକାର ଗ୍ରାମାଞ୍ଚଳ ସରକାରୀ ଜମି ଜବରଦଖଲକାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। କଳକାରଖାନା କର୍ତ୍ତୃପକ୍ଷଙ୍କୁ ସରକାର ହଜାର ହଜାର ଏକର ଜମି କୋଉଠି ମାଗଣାରେ ତ କୋଉଠି ଶାଗମାଛ ଦରରେ ଯୋଗାଉଛନ୍ତି। ଗ୍ରାମାଞ୍ଚଳର ବହୁ ଜବରଦଖଲକାରୀ ନିଜ ଭିଟାମାଟିରୁ ବିସ୍ଥାପିତ। କିଏ ବାସଗୃହ ହରାଇଛି ତ କିଏ ସମସ୍ତ ଜମି ହରାଇ ଦାଣ୍ଡର ଭିକାରି ସାଜିଛି। କିଛି ଉପାୟ ନ ପାଇ ସେମାନେ ସରକାରୀ ଜାଗାରେ କୁଡ଼ିଆ ଖଣ୍ଡେ କରି ମୁଣ୍ଡ ଗୁଞ୍ଜିଛନ୍ତି। ତେଣୁ ସରକାର ଶୀଘ୍ର ବିସ୍ଥାପିତ ଓ ଗ୍ରାମାଞ୍ଚଳ ଜବରଦଖଲକାରୀଙ୍କ ଜବରଦଖଲକୁ ଆଇନସିଦ୍ଧ କରି ପଟ୍ଟା ପ୍ରଦାନ କରି ମହାନୁଭବତାର ପରିଚୟ ଦିଅନ୍ତୁ।

ନିର୍ଭୟ କୁମାର ପାଣି, ବିଜିଗୋଳ, କଣିହାଁ, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ମଙ୍ଗଳବାର, ୪ ସେପ୍ଟେମ୍ବର,୨୦୧୮



## ସଂକ୍ଷେପରେ

### ଲାନ୍‌କୋରୁ ଚୋରି ଉଦ୍ୟମ, ୨ ଗିରଫ

ଓଡାପଡା,୩୧୯(ଡି.ଏନ.ଏ)- ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଖଡଗପ୍ରସାଦ ଅଞ୍ଚଳରେ ନିର୍ମାଣାଧୀନ ଲାନ୍‌କୋ-ବାବନ୍ଧ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପରିସରରୁ ଚୋରି ଉଦ୍ୟମ ଅଭିଯୋଗରେ ସୋମବାର ସୁବ୍ରତ ପଣ୍ଡା(୪୨) ଓ ସୁବାସ ନାଏକ(୩୦)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସୁବ୍ରତଙ୍କ ଘର ସାଆନ୍ଦା ଅଞ୍ଚଳରେ ହୋଇଥିବା ବେଳେ ସେ ଢେଙ୍କାନାଳ ସଦରଥାନା ପଞ୍ଚୁପଟି ଅଞ୍ଚଳରେ ରହି ଆସୁଥିଲେ। ସେହିପରି ସୁବାସ ନାଏକଙ୍କ ଘର ମଶାଣିଆ ଅଞ୍ଚଳରେ ବୋଲି ଜଣାପଡିଛି। ରବିବାର ରାତିରେ ଲାନ୍‌କୋ କମ୍ପାନୀ ପରିସରରୁ ବିଭିନ୍ନ ଲୁହା ସାମଗ୍ରୀ ଚୋରିକରି ମଶାଣିଆ ଗ୍ରାମ ନିକଟରେ ଏକାଠି କରିବା ପରେ ଉଭୟେ ଏକ ଭ୍ୟାନ୍ (ନଂ. ଓଡି.୦୬-ବି-୮୯୬୬) ଯୋଗେ ଏହାକୁ ବାହାରକୁ ଚାଲାଣ କରିବା ପାଇଁ ଉଦ୍ୟମ କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ମୋଟଙ୍ଗା ପୋଲିସ ସେଠାରେ ପହଞ୍ଚି ଗାଡିକୁ ଅଟକାଇବା ସହ ଚୋରାମାଲ ଜବତ କରିଥିଲା। ଏଥିସହ ଭ୍ୟାନ୍ ମାଲିକ ସୁବ୍ରତ ଓ ମୁଖ୍ୟ ଅଭିଯୁକ୍ତ ସୁବାସଙ୍କୁ ଅଟକ ରଖି ପଚରାଉଚରା ବେଳେ ଉଭୟେ ଚୋରିରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୧୬୦/୧୮ରେ ଏକ ମାମଲା ରୁଜୁ କରାଯାଇଛି।

### ନଦୀରେ ବୁଡ଼ି ଯୁବକ ମୃତ

କାମାକ୍ଷାନଗର,୩୧୯(ଡି.ଏନ.ଏ.)- ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା ରାମିଆଳ ନଦୀରେ ବୁଡ଼ି କଙ୍କଡାହାଡ ଗ୍ରାମର ଦୁଷ୍ମନ୍ତ ସିଂ(୪୫)ଙ୍କ ସୋମବାର ମୃତ୍ୟୁ ଘଟିଛି। ଘଟଣାରୁ ଜଣାପଡିଛି, ଦୁଷ୍ମନ୍ତ କଙ୍କଡାହାଡ଼ ବଜାରରୁ ଫେରି ନଦୀ ସେତୁ ଉପରେ ସାଇକେଲରେ ଯାଉଥିବାବେଳେ ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲେ। ରାମିଆଳ ନଦୀ ଉପରମୁଣ୍ଡରେ ଦଣ୍ଡାଧର ଡ୍ୟାମ୍‌ରୁ ପାଣି ଛଡାଯାଇଥିବା ଯୋଗୁ ଗଭୀର ଜଳରେ ସେ ନିଖୋଜ ହୋଇଯାଇଥିଲେ। ଖବରପାଇ କଙ୍କଡାହାଡ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଡ୍ୟାମ୍ ଗେଟ୍ ବନ୍ଦ କରାଇବା ସହ ଖୋଜାଖୋଜି କରି ମୃତଦେହ ଉଦ୍ଧାର କରିଥିଲେ। ସେତୁର ଉଭୟ ପାଖରେ ବାଡ ନ ଥିବାରୁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରି ପ୍ରତିବାଦରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ଟାୟାରଜାଳି ଏକ ଘଣ୍ଟା ରାସ୍ତାରୋକୋ କରିଥିଲେ। ଖବରପାଇ କଙ୍କଡାହାଡ ବିଡିଓ ଦେବଦତ୍ତ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। କଙ୍କଡାହାଡ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

### ମହିଳାଙ୍କୁ ହତ୍ୟା ଅଭିଯୋଗ

କାମାକ୍ଷାନଗର,୩୧୯(ଡି.ଏନ.ଏ)- ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମହୀଧରପୁର ଗ୍ରାମରେ ସୋମବାର ନନ୍ଦିନୀ ବେହେରା ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପଘର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ, ମହୀଧରପୁରର ସୁଧାକର ବେହେରା ପରଜଙ୍ଗ ଅଞ୍ଚଳର ନନ୍ଦିନୀଙ୍କୁ ବିବାହ କରିଥିଲେ। ସକାଳେ ସୁଧାକର ଶ୍ୱଶୁରଘରକୁ ଫୋନ କରି ନନ୍ଦିନୀଙ୍କ ଦେହ ଖରାପ ଅଛି ବୋଲି ଜଣାଇଥିଲେ। ନନ୍ଦିନୀଙ୍କ ପରିବାର ଲୋକ ମଠକରଗୋଳା ଡାକ୍ତରଖାନା ଆସିଲା ବେଳକୁ ନନ୍ଦିନୀଙ୍କ ମୃତ୍ୟୁ ଘଟିସାରିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କାମାକ୍ଷାନଗର ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ କୁହନ୍ତି, ନନ୍ଦିନୀ ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ମିଳିଛି। ଏ ନେଇ ନଂ.୨୨।୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

### ୧୫ଶହ ଟଙ୍କା ଜରିମାନା ଆଦାୟ

ବଇଣ୍ଡା,୩୧୯(ଡି.ଏନ.ଏ.)- ବଇଣ୍ଡା ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ଼ ଥାନା ସାନହୁଲା ନିକଟରେ ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରେ ଗାଡ଼ିଗୁଡ଼ିକୁ ଅଟକାଇ ହେଲମେଟ୍, ଇନ୍ସୁରାନ୍ସ, ଫିଟ୍‌ନେସ ଓ ସମସ୍ତ କାଗଜପତ୍ର ଯାଞ୍ଚ ସହ ୧୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ


ବଇଣ୍ଡା,୩୧୯(ଡି.ଏନ.ଏ.)- ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ମନ୍ଦଲବାହାଲ ଗ୍ରାମର ସନ୍ତୋଷ ନାୟକ ନାମକ ଜଣେ ଯୁବକ ଟଣାଓଟରା ଓ ଅସଦାଚରଣ କରିଥିବା ନେଇ ସୋମବାର ଅଭିଯୋଗ ହୋଇଛି। ପୋଲିସ ଏ ନେଇ ନଂ. ୮୧/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସମ୍ପୃକ୍ତା ମହିଳା ଜଣକ ଘରେ ରାତିରେ ଏକୁଟିଆ ଶୋଉଥିବାବେଳେ ଏହାର ସୁଯୋଗ ନେଇ ତାଙ୍କ ଘରେ ପଶି ଟଣାଓଟରା କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ

**ଢେଙ୍କାନାଳ ଅଫିସ,୩୧୯**



ଗଣ୍ଡଗୋଳରେ ବାଇକ୍ ପୋଡି।



ଜବତ କଟୁରୀ ଓ ଠେଙ୍ଗା।

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ପୂର୍ବ ଶତ୍ରୁତାକୁ ନେଇ ରବିବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଫାଣ୍ଡି ଏଏସ୍‌ଆଇ ରବି ବେହେରା ଓ ଜଣେ କନଷ୍ଟେବଲଙ୍କ ଉପରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମରେ ଉତ୍ତେଜନା ଯୋଗୁ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ଏଥିସହ ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୂଆସାହିର ଶାନ୍ତନୁ ରଣା ଓ ପ୍ରଶାନ୍ତ ରଣା।

ରବିବାର ରାତିରେ ସ୍ଥାନୀୟ ସରପଞ୍ଚଙ୍କ ସମ୍ପର୍କୀୟ ସାଗର ପଟ୍ଟନାୟକଙ୍କୁ ବିରୋଧୀ ଗୋଷ୍ଠୀର କିଛି ଯୁବକ ଆକ୍ରମଣ କରୁଥିବା ଖବରପାଇ ଫାଣ୍ଡି ଏଏସ୍‌ଆଇ ଦୁଇଜଣ କନେଷ୍ଟବଲଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଘଟଣାର ସମାଧାନ କରିବା ସହିତ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କୁ ଉଦ୍ଧାର କରିବାକୁ ଯାଉଥିବା ବେଳେ ବିରୋଧୀ ଗୋଷ୍ଠୀ ପକ୍ଷରୁ ଫାଣ୍ଡି ଏଏସ୍‌ଆଇ ରବି ବେହେରା ଓ ଜଣେ କନଷ୍ଟେବଲଙ୍କୁ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ବିରୋଧୀ ଗୋଷ୍ଠୀର ଦୁଇ ଜଣଙ୍କୁ ଫାଣ୍ଡିରେ ଅଟକ ରଖିବା ସହ ସାଗରଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟରେ ସରପଞ୍ଚଙ୍କ ସମର୍ଥକମାନେ ପୋଲିସ ଉପସ୍ଥିତିରେ ସାଗରଙ୍କୁ ମାଡ ହୋଇଥିବା ଅଭିଯୋଗ କରି ଏହାର ତୀବ୍ର ପ୍ରତିବାଦ କରିଥିଲେ। ରାତି ପ୍ରାୟ ୯ଟାରେ କିଛି ଯୁବକ ଠେଙ୍ଗା, ଲୁହାଛଡ ଆଦି ଧରି ବିରୋଧୀ ଗୋଷ୍ଠୀର ଗୋବିନ୍ଦପୁର ନୂଆସାହିରେ ଥିବା ଶାନ୍ତନୁ ରଣା, ନାରାୟଣ ରଣାଙ୍କ ଘର ଭଙ୍ଗାରୁଜା କରିବା ସହ ଏକ ବାଇକ ଓ ସାଇକେଲକୁ

- ଏଏସ୍‌ଆଇ, କନଷ୍ଟେବଲଙ୍କୁ ମାଡ଼
- ଗ୍ରାମରେ ଉତ୍ତେଜନା, ପୋଲିସ ମୁତୟନ
- ଥାନାରେ ୨ ମାମଲା, ୨ ଗିରଫ

ପୋଡି ଦେଇଥିଲେ। ଗଣେଶ୍ୱର ରଣାଙ୍କ ଏକ ଅଟୋକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏ ସମ୍ପର୍କରେ ସେମାନେ ଫାଣ୍ଡିରେ ଅଭିଯୋଗ କରିଥିବା କହିଥିବା ବେଳେ ପୋଲିସ ଅଭିଯୋଗ ପାଇ ନ ଥିବା ଦର୍ଶାଇଛି। ଘଟଣା ସମ୍ପର୍କରେ ସୁନିତା ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ସଦର ଥାନାରେ କେସ୍ ନଂ-୩୯୧/୧୮ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ଏଏସ୍‌ଆଇ ବେହେରାଙ୍କ ଅଭିଯୋଗ କ୍ରମେ ନଂ-୩୯୨/୧୮ରେ ଆଉ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଘଟଣାରେ ବ୍ୟବହୃତ ଲୁହା ରଡ, ଠେଙ୍ଗା ଓ ଏକ କାତିକୁ ଜବତ କରିଛି। ଏ ନେଇ ସଦର ଥାନା ଅଧିକାରୀ ମଳୟ ନାୟକ କୁହନ୍ତି, ସରପଞ୍ଚ ଓ ଫାଣ୍ଡି ଏଏସ୍‌ଆଇଙ୍କ ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଘର ଭଙ୍ଗାରୁଜା ଓ ପୋଡାଜଳା ସମ୍ପର୍କରେ ଆମ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ଏହି ଘଟଣା ରାଜନୈତିକ ବିବାଦ ତଥା ପୂର୍ବଶତ୍ରୁତା ଯୋଗୁ ହୋଇଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

# ରୋକାଗଲା ନାବାଳିକା ବିବାହ

**ଢେଙ୍କାନାଳ ଅଫିସ,୩୧୯**

ଢେଙ୍କାନାଳ ଜିଲା ସଦରଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ବିବାହ କରାଯାଉଥିବାବେଳେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏହାକୁ ରୋକାଯାଇଥିଲା। କୌଣସି ସୂତ୍ରରୁ ଖବରପାଇ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ତାରାପ୍ରସାଦ ରଥଙ୍କ ସହ ଆଲୋଚନା କରି ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀଙ୍କୁ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିବାକୁ ଜଣାଇଥିଲେ। ପରେ ପ୍ରାଧିକରଣ ସଚିବଙ୍କ ସହ ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ତରଭା ଫାଣ୍ଡି ଅଧିକାରୀ ଘଟଣାସ୍ଥଳକୁ ଯାଇ ବିବାହ ରୋକିବା ସହିତ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଉଭୟ ପକ୍ଷ ପରିବାରକୁ ଆଇନ ବିଷୟରେ ସଚେତନ କରାଯାଇଥିଲା। ଉଭୟପକ୍ଷ ମଧ୍ୟରେ ରାଜିନାମା କରାଯାଇ ବିବାହ କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ନାବାଳିକାଙ୍କୁ ଉଦ୍ଧାର ପରେ ଶିଶୁ କଲ୍ୟାଣ କମିଟିକୁ ହସ୍ତାନ୍ତର କରାଯାଇଥିଲା।

# ସଦ୍‌ଭାବନା ରକ୍ଷା କରିବାକୁ ଆହ୍ୱାନ

**କାମାକ୍ଷାନଗର, ୩୧୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଖୁଣ୍ଟବାଟି ଗ୍ରାମସ୍ଥିତ ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ଦୁଇ ସପ୍ତାହ ଧରି ଚାଲିଥିବା ରାଜୀବ ଗାନ୍ଧୀ ସଦ୍‌ଭାବନା ଦିବସ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଗ୍ରାମ ସଫେଇ, ବକ୍ତୃତା, ସଂଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ବୟସ୍କ ବ୍ୟକ୍ତିଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ବ୍ଲକ ସଭାପତି ବିକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସୁବାସ ଶତପଥୀ, ଜ୍ୟୋତ୍ସ୍ନାମୟୀ ବେହେରା, ଗ୍ରାମ ସଭାପତି ଗୋପାଳ ଦେହୁରୀ, ୱାର୍ଡସଭ୍ୟ ନିରଞ୍ଜନ ବେହେରା, ଆଦିତ୍ୟ ପ୍ରସାଦ ସାହୁ ଅତିଥିଭାବେ ଯୋଗ ଦେଇ ସମସ୍ତ ପରିସ୍ଥିତିରେ ସଦ୍‌ଭାବନା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ବିଶ୍ୱରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିକ୍ରମ ସାହୁ ଧନ୍ୟବାଦ ଦେଇଥିଲେ।

# କିଡ୍‌ଜୀ ସ୍କୁଲରେ ନନ୍ଦୋତ୍ସବ



**ଢେଙ୍କାନାଳ ଅଫିସ,୩୧୯**

ଢେଙ୍କାନାଳ ସହର ବସ୍‌ଷ୍ଟାଣ୍ଡସ୍ଥିତ ଗ୍ରେଡ୍ କିଡ୍‌ଜୀ ସ୍କୁଲ ପରିସରରେ ସୋମବାର ନନ୍ଦୋତ୍ସବ ଅନୁଷ୍ଠିତ ହୋଇଯାଇଛି। କୁନିକୁନି ପିଲାମାନେ ଶ୍ରୀକୃଷ୍ଣଙ୍କ ବେଶରେ ସଜେଇ ହୋଇଥିଲେ। ଏହି ଅବସରରେ ଦହିହାଣ୍ଡି ଭଙ୍ଗା ଯାଇଥିଲା। ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍କୁଲ ପରିଚାଳକ ସଞ୍ଜୀବ ତ୍ରିପାଠୀ, ବନ୍ଦନା ସାହୁ, ଅର୍ପିତା ଦାସ, ଅଙ୍କିତା ମହାପାତ୍ର, ସଙ୍ଗୀତା ମହାନ୍ତି, ସୋମନାଥ ବେହେରା, ବନିତା ବେହେରା ଓ ପାଞ୍ଚାଳି ସାମଲ ପରିଚାଳନା କରିଥିଲେ।

# ମହିଳାଙ୍କଠାରୁ ସୁନାଚେନ ଲୁଟ୍

**ଢେଙ୍କାନାଳ ଅଫିସ,୩୧୯**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡିର କଣ୍ଟେଇକୋଳିଆ ନିକଟସ୍ଥ ୫୫ନଂ ଜାତୀୟ ରାଜପଥରେ ସୋମବାର ସୁଶୀଳା ରାଉତ ନାମକ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ ହୋଇଛି। ଏ ନେଇ ସେ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ସୁଶୀଳା ଅପରାହ୍ନ ପ୍ରାୟ ୫ଟାରେ ସ୍ୱାମୀ ବସନ୍ତ ରାଉତଙ୍କ ସହ ଶ୍ୟାମାଚରଣପୁର ଅଞ୍ଚଳରୁ ବାଇକ୍ ଯୋଗେ ତାଙ୍କ ଝିଅ ଘର ତାଳବରକୋଟକୁ ଯାଉଥିଲେ। ଦୁଇ ଜଣ ଦୁର୍ବୃତ୍ତ ପିଛା କରି ତାଙ୍କୁ କଣ୍ଟେଇକୋଳିଆଠାରେ ଅଟକାଇବା ସହ ମାରଣାସ୍ତ୍ର ଦେଖାଇ ସୁଶୀଳାଙ୍କ ବେକକୁ ସୁନାଚେନ୍ ଲୁଟି ନେଇଥିଲେ।

# ପୋଲିସ ଘରୁ ଚୋରି

**ଢେଙ୍କାନାଳ ଅଫିସ,୩୧୯**

ଢେଙ୍କାନାଳ ଦେଉଳସାହିଠାରେ ରହୁଥିବା ପୋଲିସ ଏଏସ୍‌ଆଇ ଅକ୍ଷୟ ଦାସଙ୍କ ଘରୁ ସୋମବାର ଲୁଟେରାମାନେ ଟଙ୍କା ସହ ସୁନା ଅଳଙ୍କାର ଲୁଟ୍ କରିଥିବା ନେଇ ଚର୍ଚ୍ଚା ହେଉଛି। ଭୋର ସମୟରେ ଅକ୍ଷୟଙ୍କ ସ୍ତ୍ରୀ ଫୁଲ ତୋଳିବାକୁ ଯାଇଥିବା ବେଳେ ଲୁଟେରାମାନେ ଘରେ ପଶି ଆଲମିରାରୁ ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ କରିଥିବା ଜଣାପଡିଛି। ତେବେ ଏ ସମ୍ପର୍କରେ ଏଏସ୍‌ଆଇ ଦାସ ଥାନାରେ ଅଭିଯୋଗ ନ କରିବା ଆଲୋଚନାର ବିଷୟ ହୋଇଛି। ଏ ନେଇ ଏଏସ୍‌ଆଇଙ୍କୁ ପଚାରିବାରେ ସେ ଚୋରି ହୋଇଥିବା ସ୍ୱୀକାର କରିବା ସହ ଥାନାରେ ଅଭିଯୋଗ କରିନାହିଁ ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

# ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

**ଢେଙ୍କାନାଳ ଅଫିସ,୩୧୯**



ପ୍ରତିଷ୍ଠା ଦିବସ ଅବସରରେ କର୍ମକର୍ତ୍ତାମାନେ।

ଢେଙ୍କାନାଳ ସହର ହାଟରୋଡସ୍ଥିତ ହନୁମାନ ମନ୍ଦିର ପରିସରରେ ସୋମବାର ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ଓ ଜନ୍ମାଷ୍ଟମୀ ମହୋତ୍ସବ ପାଳିତ ହୋଇଯାଇଛି। ପରିଷଦର ସଭାପତି ରଘୁନାଥ ପଣ୍ଡାଙ୍କ ଅଧ୍ୟକ୍ଷତାର ସହରର କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ପ୍ରବଚନ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶକ ମଣ୍ଡଳୀ ସଭ୍ୟ ବାବା ଶ୍ରୀକୃପାନନ୍ଦଜୀ ମହାରାଜ ଉପସ୍ଥିତ ରହି କୃଷ୍ଣଚରିତ କଥା ଆଦି ପ୍ରବଚନ ଦେବା ସହିତ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସମ୍ପାଦକ ଅକ୍ଷୟ କୁମାର ନାଥ ଭାଗବତ ପାଠ କରିଥିଲେ। ପ୍ରାନ୍ତୀୟ ସଂରକ୍ଷକ ଶରତ କୁମାର ଷଡଙ୍ଗୀ ବର୍ତ୍ତମାନ ପରିସ୍ଥିତିରେ ହିନ୍ଦୁ ଧର୍ମକୁ ରକ୍ଷା କରିବାକୁ ବିଶ୍ୱହିନ୍ଦୁ ପରିଷଦର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ମୁରଲୀଧର ସ୍ୱାଇଁ, ପବିତ୍ର ମୋହନ ଦାସ, ଅଙ୍ଗୁରବାଳା ଦାସ, ଯତିନ୍ଦ୍ର ବେହେରା, ଲଳିତ ମୋହନ ଜେନା, ଦୁର୍ଯୋଧନ ବେହେରା, ପ୍ରତ୍ୟୁଷହରି ପ୍ରଧାନ, ବିନୋଦ କୁମାର ମିଶ୍ର, ଦେବରାଜ ସାହୁ, ମାୟାଧର ବେହେରା, ନିର୍ମଳ ସାହୁ, ହେମନ୍ତ କୁମାର ପଟ୍ଟନାୟକ, କ୍ଷୀରୋଦ କୁମାର ନାୟକ, ଶୁଭ୍ରଜ୍ୟୋତି ନାଥ, ପ୍ରତାପ କୁମାର ନାଥ, ଗିରିଜା ଶଙ୍କର ସାହୁ, ସୁବାସଚନ୍ଦ୍ର ନାୟକ ଓ ସନ୍ଦୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ୧୦୩ ଅଭିଯୋଗର ସମାଧାନ

**ଢେଙ୍କାନାଳ ଅଫିସ,୩୧୯**

ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ପୂର୍ବାହ୍ନ ୧୦ଟାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ବିଜୁ ପକ୍କାଘର ଓ ପୋଲିସ ସମ୍ବନ୍ଧୀୟ ୨୮୧ଟି ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୧୦୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ୩୧ ଜଣଙ୍କୁ ରେଡକ୍ରସ ସହାୟତା ପାଣ୍ଠିରୁ ଚିକିତ୍ସା ପାଇଁ ମୋଟ ୭୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ନିଖିଳ ପବନ କଲ୍ୟାଣ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଏସ୍‌ପି ସନ୍ତୋଷ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରା, ସଦର ଏସ୍‌ଡିପିଓ ଶେଖ ଅବଦୁଲ କରିମ, ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର କୁମାର ହୋତା, ଜିଲା କଲ୍ୟାଣ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଜିଲା ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଅହଲ୍ୟା ଧଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ବିଡିଓ ସରୋଜ କୁମାର ଦତ୍ତ, ତହସିଲଦାର ଉଦୟ କୁମାର ମହାପାତ୍ର, ଜରୁରିକାଳୀନ ବିଭାଗ ଆସିଷ୍ଟାଣ୍ଟ କଲେକ୍ଟର ଶଶାଙ୍କ ଶେଖର ମିଶ୍ର, ଜିଲା କାର୍ଯ୍ୟାଳୟ ପିଜି ସେଲର ଆସିଷ୍ଟାଣ୍ଟ କଲେକ୍ଟର ସୀତାଂଶୁ ଶେଖର ଦାସଙ୍କ ସମେତ ଲଲାଟ କେଶରୀ ଦଳେଇ, ଜିଲା ଓ ସଦର ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଳାବ୍ୟାଜ ପିନ୍ଧିଲେ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ



କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ କର୍ମଚାରୀମାନେ କଳାବ୍ୟାଜ ପିନ୍ଧିଛନ୍ତି।

**ଢେଙ୍କାନାଳ ଅଫିସ,୩୧୯**

ଢେଙ୍କାନାଳ ଜିଲା ମହିଷାପାଟଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ସୋମବାରଠାରୁ କଳାବ୍ୟାଜ ପରିଧାନ କରିଛନ୍ତି। ଓୟୁଏଟିର ବୈମାତୃକ ମନୋଭାବ ପ୍ରତିବାଦରେ ଏହି ଆନ୍ଦୋଳନ ହେଉଥିବା ଜଣାପଡିଛି। ଚାକିରି ସ୍ଥାୟୀତ୍ୱ, ଆରଏଏସିପି ଓ ସିଏଏସ୍, ଜାତୀୟ ପେନସନ ଯୋଜନା, ସାମାଜିକ ସୁରକ୍ଷା, ଭାରତ ସରକାରଙ୍କ ବୁଝାମଣାପତ୍ରର ସଫଳ ରୂପାୟନ, ସମାନ କାମକୁ ସମାନ ଦରମା ଆଦିକୁ ନେଇ ଏହି ଆନ୍ଦୋଳନ କରାଯାଇଛି। ରାଜ୍ୟରେ କୃଷି ସମସ୍ୟା ଉପୁଜିଲେ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଓ କର୍ମଚାରୀ କୃଷକମାନଙ୍କ ପ୍ରତି ସେମାନଙ୍କ ସମସ୍ତ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ତେଣୁ ସରକାର ସେମାନଙ୍କ ଦାବିଗୁଡିକ ପୂରଣ କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି।

# ହାତୀ ଛଡ଼ାଇନେଲା ସୁଖ: ଆଶ୍ରା ସାଜିଛି ଆଶାବାଡ଼ି

**ରାସୋଳ, ୩୧୯(ଡି.ଏନ୍.ଏ.)**



ହାତୀ ଆକ୍ରମଣ ପରେ ବଦଳି ଯାଇଛି ଜୀବନ। ଅଣ୍ଟା ସଳଖିବାକୁ ଜୁ ନାହିଁ। ବିନା ଆଶାବାଡ଼ିରେ ପାହୁଣ୍ଡେ ଚାଲିବା ବି ମୁସ୍କିଲ। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଘରେ ବସିପଡ଼ିବା ପରେ ମାଡ଼ିଆସିଛି ଦୁର୍ଦ୍ଦିନ। ସ୍ୱାଭାବିକ ଜୀବନ ଯାପନ କରି ନ ପାରି ଦହଗଞ୍ଜ ହେଉଥିବା ବିକ୍ରମ ନାଏକ ଏଥି ଲାଗି ଦୋଷ ଦେଇଛନ୍ତି ବନ ବିଭାଗକୁ। ହାତୀ ଆକ୍ରମଣଠାରୁ ବନ ବିଭାଗ ଉଦାସୀନତା ତାଙ୍କୁ ବେଶି କଷ୍ଟ ଦେଇଥିବା ସେ କ୍ଷୋଭର ସହ କହିଛନ୍ତି।

ରାସୋଳ ଥାନା ବାଙ୍କଟିଆ ଗ୍ରାମରେ ବିକ୍ରମଙ୍କ ଘର। ଘରେ ସ୍ତ୍ରୀ, ୩ ଝିଅ। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବିକ୍ରମ ସାରାଦିନ ଖଟି ଯାହା ଆଣୁଥିଲେ ସେଥିରେ ହସଖୁସିରେ ପରିବାର ଚଳିଯାଉଥିଲା। ହେଲେ ଏହି ଖୁସିକୁ ସତେ ଯେମିତି କାହାର ନଜର ଲାଗିଗଲା। ଜୁନ ୬ରେ ଗ୍ରାମ ଆମ୍ବ ତୋଟାକୁ ପଶି ଆସିଥିବା ଏକ ଦନ୍ତା ହାତୀ ଆକ୍ରମଣରେ ଗୁରୁତର ହେଲେ ବିକ୍ରମ। ଏଥିରେ ତାଙ୍କ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯିବା ସହ ବାମ ପାଦ

- ପଚାରୁନି ବନ ବିଭାଗ
- ମିଳୁନି କ୍ଷତିପୂରଣ ରାଶି
- ଚିକିତ୍ସାରେ ପରିବାର ସର୍ବସ୍ୱାନ୍ତ

ଫାଟି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହିନ୍ଦୋଳ ସେଠାରୁ ଜିଲା ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଏତିକିରେ ତାଙ୍କ ଖରାପ ସମୟ ସରିଲାଣି। କଟକ ବଡ଼ ଡାକ୍ତରଖାନାରେ ଦଲାଲଙ୍କ ଶିକାର ହେଲେ ସେ। ଚକ୍ରାନ୍ତ କରି ତାଙ୍କୁ ଏକ ଘରୋଇ ନର୍ସିଂ ହୋମ୍‌ରେ ଭର୍ତ୍ତି କରିଦେଲେ। ଏଥିରେ ସର୍ବସ୍ୱାନ୍ତ ହୋଇପଡ଼ିଲେ ବିକ୍ରମଙ୍କ ପରିବାର। ଗହଣାଗାଣ୍ଠିଠାରୁ ଆରମ୍ଭ କରି ଘରକରଣା ସବୁ ବିକ୍ରି ହୋଇଗଲା। ହେଲେ କ୍ଷତାକ୍ତ ଗୋଡ଼ ଭଲ ହେଲାନାହିଁ। ଚିକିତ୍ସାରେ ସବୁ ସାରିଦେଇଥିବା ବିକ୍ରମ ଏବେ କେବଳ ଭାଗ୍ୟକୁ ନିନ୍ଦୁଛନ୍ତି।

ଅନ୍ୟପଟେ ହାତୀ ଆକ୍ରମଣର ଶିକାର ହେବା ପରେ ବନ ବିଭାଗ ନାମକୁ ମାତ୍ର ସହାୟତା କରି କାମ ସାରିଦେଇଥିଲା। ଚିକିତ୍ସା ସମେତ ସରକାରୀସ୍ତରରେ ମିଳୁଥିବା ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଅଧିକାରୀ। ହେଲେ ଏହାପରେ ବିକ୍ରମଙ୍କୁ ସମସ୍ତେ ଭୁଲିଗଲେ। ସହାୟତା ତ ଦୂରର କଥା କେହି ପଚାରିଲେନି। ସରକାରଙ୍କ ତରଫରୁ ମିଳୁଥିବା ୨୫ କେଜି ଚାଉଳ ଏବେ ପରିବାରର ସମ୍ବଳ ବୋଲି କୋହଭରା କଣ୍ଠରେ କହିଛନ୍ତି ବିକ୍ରମ। ବନ୍ୟଜନ୍ତୁ ଆକ୍ରମଣରେ ଗୁରୁତରଙ୍କ ଚିକିତ୍ସା କରାଇବାକୁ ସରକାରୀ ସ୍ତରରେ ମାଗଣା ଚିକିତ୍ସା ସୁବିଧା ରହିଛି। ଅର୍କମଣ୍ୟ ହେଲେ ଆର୍ଥିକ ସହାୟତା ମଧ୍ୟ ଦିଆଯାଉଛି। ହେଲେ ଏଥିରୁ ବିକ୍ରମ ବଞ୍ଚିତ ହୋଇ ରହିଛନ୍ତି।

ଏ ସଂକ୍ରାନ୍ତରେ ପଡୋଶୀ ଖଗେଶ୍ୱର ନାଏକ କୁହନ୍ତି, ବିକ୍ରମଙ୍କ ପରିବାର ଅତି ଗରିବ। ଚିକିତ୍ସାରେ ସବୁକିଛି ସରିଯାଇଛି। ୫ ପ୍ରାଣୀ ବହୁ କଷ୍ଟରେ ଚଳୁଛନ୍ତି। ସହାୟତା ମିଳିଲେ ପରିବାର ଉପକୃତ ହୋଇପାରିବ ବୋଲି ସେ କହିଛନ୍ତି। ଏ ନେଇ ଫରେଷ୍ଟର ସୁଦର୍ଶନ ଦେହୁରି କୁହନ୍ତି, କ୍ଷତିପୂରଣ ସମ୍ପର୍କିତ କାଗଜପତ୍ର ହେବାରେ ବିଳମ୍ବ ହୋଇଥିଲା। ଆବଶ୍ୟକ ପ୍ରମାଣପତ୍ର ଡିଏଫ୍‌ଓଙ୍କ ଅଫିସରେ ଦାଖଲ କରାଯାଇଛି। କ୍ଷତିଗ୍ରସ୍ତ ପରିବାରକୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ। ଏଥି ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ସରିଲା ନନ୍ଦୋତ୍ସବ

**ବୁଧବାର ଠାକୁରଙ୍କ ବନଭୋଜି ବେଶ**

ପୁରୀ ଅଫିସ, ୩।୯: ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ସୋମବାର ଶ୍ରୀମନ୍ଦିରରେ ପାଳିତ ହୋଇଛି ନନ୍ଦୋତ୍ସବ। ଏହି ନୀତି ଦେଖିବା ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା। ବୁଧବାର ଠାକୁରଙ୍କ ବନଭୋଜି ବେଶ ଅନୁଷ୍ଠିତ ହେବ। ନନ୍ଦୋତ୍ସବ ଲାଗି ସୋମବାର ମଙ୍ଗଳଆଳତି ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ଆଣି ଜଗମୋହନ ଦୋଳିରେ ବିଜେ କରାଇଥିଲେ। ଦକ୍ଷିଣଘରୁ ମଦନମୋହନ ଆସି ସେହି ଦୋଳିରେ ବିଜେ ହୋଇଥିଲେ। ମହାସ୍ନାନ ନୀତି ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ନୂଆ ଲୁଗା ଲାଗି କରାଇଥିଲେ। ଏହାପରେ ମହାପ୍ରଭୁଙ୍କ ସର୍ବାଙ୍ଗ ହୋଇ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପୁଷ୍ପାଳକ ସେବକମାନେ ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ ଖଣ୍ଡେ ଏବଂ କର୍ପୂର ଲାଗି କରାଇଥିଲେ। ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡରେ ଷଠି ଓ ମାର୍କଣ୍ଡୀ ପୂଜା ପରେ ପାଣିପଡି ଟେରାବନ୍ଧା ହୋଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ିବା ପରେ ଶୁଦ୍ଧସୁଆର ଦୁଇଟି ପିତଳବଟାରେ ମଙ୍ଗଳାର୍ପଣ ସାମଗ୍ରୀ ରଖିଥିଲେ। ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଶ୍ରୀଜଗନ୍ନାଥ ବାଡ ଏବଂ ସୁଭଦ୍ରାଙ୍କ ବାଡରେ ମଙ୍ଗଳାର୍ପଣ କରି ୩ ବାଡରେ ବନ୍ଦାପନା କରିଥିଲେ। ପତି ମହାପାତ୍ର ଭଣ୍ଡାର ଘରୁ ରୁପାବଟାରେ ଦୁର୍ଗାଦେବୀଙ୍କୁ ବିଜେ କରାଇ ଆଣିଥିଲେ। ପୂଜାପଣ୍ଡା ସୁଭଦ୍ରାଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ପ୍ରଦାନ କରିଥିଲେ। ପତିମହାପାତ୍ର ଦେବୀ ଦୁର୍ଗାଙ୍କୁ ଜଗମୋହନ ଦୋଳି ସମ୍ମୁଖ ଖଟୁଲି ଉପରେ ବିଜେ କରାଇଥିଲେ। ସେଠାରେ ମହାସ୍ନାନ ଓ ଶୀତଳ ଭୋଗ ନୀତି ସମ୍ପନ୍ନ ହୋଇଥିଲା। ଦେବୀ ଦୁର୍ଗାଙ୍କୁ ସାତପାହାଚ ଦ୍ୱାର ଡମ୍ଫରୁ ଉପରକୁ ବିଜେ କରାଯାଇଥିଲା। ସେଠାରେ ବିଜୁଳି କନ୍ୟା ନୀତି ସମ୍ପନ୍ନ ପରେ ଦେବୀ ଭଣ୍ଡାରକୁ ବାହୁଡା ବିଜେ କରିଥିଲେ। ଏହାପରେ ରାମ, କୃଷ୍ଣ ଓ ମଦନମୋହନ ଦୋଳିରୁ ଓହ୍ଲାଇ ଖଟ ଉପରକୁ ବିଜେ କରିଥିଲେ। ମାଜଣା ଏବଂ ଫୁଲ ଲାଗି ପରେ ସାତପାହାଚ ଦ୍ୱାରରେ ଥିବା ପାଲିଙ୍କିରେ ଯାଇ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡିଥିବା ଖଟ ଉପରେ ବିଜେ କରାଯାଇଥିଲା।

■ ଫେଲ୍ ମାରିଲା ସେଣ୍ଟ୍ରାଲ କିଚେନ୍ ସିଷ୍ଟମ୍

# ଅପରାହ୍ନ ଯାଏ ପହଞ୍ଚିଲା ନାହିଁ ମଧ୍ୟାହ୍ନ ଭୋଜନ



ପୃଥ୍ୱୀରାଜ ହାଇସ୍କୁଲରେ ଛାତ୍ରମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଉଛି।

■ ପ୍ରଥମ ଦିନରୁ ହିଁ ଅବ୍ୟବସ୍ଥା
■ ଉପାସରେ ଘରକୁ ଫେରିଲେ ଛାତ୍ରୀଛାତ୍ର
■ ପାଠପଢ଼ା ବାଧାପ୍ରାପ୍ତ, ଚିନ୍ତାରେ ଶିକ୍ଷକ
■ କ୍ରିଷ୍ଣକ୍ରିପା ଟ୍ରଷ୍ଟକୁ କାରଣଦର୍ଶାଅ ନୋଟିସ୍

ବଲାଙ୍ଗୀର ଅଫିସ, ୩।୯

ସେଣ୍ଟ୍ରାଲ କିଚେନ୍ ଏଜେନ୍ସି ଜରିଆରେ ବଲାଙ୍ଗୀର ଜିଲାର ପୁଇଁତଲା ବ୍ଲକ ଓ ବଲାଙ୍ଗୀର ପୌରାଞ୍ଚଳର ଶତାଧିକ ସ୍କୁଲ ପାଇଁ ସୋମବାରଠାରୁ ଆରମ୍ଭ ହୋଇଥିବା ମଧ୍ୟାହ୍ନଭୋଜନ ବ୍ୟବସ୍ଥା ପ୍ରଥମ ଦିନରେ ହିଁ ସମସ୍ୟା ସୃଷ୍ଟି କରିଛି। ଶତାଧିକ ସ୍କୁଲରେ ମଧ୍ୟାହ୍ନଭୋଜନ ନ ପହଞ୍ଚିବାରୁ ଛାତ୍ରୀଛାତ୍ରମାନେ ଭୋକରେ ଆଉଟୁ ପାଉଟୁ ହୋଇ ଘରକୁ ଫେରିଛନ୍ତି। ଏପରିକି କେତେକ ଛାତ୍ରୀଛାତ୍ର ଭୋକ ସମ୍ଭାଳି ନ ପାରି ଶ୍ରେଣୀଗୃହରେ କାନ୍ଦିଥିଲେ। କେତେକ ମଧ୍ୟାହ୍ନଭୋଜନକୁ ଅପେକ୍ଷା କରି କରି ଶୋଇ ପଡିଥିବା ସୂଚନା ମିଳିଛି। ସେଣ୍ଟ୍ରାଲ କିଚେନ୍ ଏଜେନ୍ସି ଜରିଆରେ ମଧ୍ୟାହ୍ନଭୋଜନ ଯୋଗାଇବାର ପ୍ରଥମ ଦିନରୁ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ମଧ୍ୟାହ୍ନଭୋଜନ କମିଟି ସଦସ୍ୟମାନଙ୍କୁ ଚିନ୍ତାରେ ପକାଇଛି।

ପୁଇଁତଲା ବ୍ଲକର ବିଲେଇସର୍ଡା ଠାରେ ଥିବା କ୍ରିଷ୍ଣକ୍ରିପା ଟ୍ରଷ୍ଟ ସହ ବଲାଙ୍ଗୀର ଜିଲା ପ୍ରଶାସନର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଅନୁଯାୟୀ ପୁଇଁତଲା ବ୍ଲକର ୧୭୨ ଏବଂ ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ୪୪ ଏପରି ୨୧୬ ସ୍କୁଲର ୧୭ ହଜାର ୮୮୩ ଛାତ୍ରୀଛାତ୍ରଙ୍କ ପାଇଁ ସେଣ୍ଟ୍ରାଲ କିଚେନ୍ ଏଜେନ୍ସି ଜରିଆରେ ଉତ୍ତମ ମାନର ରନ୍ଧା ମଧ୍ୟାହ୍ନଭୋଜନ ଯୋଗାଇବା ପାଇଁ ସ୍ଥିର ହୋଇଥିଲା। ଫଳରେ ବିଲେଇସର୍ଡାଠାରେ ଥିବା କ୍ରିଷ୍ଣକ୍ରିପା ଟ୍ରଷ୍ଟର ସେଣ୍ଟ୍ରାଲ କିଚେନ୍‌କୁ ରବିବାର ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓ ଉଦ୍‌ଘାଟନ କରିଥିଲେ। ସୋମବାରଠାରୁ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଥିଲା। ଏଣୁ ସମୁଦାୟ ୨୧୬ସ୍କୁଲକୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି କରାଯାଇ ସ୍କୁଲଗୁଡିକରେ ହେଉଥିବା ରନ୍ଧା କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଲେଇସର୍ଡା ସେଣ୍ଟ୍ରାଲ କିଚେନ୍‌ରୁ ସୋମବାର ମଧ୍ୟାହ୍ନଭୋଜନ ଆସିବ ବୋଲି ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଅପେକ୍ଷା କରିଥିଲେ। ହେଲେ ଶତାଧିକ ସ୍କୁଲରେ ନିର୍ଦ୍ଦିଷ୍ଟ ସମୟରେ ମଧ୍ୟାହ୍ନଭୋଜନ ପହଞ୍ଚି ନ ଥିଲା। ଏପରି ଅନ୍ୟ ସ୍କୁଲଗୁଡ଼ିକରେ ଆଦୌ ରନ୍ଧାଖାଦ୍ୟ ପହଞ୍ଚି ନ ଥିବା ଜଣାପଡିଛି।

ବଲାଙ୍ଗୀର ପୌରାଞ୍ଚଳ ଅନ୍ତର୍ଗତ ସର୍ବପୁରାତନ ପୃଥ୍ୱୀରାଜ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ହାଇସ୍କୁଲ, ଟାଉନ ବାଳିକା ହାଇସ୍କୁଲ, ପ୍ରାକ୍ଟିସିଂ ସ୍କୁଲ ଓ ସୁଦପଡା ସ୍କୁଲ ସହ ଅନେକ ସ୍କୁଲରେ ଆଦୌ ମଧ୍ୟାହ୍ନଭୋଜନ ପହଞ୍ଚି ନ ଥିଲା। ଫଳରେ ସହସ୍ରାଧିକ ଛାତ୍ରୀଛାତ୍ର ଭୋକ ଉପାସରେ ଆଉଟୁ ପାଉଟୁ ହୋଇଥିଲେ। ପ୍ରାକ୍ଟିସିଂ ସ୍କୁଲ ଓ ସୁଦପଡା ସ୍କୁଲରେ କେତେଜଣ ପିଲା ଭୋକ ଯୋଗୁ କାନ୍ଦି ପକାଇଥିବା ସହ ଶୋଇ ପଡିଥିବା ଦେଖାଯାଇଥିଲା। ସେହିପରି ପୁଇଁତଲା ବ୍ଲକର ରଣ୍ଡା, ମଳମଣ୍ଡା, ନିଲଜୀପାଲି, ଜାମଗାଁ ସ୍କୁଲରେ ମଧ୍ୟ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବାହ୍ନ ସାଢ଼େ ୯ଟାରୁ ସ୍କୁଲକୁ ଆସି ମଧ୍ୟାହ୍ନଭୋଜନ ଖାଇବାକୁ ନ ପାଇବାରୁ ବହୁ ସ୍କୁଲରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅପରାହ୍ନ ୧ଟା୧୫ରୁ ଖାଇବା ଛୁଟି ଆରମ୍ଭ ହେଉଥିବାରୁ ମଧ୍ୟାହ୍ନଭୋଜନକୁ ଅପେକ୍ଷା କରି କରି ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆଉ ପାଠପଢା ହୋଇପାରି ନ ଥିଲା। ପୃଥ୍ୱୀରାଜ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ ଭଳି କିଛି ସ୍କୁଲରେ ଶେଷରେ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ ବଣ୍ଟନ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ଓ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ନନ୍ଦ ସୂଚନା ଦେଇଥିଲେ।

ଏ ସଂକ୍ରାନ୍ତରେ କ୍ରିଷ୍ଣକ୍ରିପା ଟ୍ରଷ୍ଟର ନିର୍ଦ୍ଦେଶକ ବୀରେନ୍ଦ୍ର ପଣ୍ଡାଙ୍କୁ ପଚରାଯିବାରୁ ଗୋଟିଏ ଗାଡି ଭାସି ଯିବାରୁ ଏଭଳି ପରିସ୍ଥିତି ହୋଇଥିବା ସଫେଇ ଦେଇଛନ୍ତି। ତେବେ ଶତାଧିକ ସ୍କୁଲରେ ମଧ୍ୟାହ୍ନଭୋଜନ ପହଞ୍ଚି ନ ଥିବାରୁ ଟ୍ରଷ୍ଟ ଏ ଦିଗରେ ଆଦୌ ପ୍ରସ୍ତୁତ ନ ହୋଇ କାର୍ଯ୍ୟକ୍ରମ ହାତକୁ ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶଙ୍କୁ ପଚରାଯିବାରୁ ସୋମବାର ଏମ୍‌ଡିଏମ୍ ଅବ୍ୟବସ୍ଥାକୁ ନେଇ ଟ୍ରଷ୍ଟକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ଦେଇଛନ୍ତି। ତେବେ ମଙ୍ଗଳବାର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସୁଚାରୁରୂପେ ଚାଲିବ କି ନାହିଁ ସେନେଇ ସନ୍ଦେହ ପ୍ରକାଶ ପାଇଛି। ଏ ଦିଗରେ ଶିକ୍ଷା ବିଭାଗ କ'ଣ ନିଷ୍ପତ୍ତି ନେବ ଜଣାପଡିନାହିଁ।

# ଅନୁଗୋଳ: ପ୍ରଥମ ପର୍ଯ୍ୟାୟରେ ୧୭୦ ଇଭିଏମ୍ ଯାଞ୍ଚ

ଅନୁଗୋଳ ଅଫିସ, ୩।୯-

ଅନୁଗୋଳରେ ପ୍ରଥମ ପର୍ଯ୍ୟାୟ ଇଭିଏମ୍ ଯାଞ୍ଚ ପ୍ରକ୍ରିୟା ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ମୋଟ୍ ୧୭୦ଟି ଇଭିଏମ୍ ଯାଞ୍ଚ କରାଯାଇଥିବା ଜିଲା ନିର୍ବାଚନ ଅଧିକାରୀ ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ୯୦ଟି ବାଲାଟ ୟୁନିଟ୍(ବିୟୁ)ର ଯାଞ୍ଚ ହୋଇଥିବାବେଳେ ୮୦ଟି କଣ୍ଟ୍ରୋଲ ୟୁନିଟ(ସିୟୁ) ଥିବା ସେ ସୂଚନା ଦେଇଛନ୍ତି। ପ୍ରଥମ ଦିନରେ କୌଣସି ଇଭିଏମ୍‌ରେ ତ୍ରୁଟି ପରିଲକ୍ଷିତ ହୋଇନାହିଁ। ଏହି କାର୍ଯ୍ୟରେ ମୋଟ ୨୨ ଜଣ କର୍ମଚାରୀ ନିୟୋଜିତ କରାଯାଇଥିବା ବେଳେ ଜିଲା କାର୍ଯ୍ୟାଳୟରୁ ଆସିଷ୍ଟାଣ୍ଟ କଲେକ୍ଟର ଲମ୍ବୋଧର ମାରାଣ୍ଡି, ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଆସିଷ୍ଟାଣ୍ଟ କଲେକ୍ଟର ବିବେକାନନ୍ଦ ସାହୁ ଓ ସୁବ୍ରତ ବେହେରା ନିୟୋଜିତ ଅଛନ୍ତି। ଏହି ପ୍ରକ୍ରିୟା ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୮ଟାରେ ଶେଷ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବିଜେଡିରୁ ପ୍ରିୟଦର୍ଶୀ ପଟ୍ଟନାୟକ, ଭାଜପାରୁ ଚୌଧୁରୀ ପ୍ରଧାନ, କଂଗ୍ରେସରୁ ଆଲୋକ କୁମାର ଦାସ ଓ ବିଏସ୍‌ପିରୁ ପ୍ରମୋଦ ଚନ୍ଦ୍ର ନାୟକ ଯାଞ୍ଚ ବେଳେ ଉପସ୍ଥିତ ଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ଘରର ଝୋଟି**
**କାଲି ଆସିଛି ବୋହୂ ପିଲାଟି**
**ଅଢ଼େଇ ଆଙ୍ଗୁଳି ଚୁଟି।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ତଥା ଚାଲିଚଳନରେ ଅନେକ ପରିବର୍ତ୍ତନ ଘଟୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରି ସ୍ଥିତିରେ ଆଧୁନିକତାର ଦୁହାଇ ଦେଇ ଛୋଟ ଚୁଟି ରଖିଥିବା ନୂଆ ବୋହୂ ପ୍ରତି ପାଖ ପଡ଼ିଶା ମହିଳାଙ୍କ ଟୀକାଟିପ୍ପଣୀ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗହ୍ମାରି**
**ବୁଢ଼ା କୋଉ ମଣିଷରେ ସୁମାରି।**

ସାଧାରଣତଃ ବୃଦ୍ଧ ବ୍ୟକ୍ତିମାନେ ନିଜକୁ ସର୍ବଦା ଅସହାୟ ମନେ କରିଥାନ୍ତି। ବୟସ ଅତିକ୍ରାନ୍ତ ହୋଇଗଲେ ସେମାନେ ନିଜ ଶକ୍ତି ଓ ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇ ବସିଥାନ୍ତି। ଏପରିସ୍ଥଳେ ବୃଦ୍ଧ ବ୍ୟକ୍ତିମାନଙ୍କୁ ଅନୁପଯୁକ୍ତ ମନେକରି ତାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଖାତକୁ ବସ୍ ଖସି ୧୩ ମୃତ

ଡେରାଡୁନ,୩।୯(ପି.ଟି.)

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ଖାତ ଭିତରକୁ ବସ୍ ଖସି ୧୩ ଜଣଙ୍କ ଜୀବନ ଯାଇଛି। ଏଥିରେ ଦୁଇଜଣ ନାବାଳିକା ଆହତ ହୋଇଛନ୍ତି। ରବିବାର ଗଙ୍ଗୋତ୍ରୀରୁ ୧୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଋଷିକେଶ-ଗଙ୍ଗୋତ୍ରୀ ରାଜପଥରେ ସାଙ୍କଲାଇ ଅଞ୍ଚଳରେ ୨୦୦ ମିଟର ଗଭୀର ଖାତ ଭିତରକୁ ଖସି ପଡ଼ିଥିଲା। ଭୂସ୍ଖଳନ ଯୋଗୁ ଖରାପ ପାହାଡ଼ିଆ ରାସ୍ତାରେ ଗାଡ଼ି ଚାଳକ ନିୟନ୍ତ୍ରଣ ହରାଇଥିବା ଯୋଗୁ ଦୁର୍ଘଟଣା ଘଟିଥିବା ଗଙ୍ଗୋତ୍ରୀ ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଦେବେନ୍ଦ୍ର ପଟୱାଲ ସୂଚନା ଦେଇଛନ୍ତି। ଗାଡ଼ିଟି ଚୂରମାର ହୋଇ ଭାଗୀରଥି ନଦୀର ଅଳ୍ପ କିଛି ଦୂରରେ ଖସି ପଡ଼ିଛି। ଘଟଣାସ୍ଥଳରୁ ୩ ମହିଳାଙ୍କ ସମେତ ସମସ୍ତ ୧୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆହତ ଦୁଇ ନାବାଳିକାଙ୍କୁ ପ୍ରଥମେ ଉତ୍ତରକାଶୀ ଡାକ୍ତରଖାନା ଏବଂ ପରେ ଡେରାଡୁନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପଟୱାଲ ପ୍ରକାଶ କରିଛନ୍ତି। ଗାଡ଼ିରୁ ଡେଇଁପଡ଼ି ସେମାନେ ପଥର ଫାଙ୍କରେ ରହି ଯାଇଥିଲେ। ତେବେ ସମସ୍ତ ମୃତକ ଏବଂ ଆହତ ଆଖପାଖ ଅଞ୍ଚଳର ବୋଲି ସେ କହିଛନ୍ତି।

ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ଗଙ୍ଗୋତ୍ରୀ ମନ୍ଦିରକୁ ଦର୍ଶନ କରିବା ପାଇଁ ସେମାନେ ଯାଇଥିଲେ। ଦୁର୍ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ, ଭଟ୍‌ୱାଲି ପୋଲିସ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଏବଂ ଆଇଟିବିପି ଯବାନମାନେ ଉଦ୍ଧାରକାର୍ଯ୍ୟରେ ଲାଗି ପଡ଼ିଥିଲେ। ୧୩ ଜଣଙ୍କ ମୃତ୍ୟୁକୁ ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍ ଶୋକପ୍ରକାଶ କରିଛନ୍ତି। ଆହତ ଦୁଇ ନାବାଳିକାଙ୍କୁ ସବୁ ପ୍ରକାର ଚିକିତ୍ସା ସୁବିଧା ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com


9911436726, 9540938429

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୯୩, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ। ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ। (କାମ ଆମର, ବିଶ୍ୱାସ ଆପଣଙ୍କର) କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

ସୁବର୍ଣ୍ଣ ସୁଯୋଗ
କଣ ଆପଣ ବେରୋଜଗାର ଅଛନ୍ତି କି ?
ଆପଣଙ୍କର ଭବିଷ୍ୟତପାଇଁ କିଛି ଯୋଜନା ଅଛି କି ? ଏସବୁର ସମାଧାନପାଇଁ ଆମ Company ଠାରୁ କିଛି ସାହାଯ୍ୟ ନେଇ ଆତ୍ମନିର୍ଭରଶୀଳ ହୁଅନ୍ତୁ।
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ
7873395955

LOAN
ଶିକ୍ଷିତ ଓ ବେରୋଜଗାରି ମାନେ ନିଜର ବ୍ୟବସାୟିକ, ବ୍ୟକ୍ତିଗତ, ଗୃହ, ପ୍ରପର୍ଟି, ସାର୍ଟିଫିକେଟ୍ ଓ ଶିକ୍ଷାର ସହାୟତାରେ କମ୍ପାନୀଠାରୁ ସାହାଯ୍ୟ ନିଅନ୍ତୁ।
7682891639
8018022748

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
8750418810
9355438810

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ।
CALL NOW:
08570958738
08570958378

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବର୍ତ୍ତମାନ ଅର୍ଥନୀତି ଯେଉଁ ସ୍ତରରେ ପହଞ୍ଚିଛି, ପୂର୍ବରୁ ତାହା ଏତେ ତଳକୁ ଖସି ନ ଥିଲା। ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ହୋଇଥିବାବେଳେ ଟଙ୍କାର ମୂଲ୍ୟ ସର୍ବନିମ୍ନ ସ୍ତରକୁ ଛୁଇଁଛି।
- ଅରବିନ୍ଦ୍ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ସେନା ଗୁଳିରେ ଟେକାମାଡ଼କାରୀ ନିହତ

**ଶ୍ରୀନଗର,୩।୯(ପି.ଟି.)-** ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ସୁରକ୍ଷା ବାହିନୀ ଏବଂ ଟେକାମାଡ଼କାରୀଙ୍କ ମଧ୍ୟରେ ସୋମବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଟେକାମାଡ଼କାରୀଙ୍କୁ କାବୁ କରିବାକୁ ଯାଇ ସେନା ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ଏଥିରେ ଜଣେ ଯୁବକ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସୂଚନା ପାଇବା ପରେ ସେନା ପକ୍ଷରୁ ୧୨ରୁ ଅଧିକ ଗ୍ରାମରେ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଯାଇଥିଲା। ଏହାକୁ ବିରୋଧକରି ଲୋକେ ଟେକାମାଡ଼ କରିବା ଆରମ୍ଭ କରିଥିଲେ। ଗୁସୋ ଗ୍ରାମରେ ସେନାର ଗୁଳିମାଡ଼ରେ ଦୁଇଜଣ ଯୁବକ ଆହତ ହୋଇଥିଲେ ବୋଲି ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ତୁରନ୍ତ ଦୁଇ ଯୁବକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଫୟାଜ୍ ଅହମ୍ମଦ ୱାନିଙ୍କ ମୃତ୍ୟୁ ହୋଇଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

### ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ହତ୍ୟା ଧମକ



**ଦାମୋହ,୩।୯(ଆଇଏଏନ୍‌ଏସ୍)-**କଂଗ୍ରେସ ଏମ୍‌ପି ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମିଳିଛି ହତ୍ୟା ଧମକ। ତାଙ୍କୁ ଗୁଳିକରି ନିହତ କରିବେ ବୋଲି ମଧ୍ୟପ୍ରଦେଶର ଭାଜପା ବିଧାୟିକା ଉମା ଦେବୀ ଖାଟିକ୍‌ଙ୍କ ପୁଅ ସୋମବାର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଫେସ୍‌ବୁକ୍‌ରେ ଲାଲଚାନ୍ଦ୍ ଖାଟିକ୍ ଲେଖି ଜ୍ୟୋତିରାଦିତ୍ୟଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଏମ୍‌ପିଙ୍କ ଶିରାପ୍ରଶିରାରେ ଜିୱାଜିରାଓଙ୍କ ରକ୍ତ ପ୍ରବାହିତ ହେଉଛି ଯିଏକି ଝାନ୍‌ସୀ ରାଣୀଙ୍କୁ ହତ୍ୟା କରିଥିଲେ। ହାଟ୍ଟା ନିର୍ବାଚନମଣ୍ଡଳୀରେ ପାଦ ଦେଲେ ତାଙ୍କୁ ସେ ଗୁଳି କରିବେ। ସେପ୍ଟେମ୍ବର ୫ରେ ଜ୍ୟୋତିରାଦିତ୍ୟ ହାଟ୍ଟା ଗସ୍ତ କରି ଏକ ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ବିଧାୟିକା ଉମା ଦେବୀଙ୍କ ପୁଅଙ୍କ ବିବାଦୀୟ ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

### ଶିବରାଜଙ୍କ ଗାଡ଼ିକୁ ଟେକାମାଡ଼

**ଭୋପାଳ,୩।୯(ପି.ଟି.)-** ମଧ୍ୟପ୍ରଦେଶ ଚୁରହୁଟଠାରେ ରବିବାର ରାତିରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ 'ଜନ ଆଶୀର୍ବାଦ ଯାତ୍ରା'ରେ ବାହାରିଥିବା ବେଳେ ତାଙ୍କ ଗାଡି ଉପରକୁ କଂଗ୍ରେସ କର୍ମୀମାନେ ଟେକାମାଡ କରିଥିଲେ। ସୌଭାଗ୍ୟବଶତଃ ତାଙ୍କର କୌଣସି କ୍ଷତି ହୋଇନାହିଁ। ଏପର୍ଯ୍ୟନ୍ତ ୩ ଆକ୍ରମଣକାରୀ ଗିରଫ ହୋଇଛନ୍ତି। ଏହି ଘଟଣା ପରେ ଶିବରାଜ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ 'କଂଗ୍ରେସ ମୋ ରକ୍ତର ପିପାସୁ ହୋଇଯାଇଛି। ବିଚାରର ସଂଘର୍ଷ ଚାଲିଥାଏ। ଭିନ୍ନ ଭିନ୍ନ ଦଳ ନିଜର କାର୍ଯ୍ୟକ୍ରମ କରିଥାନ୍ତି, କିନ୍ତୁ କେବେ ଏଭଳି ହୋଇନି। ଏହି ପରିପ୍ରେକ୍ଷୀରେ ସୋନିଆ ଗାନ୍ଧୀ, ରାହୁଲ ଏବଂ କଂଗ୍ରେସ ରାଜ୍ୟ ସଭାପତିଙ୍କୁ ସେ ପଚାରିବାକୁ ଚାହିଁଛନ୍ତି ଯେ ଏସବୁ କାହା ନିର୍ଦ୍ଦେଶରେ ଘଟିଛି। ଆକ୍ରମଣକୁ ହତ୍ୟା ଷଡଯନ୍ତ୍ର ବୋଲି କହିଛନ୍ତି ଗୃହମନ୍ତ୍ରୀ ଭୂପେନ୍ଦ୍ର ସିଂ। ସେ କହିଛନ୍ତି କଂଗ୍ରେସ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଗାଡିକୁ ଟାର୍ଗେଟ କରି ପଥର ମାଡ଼ କରିଛନ୍ତି। ଏଥିରେ ତାଙ୍କ ଗାଡ଼ିର କାଚ ଭାଙ୍ଗି ତାଙ୍କ ଦେହରେ ମଧ ପଥର ବାଜିଥିଲା। ତେବେ ସୁରକ୍ଷାକର୍ମୀମାନେ ସଜାଗ ଥିବାରୁ ବଡ଼ ଅଘଟଣକୁ ରୋକିହେଲା। କଂଗ୍ରେସ ଗୋଇନ୍ଦା ବିଫଳତାକୁ ଦାୟୀ କରି ଗୃହମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିଛି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୪ର ପ୍ରମୁଖ ଘଟଣା

୧୯୭୦ ସେପ୍ଟେମ୍ବର ୪ରେ ଚିଲିର ରାଷ୍ଟ୍ରପତି ଭାବେ ସାଲଭାଡର ଆଲେଣ୍ଡେ ନିର୍ବାଚିତ ହୋଇଥିଲେ। ସେ ଜଣେ ଚିକିତ୍ସକ ଏବଂ ରାଜନେତା ଥିଲେ। ପ୍ରାୟ ୪୦ ବର୍ଷ ଧରି ଚିଲି ରାଜନୀତି ଜଗତରେ ସେ ସକ୍ରିୟ ରହିଥିଲେ। ସୋସିଆଲିଷ୍ଟ ଦଳର ନେତା ହୋଇଥିବା ବେଳେ ସିନେଟର ଏବଂ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ।

୧୯୯୮ ସେପ୍ଟେମ୍ବର ୪ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଛାତ୍ର ଲ୍ୟାରି ପେଜ୍ ଏବଂ ସେର୍ଜି ବ୍ରିନ୍ ଗୁଗୁଲ୍‌ର ପ୍ରତିଷ୍ଠା କରିଥିଲେ। ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀ ଗୁଗଲ୍ ଇଣ୍ଟରନେଟ୍ ସର୍ଚ୍ଚ, କ୍ଲାଉଡ କମ୍ପ୍ୟୁଟିଂ, ଅନଲାଇନ୍ ଆଡଭର୍ଟାଇଜିଂ ଟେକ୍ନୋଲୋଜି ପାଇଁ ଖୁବ୍ ଲୋକପ୍ରିୟ। ଲ୍ୟାରିପେଜ୍ ଆମେରିକାର ପ୍ରତିଷ୍ଠିତ କମ୍ପ୍ୟୁଟର ସାଇଣ୍ଟିଷ୍ଟ ଏବଂ ଇଣ୍ଟରନେଟ୍ ଉଦ୍ୟୋଗୀ।

■ କର୍ଣ୍ଣାଟକ ପୌର ନିର୍ବାଚନ: ଭାଜପା ପୁଣି ନିରାଶ

# ତ୍ରିମୁଖୀ ଲଢ଼େଇରେ କଂଗ୍ରେସ ବିଜୟୀ

**ବେଙ୍ଗାଲୁରୁ,୩।୯(ପି.ଟି.)**



ଏଚ୍.ଡି. କୁମାରସ୍ୱାମୀ



ବି.ଏସ୍. ୟେଦୁରପ୍ପା



ରଣଦୀପ ସୁର୍ଜେୱାଲା

- ■ ସରକାର ଦୁର୍ବଳ ବୋଲି କହୁଥିବା ଲୋକଙ୍କୁ ଜବାବ: କୁମାରସ୍ୱାମୀ
- ■ ଆଶାନୁରୂପ ଫଳ ମିଳିଲା ନାହିଁ: ୟେଦୁରପ୍ପା
- ■ ଭାଜପାର ଫମ୍ପା ଭାଷଣକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି: କଂଗ୍ରେସ

କର୍ଣ୍ଣାଟକ ପୌର ନିର୍ବାଚନର ଫଳାଫଳ ସୋମବାର ପ୍ରକାଶ ପାଇଛି। କଂଗ୍ରେସ, ଭାଜପା ଏବଂ ଜେଡିଏସ୍‌ର ତ୍ରିମୁଖୀ ଲଢ଼େଇରେ ବାଜି ମାରିଛି କଂଗ୍ରେସ। ଅବଶ୍ୟ ଭାଜପା ଏବଂ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ତୃତୀୟରେ ରହିଛି ଜେଡିଏସ୍। ମେଣ୍ଟ ଦଳ ଜେଡିଏସ୍ ସହ ମିଶି କଂଗ୍ରେସ ରାଜ୍ୟର ଅଧିକାଂଶ ପୌର ପରିଷଦରେ ରାଜ୍ କରିବାକୁ ଯାଉଛି। କାରଣ ଦୁଇଦଳ ମିଳିତ ଭାବେ ୧୩୫୭ ଆସନରେ ବିଜୟୀ ହେବା ସହ ଭାଜପାଠାରୁ ବହୁ ଆଗରେ ରହିଛନ୍ତି।

ଶନିବାର ଅନୁଷ୍ଠିତ ୨୭୦୯ ପୌର ସଂସ୍ଥା ଆସନ ମଧ୍ୟରୁ ୨୬୨୮ର ଫଳାଫଳ ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ସୂଚନା ମୁତାବକ ୨୬୨୮ ଆସନ ମଧ୍ୟରୁ କଂଗ୍ରେସ ୯୬୬ରେ ବିଜୟୀ ହୋଇଥିବାବେଳେ ୯୧୦ ଆସନ କବ୍‌ଜା କରିଛି ଭାଜପା। ୩୭୩ ଆସନ ସହ ତୃତୀୟ ସ୍ଥାନରେ ରହିଛି ଜେଡିଏସ୍। ବାକି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। କର୍ଣ୍ଣାଟକରେ ୩ ନଗର ନିଗମ, ୨୯ ନଗର ପୌର ପରିଷଦ(ସିଏମ୍‌ସି), ୫୨ ସହର ପୌର ପରିଷଦ(ଟିଏମ୍‌ସି) ଏବଂ ୨୦ ସହର ପଞ୍ଚାୟତ(ଟିପି)ରେ ନିର୍ବାଚନ ହୋଇଥିଲା। ତେବେ ଏଥିରେ ଯଦି ଝୁଲା ଫଳାଫଳ ଆସେ, ତା'ହେଲେ ପ୍ରାକ୍ ନିର୍ବାଚନୀ ମେଣ୍ଟ ପାଇଁ ପୂର୍ବରୁ ଘୋଷଣା କରିଥିଲେ କଂଗ୍ରେସ ଏବଂ ଜେଡିଏସ୍। ବନ୍ୟା ଏବଂ ଅନ୍ୟାନ୍ୟ କାରଣରୁ କୋଡାଗୁ ସମେତ ବିଭିନ୍ନ ପ୍ରାନ୍ତରେ ପ୍ରାୟ ୨୩୦୦ ଆସନରେ ଭୋଟ ଗ୍ରହଣ ହୋଇପାରିନାହିଁ। ଆସନ୍ତା ବର୍ଷ ସେଠାରେ ନିର୍ବାଚନ ହେବ ବୋଲି କୁହାଯାଉଛି।

କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଗଠନ ହେବା ପରେ ଏହା ଥିଲା ପ୍ରଥମ ନିର୍ବାଚନ। ଏଣୁ ଏହାକୁ ମେଣ୍ଟ ସରକାରଙ୍କ ଭାଗ୍ୟ ପରୀକ୍ଷା ଭାବେ ଦେଖାଯାଉଥିଲା। ଏହାକୁ ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖାଯାଉଛି। ସେପଟେ ୨୦୧୩ ପୌର ନିର୍ବାଚନ ତୁଳନାରେ ଏଥର ଭାଜପାର ପ୍ରଦର୍ଶନ ବେଶ୍ ଭଲ ରହିଛି। ୨୦୧୩ରେ ୪,୯୭୬ ଆସନ ମଧ୍ୟରୁ କଂଗ୍ରେସ ୧୯୬୦ରେ ବିଜୟୀ ହୋଇଥିବାବେଳେ ଭାଜପା ଏବଂ ଜେଡିଏସ୍ ୯୦୫ଟି ଲେଖାଏ ଆସନ କବ୍‌ଜା କରିଥିଲେ।

ନିର୍ବାଚନ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା କହିଛନ୍ତି, ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି ଯେଉଁଠାରେ ବି ମେଣ୍ଟ କରିବାକୁ ପଡ଼େ ଆମେ ପ୍ରସ୍ତୁତ। ସେହିପରି ମେଣ୍ଟ ସରକାର ଦୁର୍ବଳ ଏବଂ ଏହା ଖୁବ୍‌ଶୀଘ୍ର ଭାଙ୍ଗିଯିବ ବୋଲି ଯେଉଁମାନେ କହୁଥିଲେ, ତାଙ୍କ ପାଇଁ ଏହା ଏକ କଡ଼ା ଜବାବ ବୋଲି ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ପ୍ରକାଶ କରିଛନ୍ତି। ସେପଟେ ଏହି ନିର୍ବାଚନ ଆଶାନୁରୂପ ଫଳ ଆଣିପାରିଲା ନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଭାଜପା ମୁଖ୍ୟ ବି.ଏସ୍. ୟେଦୁରପ୍ପା ପ୍ରକାଶ କରିଛନ୍ତି। କିନ୍ତୁ ଆଗାମୀ ଲୋକ ସଭା ନିର୍ବାଚନରେ ଦଳ ୨୨ରୁ ୨୩ଟି ଆସନରେ ନିଶ୍ଚିତ ବିଜୟୀ ହେବ ବୋଲି ୟେଦୁରପ୍ପା ଆଶାବ୍ୟକ୍ତ କରିଛନ୍ତି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, କର୍ଣ୍ଣାଟକବାସୀ ଭାଜପାର ଫମ୍ପା ଭାଷଣବାଜିକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ଏବଂ ଜେଡିଏସ୍ ମେଣ୍ଟ ସରକାଙ୍କ ବିକାଶୋନ୍ମୁଖୀ ନୀତିକୁ ସମର୍ଥନ ଜଣାଇଛନ୍ତି। କଂଗ୍ରେସ ଉପରେ ଲୋକେ ପୁଣିଥରେ ଆସ୍ଥା ପ୍ରକଟ କରିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଭିନ୍ନ ପ୍ରାନ୍ତରେ ଉତ୍ସବ ଦେଖିବାକୁ ମିଳିଛି। ରାଜ୍ୟର ତୁମାକୁରୁଠାରେ କଂଗ୍ରେସ ପ୍ରାର୍ଥୀ ଇନାୟାତୁଲ୍ଲା ଖାନ୍‌ଙ୍କ ବିଜୟ ଉତ୍ସବ ବେଳେ ତରଳ ରାସାୟନିକ ଆକ୍ରମଣ ହୋଇଛି। ଏଥିରେ ୧୦ ଆହତ ହୋଇଛନ୍ତି।

■ ରାଜନୈତିକ କାଦୁଅଫିଙ୍ଗାକୁ ନାହିଁ ଖାତିର

# ଗ୍ୱାଲିୟର, ଆଗ୍ରାରେ ଉଡୁଛି ୩ ରାଫେଲ୍ ବିମାନ

**ନୂଆଦିଲ୍ଲୀ, ୩।୯(ପି.ଟି.)**

- ■ ଉଡ଼ାଣ ପ୍ରଶିକ୍ଷଣ ନେଉଛନ୍ତି ଆଇଏଏଫ୍ ପାଇଲଟ
- ■ ଚାରିଦିନ ହେବ ମିଳିତ ସମରାଭ୍ୟାସ
- ■ ସମ୍ପର୍କ ମଜଭୁତ କରିବ 'ମିଶନ୍ ପେଗାସ୍': ଫ୍ରାନ୍ସ


ରାଫେଲ୍ ଯୁଦ୍ଧବିମାନ କ୍ରୟ ବେଳେ ହୋଇଥିବା ଚୁକ୍ତିରେ କଂଗ୍ରେସ ଦୁର୍ନୀତିର ଗନ୍ଧ ବାରୁଥିବାରୁ ଏହାକୁ ନେଇ ହଟଚମଟ ଲାଗିରହିଛି। ଗୋଟିଏ ପଟେ ରାଜନୈତିକ କାଦୁଅଫିଙ୍ଗା ଚାଲିଥିବାବେଳେ ଅନ୍ୟପଟେ ଭାରତରେ ଥିବା ତିନୋଟି ରାଫେଲ୍ ବିମାନର ଉଡ଼ାଣ ଅଭ୍ୟାସ ଆରମ୍ଭ ହୋଇଯାଇଛି। ମଧ୍ୟପ୍ରଦେଶର ଗ୍ୱାଲିୟର ଏବଂ ଉତ୍ତରପ୍ରଦେଶର ଆଗ୍ରାରେ ଥିବା ବାୟୁସେନା ଘାଟିରେ ଆଇଏଏଫ୍ ପାଇଲଟ୍‌ମାନେ ପ୍ରଶିକ୍ଷଣ ନେଉଛନ୍ତି। ଫ୍ରାନ୍ସରୁ ୧୦୦ ବିମାନ ଚାଳକ, ଗୋଟିଏ ଆଟ୍‌ଲାସ୍ ଏ-୪୦୦ ଏମ୍ ସାମରିକ ପରିବହନକାରୀ ବିମାନ, ଗୋଟିଏ ଆକାଶମାର୍ଗରେ ଇନ୍ଧନ ଭର୍ତ୍ତି କରିପାରୁଥିବା ସି-୧୩୫ ବିମାନ ଏବଂ ଆଉ ଏକ ଏୟାରବସ୍ ଏ-୩୧୦ କାର୍ଗୋ ଏୟାରକ୍ରାଫ୍ଟ ମଧ୍ୟ ଚାରିଦିନ ପାଇଁ ଭାରତକୁ ଆସିଛି।

ମିଳିଥିବା ସୂଚନା ମୁତାବକ, ସ୍ୱତନ୍ତ୍ର କ୍ଷମତାଧାରୀ ତିନି ରାଫେଲ୍ ବିମାନ ଇଣ୍ଡୋନେସିଆ, ମାଲେସିଆ, ଭିଏତ୍‌ନାମ ଏବଂ ସିଙ୍ଗାପୁର ଯାଇ ଫେରିବା ପରେ ଶନିବାର ଭାରତରେ ଅବତରଣ କରିଥିଲା। ରବିବାର ସନ୍ଧ୍ୟାରେ ଏସବୁ ଯୁଦ୍ଧବିମାନ ଗ୍ୱାଲିୟରସ୍ଥିତ ମହାରାଜପୁର ବାୟୁସେନା ଘାଟିରେ ପହଞ୍ଚିଥିଲା। ପରେ ଆଗ୍ରା ଆକାଶରେ ମଧ୍ୟ ଏଗୁଡ଼ିକର ଉଡ଼ାଣ ହୋଇଛି। ଶତ୍ରୁପକ୍ଷଙ୍କୁ ଟାର୍ଗେଟ କରିବା ଲାଗି ଏଗୁଡ଼ିକର ଉଡ଼ାଣ କୌଶଳ ଶିଖିବାର ସୁଯୋଗ ପାଇଛନ୍ତି ବାୟୁସେନାର ଏକ ପାଇଲଟ୍ ଟିମ୍। ଫ୍ରାନ୍ସ ଦୂତାବାସ ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ଦୁଇଦେଶର ଯୁଦ୍ଧବିମାନଗୁଡ଼ିକ ମିଳିତ ସମରାଭ୍ୟାସ କରିବେ। ଉଭୟ ପକ୍ଷର ପାଇଲଟ୍‌ମାନେ ଅପରର ଯୁଦ୍ଧବିମାନ ମଧ୍ୟ ଉଡ଼ାଣ କରିବେ। ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସାମରିକ ସହଯୋଗିତାକୁ ୨୦ବର୍ଷ ପୂର୍ତ୍ତି ହୋଇଥିବାବେଳେ ସଦ୍ୟ ସମରାଭ୍ୟାସ ଆଉ ଏକ ଉଦାହରଣ ସୃଷ୍ଟି କରିଥିବା ଏଥିରେ କୁହାଯାଇଛି। ବିଭିନ୍ନ ରାଷ୍ଟ୍ରରେ ଯୁଦ୍ଧବିମାନଗୁଡ଼ିକୁ ନେଇ ସାମରିକ କୌଶଳ ପ୍ରଦର୍ଶନକୁ ଫ୍ରାନ୍ସ 'ମିଶନ୍ ପେଗାସ୍' ଭାବେ ନାମିତ କରିଛି। ପ୍ରମୁଖ ସହଯୋଗୀ ରାଷ୍ଟ୍ର ସହ ସମ୍ପର୍କ ମଜଭୁତ କରିବା ଏହାର ମୁଖ୍ୟ ଲକ୍ଷ୍ୟ। ନିକଟରେ ଫ୍ରାନ୍ସ କଣ୍ଟିନ୍‌ଜେଣ୍ଟ ଅଷ୍ଟ୍ରେଲିଆରେ 'ଅପରେଶନ୍ ପିଚ୍ ବ୍ଲାକ୍' ଚଳାଇଥିଲା। ଏହି ମେଗା ମିଳିତ ସମରାଭ୍ୟାସରେ ଭାରତୀୟ ବାୟୁସେନା ମଧ୍ୟ ସାମିଲ ହୋଇଥିଲା। ସେଠାରେ ଆଇଏଏଫ୍ ପାଇଲଟମାନେ ପ୍ରଥମ କରି ରାଫେଲ୍ ଯୁଦ୍ଧବିମାନ ଉଡ଼ାଣ କରିବାର ସୁଯୋଗ ପାଇଥିଲେ। ଜୁଲାଇ ୨୪ରୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବାୟୁସେନାର ପ୍ରାୟ ୧୪୫ ଯୋଦ୍ଧା ପାଇଲଟ୍ ଏଠାରେ କୌଶଳ ପ୍ରଦର୍ଶନ କରିଥିଲେ।



## ସାଇପ୍ରସ୍ ନିବେଶକାରୀଙ୍କୁ କୋବିନ୍ଦଙ୍କ ଆହ୍ୱାନ

**ଦୁଇ ଚୁକ୍ତି ସ୍ୱାକ୍ଷର**



**ନିକୋସିଆ,୩।୯(ପି.ଟି.)-**ତିନିଦିନିଆ ୟୁରୋପୀୟ ରାଷ୍ଟ୍ର ଗସ୍ତରେ ଯାଇଥିବା ଭାରତ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଥମେ ସାଇପ୍ରସ୍‌ରେ ପହଞ୍ଚିଛନ୍ତି। ସୋମବାର ସ୍ଥାନୀୟ ପ୍ରତିପକ୍ଷ ନିକୋସ୍ ଆନାସ୍ତାସିଆଡେସ୍‌ଙ୍କୁ ସାକ୍ଷାତ୍ କରି ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦୁଇ ଦେଶର ସମ୍ପର୍କ ଉପରେ ଗୁରୁତ୍ୱ ଦେବା ସହ ନୂଆଦିଲ୍ଲୀ ଏବଂ ନିକୋସିଆ ମଧ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଅପରାଧ ନିରୋଧୀ ରାଜିନାମା ସ୍ୱାକ୍ଷର ହୋଇଛି। ଭାରତରେ ପୁଞ୍ଜିନିବେଶ ଲାଗି ସାଇପ୍ରସ୍ ନିବେଶକାରୀଙ୍କୁ କୋବିନ୍ଦ ଆହ୍ୱାନ ଦେଇଛନ୍ତି। ସାଇପ୍ରସ୍ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ଉଦ୍‌ବୋଧନ ଦେଇ କୋବିନ୍ଦ ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧିରେ ନିକୋସିଆର ଅବଦାନକୁ ପ୍ରଶଂସା କରିଛନ୍ତି। ଭାରତର ଡିଜିଟାଲକରଣ, ସ୍ମାର୍ଟ ସିଟି, ଭିତ୍ତିଭୂମି ନିର୍ମାଣ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ନିବେଶ ପାଇଁ ଏଠାକାର ବ୍ୟବସାୟୀଙ୍କୁ ଆହ୍ୱାନ ଦେଇଛନ୍ତି।

## ଫୁରସତ


### ସ୍ୱାସ୍ଥ୍ୟକୁ ହିତ କୁକୁର ପାଳନ




**ଷ୍ଟକ୍‌ହୋମ୍:** କୁକୁର ହେଉଛି ମଣିଷର ଆଦିମ ସାଥୀ। ଏହାକୁ ମଧ୍ୟ ମଣିଷର ଉତ୍ତମ ବନ୍ଧୁ ଭାବରେ ବିବେଚନା କରାଯାଏ। କିନ୍ତୁ କୁକୁର ପୋଷିବା ମୁନିବର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି। ସ୍ୱିଡେନ୍‌ରେ କରାଯାଇଥିବା ସଦ୍ୟତମ ଏକ ଅଧ୍ୟୟନର ଫଳାଫଳ ଅନୁଯାୟୀ, କୁକୁର ମାଲିକମାନେ ହୃଦ୍‌ରୋଗରେ ପୀଡିତ ହେବା ଆଶଙ୍କା ଅପେକ୍ଷାକୃତ କମ୍। ଉକ୍ତ ଅଧ୍ୟୟନରେ ୪୦ରୁ ୮୦ବର୍ଷ ବୟସ ମଧ୍ୟରେ ୩୪ଲକ୍ଷ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ତଥ୍ୟାବଳୀକୁ ବିଶ୍ଳେଷଣ କରିବାରୁ ଜଣାପଡିଲା ଯେ, କୁକୁର ପାଳୁଥିବା ଲୋକମାନେ ହୃଦ୍‌ରୋଗରେ ପଡିବା ଆଶଙ୍କା ୨୩% କମ୍। କୁକୁର ରଖିବା ଦ୍ୱାରା ଲୋକଙ୍କ ଚାପ ସମସ୍ୟା ହ୍ରାସ ପାଇଥାଏ। ସେମାନଙ୍କ ହୃଦ୍‌ସ୍ପନ୍ଦନ ଏବଂ ରକ୍ତଚାପ ନିୟନ୍ତ୍ରିତ ରହେ। ଏଥିସହିତ କୁକୁର ରଖୁଥିବା ବ୍ୟକ୍ତି ଶାରୀରିକ ଭାବରେ ସକ୍ରିୟ ରହନ୍ତି। ତେଣୁ ଆଧୁନିକ ଜୀବନ ଶୈଳୀକୁ ବିଚାରକୁ ନେଲେ କୁକୁର ରଖିବା ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଗବେଷକମାନେ ପରାମର୍ଶ ଦେଇଛନ୍ତି।

### ରୋଭର ସହ ଯୋଗାଯୋଗ ଉଦ୍ୟମ

**ୱାଶିଂଟନ୍:**



ମଙ୍ଗଳ ପରିବେଶ ସମ୍ପର୍କରେ ତଥ୍ୟ ଯୋଗାଉଥିବା ମାର୍ସ ରୋଭର ଅପର୍ଚ୍ୟୁନିଟି ସହ ପୁଣି ଯୋଗାଯୋଗ ସ୍ଥାପନ ପାଇଁ ନାସା ଉଦ୍ୟମ କରୁଛି। ନାସା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରୋଭର ଉପରିଭାଗ ଆକାଶ ସମ୍ପୂର୍ଣ୍ଣ ନିର୍ମଳ ହୋଇଯିବା ପରେ ଏହା ସହିତ ପୁଣି ଯୋଗାଯୋଗ ପାଇଁ ଏକ ୪୫ ଦିନିଆ ସକ୍ରିୟ ପ୍ରୟାସ ଅଭିଯାନ ଆରମ୍ଭ ହେବ। ଜୁନ୍ ପ୍ରଥମ ସପ୍ତାହରେ ଏକ ବୃହତ୍ ଧୂଳିଝଡ଼ ଯୋଗୁ ରୋଭର ସୌରଶକ୍ତି ପାଇବାକୁ ଅକ୍ଷମ ହୋଇଥିଲା। ଫଳରେ ଏହା ସହିତ ଯୋଗାଯୋଗ ହୋଇପାରି ନ ଥିଲା। ବର୍ତ୍ତମାନ ଧୂଳିଝଡ଼ର ବ୍ୟାପକତା ହ୍ରାସ ପାଇଛି। ମାର୍ସ ରିକନାଇସାନ୍ସ ଅର୍ବିଟର ନିମନ୍ତେ କାର୍ଯ୍ୟ କରୁଥିବା ପ୍ରକଳ୍ପ ବୈଜ୍ଞାନିକ ରିଚ୍ ଜୁରେକ୍ କହନ୍ତି, ୨୦୧୮ର ମଙ୍ଗଳ ଧୂଳିଝଡ଼ର ବ୍ୟାପକତା ରେକର୍ଡ ସୃଷ୍ଟିକାରୀ। ବର୍ତ୍ତମାନ ରୋଭରଠାରୁ ୩ ହଜାର କିଲୋମିଟର ପରିମିତ ଅଞ୍ଚଳ ମଧ୍ୟରେ ଧୂଳିଝଡ଼ର କୌଣସି ସୂଚନା ନାହିଁ। ସେଥିପାଇଁ ରୋଭର୍‌ର ପୂର୍ବସ୍ଥିତି ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜେଟ୍ ପ୍ରପଲସନ୍ ଲାବୋରେଟରିର ଅପର୍ଚ୍ୟୁନିଟି ପ୍ରୋଜେକ୍ଟ ମ୍ୟାନେଜର ଜନ୍ କୋଲାସ୍ ପ୍ରକାଶ କରିଛନ୍ତି। କିନ୍ତୁ ରୋଭରକୁ ସକ୍ରିୟ କରିବା ପାଇଁ ନାସା ଏହାର ଉଦ୍ୟମକୁ ୪୫ ଦିନ ମଧ୍ୟରେ ସୀମିତ ରଖିଥିବାରୁ ଏହା ସମାଲୋଚକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏ ସମ୍ପର୍କରେ ନାସାର ସହଯୋଗୀ ପ୍ରଶାସକ ଥୋମାସ୍ ଜୁରବଚନ କହନ୍ତି, ମଙ୍ଗଳଯାନକୁ ସକ୍ରିୟ କରିବା କାର୍ଯ୍ୟ ଜାରି ରହିବ। ଧାର୍ଯ୍ୟ ୪୫ ଦିନ ମଧ୍ୟରେ ରୋଭର ସକ୍ରିୟ ନହେଲେ ପୁନଶ୍ଚ ଉଦ୍ୟମ କରାଯିବ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୩.୮ |
| ଚାନ୍ଦବାଲି | ୨୩.୨ | ୨୪.୮ |
| କଟକ | ୩୨.୬ | ୨୩.୪ |
| ପାରାଦ୍ୱୀପ | ୩୧.୭ | ୨୬.୪ |
| ଭୁବନେଶ୍ୱର | ୩୨.୭ | ୨୪.୦ |
| ଗୋପାଳପୁର | ୩୩.୧ | ୨୬.୬ |
| ପୁରୀ | ୩୩.୬ | ୨୬.୦ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୧.୮ | ୨୫.୫ |
| ଝାରସୁଗୁଡ଼ା | ୩୦.୫ | ୨୪.୫ |
| କେନ୍ଦୁଝର | ୨୮.୯ | ୨୩.୪ |
| ସମ୍ବଲପୁର | ୩୧.୪ | ୨୨.୦ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୩୦.୮ | ୨୦.୬ |
| ତାଳଚେର | ୩୨.୧ | ୨୪.୭ |
| ଭବାନୀପାଟଣା | ୩୧.୦ | ୨୪.୦ |
| ବଲାଙ୍ଗୀର | ୩୨.୭ | ୨୪.୨ |
| କୋରାପୁଟ | ୨୫.୬ | ୧୯.୮ |
| ଫୁଲବାଣୀ | --- | ୨୦.୦ |
| ଟିଟିଲାଗଡ଼ | ୩୩.୦ | ୨୧.୫ |
| ମାଲକାନଗିରି | ୩୦.୦ | ୨୪.୪ |
| ସୋନପୁର | ୩୨.୬ | ୨୨.୬ |
| ଦାରିଙ୍ଗିବାଡ଼ି | ୨୭.୨ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ପ୍ରକୃତିର ମଜା ନେଉଛନ୍ତି ପ୍ରିୟଙ୍କା



**ଲସ୍ ଏଞ୍ଜେଲସ୍:** ଆମେରିକୀୟ ଗାୟକ ନିକ୍ ଜୋନାସ୍‌ଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କର ନିର୍ବନ୍ଧ ସରିଥିବା ବେଳେ ଉଭୟ ସ୍ଥାନୀୟ ମାମଥ୍ ମାଉଣ୍ଟେନ୍‌ରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିଛନ୍ତି। ଆମେରିକାରେ ଲେବର ଡେ' ହେଉଛି ଏକ ପବ୍ଲିକ୍ ହଲିଡେ। ଏହାକୁ ସେପ୍ଟେମ୍ବରର ପ୍ରଥମ ସୋମବାର ପାଳନ କରାଯାଏ। ଏହି ଦିନ ଗାୟକ ନିକ୍ ଜୋନାସ୍‌ଙ୍କ ପ୍ରିୟତମ ପ୍ରାକୃତିକ ସ୍ଥଳରେ ଉଭୟ ପ୍ରକୃତି କୋଳରେ କିଛି ସମୟ ଆତ୍ମବିସ୍ମୃତ ହେବାକୁ ପସନ୍ଦ କରିଥିଲେ। ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ପୋଷ୍ଟକରି ତା ତଳେ 'ଏ ମ୍ୟାନ୍ ଆଣ୍ଡ ଦି ମାଉଣ୍ଟେନ୍ସ, ପ୍ରିୟଙ୍କା ଚୋପ୍ରା-ନିକ୍ (୨୫)' ଉଲ୍ଲେଖ କରିଛନ୍ତି। ଉକ୍ତ ଫଟୋରେ ପପ୍ ଷ୍ଟାର ଏକ ବିୟର କ୍ୟାନ୍ ଧରି ପ୍ରକୃତିକୁ ନିରୀକ୍ଷଣ କରୁଛନ୍ତି। ତାଙ୍କର ହାଇକିଙ୍ଗ୍ ବ୍ୟାକ୍‌ପ୍ୟାକ୍ ଏକ ବୃକ୍ଷଶାଖାରେ ଟଙ୍ଗା ହୋଇଥିବାର ଦେଖାଯାଉଛି। ଇତିମଧ୍ୟରେ ପ୍ରିୟଙ୍କା(୩୬) ନିଜ ରୁଚିର ଏକ ଚିତ୍ତ ବିନୋଦନ ସ୍ଥଳରେ ଉଭୟଙ୍କ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ଜୋନାସ୍‌ଙ୍କ ପାଇଁ ମାମଥ୍ ମାଉଣ୍ଟେନ୍ ଦୀର୍ଘଦିନରୁ ଏକ ଅବସର ବିନୋଦନ ସ୍ଥଳ ହୋଇଥିବା ବେଳେ ପ୍ରଥମ ଥର ପାଇଁ ସେ ଓ ପ୍ରିୟଙ୍କା ସେଠାରେ ଏକତ୍ର ହେବାର ସୁଯୋଗ ପାଇଥିଲେ।

## ସଂକ୍ଷେପରେ

### ମହର୍ଷି ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ

ଅନୁଗୋଳ ଅଫିସ, ୩।୯- ଅନୁଗୋଳ ତୁରଙ୍ଗ ସ୍ଥିତ ମହର୍ଷି ବିଦ୍ୟାମନ୍ଦିର ପରିସରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷା ଗାୟତ୍ରୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରମାନେ ଭଗବାନ ଶ୍ରୀକୃଷ୍ଣ ବେଶ ଧାରଣ କରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅଧକ୍ଷା ସାମନ୍ତରାୟ ଭଗବାନ ଶ୍ରୀକୃଷ୍ଣଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପରେ ରାଧା, କୃଷ୍ଣ ବେଶ ଧାରଣ କରିଥିବା ଛାତ୍ରୀଛାତ୍ର ନିଜ ଅଭିନୟ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ସେହିପରି ସୁସୁଡ଼ା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ସମ୍ପାଦକ ସୁମନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅଧାପକ ପ୍ରଦୀପ ଦାଶ ଯୋଗଦେଇ କୃଷ୍ଣ ଜନ୍ମର ମହାତ୍ମ୍ୟ ବର୍ଣ୍ଣନା କରିଥିଲେ। ଶିକ୍ଷକ ସଚିନ ସାହୁ ଓ ସୁବାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ତାଳଚେରରେ ବଢ଼ୁଛି ଚୋରି, ଡକାୟତି

# ପୋଲିସ ଉପରୁ ତୁଟୁଛି ଭରସା

**ତାଳଚେର,୩।୯(ନି.ପ୍ର.)**

ତାଳଚେର ଶିଳ୍ପାଞ୍ଚଳରେ କୋଇଲା ଓ ତେଲ ଚୋରି ଘଟଣା ନିତିଦିନିଆ ହୋଇଥିବା ବେଳେ ଗତ କିଛି ମାସ ହେଲା ଏଠାରେ ଡକାୟତି, ଚୋରି, ରାହାଜାନି ପରି ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଥାନାରେ ଅଭିଯୋଗ ହେଉଥିଲେ ବି ପୋଲିସ ଦୁର୍ବୃତ୍ତଙ୍କ ନିକଟରେ ପହଞ୍ଚିପାରୁ ନାହିଁ କି ଲୁଟ୍ ସାମଗ୍ରୀ ଉଦ୍ଧାର କରିପାରୁ ନାହିଁ। ପୋଲିସର ଏପରି ଅପାରଗତା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

ଗତ ଅଗଷ୍ଟ ୩୦ରେ ଏମ୍‌ସିଏଲ୍ ସେଣ୍ଟ୍ରାଲ କଲୋନୀ ୱାର୍କଶପ୍‌ରେ ରହୁଥିବା ମାଇନିଂ ଇଞ୍ଜିନିୟର ମଦନ ମୋହନ ବିଶ୍ୱାଳଙ୍କ ସି/୧୨ କ୍ୱାର୍ଟର୍ସରେ ଡକାୟତି ହୋଇଛି। ଘରେ ଏକୁଟିଆ ଥିବା ତାଙ୍କ ସ୍ତ୍ରୀଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ନଗଦ ୪୦ ହଜାର ଟଙ୍କା ଓ ୨୫ ଭରି ସୁନା ଅଳଙ୍କାର ନେଇଯାଇଛନ୍ତି। ଏ ସଂକ୍ରାନ୍ତରେ ବିକ୍ରମପୁର ପୋଲିସ ନଂ. ୧୦୦/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲେ ବି ଏଯାଏ ସଫଳତା ପାଇପାରି ନାହିଁ। ସେହିପରି ଅଗଷ୍ଟ ୨୭ରେ ଗ୍ରୋସରୀ ବ୍ୟବସାୟୀ ଅମର ସାହୁ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଭୁଜାଲିରେ ହାଣି ୫୩ଶହ ଟଙ୍କା ଲୁଟି ନେଇଥିଲେ। ଅଗଷ୍ଟ ୧୭ରେ ଏକ ଫାଇନାନ୍ସ କମ୍ପାନୀର ମ୍ୟାନେଜର ସାନୁଜ କୁମାର ନାଏକଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ଶିବରାମପୁର ନିକଟରେ ୫୧ ହଜାର ଟଙ୍କା ଲୁଟ୍ କରାଯାଇଥିଲା। ଅଗଷ୍ଟ ୩ରେ ହାଣ୍ଡିଧୂଆଁ ଗଣେଶ ବଜାରଠାରେ ରହୁଥିବା ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ୨୭୫ ଗ୍ରାମ ସୁନା ଓ ରୁପା ଅଳଙ୍କାର ଲୁଟ୍ ହୋଇଥିଲା। ଏହାର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗୃହ ମାଲିକ ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ କଲିୟାରୀ ପୋଲିସ ନଂ. ୨୧୩/୧୮ରେ ଏକ ମାମଲା ରୁଜୁ କରିଥିଲେ ବି ଦୁର୍ବୃତ୍ତମାନଙ୍କୁ ଧରିପାରି ନାହିଁ। ସେହିପରି ବଲଣ୍ଡା ଫାଣ୍ଡି ନିକଟରେ ଥିବା ଏମ୍‌ସିଏଲ୍ କର୍ମଚାରୀ ବିଦ୍ୟାଧର ଦାସଙ୍କ ଘରୁ ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କା ସହ ବହୁ ପରିମାଣର ସୁନା ଅଳଙ୍କାର ନେଇ ପଳାଇ ଥିଲେ। ବିଦ୍ୟାଧର ସନ୍ଧ୍ୟାରେ ହୋଟେଲକୁ ରୁଟି ଆଣିବାକୁ ଯାଇଥିବା ବେଳେ ଡକାୟତମାନେ ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ଆଲମିରାରେ ଥିବା ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ଏପରି ଚୋରି, ଲୁଟ୍ ଓ ଡକାୟତି ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣରେ ଭୟର ବାତାବରଣ ଖେଳିଯାଇଥିବା ବେଳେ ପୋଲିସ କେବଳ ମାମଲା ରୁଜୁ କରିବା ବ୍ୟତୀତ ଅନ୍ୟ କୌଣସି ପଦକ୍ଷେପ ନେଇପାରୁ ନ ଥିବା ଚର୍ଚ୍ଚା ହେଉଛି। ଏପରି କି ସମାଲୋଚନା ଭୟରେ ପୋଲିସ ଅନେକ ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ମଧ୍ୟ ଦେଉନାହିଁ। ଏପରି କାର୍ଯ୍ୟ ଯୋଗୁ ପୋଲିସ ଉପରୁ ଲୋକଙ୍କ ଭରସା ତୁଟିଯିବାରେ ଲାଗିଥିବା କୁହାଯାଉଛି।

## ଶାନ୍ତି ରକ୍ଷା ଉପରେ ଗୁରୁତ୍ୱ

**କଣିହାଁ/ବଆଁରପାଳ ,୩।୯(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ୍ ଥାନା ତରଫରୁ ଗଣ୍ଡମାଳା ପଞ୍ଚାୟତ ଅଫିସ ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କୁନୀ ଦେହୁରୀଙ୍କ ସମେତ ଥାନା କର୍ମଚାରୀ, ବୁଦ୍ଧିଜୀବୀ, ସଦସ୍ୟମାନେ ଯୋଗ ଦେଇଥିଲେ। ଥାନା ସହିତ ପଞ୍ଚାୟତ ଅଞ୍ଚଳରେ ଉପୁଜୁଥିବା ସମସ୍ୟାକୁ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଶାନ୍ତି ରକ୍ଷା ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଆଇଆଇସି ସରୋଜ କାନ୍ତ ସାମଲ କହିଥିଲେ। ସେହିପରି ବଆଁରପାଳ ପୋଲିସ ତରଫରୁ ଗୋତମରାଠାରେ ଥାନା ଅଧିକାରୀ କନକ କୁମାର ମାଝିଙ୍କ ସଭାପତିତ୍ୱରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଏସ୍‌ଆଇ ନରେଶ ସିଂ, ସରପଞ୍ଚ ଆଭା ପଣ୍ଡା, ସୁବାସ ପଟ୍ଟନାୟକ, ଦୁଷ୍ମନ୍ତ ଦଳ ବେହେରା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



@ ଅରୁଣ



@ ବିଜୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

## ବଚପନରେ ଜନ୍ମାଷ୍ଟମୀ ପାଳିତ





ଶିଶୁମାନେ କୃଷ୍ଣଙ୍କ ବେଶରେ ସଜେଇ ହୋଇଛନ୍ତି।

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ମିଶ୍ରପଡ଼ାସ୍ଥିତ ବଚପନ ପ୍ଲେ ସ୍କୁଲ ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ଲିପିକା ଗଡ଼ନାୟକ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ସମ୍ପର୍କରେ କୁନି କୁନି ପିଲାମାନଙ୍କୁ ଅବଗତ କରାଇଥିଲେ। ଛାତ୍ରୀଛାତ୍ର ଶ୍ରଦ୍ଧାପ୍ରିୟା, ପ୍ରିୟାଂଶୁ, ତନୁଶ୍ରୀ, ଇଶାନ, ଆୟୁଶ, ଦିବିଜା ସାହୁ, ପ୍ରେୟାସି, ଦିକସାନ, ନିର୍ଲିପ୍ତା, ଅସିମ, ନମନ, ଆୟାରା, ଦିବିଜା, ପ୍ରେକ୍ଷ୍ୟା, ମାହିତ, ପ୍ରିସା, ଆରୁଷ, ସାନିସ, ଅନନ୍ୟା, ବିଭାବନା ଓ ଦୀପ୍ତେଶ କୃଷ୍ଣ ଏବଂ ଯଶୋଦା ବେଶରେ ସୁସଜ୍ଜିତ ହୋଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍କୁଲ ଅଧକ୍ଷା ଯସପାଲ ପଟ୍ଟନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ଇଭାଲିନ ରଥ, ଇପ୍ସିତା ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଳା ବ୍ୟାଜ ପିନ୍ଧିଲେ କେବିକେ କର୍ମଚାରୀ

**ଅନୁଗୋଳ ଅଫିସ, ୩।୯**



କଳାବ୍ୟାଜ ପିନ୍ଧିଥିବା କର୍ମଚାରୀମାନେ।

ବିଭିନ୍ନ ସମସ୍ୟାର ସମାଧାନ ଦାବି ସହ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବକୁ ବିରୋଧ କରି ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର (କେବିକେ) କର୍ମଚାରୀମାନେ ସୋମବାର କଳା ବ୍ୟାଜ ପରିଧାନ କରି ବିରୋଧ ପ୍ରଦର୍ଶନ କରିଛନ୍ତି। କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ, ବିଭିନ୍ନ ସମୟରେ କର୍ତ୍ତୃପକ୍ଷ ସେମାନଙ୍କୁ ଅବହେଳା କରିଆସିଛନ୍ତି। ଚାକିରି ସ୍ଥାୟିତ୍ୱ, ଆର୍‌ଏସିପି/ସିଏଏସ, ଜାତୀୟ ପେନ୍‌ସନ ଯୋଜନା, ସାମାଜିକ ସୁରକ୍ଷା, ଭାରତ ସରକାରଙ୍କ ବୁଝାମଣା ପତ୍ରର ଠିକ ରୂପାୟନ, ସମାନ କାମକୁ ସମାନ ଦରମା ଆଦିର ସମାଧାନ କରିବାକୁ ବାରମ୍ବାର ଦାବି କରାଯାଇଥିଲେ ବି କର୍ତ୍ତୃପକ୍ଷ ସେଥିପ୍ରତି ଧ୍ୟାନ ଦେଉନାହାନ୍ତି। ବିଭିନ୍ନ ସମୟରେ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷିତ କୃଷିଜୀବୀ ଓ ମହିଳା ରାଜ୍ୟ ସମେତ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ରାଜ୍ୟକୁ ଜାତୀୟ ସ୍ତରରେ ପୁରସ୍କୃତ ମଧ୍ୟ କରାଯାଉଛି। କିନ୍ତୁ ସରକାର କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀଙ୍କ ଦାବି ପୂରଣ କରୁ ନାହାନ୍ତି। ତୁରନ୍ତ ସରକାର ସେମାନଙ୍କ ଦାବି ପତ୍ର ବିଚାରକୁ ନେବାକୁ କର୍ମଚାରୀମାନେ ଦାବି କରିଛନ୍ତି।

## ମହିଳା କଲେଜରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ମହିଳା ମହାବିଦ୍ୟାଳୟର ରାଜନୀତି ବିଭାଗ ପକ୍ଷରୁ ନାରୀବାଦ ଏକ ସମାଜିକ ଆନ୍ଦୋଳନ ବିଷୟବସ୍ତୁକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ବିଭୂତି ଭୂଷଣ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ଅରୁଣା ମିଶ୍ର ନାରୀବାଦ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀ ଲିପ୍ସା ବେହେରା, ପ୍ରୀତିନନ୍ଦା ସାମଲ, ଜ୍ୟୋତ୍ସ୍ନାରାଣୀ ସାହୁ ଓ ଆମ୍ରଜା ଦେ ପ୍ରସ୍ତୁତ କରିଥିବା ନାରୀବାଦ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧାପକ ଡ. ଅକ୍ଷୟ କୁମାର ପଣ୍ଡା, ପ୍ରାଧ୍ୟାପିକା ସଙ୍ଗିତା ଦାସ ଓ ପ୍ରାଧ୍ୟାପିକା ନିରଜା ସାହୁଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ତ୍ରିଦିବସୀୟ ସଂସ୍କୃତ ଦିବସ

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳସ୍ଥିତ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟରେ ତ୍ରିଦିବସୀୟ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର, ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଅଖିଳ ବିହାରୀ ଧଳସାମନ୍ତ, ପ୍ରମୋଦ ପରିଡ଼ା, ସୁଷମା ଜୈନ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଅଧାପକ ଧଳସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଦେବାଶିଷ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧକ୍ଷ ନାରାୟଣ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ବିଦ୍ୟାର୍ଥୀମାନେ ସହଯୋଗ କରିଥିଲେ।

## ଚକ୍ଷୁଦାନ ପାଇଁ ସଚେତନତା କାର୍ଯ୍ୟକ୍ରମ



ଛାତ୍ରୀଛାତ୍ରମାନେ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ।

**ଅନୁଗୋଳ ଅଫିସ, ୩।୯–** ଏନ୍‌ପିସିପି ପକ୍ଷରୁ ଚକ୍ଷୁ ଦାନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲୋକଙ୍କୁ ସଚେତନ କରିବା ନିମନ୍ତେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ରଚନା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ବିଜୟ କୁମାର ସାହୁ, ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ, ଦୀପିକା ମିଶ୍ର ପ୍ରମୁଖ ଯୋଗଦେଇ ଚକ୍ଷୁ ଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


**OFFICE OF THE DISTRICT MAGISTRATE & COLLECTOR, SAMBALPUR, S.H. SPORTS SECTION**

**TENDER CALL NOTICE No. 120/S.H. sbp date 01.09.2018**

Sealed Tenders are invited through Speed Post/ Registered Post only from the authorized Dealer/ Manufactural Registered Firms/ Suppliers for supply of Sports dress Materials & Shoes materials etc for the Sports Hostel, Sambalpur which must be reach to the District Sports Officer, District Sports Office, Sambalpur latest by 5.00 P.M. on 03.10.18 positively. And the Tender will be opened on 04.10.18 at 4.00 P.M. Details regarding Tender Call Notice can be obtained from the official website of the Collectorate, Sambalpur i.e www.sambalpur.nic.in.

*Sd./- Coach in Charge, Sports Hostel, Sambalpur*

**OFFICE OF THE CHIEF CONSTRUCTION ENGINEER UPPER INDRAVATI IRRIGATION PROJECT**

AT/PO: MUKHIGUDA, DIST.- KALAHANDI, ODISHA, PIN: 766026
Email ID: seuircc@rediffmail.com

Lr. No. 822 Dt. 01.09.2018

**CANCELLATION NOTICE**

**Bid Identification No. CCE UIIP-01(01-02)/2018-19, Dt.10.04.2018**

**No. 471-A:-** The tender for work "Renovation and Restoration of Upper Indravati Right Main Canal under CLSRP from RD 00KM to 41.10KM" invited vide Bid Identification No. CCE UIIP-01(01-02)/ 2018-19, dt.10.04.2018 is hereby cancelled as per Govt. in DoWR letter no. II-T-UIP-2/2018-22978/WR dated 29.08.2018.

*Sd./- Chief Construction Engineer*
*Upper Indravati Irrigation Project*

32352/11/0006/1819

Classified Display
on
Every Tuesday and Friday

**ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା**
**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର**

**ବ୍ଲକ୍‌ସ୍ତରୀୟ ଜନଶୁଣାଣି**

**No. CAD-788:-** ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ୨୦୧୭-୧୮ ଆର୍ଥିକବର୍ଷର ଅକ୍ଟୋବର ମାସଠାରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକ୍‌ସ୍ତରୀୟ ଜନଶୁଣାଣି ପାଇଁ ଅସଟ (OSSAAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ପଞ୍ଚାୟତ ସମିତି ପରିସରରେ ଦିନ ଓ ସମୟ ଧାର୍ଯ୍ୟ କରାଯାଇଛି।

ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ହିତାଧିକାରୀ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରି ଯୋଜନାର କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ, ସୁନିଶ୍ଚିତ କରିବା ଓ ଯୋଜନାକୁ ସଫଳତାର ସହିତ ଆଗେଇ ନେବା ପାଇଁ ଆପଣଙ୍କର ସହଭାଗିତା, ବହୁମୂଲ୍ୟ ମତାମତ, ଆପତ୍ତି ଓ ଅଭିଯୋଗ ଉପସ୍ଥାପନାକୁ ଜିଲ୍ଲା ପ୍ରଶାସନ ସ୍ୱାଗତ କରୁଛି।

**କାର୍ଯ୍ୟସୂଚୀ:**

| କ୍ର. ନଂ. | ବ୍ଲକ୍‌ର ନାମ | ତାରିଖ | ସମୟ (ପୂର୍ବାହ୍ନ) | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|
| ୧ | ଚନ୍ଦାହାଣ୍ଡି | ୧୦।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୨ | ଡାବୁଗାଁ | ୧୧।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୩ | ଝରିଗାଁ | ୧୨।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୪ | ନନ୍ଦାହାଣ୍ଡି | ୧୪।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୫ | କୋଷାଗୁମୁଡ଼ା | ୧୮।୦୯।୨୦୧୮ | ୧୦.୦୦ | ଅତିରିକ୍ତ ଜିଲ୍ଲାପାଳ, ନବରଙ୍ଗପୁର |
| ୬ | ନବରଙ୍ଗପୁର | ୧୯।୦୯।୨୦୧୮ | ୧୦.୦୦ | ଜିଲ୍ଲାପାଳ, ନବରଙ୍ଗପୁର |
| ୭ | ପାପଡ଼ାହାଣ୍ଡି | ୨୨।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୮ | ରାଇଘର | ୨୪।୦୯।୨୦୧୮ | ୧୦.୦୦ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |
| ୯ | ତେନ୍ତୁଳିଖୁଣ୍ଟି | ୨୫।୦୯।୨୦୧୮ | ୧୦.୦୦ | ଉପଜିଲ୍ଲାପାଳ, ନବରଙ୍ଗପୁର |
| ୧୦ | ଉମରକୋଟ | ୨୬।୦୯।୨୦୧୮ | ୧୦.୦୦ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶ
ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସ୍ୱା./- ଜିଲ୍ଲାପାଳ ତଥା କାର୍ଯ୍ୟକ୍ରମ ସଂଯୋଜକ
ନବରଙ୍ଗପୁର

19076/11/0003/1819

**State Health Assurance Society, Odisha**
Deptt. of Health & Family Welfare, Govt. of Odisha
Bhubaneswar-751012, District-Khordha (Odisha)
Phone No.-0674-2560311,
Email ID, snaodisha@gmail.com

**Tender for hiring an agency to deal with IEC activities through road shows (Caravan Movement), documentation, animation movies & wall paintings for promoting Biju Swasthya Kalyan Yojana in Odisha**

**Advt No. 09/2018** **Date:04.09.2018**

No.402-E: Sealed tenders are invited from eligible bidders for undertaking IEC activities for promoting Biju Swasthya Kalyan Yojana in Odisha. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 07.09.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 24.09.2018, 3.00 PM. The technical bid shall be opened on 24.09.2018 at 3.30 PM. Presentation by qualified bidders will be held at 25.09.2018 at 11.30 AM. The undersigned reserves the right to reject any or all the tenders or cancel the tender without assigning any reason thereof.

10001/11/0022/1819

**Sd./- Chief Executive Officer,**
**State Health Assurance Society, Odisha**

## GOVERNMENT OF ODISHA
No.685-O
## OFFICE OF THE EXECUTIVE ENGINEER, RURAL WORKS DIVISION, JHARSUGUDA
Tel. : 06645-271643, Email : eerw_jharsuguda@yahoo.co.in

**Bid Identification No. Online - EEJSG - 03 of 2018-19**

### NOTICE INVITING TENDER FOR BUILDING WORKS IN ODISHA

**NATIONAL COMPETITIVE BIDDING THROUGH e-Procurement**

1. Name of the work : Building works as per DTCN available in the www.tendersorissa.gov.in
2. Total No. of Work : 01 no.
3. Estimated Cost : Rs. 65.98 Lakhs
4. Period of completion : 9 (Nine) Calendar Months
5. Period and Time of availability of bid document in the portal for bidding : Dt. 03.09.2018 at 11.00 A.M. to 12.09.2018 upto 5.00P.M.
6. Date and Time of bid opening : Dt. 17.09.2018 at 11.00 A.M.
7. Name and address of the officer inviting Bid : E.E., R.W.Division, Jharsuguda

(1) Other details can be seen from Detailed notice Inviting Tenders, available in website **www.tendersorissa.gov.in**.
(2) Corrigendum if any shall only be published in the above website.

**Sd./- (Rashmi Ranjan Mishra )**
**Executive Engineer**
25104/11/0003/1819 **R.W. Division, Jharsuguda**

## OFFICE OF THE EXECUTIVE ENGINEER, LIFT IRRIGATION DIVISION, CUTTACK
Tel. 0671-2414433, eeolic_ctc@yahoo.in

### Quotation Call Notice For Hiring of Vehicle - 13 / 2018-19 Dt.31.08.2018

No. CAD-791: Sealed quotations are invited from interested reputed travel agencies / tour operations / private individuals for providing 1 (One) Non A/C diesel driven Bolero (Mahindra) vehicle having sitting capacity not more than seven including driver which shall conform to the terms and conditions for official use in this office on monthly rent basis. The application form of quotation containing general bid information & terms and conditions for hiring of vehicles etc. will be available with Office of the Executive Engineer, L.I. Division, Cuttack, Zobra, Cuttack- 753007 on payment of Rs. 100/- + 5% GST from **03.09.2018** or can be downloaded from Odisha Govt. website **www.odisha.gov.in** from 03.09.18 to 10.09.2018. The quotation completed in all should reach the **Office of the Executive Engineer, L.I. Division, Cuttack, Zobra, Cuttack- 753007** on or before **10.09.18** by **2 PM** and shall be opened on the same day at **3 PM**.

32238/11/0020/1819 **Sd./- Executive Engineer**

## GOVT. OF ODISHA
No.468-A
## OFFICE OF THE EXECUTIVE ENGINEER JAJPUR IRRIGATION DIVISION, JAJPUR
Office Phone No.06728-222022
Email – jpt.irrigation@gmail.com

### 'e' -Procurement Notice No.02/ 2018-19

1. Name of work : Restoration, protection & Improvement works.
2. Total No. of Packages : **12 (Twelve)** Nos. of packages only.
3. Estimated Cost : Varies from **Rs.12.87 Lakhs** to **Rs.44.43 Lakhs**
4. Mode of Payment of EMD (Bid Security) & Bid Cost : The bidder shall transfer the required amount of EMD (Bid Security) and cost of Bid by Online through electronic Payment as per Govt. of Odisha WDOM No.17254/W Dated 05.12.2017 as mentioned in DTCN.
5. Period of completion : **6 (Six)** Calendar Months.
6. Other details as follows:
(i) Procurement Officer : **Executive Engineer, Jajpur Irrigation Division, Jajpur**
(ii) Period of online Bidding : **05.09.2018 from 10.00 Hrs. to 15.09.2018 up to 17.00 Hrs.**
(iii) Date & time of opening of Bid through Online : **17.09.2018** at **10.00 Hrs.** in the office of the Executive Engineer, Jajpur Irrigation Division, Jajpur.
(iv) Date of transparent Lottery to be conducted (if required) : **25.09.2018** at **11.00 Hrs.** in the office of the Executive Engineer, Jajpur Irrigation Division, Jajpur

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
32130/11/0004/1819 **Jajpur Irrigation Division, Jajpur**

## GOVT. OF ODISHA
No.456-A
## OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR

### 'e' Procurement Notice No.CELMB 24 OF 2018-19

1. Name of the work : Bank protection to left & right bank of river Jambhira near village Rahidhia to Kusudiha under NABARD Assistance RIDF – XXIV.
2. Amount put to Tender : Rs.6,56,70,520.00
3. Bid Document Cost : Rs.10, 000.00 (online)
4. E.M.D. : Rs.6,56,800.00 (online)
5. Class of Contractor : Special Class & Super Class
6. Period of Completion : 12 calendar months (365 Days)
7. Other details are as follows

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer, FC & Basin Manager, LMB, Bhubaneswar | CELMB MAYD 01 OF 2018-19 | 05.09.2018 10.00hrs | 20.09.2018 17.00hrs | 22.09.2018 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website **www.tendersorissa.gov.in**.

**Sd./- Chief Engineer, FC & Basin Manager**
32252/11/0029/1819 **Lower Mahanadi Basin**

# PANCHAYAT SAMITI, DHANKAUDA
## BID IDENTIFICATION No. 04.2018-19

**No. 2559 Dt 03.09.2018**

1. The Block Development Officer, Dhankauda, on behalf of Governor of Odisha invites Percentage Rate Bids in Single Cover System for Civil Works as detailed in the table from the class of eligible Contractors as mentioned in column -5(Five) Registered with the state Governments and Contractors of equivalent Grades/ Class Registered with Central Government/ MES/ Railways to be eventually drawn up in PWD P-1 Agreement Form.

| Sl. No | Name of the work | Approximate Value of work | Period of Completion | Class of Contractor | Bid Security @ 1 % | Cost of bid document (including) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Kalyan Mandap at Hirakud Ward No.11,SMC | 49,99,000/- | 12 (Twelve) Calendar months | "B" & "A" Class | 49,990/- | Rs 6,000/- |
| 2 | Improvement of Mini Stadium at Hirakud, Ward No. 11, SMC. | 33,79,000/- | 06(Six) Calendar months | "B" & "C" Class | 33,790/- | Rs. 6,000/- |

2. The sale of the Bid documents shall start from Dt 05.09.2018 at 10.00 AM to Dt 24.09.2018 at 5.00 PM during office hours in the office of the undersigned. The Bid documents can be purchased on cash payment of Rs. 6,000/-(Rupees six thousand) only from the office of the undersigned by contractor or his/ her authorized representatives.
3. Bid documents shall be received by the undersigned upto 5.00 PM of 25.09.2018 through Registered Post/ Speed Post only. The Authority will not be held responsible for any postal delay in delivering of the Bid documents or non-receipt of the same.
4. The bid will be opened on Dt 26.09.2018 at 11.00 AM in the office chamber of the undersigned in presence of the Members of the Block Level Tender Committee and the Bidders or their Authorized Representatives.
5. The Terms and Conditions and other details can be viewed in the office Notice Board of BDO, Dhankauda.
6. The Authority reserves the right to reject any or all the bids without assigning any reason thereof.

**Sd/- (Sri S.K. Biswal)**
**Block Development Officer, Dhankauda**

## ODISHA INDUSTRIAL INFRASTRUCTURE DEVELOPMENT CORPORATION
idco Your power to grow | ODISHA NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022

No. HO/Civil/T&E/E/4433/01/2018/18435 Date:01.09.2018

### QUOTATION CALL NOTICE

Sealed Quotations are invited from the original Manufacture or their Authorized Dealers (Marino Besco-Hanex/Greenlam Sturdo and equivalent) or firms who have supplied similar nature of items having GST No. & Valid PAN for "**Supplying, fitting and fixing of Cubicles, Vanity Counters along with accessories fittings & fixtures for West Stand, Kalinga Stadium Bhubaneswar**". The firms are required to furnish experience certificate in this regard. The last date of submission of the quotation is 17.09.2018 by 3.30 P.M. and the quotation will be opened on the same day at 4.00P.M. For the detail Quotation Call Notice, Terms & Condition, Specification and B.O.Q, Please visit our web site **www.idco.in** (Tender- Quotation section)

**Sd/-**
**Chief General Manager (Civil) I/C**
**IDCO, Bhubaneswar**

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION, KHARIAR
Email:- eerwkhariar@gmail.com

**BID IDENTIFICATION NO. RWKHR-03/2018-19 (Online)**
**Date:28.08.2018**

### "e" PROCUREMENT NOTICE

No. 681-O: Bid documents consisting of Work, Estimated Cost, EMD, Cost of tender Paper, Class of Contractor, Time of Completion and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the Work : Building Works
2. Total No of Works : 01 No.
3. Estimated Cost : Rs.35 lakhs
4. Period of Completion : 04 Calendar Months
5. Other Details :

| Availability of Tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|
| From | To | | |
| 05.09.2018 At 10:00 AM | 15.09.2018 upto 5:00 PM | 12.09.2018 upto 5:00 PM | 20.09.2018 at 11.00 AM |

Further details can be seen from the website **www.tendersorissa.gov.in**.

**Sd./- Executive Engineer,**
25152/11/0002/1819 **Rural Works Division, Khariar**

## OFFICE OF THE SR. GENERAL MANAGER (ELECTRICAL) UPPER INDRAVATI HYDRO ELECTRIC PROJECT, MUKHIGUDA,
**DIST: KALAHANDI-766026, Ph.No. 9437073301, Fax:06673-252253**
**E-mail: sgmel_uihep@ohpcltd.com**

## ODISHA HYDRO POWER CORPORATION LTD.
**(A GOVERNMENT OF ODISHA UNDERTAKING)**
OHPC ISO 9001-14001 18001 Certified
**Regd. Office OSPH & W.C Building, Vanivihar Chhak**
**Janpath, Bhoinagar, Bhubaneswar-751022,**
Tel: 91-0674-2542983, 2542802, 2545526, 2542826
Fax:2542102, E-Mail: ohpc.co@gmail.com /
md@ohpcltd.com, WEB: www.ohpcltd.com, CIN: U40101OR1995SGC003963

TENDER CALL NOTICE NO.28/2018-19 DTD.31.08.2018

No.CAD-783: The Unit Head, UIHEP, Mukhiguda invites sealed tenders in two parts from registered Travel Agencies / Vehicle Owners only for the following work.

| Name of Work | Estimated cost In Rs. | EMD in Rs. | Cost of Tender paper in Rs. |
|---|---|---|---|
| Deployment of Two nos. Hired light vehicle (Mahindra Bolero / Marshal / Max / Tata Sumo) for Maintenance Division of UIHEP, Mukhiguda for (03) three years. | Rs.14,00,400/- | 1% of quoted amount | Rs. 7,080/- inclusive of GST |

The sale of tender paper: from **11:00 Hrs.** of **06.09.2018** to **13:00 Hrs.** of **20.09.2018**
The last date & time of receipt of tenders: upto **13:00 Hrs** of **20.09.2018**
The date & time of opening of Techno Commercial bid : **12:30 Hrs** of **25.09.2018**
For details of tender documents, Terms and Conditions, Eligibility Criteria and downloading please visit our website **www.ohpcltd.com**.

**Sd./- Sr. General Manager (El.)**
32136/11/0039/1819 **UIHEP, Mukhiguda**

# SHORT TENDER CALL NOTICE
## OFFICE OF THE D.G & I.G. OF POLICE, ODISHA, CUTTACK
No.202-D

1. Sealed tenders are invited from the Original Equipment Manufacturers (OEM) or their Authorized Agent for purchase of Hardware Equipments for Installation of Centralized Monitoring System (CMS) for Odisha Police (SIW, Bhubaneswar) under MPF Scheme during the current financial year, 2018-19.
2. Name of items along with detail technical Specifications, probable requirements against each item may be seen from the Govt. of Odisha website i.e. **www.odisha.gov.in**. The quantity may vary during indent of the items depending upon budgetary allocation.
3. Date of Issue of Tender documents from **dtd:04.09.2018** at **10.00 AM** to **dtd:28.09.2018** upto **5.00 PM**.
4. Last date for receipt of sealed Tender on **dtd:29.09.2018** up to **5.00 PM**.
5. Date for opening of sealed Tenders / Technical Bids on **dtd:01.10.2018** at **1.30 PM at the Office of the Supdt. of Police, Security Wing, Odisha, Bhubaneswar**.
6. For further clarification, if any, intending bidder may contact **Supdt. of Police, Security Wing, Odisha, Bhubaneswar** in his e-mail: spsecurity.orpol@nic.in (Phone-0674-2536603 / Telefax - 2531372).

**A.I.G. of Police (Provisioning),**
**Odisha, Cuttack**
12018/11/0027/1819 **(Tender Calling Authority)**

## ODISHA STATE HOUSING BOARD
**SCHIVALAYA MARG, BHUBANESWAR - 751001**
**Phones EPABX : (0674) 2393524, 2390141, 2391542, 2393277,**
**Fax : (0674) 2393952, Visit us at : http://www.oshb.org.**

**No. 10864/OSHB** **Dated : 03.09.2018**

**Bid Identification No. -07/CE/OSHB/2018-19**
**E-Procurement notice for online bidding**
**Chief Engineer, OSHB invites online bids as per the following schedule**

| Sl. No. | Name of the work | Value of the Work (Rs. lakh) | Con-cerned T.I.A. | Security Amount (Rs. lakh online) | Cost of Bid Docu-ment (Rs.) (Online) | Class of Bidder | Period of comple-tion |
|---|---|---|---|---|---|---|---|
| 1 | Supply, installation, testing and commissioning of 05. nos of 10 (ten) passenger lifts & 02 nos Goods lifts including supply and installation of Servo stabilizers and comprehensive annual maintenance (CMC) for two years excluding the OEM provided warranty to "Multi-Storied residential apartment at phase-VI at Dumuduma, Bhubaneswar | 178.00 | Chief Engi-neer OSHB | 1.78 | 10000 + GST (18%) = 11800.00 | Manu-facturer / Autho-ruised Dealer | 06 (six) Calendar months |
| 2 | Supply, installation, testing and commissioning of 10 Nos of 8(eight) passenger lifts including supply and installation of Servo stabilizers and comprehensive annual maintenance (CMC) for two years excluding the OEM provided warranty to "Multi-Storied residential apartment (MIG Block) at phase- VII at Dumuduma Bhubaneswar | 148.00 | Chief Engi-neer, OSHB | 1.48 | 10000+ GST (18%) = 11800.00 | Manu-facturer / Autho-rised Dealer | 06 (Six) Calendar months |

1. Other details

| Procurement Officer | Bid Identification No. | Availability of Bids for online bidding | |
|---|---|---|---|
| Chief Enginer, OSHB, Bhubaneswar | 07/CE/OSHB/2018-19 | From Dt. 05.09.2018 at 1.00 P.M. | To. Dt. 20.09.2018 upto 3.00 P.M. |

2. Place and date of Opening of the bids : Office of the Chief Engineer, OSHB, Bhubaneswar at 12.00 Noon on Dt. 22.09.2018
Further details can be seen from the website : www.tendersodisha.gov.in,
Any Corrigendum / addendum shall be published in the website : www.tendersodisha.gov.in only

**Sd./- Chief Engineer**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର,
ୟୁନିଟ୍-୮, ଭୁବନେଶ୍ୱର- ୭୫୧୦୧୨

ସଂଖ୍ୟା : ୧୦୨୬୭ / IND-II-PH-762 ତାରିଖ : ୦୧.୦୯.୨୦୧୮

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଲାଲ ଟ୍ରେଡ୍ସ ଆଣ୍ଡ ଏଜେନ୍ସି ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା, କୁସୁମି ତହସିଲ ଅନ୍ତର୍ଗତ ଧାଙ୍ଗଡ଼ିମୁଟ, ବୁଢ଼ିଝରଣ ଗ୍ରାମ ଏବଂ ବାଦାମପାହାଡ଼ ଆର୍.ଏଫ୍‌ଠାରେ ୧୨୯.୬୧ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ବାଦାମପାହାଡ଼ ଲୌହ ପଥର ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୦.୭୨ ନିୟୁତ ମେଟ୍ରିକ ଟନ୍‌ରୁ ୧.୫ ନିୟୁତ ମେଟ୍ରିକ ଟନ୍‌କୁ ବୃଦ୍ଧି** କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି। ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମିତ୍ତ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା. ୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମିତ୍ତ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କ ଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମିତ୍ତ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇ ପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୧୦.୧୦.୨୦୧୮ରିଖ ଦିବା ୧୦.୦୦ ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା, କୁସୁମି ତହସିଲ ଅନ୍ତର୍ଗତ ବାଦାମପାହାଡ଼ଠାରେ ଅବସ୍ଥିତ ବାଦାମପାହାଡ଼ ଲୌହ ପଥର ଖଣିର କାର୍ଯ୍ୟାଳୟ ପରିସରରେ ଧାର୍ଯ୍ୟ** ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ବାରିପଦା, ମୟୂରଭଞ୍ଜ।**
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ବାରିପଦା, ମୟୂରଭଞ୍ଜ।**
୩. ଜିଲ୍ଲାପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ବାରିପଦା, ମୟୂରଭଞ୍ଜ।**
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧ ୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବାଲେଶ୍ୱର।**
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍ ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବାଲେଶ୍ୱର** ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./- ସଦସ୍ୟ ସଚିବ**

## ଓଡ଼ିଶା ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.
**A GOVT. OF ODISHA UNDERTAKING**
OPTCL Lifeline of Orissa
**Office of The Deputy General Manager, Electrical EHT(O&M) Division, Bhanjanagar, At:Kanteipalli, Post:Badapada, Dist:Ganjam(Odisha), Pin: 761124, e-mail:ehtm.div.bnj@ optcl.co.in, GSTIN: 21AAACO7873L1Z6**

**TENDER CALL NOTICE NO.- 03/2018-19**

For and on behalf of OPTCL, sealed tenders are invited from registered Civil and HT contractors having valid contractor License, labour license, IT PAN, GST Certificate towards "Earth cutting in between location No. 223-224 of 132 KV Bhanjanagar-Phulbani SC line under EHT (O&M) Division, Bhanjanagar. **Commencement of Sale of Tender Paper :** From Dated 04.09.2018, 11:00 AM to Dated 19.09.2018, 12:00 Noon. **Last Date of Submission of Tender Paper :** Dated 19.09.2018 up to 2:00 PM. **Date of Opening of Tender Paper :** Dated 19.09.2018 at 3:00 PM. **Cost of Tender paper :** Rs.2,000/- + GST @12% = Rs. 2,240/-. For details please visit our website **www.optcl.co.in. N.B :** All subsequent addendums Corrigendum to the tender (if any) will be hosted in the OPTCL's website **http:// www.optcl.co.in** only.

***Dy.General Manager (Elect)***

## ODISHA POWER TRANSMISSION CORPORATION LIMITED
**(A Government of Odisha Undertaking)**
**OFFICE OF THE DEPUTY GENERAL MANAGER (ELECT.)**
**E.H.T. (O&M) DIVISION, JODA**
**P.O.- Boneikala, Dist.- Keonjhar, PIN- 758038 (Odisha), Phone: 7328829375**
**E-mail: ehtm.div.jod@optcl.co.in, CIN: U40102OR2004SGC007553**

**TENDER CALL NOTICE No.-03/18-19**

Sealed tenders are invited by the undersigned from the eligible reputed travel agencies / vehicle owners for supply of Diesel run Hired vehicle NON AC Bolero (09 seated) for DGM TLS Joda & Grid S/S Polaspanga on pool basis under EHT (O&M) Division, Joda. Cost of tender paper is **Rs. 2240/-**, EMD is **Rs. 300/-**. Sale of tender documents is from **Dt.10.09.2018** to **Dt.24.09.2018** (during office hours). Last date of submission of tender is **Dt.25.09.2018** upto **01.00 PM**. Date of opening of tender is **Dt.25.09.2018** at **03.00 PM**. For details visit our website **www.optcl.co.in**.

Corrigendum if any will be published in the website only.

**Sd./- Dy. General Manager (Elect)**
**EHT (O&M) Division, Joda**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
**(A Government of Odisha Undertaking)**
**OFFICE OF THE DEPUTY GENERAL MANAGER (ELECT.)**
**E.H.T. (O&M) DIVISION, JODA**
**P.O.- Boneikala, Dist.- Keonjhar, PIN- 758038 (Odisha), Phone: 7328829375**
**E-mail: ehtm.div.jod@optcl.co.in, CIN: U40102OR2004SGC007553**

**TENDER CALL NOTICE No.-04/18-19**

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha / Military / Railways & having valid IT PAN Card / GST registration for the work of providing false ceiling in control room of Grid S/S Joda under EHT (O&M) Division, Joda. Cost of tender paper **Rs. 2240/-**, EMD - **Rs.4982/-** @ 1% of the estimated value. Sale of tender documents from **Dt.10.09.2018** to **Dt.24.09.2018**. Last date of submission of tender: **Dt.25.09.2018** upto **01.00 PM**. Date of opening of tender **Dt.26.09.2018** at **03.00 PM**. For details visit our website **www.optcl.co.in**.

Corrigendum if any will be published in the OPTCL website only.

**Sd./- Dy. General Manager (Elect)**
**EHT (O&M) Division, Joda**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
**Tel: 0674-2542230 CIN: U40102OR2004SGC007553**
OPTCL Lifeline of Odisha

### NOTICE INVITING TENDER (NIT)
**(DOMESTIC COMPETITIVE e-BIDDING)**

**e-TENDER NOTICE NO.: SCRIPS PMU-01/2018-19 Date: 01.09.2018**

ODISHA POWER TRANSMISSION CORPORATION LTD.(OPTCL), Bhubaneswar, invites bids (in e-tendering mode only) under single stage two-envelop system from reputed EPC/Turnkey Contractors for **Engineering, Supply, Erection and Commissioning of 2x12.5 MVA (Five Nos.), 3x12.5 MVA (One No.) & 4x12.5 MVA (One No.), 33/11KV Gas (SF6) insulated Substation (GIS) in Bhubaneswar City at an Estimated Cost of Rs.86.17 Crore on "EPC/TURNKEY CONTRACT BASIS"**. Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(05.09.2018)/(11:00)AM** up to Dt.**(05.10.2018) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note:** Bidders are requested to regularly visit OPTCL website/Tender Portal only for amendment/errata/corrigendum (if any) and any other information regarding the tender, as the same shall be published only on the OPTCL website/Tender Portal.

**Sd/-**
**Chief General Manager (SCRIPS-PMU)**
**CR Advt. No. 30/2018-19** **e-Mail: scripspmu@optcl.co.in**

Please connect us: optcl.odisha optcl_odisha energyodisha

## ଓଡିଶା ରାଜ୍ୟ ଅର୍ଥ ନିଗମ
ଓ.ଏମ.ପି. ଛକ, କଟକ-୭୫୩୦୦୩

ବିଜ୍ଞାପନ ନଂ DDAC/୦୫/୧୮-୧୯ **ବିକ୍ରୟ ବିଜ୍ଞାପନ** ତା.୦୩.୦୯.୨୦୧୮

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୧୭.୦୯.୨୦୧୮ ସମୟ ଦିବା ୧୦.୦୦ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ, ମୁଖ୍ୟ କାର୍ଯ୍ୟାଳୟ, ଓ.ଏମ୍.ପି ଛକ, କଟକ-୦୩ ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସମ୍ପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି। ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ ଅସ୍ଥାବର ସମ୍ପତ୍ତିର ବିଶଦବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ। ଟେଣ୍ଡର ଫର୍ମକୁ ସଠିକ୍ ଭାବେ ପୁରଣ କରି ତା ୧୫.୦୯.୨୦୧୮ ସମୟ ଅପରାହ୍ନ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ। କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ DDAC ରେ ଉପସ୍ଥିତ ହେବେ ଏବଂ ଯୋଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ ପେ ଅର୍ଡର/ ବ୍ୟାଙ୍କର ଚେକ୍ / ନଗଦଟଙ୍କା ଜମା ଭାବେ ଦେବାକୁ ହେବ। ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ। ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ। ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ ନିଗମ ବ୍ୟାଜ୍ୟାପ୍ତି କରିପାରିବ।

ଉକ୍ତ ସମ୍ପତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସମ୍ପତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ।

### ବିକ୍ରୟ ସମ୍ପତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ / ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧. | ମେସର୍ସ ରେଡିଏଣ୍ଟ ଟେଲିସିଷ୍ଟମ (ପ୍ରା) ଲିଃ, IDCO Plot No.A/129, ଶିଳ୍ପାଞ୍ଚଳ ମଞ୍ଚେଶ୍ୱର, ଭୁବନେଶ୍ୱର(ଜ.ଗୃ.କ) **ସଂ.ମୂ-ଟ.୪୭୮.୧୩ ଲକ୍ଷ (ଭୁବନେଶ୍ୱର ଶାଖା)** | ୨୩,୯୧,୦୦୦/- |
| ୦୨. | ମେସର୍ସ ଟ୍ରାୟୋ ମଲ୍ଟି ପର୍ପୋଜ ଇଣ୍ଡଷ୍ଟ୍ରି, ଶିଳ୍ପାଞ୍ଚଳ, ଜଗତପୁର, କଟକ (ଜ.ଗୃ.), **ସଂ.ମୂ-ଟ.୧୮୮.୨୨ ଲକ୍ଷ (କଟକ ଶାଖା)** | ୯,୪୧,୫୦୦/- |
| ୦୩. | ଶ୍ରୀ ହରେନ୍ଦ୍ର ପାଣ୍ଡେ ଙ୍କ **Tata Truck No.OR-05-E-0225, TATA LP Truck 1996 model (kept in seized unit premises at Jagatpur under Cuttack Branch), ସଂ.ମୂ-ଟ.୦.୮୦ ଲକ୍ଷ (କଟକ ଶାଖା)** | ୪,୦୦୦/- |
| ୦୪. | ମେସର୍ସ ଶିବ ବାବା ପାୱାରଲୁମ ଇଣ୍ଡଷ୍ଟ୍ରି (ପ୍ରା) ଲିଃ, ଶିଳ୍ପାଞ୍ଚଳ ଜାରକା, ଧର୍ମଶାଳା, ଯାଜପୁର, (ଜ.ଗୃ.କ), **ସଂ.ମୂ-ଟ.୫୧.୯୨ ଲକ୍ଷ, (ପାରାଦୀପ ଶାଖା)** | ୨,୬୦,୦୦୦/- |
| ୦୫. | ମେସର୍ସ ଗଜଲକ୍ଷ୍ମୀ ରାଇସ୍ ମିଲ୍, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା (ଜ.) **ସଂ.ମୂ-ଟ.୧୪.୧୮ ଲକ୍ଷ, (ପାରାଦୀପ ଶାଖା)** | ୭୧,୦୦୦/- |
| ୦୬. | ମେସର୍ସ ମା କାଳୀ ରାଇସ୍ ମିଲ୍, ଅରଖପୁର, ପୁରୁଷୋତ୍ତମ ପୁର, ଗଞ୍ଜାମ (ଜ.ଗୃ.) **ସଂ.ମୂ-ଟ.୪.୬୧ ଲକ୍ଷ, (ବ୍ରହ୍ମପୁର ଶାଖା)** | ୨୩,୧୦୦/- |

ଋଣ ଗ୍ରହିତା/ ଜାମିନ ଦାତା/ ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତିପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସମ୍ପତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ। ସେ ମଧ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସମ୍ପତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ। ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବ ଯେ ସେମାନଙ୍କର ସମ୍ପତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ। ନିଗମ ଋଣ ଗ୍ରହିତା / ଜାମିନ ଦାତା / ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ।


ବି.ଦ୍ର- ବିକ୍ରୟ ବିଜ୍ଞାପନ ଏବଂ ୱେବ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତ୍ରୁଟି ମାର୍ଜନୀୟ।

ଜ.ଗୃ.କ.- ଜମି, ଗୃହ ଓ କଳକବ୍‌ଜା
ସଂ.ମୂ- ସଂରକ୍ଷିତ ମୂଲ୍ୟ

**ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ**
**ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)**
**ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ-୩**

ସୌ|ନ୍ଦ|ର୍ଯ୍ୟ

# ତ୍ୱଚା ପାଇଁ ଉପକାରୀ ସଜନାଶାଗ



**ସଜନାଶାଗ, ଫୁଲ ହେଉ ଅବା ଛୁଇଁରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ଅଧିକାଂଶଙ୍କର ଖୁବ୍ ପ୍ରିୟ, ଯାହାକି ବେଶ୍ ପୁଷ୍ଟିକର ମଧ୍ୟ। ହେଲେ ଆପଣ ଜାଣନ୍ତି, ଶରୀରକୁ ବିଭିନ୍ନ ପୋଷକ ତତ୍ତ୍ୱ ଯୋଗାଉଥିବା ଏହି ସଜନାରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟବୃଦ୍ଧି ଉପାଦାନ। ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...**

❖ସଜନା ତେଲ ଏବଂ ଏହାର ପତ୍ର ଗୁଣ୍ଡ ଉଭୟ ଲଗାଇବା ଦ୍ୱାରା ତ୍ୱଚାରେ ରିଙ୍କଲ ମାର୍କ ଦେଖାଯାଇ ନ ଥାଏ। ଏହା ତ୍ୱଚାକୁ ସଫା, ଟାଇଟ୍ ରଖିବା ସହ ଏଜିଂ ସମସ୍ୟା ଦୂର କରି ୟଙ୍ଗର୍ ଲୁକ୍ ଦେଇଥାଏ। ଏହାକୁ ଫେସ୍ ପ୍ୟାକ୍ ଭାବେ ବ୍ୟବହାର କରିପାରିବେ। ଫେସ୍ ପ୍ୟାକ୍ ପାଇଁ ସଜନାଶାଗକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ଏକ ଚାମଚ ଏହି ଗୁଣ୍ଡରେ ଅଧା ଚାମଚ ଲେମ୍ବୁରସ, ଏକ ଚାମଚ ଲେଖାଏଁ ମହୁ ଏବଂ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ।

❖ସଜନା ତେଲ ଓଠ ପାଇଁ ସବୁଠୁ ଭଲ ମଶ୍ଚରାଇଜର ଭାବେ କାମ କରିଥାଏ। ବିଭିନ୍ନ ଲିପ୍‌ବାମ୍ ଏବଂ ଲିପ୍ କେୟାର ପ୍ରଡକ୍ଟରେ ଏହାକୁ ବ୍ୟବହାର କରାଯାଇଥାଏ। ଏହାକୁ ସେନ୍‌ସିଟିଭ୍ ସ୍କିନ୍‌ରେ ଲଗାଇବା ଦ୍ୱାରା ମଧ୍ୟ ତାହା ମଶ୍ଚରାଇଜ୍‌ଡ୍ ରହିଥାଏ।

❖ସ୍କିନ୍ ଟୋନ୍ ଡାର୍କ ଥିଲେ କିମ୍ବା ମୁହଁରେ ଡାର୍କ ସ୍ପଟ୍ ଥିଲେ ଅନେକେ ବିଭିନ୍ନ ପ୍ରକାର ଫେୟାରନେସ୍ ପ୍ରଡକ୍ଟ ବ୍ୟବହାର କରିଥାନ୍ତି। କିନ୍ତୁ ଆପଣ ଚାହିଁଲେ ସଜନାଶାଗ ପେଷ୍ଟକୁ ଲଗାଇପାରିବେ। ଏହା ସ୍ପଟ୍‌ଲେସ୍ କରିବା ସହ ସ୍କିନ୍‌ଟୋନ୍ ବଢାଇ ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ।


❖ସଜନା ତେଲରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଛି, ଯାହାକି ବ୍ରଣ ସମସ୍ୟା ଦୂର କରିଥାଏ। ସଜନାଶାଗକୁ ପେଷ୍ଟ କରି ବି ଆପଣ ବ୍ରଣ ହୋଇଥିବା ସ୍ଥାନରେ ଲଗାଇଲେ ଉପକୃତ ହେବେ।

❖ସଜନାଶାଗ ଗୁଣ୍ଡ ଲଗାଇବା ସହିତ ଖାଇଲେ ତ୍ୱଚା ପାଇଁ ଲାଭଦାୟକ। ସଜନା ଶାଗ, ଛୁଇଁ ଖାଇବା ଦ୍ୱାରା ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଫଳରେ ବ୍ରଣ ଏବଂ ଅନ୍ୟ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ବି ଦୂର ହୋଇଥାଏ।

❖ଏଥିରେ କୋଲାଜେନ୍ ପ୍ରୋଟିନ୍ ଭରି ରହିଛି। ଫଳରେ ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନ୍ ଟାଇଟ୍ ଏବଂ ସୁନ୍ଦର ରହିଥାଏ।



# ଗୁରୁ



**ଜୀବନର ଲକ୍ଷ୍ୟପଥ ବାଛିବାରେ ଠିକ୍ ମାର୍ଗଦର୍ଶନ ଯୋଗାନ୍ତି ଯିଏ, ଆଉ ପ୍ରତ୍ୟେକ ସଫଳ ବ୍ୟକ୍ତିତ୍ୱ ପଛରେ ଥାଏ ଯାହାଙ୍କ ପ୍ରେରଣା, ସେ ହେଉଛନ୍ତି ଗୁରୁ। ଆସନ୍ତା କାଲି ଗୁରୁଦିବସ ଉପଲକ୍ଷେ ଗୁରୁଙ୍କୁ ନିଜ ସଫଳତାର ଶ୍ରେୟ ମାନୁଥିବା କେତେଜଣ ମହିଳାଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...**




**ଗୁରୁଙ୍କ ବିନା ଲକ୍ଷ୍ୟ ହାସଲ ମୁସ୍କିଲ:** ମହିଳା ଫୁଟବଲରେ ଜଣେ ସଫଳ ଖେଳାଳି ଭାବେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଗୀତାଞ୍ଜଳି ଖୁଣ୍ଟିଆ। ସେ ୨୦୦୬ରୁ ୨୦୧୦ ମସିହା ପର୍ଯ୍ୟନ୍ତ ଭାରତୀୟ ମହିଳା ଫୁଟବଲ ଦଳର ନିୟମିତ ଖେଳାଳି ମଧ୍ୟ ରହିଛନ୍ତି । ଯଦିଓ ବର୍ତ୍ତମାନ ସେ ରାଜ୍ୟ ମହିଳା ଫୁଟବଲ ଦଳର କୋଚ୍ ଭାର ସମ୍ଭାଳିବା ସହ ଜଣେ ଗୁରୁ ଭାବେ ମଧ୍ୟ ପରିଗଣିତ ହେଲେଣି ହେଲେ ନିଜ ସଫଳତାର ଶ୍ରେୟ ସେ ସର୍ବଦା ନିଜ ପ୍ରଥମ କ୍ରୀଡ଼ା ଗୁରୁଙ୍କୁ ଦିଅନ୍ତି। ସେ କୁହନ୍ତି, ଗୁରୁଙ୍କ ବିନା ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା କଷ୍ଟକର । କାରଣ ପ୍ରତ୍ୟେକ ସଫଳ ବ୍ୟକ୍ତିତ୍ୱ ପଛରେ ଜଣେ ଗୁରୁଙ୍କର ବି ପରିଶ୍ରମ ଲୁଚି ରହିଥାଏ । ଆଉ ମୋ ପ୍ରତିଟି ସଫଳତା ପଛରେ ବି ମୋ ଗୁରୁଙ୍କ ଭୂମିକା ରହିଛି। କ୍ରୀଡ଼ା ପ୍ରତି ମୋର ଅହେତୁକ ଦୁର୍ବଳତା। ପାଠପଢ଼ା ସମୟରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ ଭାଗନେବା ସହ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ସଫଳ ହେଉଥିଲି। ହେଲେ ଷଷ୍ଠଶ୍ରେଣୀରେ ପଢ଼ିବା ବେଳେ ଆମ ବିଦ୍ୟାଳୟର ପିଇଟି ଭୀମସେନ ବେହେରା ପ୍ରଥମ ଥର ପାଇଁ ମୋତେ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇ ଦେଇଥିଲେ। ସେ ହିଁ ପ୍ରଥମେ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ବାରବାଟୀ ଷ୍ଟାଡିୟମ ବୁଲାଇ ନେଇ ବିଭିନ୍ନ ଖେଳ ଦେଖାଇଥିଲେ । ଆଉ ତାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଖେଳ ସମ୍ପର୍କରେ ଜାଣିବା ପରେ ମହିଳା ଫୁଟବଲ ନିମନ୍ତେ ମୋର ଆଗ୍ରହ ସୃଷ୍ଟି ହୋଇଥିଲା। ଏକଥା ଜାଣି, ଯେଉଁ ଖେଳ ବି ଖେଳ ନା କାହିଁକି ସେଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟାକର ବୋଲି ସାର୍ ପରାମର୍ଶ ଦେଇଥିଲେ। ସେବେଠୁ ମୁଁ କ୍ରୀଡ଼ା କ୍ଷେତ୍ରରେ ଆଗେଇ ପାରିଛି। ଯଦିଓ ବର୍ତ୍ତମାନ ସାର୍‌ଙ୍କର ପରଲୋକ ଘଟିଛି ହେଲେ ମୋ କ୍ରୀଡ଼ା ଜୀବନର ପ୍ରଥମ ଗୁରୁଙ୍କ ପ୍ରତିଟି ଛୋଟକଥା, ଉପଦେଶ ଏବେ ବି ମୋ ଜୀବନରେ ଆଗକୁ ବଢ଼ିବାରେ ସାହାଯ୍ୟ କରୁଛି। ତାଙ୍କ ଭଳି ଗୁରୁ ପାଇ ସର୍ବଦା ନିଜକୁ ଭାଗ୍ୟବାନ୍ ମନେକରେ।

*–ଗୀତାଞ୍ଜଳି ଖୁଣ୍ଟିଆ, ଓଡ଼ିଶା ମହିଳା ଫୁଟ୍‌ବଲ ଦଳର କୋଚ୍*

**ଏ ଭଳି ଗୁରୁ ପାଇ ମୋ ସ୍ୱପ୍ନ ସାର୍ଥକ ହୋଇଛି:** ନିମାପଡ଼ା ବ୍ଲକ୍ ଭଇଁଚିକୋରଡି ଗ୍ରାମର ମମତାରାଣୀ ସେଠୀ। ଭଲ ପାଠ ପଢିବା ସାଙ୍ଗକୁ ପିଲାବେଳୁ ଭଲ ଚିତ୍ରାଙ୍କନ ବି କରୁଥିଲେ। ହେଲେ ପରିବାରର ଆର୍ଥିକ ପରିସ୍ଥିତି ସେତେଟା ସ୍ୱଚ୍ଛଳ ନ ଥିବାରୁ ମାଟ୍ରିକ୍ ପଢିବା ପରେ ପାଠପଢାରେ ବନ୍ଧା ହୋଇଥିଲା ଡୋରି। ସେ ବିବାହ, ବ୍ରତ ଆଦି ଉତ୍ସବରେ ସାଙ୍ଗସାଥୀ କିମ୍ବା ଅନ୍ୟମାନଙ୍କ କେଶବିନ୍ୟାସ ଓ ସାଜସଜ୍ଜା ଆଦି କାର୍ଯ୍ୟ କରି ସମସ୍ତଙ୍କ ପ୍ରଶଂସାର ପାତ୍ରୀ ହେଲେ। ଧୀରେ ଧୀରେ ଏହି କାର୍ଯ୍ୟରେ ତାଙ୍କୁ ଖୁସି ଆଣିଦେଲା। କିନ୍ତୁ ଆବଶ୍ୟକ ସୁଯୋଗ ଅଭାବରୁ ଧୀରେ ଧୀରେ ତାଙ୍କ ଭିତରେ ଥିବା ଚିତ୍ର ଆଙ୍କିବାର କଳା ଭିତରେ ହିଁ ଲୁଚିଗଲା। ୨୦୧୦ ମସିହାରେ ତାଙ୍କ ବିବାହ ହେଲା ବଂଶୀଧର ସେଠୀଙ୍କ ସହ, ଯିଏ କି ଥିଲେ ଜଣେ ମୂର୍ତ୍ତି କାରିଗର। ଆଉ ଏହା ଥିଲା ମମତାଙ୍କ ପାଇଁ ହାତୀ ମୁଣ୍ଡରେ ସୁନାକଳସ ଢାଳିବା ଭଳି। ଅର୍ଥାତ୍ ସ୍ତ୍ରୀଙ୍କ ଆଗ୍ରହ ଜାଣି ସ୍ୱାମୀ ସାଜିଲେ ଗୁରୁ ଆଉ ଶିଖାଇଲେ ମୂର୍ତ୍ତି ଗଢିବା। ବର୍ତ୍ତମାନ ମମତା ଜଣେ ସଫଳ ମୂର୍ତ୍ତି କାରିଗର ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ କୁହନ୍ତି, ନିଜ ସ୍ୱାମୀଙ୍କୁ ଗୁରୁ ଭାବେ ପାଇବାର ସୌଭାଗ୍ୟ ସମସ୍ତଙ୍କୁ ମିଳି ନ ଥାଏ। ତେଣୁ ଏଥିପାଇଁ ମୁଁ ଗର୍ବିତ। ନିଜ ସ୍ୱାମୀ ହିଁ ମୋ ଅନ୍ତର୍ନିହିତ କଳାକୁ ବାହାରକୁ ଆଣିବାରେ ସାହାଯ୍ୟ କରିଛନ୍ତି। ସେ ନିଜେ ମୋ ହାତ ଧରି ମୂର୍ତ୍ତିର ସୂକ୍ଷ୍ମ କାରୁକାର୍ଯ୍ୟର କୌଶଳ ଶିଖାଇଲେ। ଆଜି ତାଙ୍କ ଉଦ୍ୟମ ଓ ପ୍ରେରଣା ଯୋଗୁ ମାଟି, ଫାଇବର, ବ୍ରୋଞ୍ଜ ଏବଂ ମାର୍ବଲ ମୂର୍ତ୍ତି ନିର୍ମାଣରେ ଦକ୍ଷତା ହାସଲ କରିପାରିଛି।

*–ମମତାରାଣୀ ସେଠୀ, ମୂର୍ତ୍ତି କାରିଗର*



ଗୁରୁ ତଥା ସ୍ୱାମୀ ବଂଶୀଧରଙ୍କ ସହ ମମତାରାଣୀ

**ଗୁରୁଙ୍କ ଆଶୀର୍ବାଦରୁ ମିଳିଛି ସଫଳତା:** ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ବେଶ୍ ପରିଚିତ ରୋଜାଲିନ୍ ପଣ୍ଡା। ଶ୍ରୀକ୍ଷେତ୍ରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବରେ ତାଙ୍କ ନୃତ୍ୟର ଝଲକ ଦେଖିବାକୁ ମିଳିଥାଏ। କେବଳ ପୁରୀ ନୁହେଁ, ଓଡ଼ିଶା ଏବଂ ବାହାର ରାଜ୍ୟରେ ନିଜ ଯାଦୁକରୀ ନୃତ୍ୟ ପରିବେଷଣ କରି ସେ ସମ୍ମାନିତ ହୋଇଛନ୍ତି। ସେ ଓଡ଼ିଶୀନୃତ୍ୟରେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ଼ରୁ ନୃତ୍ୟ ଭାସ୍କର ଓ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରୁ ନୃତ୍ୟ ବିଶାରଦ ଉପାଧି ହାସଲ କରିଛନ୍ତି। ଜଣେ ଯୁବ ନୃତ୍ୟଶିଳ୍ପୀ ଭାବେ ଥିବା ନିଜର କଳାନୈପୁଣ୍ୟ ଲାଗି ସେ ଦର୍ଶକଙ୍କ ନିକଟରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ତେବେ ଓଡ଼ିଶୀ ବ୍ୟତୀତ କଥକ, ସମ୍ବଲପୁରୀ କ୍ଲାସିକାଲ, ମାହାରୀ ନୃତ୍ୟ ପ୍ରତି ଆଗ୍ରହ ରଖୁଥିବା ରୋଜାଲିନ୍ ନିଜ ସଫଳତା ପଛରେ ଗୁରୁ ଅଶୋକ କୁମାର ଦାସଙ୍କ ଆଶୀର୍ବାଦ ଏବଂ ପ୍ରେରଣା ରହିଛି ବୋଲି ପ୍ରକାଶ କରନ୍ତି। ସେ କୁହନ୍ତି, ଆଜି ନୃତ୍ୟ କ୍ଷେତ୍ରରେ ଯେଉଁ ସ୍ଥାନରେ ପହଞ୍ଚିଛି ତାହା କେବଳ ମୋ ଗୁରୁଙ୍କ ଲାଗି ସମ୍ଭବ ହୋଇପାରିଛି। ପିଲାବେଳୁ ନୃତ୍ୟଶିକ୍ଷା ପ୍ରତି ରହିଥିବା ମୋର ଦୁର୍ବଳତା ତାଙ୍କ ଯୋଗୁ ପୂରଣ ହୋଇଛି। ତାଳ,ଲୟ, ଅଭିନୟ କିପରି ନିଖୁଣ ଭାବେ କରିପାରିବି ସେ ମୋତେ ଶିଖାଇଛନ୍ତି। ଯେକୌଣସି ପରିସ୍ଥିତିରେ ବି ଡରି ନ ଯାଇ କିମ୍ବା ହାର ନ ମାନି ତାକୁ ସାମ୍ନା କରିବାର ସାହସ ମୁଁ ତାଙ୍କଠାରୁ ପାଇଛି। ନିଷ୍ଠା ଓ ସମର୍ପଣ ଭାବ ସହିତ ନୃତ୍ୟ ପରିବେଷଣ କରିବାକୁ ସେ ସର୍ବଦା ମାର୍ଗଦର୍ଶନ କରିଛନ୍ତି। ତାଙ୍କଠାରୁ ଶିକ୍ଷାଲାଭ କରି ରାଜ୍ୟ ତଥା ଜାତୀୟ ସ୍ତରରେ ନୃତ୍ୟ ପରିବେଷଣକରି ଗୌରବ ଅର୍ଜନ କରିଛି। ତେବେ ବିଭିନ୍ନ ମଞ୍ଚରେ ବିଶେଷକରି ଗତବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବରେ ଗୁରୁଙ୍କ ସହିତ ନୃତ୍ୟ ପରିବେଷଣ ମୋ ପାଇଁ ଭାଗ୍ୟର କଥା। ସେ କେବଳ ନୃତ୍ୟଗୁରୁ ନୁହନ୍ତି ବରଂ ଜଣେ ସଫଳ ମାର୍ଗଦର୍ଶକ। ତାଙ୍କ ଭଳି ଗୁରୁ ପାଇବା ମୋ ପାଇଁ ନିଶ୍ଚିତ ଭାବେ ଗୌରବର ବିଷୟ। ନିଜ ପିତାମାତା ଏବଂ ଗୁରୁଙ୍କ ଆଶୀର୍ବାଦ ନେଇ କରାଯାଇଥିବା କାର୍ଯ୍ୟରେ କିପରି ନିଶ୍ଚିତ ସଫଳତା ମିଳିଥାଏ, ତାହା ଅଙ୍ଗେ ନିଭାଇଛି।

*–ରୋଜାଲିନ୍ ପଣ୍ଡା, ଓଡ଼ିଶୀ ନୃତ୍ୟଶିଳ୍ପୀ*



ଗୁରୁ ଅଶୋକଙ୍କ ସହ ରୋଜାଲିନ୍

ଫ୍ୟା|ଶ|ନ

# ଶାଢ଼ି ପିନ୍ଧୁଥିଲେ



**ଶାଢ଼ିକୁ ସଜାଡ଼ି ପିନ୍ଧି ଜାଣିଲେ ଏହା ପ୍ରତ୍ୟେକ ନାରୀଙ୍କୁ ଖୁବ୍ ସୁନ୍ଦର ମାନିଥାଏ। ତେଣୁ ଶାଢ଼ି ପିନ୍ଧିବା ବେଳେ କେଉଁ କଥା ପ୍ରତି ନଜର ଦେଲେ ଆପଣ ଅଧିକ ସୁନ୍ଦର ଲାଗିବେ ଜାଣିରଖନ୍ତୁ ଟିପ୍ସ...**

■ଯଦି ଆପଣ ଖୁବ୍ ଡେଙ୍ଗା ଏବଂ ପତଳା ତେବେ ଅନ୍ୟ ଶାଢ଼ି ତୁଳନାରେ ହେଭି ବର୍ଡର ଥିବା ବଡ଼ ବୋଲ୍ଡ ପ୍ରିଣ୍ଟ ଥିବା ଶାଢ଼ି ଚୟନ କରନ୍ତୁ, ଏହା ଆପଣଙ୍କୁ ସୁନ୍ଦର ମାନିବ। କିନ୍ତୁ ଡେଙ୍ଗା ହୋଇଥିଲେ ହେଁ ଯଦି ଆପଣ ମୋଟା ତେବେ ଏପରି ଶାଢ଼ି ନ ବାଛି ଜର୍ଜେଟ, ସିଫନ୍, ନେଟ୍ ଶାଢ଼ି ଭଳି ପତଳା ଏବଂ ହାଲୁକା ଶାଢ଼ି ପିନ୍ଧନ୍ତୁ ।

■ଯଦି ଆପଣଙ୍କୁ ଲାଇଟ୍ କଲର ଶାଢ଼ିରେ ହେଭି ଏମ୍ବ୍ରୋଏଡରି କାମ ଥିବା ଶାଢ଼ି ପସନ୍ଦ ତେବେ ଜାଣିରଖନ୍ତୁ ପତଳା ବା ସ୍ଲିମ୍ ଫିଗରକୁ ଏହା ଭଲ ମାନିଥାଏ। ସେହିପରି ଆପଣ ପତଳା ହୋଇଥିଲେ ପାଟ, ମଠା, କଟନ୍, ଅର୍ଗାଞ୍ଜା ବାଛନ୍ତୁ, ଆକର୍ଷଣୀୟ ଲାଗିବେ।

■ମୋଟା ହୋଇଥିବାରୁ କେଉଁଭଳି ଶାଢ଼ି ଆପଣଙ୍କୁ ମାନିବ ବୋଲି ଚିନ୍ତା କରୁଛନ୍ତି ତେବେ ଡାର୍କ କଲରର ସିଫନ୍, ସିଲ୍କ ଭଳି ଶାଢ଼ି ସହ ଫୁଲ୍‌ସ୍ଲିଭ୍ ଲଙ୍ଗ୍ ବ୍ଲାଉଜ୍ ବାଛନ୍ତୁ। ମନେରଖନ୍ତୁ, କଟନ କିମ୍ବା ଅନ୍ୟ ହେଭି ଶାଢ଼ି ଆଦୌ ବାଛନ୍ତୁ ନାହିଁ । ଆବଶ୍ୟକରୁ ଅଧିକ ମୋଟା ଲାଗିବେ।

■ଅନେକଙ୍କର ଶରୀରର ଉପରଭାଗ ତୁଳନାରେ ତଳଭାଗ ସାଧାରଣତଃ ମୋଟା ଥାଏ। ତେଣୁ ଆପଣଙ୍କ ଫିଗର ଏପରି ହୋଇଥିଲେ ହେଭି ଶାଢ଼ି ନ ବାଛି ଜର୍ଜେଟ, ସିଫନ୍ କିମ୍ବା ବର୍ଡର ୱାର୍କ, ଏମ୍ବ୍ରୋଏଡରି ୱାର୍କ ଥିବା ପ୍ଲେନ୍ ଶାଢ଼ି ପିନ୍ଧନ୍ତୁ, ସୁନ୍ଦର ଲାଗିବେ। ମନେରଖନ୍ତୁ, ଯଦି ଆପଣଙ୍କର କେବଳ ଶରୀରର ମଧ୍ୟଭାଗ ଅର୍ଥାତ୍ ପେଟ, ଅଣ୍ଟା ଆଦି ଅପେକ୍ଷାକୃତ ମୋଟା ତେବେ ନେଟ୍ କିମ୍ବା ପତଳା ସିଫନ୍ ଭଳି ଶାଢ଼ି ନ ପିନ୍ଧି ପାଟ ଏବଂ ଅନ୍ୟ ହେଭି ଶାଢ଼ି ବିଶେଷକରି ଏମ୍ବ୍ରୋଏଡରି ୱାର୍କ ଥିବା ଶାଢ଼ି ବାଛନ୍ତୁ, ଭଲ ମାନିବ।

ଖା|ଦ୍ୟ|ରୁଚି

# କଞ୍ଚାଆମ୍ବ ମାଛ

**ଆବଶ୍ୟକ ସାମଗ୍ରୀ:** ୧୮୦ ଗ୍ରାମ୍ ମାଛ, ୧୦୦ ଗ୍ରାମ୍ କଞ୍ଚାଆମ୍ବ, ୨୦୦ ଗ୍ରାମ୍ ପିଆଜ, ୮୦ ଗ୍ରାମ୍ ଟମାଟୋ, ୧୦ ଗ୍ରାମ୍ ଗୋଟା ଜିରା, ୨ ଗ୍ରାମ୍ ସୋରିଷ, ଅଳ୍ପ ମେଥି, ଛୋଟ ଛୋଟ କଟା ହୋଇଥିବା ଗୋଟିଏ କଞ୍ଚାଲଙ୍କା ଏବଂ ଅଦା, ୫ଗ୍ରାମ୍ ଶୁଖିଲା ଲଙ୍କା, ୫ଗ୍ରାମ୍ ଲେଖାଏଁ ହଳଦୀ ଓ ଜିରା ଗୁଣ୍ଡ, ୩ ଗ୍ରାମ୍ ଲଙ୍କାଗୁଣ୍ଡ, ୩ ଗ୍ରାମ୍ ଲୁଣ, ୨ ଗ୍ରାମ୍ ଗରମ ମସଲା, ୧୦ ମି.ଲି. ତେଲ ୧୫ମି.ଲି. ନଡ଼ିଆ ରସ ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲାରେ ଏକ ପ୍ୟାନ୍ ବସାଇ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ମେଥି ପକାନ୍ତୁ। ଫୁଟିବା ଆରମ୍ଭ ହେଲେ କଟା ଅଦା ଏବଂ କଞ୍ଚାଲଙ୍କା ପକାଇ ଭାଜନ୍ତୁ। ସେଥିରେ କଟା ପିଆଜ ପକାଇ ଲାଲ୍ ହେବା ଯାଏ ଭାଜନ୍ତୁ। ଏକ କପ୍‌ରେ ଲଙ୍କା, ହଳଦୀ ଏବଂ ଜିରାଗୁଣ୍ଡ ପକାଇ ଅଳ୍ପ ପାଣି ଦେଇ ପେଷ୍ଟ କରନ୍ତୁ। ଏହାକୁ ପ୍ୟାନ୍‌ରେ ଢାଳି ଗୋଳାନ୍ତୁ। ଛୋଟ ଛୋଟ କଟା ଟମାଟୋ ମଧ୍ୟ ପକାଇ ଗୋଳାନ୍ତୁ। କଷି ହୋଇଯିବା ପରେ ସେଥିରେ କଟା ଆମ୍ବ ଏବଂ ଏକ କପ୍ ପାଣି ପକାଇ କିଛି ସମୟ ଘୋଡାଇ ଦିଅନ୍ତୁ। ବର୍ତ୍ତମାନ ନଡିଆକୁ ପେଷ୍ଟକରି ଏଥିରେ ଢାଳନ୍ତୁ। ଶେଷରେ ସେଥିରେ କଟା ମାଛ ଏବଂ ସ୍ୱାଦାନୁସାରେ ଲୁଣ ପକାଇ ୧୦ରୁ ୧୫ ମିନିଟ୍ ଚୁଲା ସିମ୍ ରଖି ଛାଡି ଦିଅନ୍ତୁ। ସିଝିଯିବା ପରେ ଏହାକୁ କାଢି ଗରମ ଗରମ ପରଷନ୍ତୁ।



ଧରିତ୍ରୀ
DHARITRI
Dhenkanal–Angul, Tuesday, 4 September, 2018



| Dollar | Sensex | Nifty | Gold | Silver |
|---|---|---|---|---|
| ↑ 21 71.21 | ↓ 332.55 38,312.52 | ↓ 98.15 11,582.35 | ↓ ₹100 31,250.00 | ↓ ₹650 37,700.00 |

ଏଭଳି କ୍ରୟ କର, ଯାହାକୁ ବିକ୍ରି କରିବା ପାଇଁ ବାଧ ହେବେ ନାହିଁ।
– ୱାରେନ୍ ବଫେ, ପ୍ରତିଷ୍ଠାତା, ବର୍କଶେୟାର ହାଥାୱେ



ଅନ୍ୟମାନଙ୍କ ସହିତ ନିଜକୁ କେବେ ତୁଳନା କରନାହିଁ। ଯଦି ଏଭଳି କରୁଛନ୍ତି ଏହାର ଅର୍ଥ ନିଜେ ନିଜକୁ ଅପମାନିତ କରୁଛନ୍ତି।
– ବିଲ୍ ଗେଟ୍ସ, ପ୍ରତିଷ୍ଠାତା, ମାଇକ୍ରୋସଫ୍ଟ



## ସଂକ୍ଷେପରେ

### ଯାଞ୍ଚ ଘେରକୁ ଆସିବ କୋଚର ପରିବାର ସମ୍ପତ୍ତି



**ମୁମ୍ବାଇ,୩-୯:** ଭିଡିଓକନ ଗ୍ରୁପ୍‌କୁ ଋଣ ପ୍ରଦାନ ମାମଲାରେ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ତଥା ଏମ୍‌ଡି ଚନ୍ଦା କୋଚର ଯାଞ୍ଚର ସାମ୍ନା କରୁଛନ୍ତି। ତାଙ୍କ ସମ୍ପର୍କରେ ଯାଞ୍ଚ କରୁଥିବା ଜଷ୍ଟିସ ଶ୍ରୀକ୍ରିଷ୍ଣା କମିଶନ ତାଙ୍କ ପରିବାରର ସମ୍ପତ୍ତି କିଣାବିକାର ଯାଞ୍ଚ କରିବେ। ଆଇସିଆଇସିଆଇ ବ୍ୟାଙ୍କ ବୋର୍ଡ ପକ୍ଷରୁ ଏସଂକ୍ରାନ୍ତରେ କମିଟିକୁ ପତ୍ର ଲେଖାଯାଇଛି। ଚନ୍ଦା କୋଚର ଆଇସିଆଇସିଆଇ ବ୍ୟାଙ୍କର ଦାୟିତ୍ୱ ନେବା ପରଠାରୁ ତାଙ୍କ ପରିବାର ପକ୍ଷରୁ ବଜାର ଦର ଠାରୁ କମ୍‌ରେ ଅଥବା ରିହାତିରେ ସମ୍ପତ୍ତି କିଣାଯାଇଛି କି ନା ତାହା ଯାଞ୍ଚ କରାଯିବା ଆବଶ୍ୟକ ବୋଲି ପତ୍ରରେ ଦର୍ଶାଯାଇଛି। ଏହାଛଡା ତାଙ୍କର କାର୍ଯ୍ୟକାଳ ଭିତରେ ଆଇସିଆଇସିଆଇ ବ୍ୟାଙ୍କ ସହ ସମ୍ପର୍କ ରଖିଥିବା ବିଲ୍ଡର ଅଥବା ରିଏଲ ଇଷ୍ଟେଟ କମ୍ପାନୀଙ୍କ ଆର୍ଥିକ କାରବାର ମଧ ଯାଞ୍ଚ ଘେରକୁ ଆସିବା ଦରକାର ବୋଲି କୁହାଯାଇଛି। ବ୍ୟାଙ୍କ ବୋର୍ଡ ପକ୍ଷରୁ ଏଭଳି ପତ୍ର ଆସିଥିବା ଜଷ୍ଟିସ ଶ୍ରୀକ୍ରିଷ୍ଣା ସ୍ୱୀକାର କରିଛନ୍ତି।

### ୧୦ରୁ ଅଧିକ ଶାଖା ଥିଲେ ଇଣ୍ଟରନାଲ୍ ଅମ୍ବୁଡ୍ସମ୍ୟାନ୍ ରଖିବେ ବ୍ୟାଙ୍କ

**ମୁମ୍ବାଇ,୩-୯(ପି.ଟି.):** ଯେଉଁ ବାଣିଜ୍ୟିକ ବ୍ୟାଙ୍କଗୁଡିକର ଶାଖା ସଂଖ୍ୟା ୧୦ରୁ ଅଧିକ ସେମାନଙ୍କୁ ଇଣ୍ଟରନାଲ୍ ଅମ୍ବୁଡ୍ସମ୍ୟାନ୍ ନିଯୁକ୍ତ କରିବାକୁ ପଡିବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସୋମବାର ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଏହି ନିର୍ଦ୍ଦେଶ ଦେଇଥିବା ବେଳେ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ(ଆର୍‌ଆର୍‌ବି)କୁ ଏଥିରେ ଅନ୍ତର୍ଭୁକ୍ତ କରି ନାହାଁ। ବିଭିନ୍ନ ସମସ୍ୟାକୁ ନେଇ ଗ୍ରାହକମାନଙ୍କର ଯେଉଁ ଅଭିଯୋଗ ରହିଛି ତାହାକୁ ଉକ୍ତ ବ୍ୟାଙ୍କରେ ସମାଧାନ କରିବା ପାଇଁ ଏହି ଇଣ୍ଟରନାଲ୍ ବା ଆଭ୍ୟନ୍ତରୀଣ ଅମ୍ବୁଡ୍ସମ୍ୟାନ୍ ନିଯୁକ୍ତି ବ୍ୟବସ୍ଥା ରହିଛି। ଏମାନେ ଗ୍ରାହକମାନଙ୍କ ଅଭିଯୋଗକୁ ତର୍ଜମା କରିବେ। ବ୍ୟାଙ୍କ ସେବା ଯୋଗାଇବାରେ କାହିଁକି ସକ୍ଷମ ହୋଇ ନାହିଁ ସେ ବାବଦରେ ସମୀକ୍ଷା କରିବେ।

### ଟେସ୍‌ଲା କାର୍ ପାଇବେ ଆଇଟି କମ୍ପାନୀ କର୍ମଚାରୀ

**ବେଙ୍ଗାଲୁରୁ,୩-୯:** ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ବିକ୍ରି ବଢ଼ାଇବା ଲକ୍ଷ୍ୟରେ ଆଇଟି କମ୍ପାନୀଗୁଡିକ ନୂଆ ନୂଆ ମାଧ୍ୟମ ଖୋଜି ବାହାର କରୁଛନ୍ତି। ମାଫସିସ୍ କମ୍ପାନୀ ଏହାର ସେଲ୍ସ ଷ୍ଟାଫଙ୍କୁ ଇନସେଣ୍ଟିଭ ଭାବେ ଟେସ୍‌ଲା କାର୍ ଦେବାକୁ ପ୍ରତିଶ୍ରୁତି ଦେଇଛି। କେବଳ ମାଫସିସ୍ ନୁହେଁ ଇନଫୋସିସ୍ ଓ ଆକ୍‌ସେଞ୍ଚର ଭଳି ଆଇଟି କମ୍ପାନୀ ମାନେ ମଧ ସେମାନଙ୍କର ସେଲ୍ସ ଷ୍ଟାଫଙ୍କୁ ଇନସେଣ୍ଟିଭ ଦେବାକୁ ଇଚ୍ଛା ଜାହିର କରିଛି। ମାଫସିସ୍ ସିଇଓ ନିତୀନ ରାକେଶ କମ୍ପାନୀର ସେଲ୍ସ ଷ୍ଟାଫଙ୍କୁ କହିଛନ୍ତି ଯେ, ରାଜସ୍ୱ ଆଦାୟରେ ଅଗ୍ରଣୀ ରହିଥିବା ସେଲ୍ସ କର୍ମଚାରୀଙ୍କୁ କମ୍ପାନୀର ଏକଜିକ୍ୟୁଟିଭ ଟିମ୍ ସହିତ ଦୁଇ ଦିନ ରହିବାର ସୁଯୋଗ ମିଳିବ ଏବଂ ତାଙ୍କୁ ଏକ ଟେସ୍‌ଲା କାର୍ ଇନସେଣ୍ଟିଭ ଭାବେ ଦିଆଯିବ। କର୍ମଚାରୀଙ୍କୁ ଅଟୋମେଶନ ଲାଗି ପ୍ରୋତ୍ସାହିତ କରାଯାଉଛି ବୋଲି ସେ କହିଛନ୍ତି।

### ଇରାନ ଅଶୋଧିତ ତେଲ ସ୍ମଗଲିଂ କରିବ

**ତେହେରାନ,୩-୯:** ଅଶୋଧିତ ତେଲ ବିକ୍ରିକୁ ନେଇ ନଭେମ୍ବରରେ ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ ହୋଇଯିବ। ତେବେ ଏହାକୁ ବେଖାତିର କରି ଇରାନ ସ୍ମଗଲିଂ, ଡିସକାଉଣ୍ଟ ଆଦି ଜରିଆରେ ଦୈନିକ ୮ ଲକ୍ଷ ବ୍ୟାରେଲ ତେଲ ବିକିବାକୁ ଯୋଜନା ପ୍ରସ୍ତୁତ କରିଛି। ପୂର୍ବରୁ ମଧ ଆମେରିକା ଏଭଳି କଟକଣା ଲାଗୁ କରିଥିଲା। ସେତେବେଳେ ଇରାନ ନିଜର ତେଲ ବିକିବା ଲାଗି ଉକ୍ତ ବାଟ ଆପଣାଇଥିଲା। ଦେଶର ତୈଳମନ୍ତ୍ରୀ ବାଇଜାନ ନାମଦାର ଜାଙ୍ଗାନେହଙ୍କ ଗୋଟିଏ ବକ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି ଯେ, ନିଜ ଦେଶର ତେଲ ବିକିବା ଲାଗି ଇରାନ ବିକଳ୍ପ ରାସ୍ତା ଆପଣାଇବ। ପୂର୍ବର କଟକଣା ଲାଗୁ ପୂର୍ବରୁ ଓପେକ୍ ଦେଶ ଜାହାଜର ଗତିବିଧି ତଥା କେତେ ତେଲ ରପ୍ତାନି ହେଉଛି ଜାଣିବା ଲାଗି ଏକ ଟ୍ରାକିଂ ସିଷ୍ଟମ ଆପଣାଇଥିଲା, ଯାହାକୁ ପରେ ପ୍ରତ୍ୟାହାର କରିନିଆଯାଇଛି। ଟ୍ରାକିଂ ସିଷ୍ଟମ ବନ୍ଦ ହୋଇଯିବା କାରଣରୁ କଟକଣା ବେଳେ ଇରାନ କେତେ ତେଲ ବିକିଥିଲା ତାହା ଜଣାପଡି ନ ଥିଲା। କଟକଣା ପରେ ମଧ ଇରାନରୁ ଚାଇନା, ଭାରତ ଓ ତୁର୍କି ଅଶୋଧିତ ତେଲ କିଣିବା ଜାରି ରଖିବେ ବୋଲି ଦୁବାଇସ୍ଥିତ କାମାର ଏନର୍ଜି କନ୍‌ସଲଟାନ୍ସିର ସିଇଓ ରବିନ ମିଲ୍ସ କହିଛନ୍ତି।

## ବିମୁଦ୍ରୀକରଣ ନୁହେଁ, ଏନ୍‌ପିଏ ସମସ୍ୟା ଦାୟୀ

# ରାଜନଙ୍କ ମୁଣ୍ଡରେ ଅଠା ବୋଳିଲେ ରାଜୀବ

**ନୂଆଦିଲ୍ଲୀ,୩-୯**

ବିମୁଦ୍ରୀକରଣ ଯୋଗୁ ଦେଶର ଅଭିବୃଦ୍ଧି ଗତି ଧିମା ହୋଇଛି। ଏକଥା ମାନିବାକୁ କେନ୍ଦ୍ର ସରକାର ରାଜି ନୁହନ୍ତି। ନୀତି ଆୟୋଗ ଏଥିପାଇଁ ଓଲଟା ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନଙ୍କ ନୀତିକୁ ଦାୟୀ କରିଛି। ନୀତି ଆୟୋଗ ଉପାଧକ୍ଷ ରାଜୀବ କୁମାର ସୋମବାର କହିଛନ୍ତି ଯେ, ଏନ୍‌ପିଏ( ଅନାଦାୟ ଋଣ) ସମସ୍ୟା ଯୋଗୁ ଦେଶର ଅଭିବୃଦ୍ଧି ହାର ଧିମା ହୋଇଛି। ବିମୁଦ୍ରୀକରଣକୁ ଏଥିପାଇଁ ଦାୟୀ କରାଯାଇପାରିବ ନାହିଁ।

ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ରାଜନଙ୍କ କାର୍ଯ୍ୟକାଳ ମଧ୍ୟରେ ବ୍ୟାଙ୍କଗୁଡିକର ଏନ୍‌ପିଏ ସର୍ବାଧିକ ବୃଦ୍ଧି ପାଇଛି ବୋଲି କୁମାର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବିମୁଦ୍ରୀକରଣ ଓ ଅଭିବୃଦ୍ଧି ହାର ହ୍ରାସ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ରହିଥିବା ପ୍ରମାଣ ମିଳିନାହିଁ। ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଲୋକେ ଏଭଳି ଆଶଙ୍କାବ୍ୟକ୍ତ କରୁଛନ୍ତି। ଏପରି କି ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ଓ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମଙ୍କ ବକ୍ତବ୍ୟ ଏଭଳି ଧାରଣାକୁ ଅଧିକ ମଜଭୁତ୍ କରିଛି। ୨୦୧୫–୧୬ରେ ଦେଶର ଅଭିବୃଦ୍ଧି ହାର ୯.୨% ଥିଲା। ଏହା ପରଠାରୁ କ୍ରମାଗତ ହ୍ରାସ ପାଇଚାଲିଲା। ବିମୁଦ୍ରୀକରଣ ଏଥିପାଇଁ ଦାୟୀ ନୁହେଁ। ଗତ ଦେଢ଼ବର୍ଷ ହେବ ଏହି ଧାରା ଜାରି ରହିଛି। ତାଙ୍କର ଯୁକ୍ତି ହେଲା, ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଏନ୍‌ପିଏ ବୃଦ୍ଧି ଜିଡିପି ଅଭିବୃଦ୍ଧି ହାରରେ ବାଧକ ସାଜିଛି। ବର୍ତ୍ତମାନର ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ବେଳେ ଦେଶର ମୋଟ୍ ଏନ୍‌ପିଏ ପରିମାଣ ୪ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୨୦୧୭ ମଧ୍ୟଭାଗରେ ବଢ଼ି ୧୦.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅନାଦାୟ ଋଣ ଚିହ୍ନଟ ଲାଗି ରାଜନଙ୍କ ନୀତି ଯୋଗୁ ଏଭଳି ବୃଦ୍ଧି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହାକୁ ଦେଖି ବ୍ୟାଙ୍କ ଗୁଡିକ ବାଧ ହୋଇ ଉଦ୍ୟୋଗ ଜଗତକୁ ଋଣ ଦେବା ବନ୍ଦ କରିଦେଲେ। ବାସ୍ତବରେ ଦେଖିବାକୁ ଗଲେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଋଣ ଦେବା ସମ୍ପୂର୍ଣ୍ଣ ହ୍ରାସ ପାଇଲା। ବୃହତ୍ ଉଦ୍ୟୋଗକୁ ଋଣ ପ୍ରଦାନ ୧%, ଏପରି କି କିଛି ମାସ ଧରି ଅଢ଼େଇ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଲା। ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖି ସରକାର ପ୍ରକଳ୍ପ ନିର୍ମାଣରେ ବ୍ୟୟ ବଢ଼ାଇବା ଯୋଗୁ ହିଁ ବିକାଶ ହାର ଏବେ ବଢ଼ିଛି ବୋଲି କୁମାର ଯୁକ୍ତି ବାଢ଼ିଛନ୍ତି।

### ବିକାଶର ଧିମା ଗତି

- ୨୦୧୫-୧୬ରେ ଜିଡିପି ଅଭିବୃଦ୍ଧି ଥିଲା ୯.୨%
- ୨୦୧୮-୧୯ ପ୍ରଥମ ତ୍ରୈମାସରେ ୮.୨%



- ୨୦୧୭ ମଧ୍ୟଭାଗ ପର୍ଯ୍ୟନ୍ତ ଏନ୍‌ପିଏ ୧୦.୫ ଲକ୍ଷ କୋଟି ଟଙ୍କା
- ବୃହତ୍ ଉଦ୍ୟୋଗକୁ ଋଣ ପ୍ରଦାନ ୧%କୁ ହ୍ରାସ

## ଜିଏସ୍‌ଟି ବିଜ୍ଞାପନରେ ୧୩୨ କୋଟି ଖର୍ଚ୍ଚ

**ନୂଆଦିଲ୍ଲୀ,୩-୯**



କେନ୍ଦ୍ର ସରକାର ଛପା ଗଣମାଧ୍ୟମରେ ଜିଏସ୍‌ଟି ବିଜ୍ଞାପନ ଦେଇ ୧୩୨.୩୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ଆର୍‌ଟିଆଇ ଉତ୍ତରରେ କୁହାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ବ୍ୟୁରୋ ଅଫ ଆଉଟରିଚ୍ ଆଣ୍ଡ କମ୍ୟୁନିକେଶନ କହିଛି ଯେ, ଛପା ଗଣମାଧ୍ୟମକୁ ଦିଆଯାଇଥିବା ବିଜ୍ଞାପନରେ ୧,୨୬,୯୩,୯୭,୧୨୧ ଟଙ୍କା ପ୍ରଦାନ କରାଯାଇଛି। ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ଜିଏସ୍‌ଟି ସମ୍ପର୍କରେ ସଚେତନ କରିବା ଲାଗି କେନ୍ଦ୍ର ସରକାର ତାଙ୍କୁ ବ୍ରାଣ୍ଡ ଆମ୍ବାସଡ଼ର ଭାବେ ନିୟୋଜିତ କରିଥିଲେ। ଆଉଟଡୋର ମେଡିଆ ବାବଦରେ ୫ କୋଟି ଟଙ୍କା ବ୍ୟୟ କରାଯାଇଛି। ଅପରପକ୍ଷରେ ଇଲେକ୍ଟ୍ରୋନିକ ଗଣମାଧ୍ୟମରେ ଏଥିପାଇଁ ଟଙ୍କାଟିଏ ଖର୍ଚ୍ଚ କରାଯାଇନି। ଗତବର୍ଷ ଜୁଲାଇ ପହିଲାରୁ ଦେଶରେ ବସ୍ତୁ ଏବଂ ସେବା କର(ଜିଏସ୍‌ଟି) ଲାଗୁ କରାଯାଇଥିଲା। ଏହି ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାକୁ ଆପଣାଇବା ଲାଗି ସରକାର ଜୁଲାଇ ପହିଲା ପୂର୍ବରୁ ଛପା ଗଣମାଧ୍ୟମ ଜରିଆରେ ବ୍ୟବସାୟୀ ଓ ଜନସାଧାରଣଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ।

## ପଳାତକ ଅପରାଧୀ ମାମଲା

# ମାଲ୍ୟାଙ୍କୁ ୩ ସପ୍ତାହ ମହଲତ

**ମୁମ୍ବାଇ,୩-୯**



ପଳାତକ ଅପରାଧୀ ଘୋଷଣା ମାମଲାରେ ପିଏମ୍‌ଏଲ୍‌ଏ ଅଦାଲତ ସୋମବାର ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ଜବାବ ଦେବା ଲାଗି ୩ ସପ୍ତାହ ସମୟ ଦେଇଛନ୍ତି। ଲଣ୍ଡନ ପଳାଇଥିବା ମାଲ୍ୟାଙ୍କୁ ପଳାତକ ଅପରାଧୀ ଭାବେ ଘୋଷଣା କରିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ପିଏମ୍‌ଏଲ୍‌ଏ ଅଦାଲତରେ ମାମଲା ଦାଏର କରାଯାଇଛି। ଚଳିତ ମାସ ୨୪ ତାରିଖ ସୁଦ୍ଧା ସେ ଜବାବ ଦାଖଲ କରିବେ।

ପିଏମ୍‌ଏଲ୍‌ଏ ଅଦାଲତରେ ଅଗଷ୍ଟ ୨୭ରେ ମାଲ୍ୟାଙ୍କ ବିରୋଧରେ ମାମଲାର ଶୁଣାଣି ହେବାର ଥିଲା। ସେଦିନ ଅଦାଲତରେ ତାଙ୍କ ଭଉଣୀଙ୍କ ସମେତ ଅନ୍ୟ କେତେକ ଏହି ମାମଲାରେ ପକ୍ଷଭୁକ୍ତ ହେବାକୁ ଆବେଦନ କରିଥିଲେ। ସେମାନେ ଇଡି ପକ୍ଷରୁ ଦାଖଲ କାଗଜପତ୍ର ଯୋଗାଇ ଦେବାକୁ ଆବେଦନରେ ଦର୍ଶାଇଥିଲେ। ଏହି କାରଣରୁ ବିଚାରପତି ଆଜିର ଦିନରେ ଏହାର ଶୁଣାଣି କରିବେ ବୋଲି ଦିନ ଧାର୍ଯ୍ୟ କରିଥିଲେ। ତେବେ ସୋମବାର ଶୁଣାଣି ବେଳେ ମାଲ୍ୟାଙ୍କୁ ଜବାବ ଦେବା ଲାଗି ସମୟ ଦେବାକୁ ଇଡି ବିରୋଧ କରିଥିଲା। ପଳାତକ ଅପରାଧୀ ଆଇନରେ ଏଭଳି ବ୍ୟବସ୍ଥା ନାହିଁ ବୋଲି ଇଡି ଓକିଲ ଯୁକ୍ତି ଦର୍ଶାଇଥିଲେ। ବିଚାରପତି ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମାଲ୍ୟାଙ୍କୁ ଜବାବ ଦେବାକୁ ୩ ସପ୍ତାହ ସମୟ ଦେଇଛନ୍ତି। ପଳାତକ ଅପରାଧୀ ଆଇନାନୁଯାୟୀ ପଳାତକ ବ୍ୟକ୍ତିଙ୍କୁ ଅଦାଲତ ଅପରାଧୀ ଭାବେ ଘୋଷଣା କଲେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହୋଇଯିବ। ମାଲ୍ୟା ପ୍ରାୟ ୯ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ନେଇ ଲଣ୍ଡନ ପଳାଇଛନ୍ତି।

## ବଦଳିରେ ଯିବାକୁ ବିଳମ୍ବ

# ରେଲୱେ ବାବୁଙ୍କ ପଦୋନ୍ନତି ଅଟକିବ

**ନୂଆଦିଲ୍ଲୀ,୩-୯**

ବଦଳି ପରେ ନୂଆ ସ୍ଥାନକୁ ଯିବାରେ ବିଳମ୍ବ କଲେ ଅଥବା ଯିବାକୁ ନ ଚାହିଁଲେ ରେଲୱେ ବାବୁମାନଙ୍କ ପଦୋନ୍ନତି ଅଟକିବ। ଏଭଳି କ୍ଷେତ୍ରରେ ଅନ୍ତତଃପକ୍ଷେ ପଦୋନ୍ନତିକୁ ବର୍ଷେ ଝୁଲାଇ ଦେବାକୁ ରେଲୱେ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ସୂଚନା ଥାଉ କି, ରେଲୱେ ବୋର୍ଡ ପକ୍ଷରୁ ୨୦୧୫ରେ ଏକ ସମନ୍ୱିତ ଟ୍ରାନ୍ସଫର ନୀତି ଆପଣାଯାଇଥିଲା। ବଦଳି ହୋଇଥିବା କର୍ମଚାରୀ ମାସକ ମଧ୍ୟରେ ଯେପରି ବଦଳି ସ୍ଥାନକୁ ଯିବେ ତାହା ବିଭାଗୀୟ ମୁଖ୍ୟ ଦେଖିବେ। କିନ୍ତୁ ଦେଖାଯାଇଛି ଯେ, ଗୋଟିଏ ଜୋନ୍ କିମ୍ବା ଅନ୍ୟ ୟୁନିଟ୍‌କୁ ପଦୋନ୍ନତି ସହ ବଦଳି ହୋଇଥିବା ଅଧିକାରୀ ନିର୍ଦ୍ଧାରିତ ସମୟ ମଧ୍ୟରେ ନୂଆ ସ୍ଥାନକୁ ଯାଉ ନାହାନ୍ତି। ସେମାନେ ବିଭିନ୍ନ ଆଳ ଦେଖାଇ ବଦଳିକୁ ଟାଳି ଦେବାକୁ ଚେଷ୍ଟା କରୁଛନ୍ତି ଅଥବା ଏଥିରେ ବିଳମ୍ବ କରୁଛନ୍ତି। ଏହାଦ୍ୱାରା ଜୋନ୍ କିମ୍ବା ୟୁନିଟ୍‌ର ପ୍ରଶାସନିକ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଛି। ବଦଳି ଅଥବା ପଦୋନ୍ନତିକୁ ମାନୁ ନଥିବା ଅଧିକାରୀଙ୍କ ଏଭଳି ଅଭ୍ୟାସକୁ ରୋକିବା ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ଅଗଷ୍ଟ ୨୯ରେ ଜାରି କରାଯାଇଥିବା ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ବଦଳି/ପଦୋନ୍ନତିକୁ ଅବଜ୍ଞା କରୁଥିବା ଅଧିକାରୀଙ୍କ କାର୍ଯ୍ୟକୁ ନିର୍ଦ୍ଦେଶ ଅବମାନନା ବୋଲି ଧରାଯିବ ଏବଂ ବର୍ଷକ ପାଇଁ ତାଙ୍କର ପଦୋନ୍ନତିକୁ ରୋକାଯିବ। ଏହାଦ୍ୱାରା ସେମାନେ ନିଜର ବରିଷ୍ଠତା ହରାଇବେ ବୋଲି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି।

## ନୂଆ ରେକର୍ଡ ଛୁଇଁଲା ତୈଳ ଦର

**ନୂଆଦିଲ୍ଲୀ, ୩–୯(ପି.ଟି.)**

ଦେଶରେ ସୋମବାର ପେଟ୍ରୋଲ ଓ ଡିଜେଲ ଦର ଆଉ ଏକ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ସୂଚନା ଅନୁସାରେ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ଦର ୭୯.୧୫ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଡିଜେଲ ଦର ୭୧.୧୫ ଟଙ୍କାରେ ପହଞ୍ଚିଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ସୋମବାର ପେଟ୍ରୋଲ ଲିଟର ପିଛା ଦର ୩୧ ପଇସା ବୃଦ୍ଧି ପାଇଛି। ସେହିପରି ଡିଜେଲ ଦର ୩୯ ପଇସା ବୃଦ୍ଧି ପାଇଛି। ଫଳରେ ମୁମ୍ବାଇରେ ପେଟ୍ରୋଲ ଦର ୮୬.୫୬ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଡିଜେଲ ଦର ୭୫.୫୪ ଟଙ୍କାକୁ ବୃଦ୍ଧି ପାଇଛି।

## ସାର୍ବଜନୀନ ପରିବହନ ଲାଗି ‘ଗୋଟିଏ ଦେଶ ଗୋଟିଏ କାର୍ଡ’ ନୀତି

**ନୂଆଦିଲ୍ଲୀ,୩–୯**

ସାର୍ବଜନୀନ ପରିବହନ ବ୍ୟବସ୍ଥାକୁ ଏକସୂତ୍ରରେ ବାନ୍ଧିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଖୁବଶୀଘ୍ର ‘ଗୋଟିଏ ଦେଶ ଗୋଟିଏ କାର୍ଡ’ ନୀତି ଆପଣାଇବେ। ଏହାଦ୍ୱାରା ଏକାଧିକ ପରିବହନ ବ୍ୟବସ୍ଥାରେ ନିରନ୍ତର ସେବା ଯୋଗାଇବା ସମ୍ଭବ ହୋଇପାରିବ ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି।




ଫ୍ୟୁଚର ମୋବିଲିଟି ସମ୍ମିଳନୀ ୨୦୧୮ରେ ଯୋଗ ଦେଇ ସେ କହିଛନ୍ତି ଯେ, ଭାରତ ଏକ ଜନବହୁଳ ରାଷ୍ଟ୍ର ହୋଇଥିବା ବେଳେ ଦେଶର ବିକାଶରେ ପରିବହନ ମେରୁଦଣ୍ଡ ସଦୃଶ। ଗାଡି ସହିତ ଆମକୁ ଲୋକଙ୍କ ହିତ ପ୍ରତି ପ୍ରଥମେ ଦୃଷ୍ଟି ଦେବାକୁ ପଡିବ। ସ୍ୱଚ୍ଛ ତଥା ନିରନ୍ତର ପରିବହନ ଲାଗି ଆମକୁ ଯୋଜନା ପ୍ରସ୍ତୁତ କରିବାକୁ ହେବ। ଦେଶର ଜିଡିପିରେ ସଡ଼କ ପରିବହନର ଯୋଗଦାନ ୪% ଥିବା ବେଳେ ଏହା ଫସିଲ ଫୁଏଲ ଉପରେ ନିର୍ଭରଶୀଳ। ପାଣିପାଗରେ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଯୋଗୁ ଜନଜୀବନ ପ୍ରଭାବିତ ହେଉଛି। ଏହାକୁ ରୋକିବାକୁ ହେବ। ଏହି ସମ୍ମିଳନୀରେ ଯୋଗ ଦେଇ ନୀତି ଆୟୋଗ ପରାମର୍ଶଦାତା ଅନୀଲ ଶ୍ରୀବାସ୍ତବ କହିଥିଲେ ଯେ, ସାରା ଭାରତରେ ଏକ ସୁଦୃଢ଼ ଇକୋ ପରିବହନ ବ୍ୟବସ୍ଥା ଆପଣାଇବା ଲାଗି କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି।

## କେରଳ ବନ୍ୟା ପୀଡ଼ିତଙ୍କୁ ଆର୍ଥିକ ସହାୟତା ଦେଲା ଓଏସ୍‌ଏଚ୍‌ବି

**ଭୁବନେଶ୍ୱର,୩–୯**

କେରଳ ବନ୍ୟା ପୀଡ଼ିତଙ୍କ ଉଦ୍ଦେଶ୍ୟରେ ଓଡିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ(ଓଏସ୍‌ଏଚ୍‌ବି) ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛି। ଏହି ଅର୍ଥରାଶି ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ବୋର୍ଡ ସୂଚନା ଅନୁସାରେ, ଶନିବାର ରାଜ୍ୟ ସଚିବାଳୟରେ ବୋର୍ଡ଼ ଅଧକ୍ଷ ଭୂପିନ୍ଦର ସିଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ବୋର୍ଡର ସଚିବ ଗଙ୍ଗାଧର ପାତ୍ର, ମୁଖ୍ୟଯନ୍ତ୍ରୀ ଅରୁଣ କୁମାର ମିଶ୍ର, ବିତ୍ତ ଉପଦେଷ୍ଟା ପଦ୍ମିନୀ ପାତ୍ର, ଲୋକସମ୍ପର୍କ ଅଧିକାରୀ ବସନ୍ତ ସାହାଣୀ, ବୋର୍ଡର କର୍ମଚାରୀ ସଂଘ ସଭାପତି ମନୋଜ ମହାନ୍ତି, ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ଉପସଭାପତି ବିଷ୍ଣୁ ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ୧୦ ହଜାରରୁ ଊର୍ଦ୍ଧ୍ୱ ପୋଷାକ ଦେଲା ସିଟିଲାଇଫ୍

**କୋଲକାତା,୩–୯**

ଉତ୍ତର–ପୂର୍ବ ଭାରତରେ ଏକ ପ୍ରମୁଖ ଫ୍ୟାମିଲି ଷ୍ଟୋର ଚେନ୍ ଭାବେ ଆଦୃତ ହୋଇଥିବା ସିଟି ଲାଇଫ୍ କେରଳ ବନ୍ୟା ପ୍ରଭାବିତଙ୍କୁ ସହାୟତାର ହାତ ବଢ଼ାଇଛି। କମ୍ପାନୀର ସୂଚନା ଅନୁସାରେ, ବନ୍ୟାରେ ମାତ୍ରାଧିକ ପ୍ରଭାବିତ ହୋଇଥିବା ସେଠାକାର ଅଧିବାସୀଙ୍କୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପୋଷାକପତ୍ର ପ୍ରଦାନ କରିଛି। ସେଠାକାର ସ୍ଥାନୀୟ ଏକ ଅଣ ସରକାରୀ ସଂଗଠନ (ଏନଜିଓ)ମାଧ୍ୟମରେ କେରଳ ସରକାରଙ୍କୁ ଏହି ପୋଷାକ ପ୍ରଦାନ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କମ୍ପାନୀ କହିଛି। ଏ ସମ୍ପର୍କରେ ସୂଚନା ଦେଇ ସିଟିଲାଇଫ୍‌ର ସହ ପ୍ରତିଷ୍ଠାତା ରିତେଶ କେଡିଆ, ରାଜେଶ ବୈଦ, ମନୀଷ କକ୍ରାଣି ପ୍ରମୁଖ କହିଛନ୍ତି, ସମାଜ ମଙ୍ଗଳ କ୍ଷେତ୍ରରେ ସିଟିଲାଇଫ୍ ସର୍ବଦା ଏହାର ଦାୟିତ୍ୱବୋଧକୁ ବଜାୟ ରଖିବ।




THE ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**ADVERTISEMENT FOR ENGAGEMENT OF RETIRED REVENUE OFFICIAL ON FULL TIME CONTRACT BASIS IN OMC LTD. AT BHAWANIPATNA (WALK-IN-INTERVIEW)**

| POST | POSITION | DATE & TIME | VENUE FOR WALK-IN-INTERVIEW |
|---|---|---|---|
| Retired Revenue Official | 01 | 12.09.2018 11:00 AM | The Odisha Mining Corporation Ltd., OMC House, Post Box No.34, Bhubaneswar-751 001 |

A) ELIGIBILITY CRITERIA
- He should have retired from Govt. service on attaining the age of superannuation as a Revenue Official.
- He should have professional excellence in Govt. assignments, good service records, physically & mentally fit for engagement after retirement on superannuation.
- Applications are invited from the intending retired Revenue Officials belonging to Kalahandi, Koraput & Rayagada District.
- Not more than 65 years of age as on **31.08.2018**.

B) GENERAL CONDITIONS
- Officers against whom departmental proceedings or criminal cases contemplated / pending or who have been penalized for misconduct during preceding five years of service period shall not be considered.

C) TERMS OF ENGAGEMENT
- The engagement will be on full time contract basis.
- The Retired Revenue Official is required to hold the Office at Bhawanipatna and take up assignments as per the scope of work.
- The above engagement is purely temporary and can be terminated by either side by giving one month's prior notice.
- He should abide by the Rules and Regulations of the Corporation.

D) SCOPE OF WORK
- To deal with CA Land issues at Bhawanipatna Office & other works in Revenue Department, Forest Department and other Government Offices.
- To report to Executive Director (F&E), OMC, Head Office on day to day progress of the work.
- To interact & liaise with Senior Officers at various Government bodies for processing of different Forest and Environment matters of OMC.
- Should have good communication and presentation skill, negotiation skills with ability to interact with people at various levels of the organization.
- Any other related works to be assigned from time to time.

E) MONTHLY CONSOLIDATED REMUNERATION AND OTHER BENEFITS
- The monthly consolidated remuneration is negotiable.
- During the above engagement, no accommodation / house rent allowance will be admissible.
- Besides the monthly consolidated remuneration, no other financial benefits will be given. However, while on official tour, he shall be paid TA/DA as admissible to the Executives in the rank of **Manager** in OMC.
- The monthly consolidated remuneration shall be drawn on pro rata basis.
- The monthly consolidated remuneration shall be drawn on voucher basis and no PF or other contribution shall be deducted / deposited except applicable income tax.
- He will not get the benefits of bonus, gift, incentive, liveries etc or any other benefit at par with the regular employees of OMC.
- Interested eligible candidates are required to download the bio-data format from OMC website **www.omcltd.in** and submit the same duly filled in and signed together with self-attested supporting documents at the time of **Walk-in-Interview on 12.09.2018 at 11:00 AM**. at OMC House, Bhubaneswar.

Sd/-
Director (Personnel)

## ସଂକ୍ଷେପରେ

### ଡେଟିଂ କରୁଛନ୍ତି ଶାସ୍ତ୍ରୀ



**ନୂଆଦିଲ୍ଲୀ,୩।୯:** କ୍ରିକେଟ ସହ ବଲିଉଡ୍‌ର ସମ୍ପର୍କ ବହୁତ ପୁରୁଣା। କୌଣସି କ୍ରିକେଟର ଅଭିନେତ୍ରୀଙ୍କୁ ଡେଟ୍ କି ବିବାହ କରିବା କିଛି ନୂଆ କଥା ନୁହେଁ। ଗତବର୍ଷ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଅନୁଷ୍କା ଶର୍ମାଙ୍କୁ ବିବାହ କରିବା ପରେ ଏବେ ଆଉ ଏକ ଯୋଡ଼ି ଖୁବ ଚର୍ଚ୍ଚାକୁ ଆସିଛି। ଭାରତୀୟ ଦଳର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ବର୍ତ୍ତମାନ ବଲିଉଡ୍ ଅଭିନେତ୍ରୀ ନିମରତ କୌରଙ୍କୁ ଡେଟିଂ କରୁଛନ୍ତି। ଏହି ଅଭିନେତ୍ରୀ ଅକ୍ଷୟ କୁମାରଙ୍କ ଅଭିନୀତ ଫିଲ୍ମ 'ଏୟାରଲିଫ୍ଟ'ରେ ଅଭିନୟ କରିଥିଲେ। ପ୍ରାୟ ଦୁଇବର୍ଷ ହେଲା ଶାସ୍ତ୍ରୀ ଓ ନିମରତ ରିଲେଶନରେ ଅଛନ୍ତି। 'ପୁନେ ମିରର' ଏକ ଖବରକାଗଜ ଅନୁଯାୟୀ ଉଭୟ ଦୁଇ ବର୍ଷ ହେଲା ଡେଟ୍ କରୁଛନ୍ତି। ଏହା ସତ୍ତ୍ୱେ ସେମାନେ ଖବରକୁ ସଭିଙ୍କ ଠାରୁ ଲୁଚାଇ ରଖିଥିଲେ। ସେମାନେ ପ୍ରଥମେ ୨୦୧୫ରେ ଏକ କାର ଲଞ୍ଚିଂ ଉତ୍ସବରେ ଦେଖାହୋଇଥିଲେ। ଏବେ ଶାସ୍ତ୍ରୀ ଭାରତୀୟ ଦଳ ସହ ଇଂଲଣ୍ଡରେ ଥିବାବେଳେ ନିମରତ ଏକ ଲୋକପ୍ରିୟ ୱେବ ଶୋରେ କାମ କରୁଛନ୍ତି।

### ଅନ୍‌ଅଫିସିଆଲ୍ ଟେଷ୍ଟ: ଭାରତ ଏ' ଅଗ୍ରଣୀ

**ବେଙ୍ଗାଲୁରୁ, ୩।୯ (ପି.ଟି.):** ଅଙ୍କିତ ବାଓନେଙ୍କ ଧୈର୍ଯ୍ୟପୂର୍ଣ୍ଣ ଅପରାଜିତ ୯୧ ରନ ଯୋଗୁ ଭାରତ ଏ' ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ଏ' ବିପକ୍ଷ ପ୍ରଥମ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିପାରିଛି। ଭାରତ ଏ' ଏକଦା ୧୨୭ ରନରେ ୫ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ବାଓନେଙ୍କ ୧୫୯ ବଲ୍‌ରୁ ୯୧ ରନ ଯୋଗୁ ଦଳ ୨୭୪ ରନ କରିପାରିଥିଲା। ଅଷ୍ଟ୍ରେଲିଆ ଏ' ଏହାର ପ୍ରଥମ ଇନିଂସରେ ୨୪୩ ରନ କରିଥିଲା। ସୋମବାର ଦ୍ୱିତୀୟ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଉସ୍‌ମାନ ଖ୍ୱାଜା ଓ ଟ୍ରାଭିସ୍ ହେଡ୍ ଯଥାକ୍ରମେ ୧୬ ଓ ୧୩ ରନ କରି ଅପରାଜିତ ରହିଥିଲେ। ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ କର୍ଟିସ ପାଟରସନ ୧୩ ରନ କରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ଏ'ର ଏହି ଓପନର ମହମ୍ମଦ ସିରାଜଙ୍କ ବଲ୍‌ରେ ଉଇକେଟକିପର କୋନା ଭରତଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ।

#### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ଏ': ୨୪୩ ଓ ୪୨/୧।
ଭାରତ ଏ': ୨୭୪ (ଅଙ୍କିତ ବାଓନେ-୯୧*, ମୟଙ୍କ ଅଗ୍ରୱାଲ-୪୭, କ୍ରିଷ୍ଣାପ୍ପା ଗୋଥାମ-୩୧; ମାଇକେଲ ନେସର-୪/୬୧)।



ନ୍ୟୁ କ୍ୟାସେଲ ବିପକ୍ଷ ମ୍ୟାଚ ପାଇଁ ଲେରଏ ସାନେଙ୍କ ଭଳି ଖେଳାଳି ବାଦ୍ ପଡ଼ିଥିବାରୁ ଆମ ଦଳରେ କୌଣସି ଖେଳାଳିଙ୍କ ସ୍ଥାନ ସୁରକ୍ଷିତ ନୁହେଁ।
–ଗାବ୍ରିଏଲ ଜେସସ୍, ମାଞ୍ଚେଷ୍ଟର ସିଟି ଫରୱାର୍ଡ

ଚଳିତ ବର୍ଷର ବିଶ୍ୱ ଫର୍ମୁଲା ୱାନ ଚାମ୍ପିୟନଶିପ୍‌ରେ ଲୁଇସ୍ ହାମିଲଟନ ମୋଠାରୁ ୩୦ ପଏଣ୍ଟ ଆଗରେ ରହିଥିଲେ ମଧ୍ୟ ମୁଁ ପ୍ରତ୍ୟାବର୍ତ୍ତନ କରିପାରିବି ବୋଲି ଆଶା ରଖିଛି।
–ସେବାଷ୍ଟିଆନ ଭେଟେଲ, ଫେରାରି ଡ୍ରାଇଭର



# 'ଦୃଢ଼ ଇଚ୍ଛାଶକ୍ତି, ସଂକଳ୍ପବଦ୍ଧତା ସଫଳତାର ମୂଳମନ୍ତ୍ର'

## ଦୂତୀଙ୍କୁ ନାଗରିକ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥି ଓ ପରିବାର ସଦସ୍ୟଙ୍କ ଗହଣରେ ଦୂତୀ ଚାନ୍ଦ।

ଭୁବନେଶ୍ୱର, ୩।୯ (କ୍ରୀଡ଼ା ପ୍ରତିନିଧି)

ଇଚ୍ଛାଶକ୍ତି, ସଂଯମତା, ସଂକଳ୍ପବଦ୍ଧତା, ଦୃଢ଼ତା, କଠିନ ପରିଶ୍ରମ ଏବଂ ଜିଦ୍ ମନୋବୃତ୍ତି ହିଁ ଜଣକୁ ଶୀର୍ଷରେ ପହଞ୍ଚାଇବାରେ ସହାୟକ ହୋଇଥାଏ। ସଂକଳ୍ପରୁ ହିଁ ସିଦ୍ଧି ମିଳିଥାଏ। ଏହିସବୁ ଗୁଣ ଯୋଗୁ ଆଜି ଦୂତୀ ଚାନ୍ଦ ଦେଶ ଓ ରାଜ୍ୟକୁ ଗର୍ବିତ କରିପାରିଛନ୍ତି ବୋଲି ସୋମବାର ଏଠାରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ହକି ଯାଦୁଗର ମେଜର ଧ୍ୟାନଚାନ୍ଦ, ଓଁକାରନାଥ ଠାକୁର ଓ ଏକଲବ୍ୟଙ୍କ ନିଷ୍ଠା ଓ ସଂକଳ୍ପବଦ୍ଧତାକୁ ଉଦାହରଣ ଦେଇଛନ୍ତି। ନିଷ୍ଠା ଓ ଏକାଗ୍ରତା ବଜାୟ ରହିଲେ ଦୂତୀ ଆଗାମୀ ଦିନରେ ଅଲିମ୍ପିକ୍ସରେ ମଧ୍ୟ ସଫଳତା ପାଇପାରିବେ ବୋଲି ସେ କହିଛନ୍ତି। ସାରା ସଂସାର ଦୌଡୁଛି, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ସମସ୍ତେ ଦୌଡୁଛନ୍ତି, ମାତ୍ର ମୁଁ ଦୌଡ଼ି ମଧ୍ୟ ଦୌଡୁନାହିଁ, ମୋତେ ଆହୁରି ଅନେକ କିଛି କରିବାର ଅଛି, ମୁଁ ନିଶ୍ଚିତ ପାରିବି, ମୋଠାରୁ କେହି ବଡ଼ ନାହିଁ, ମୁଁ ସବୁଠାରୁ ସୁନ୍ଦର, ମୁଁ ସବୁଠାରୁ ଆଗରେ ବୋଲି ନିଜ ଉପରେ ଆତ୍ମବିଶ୍ୱାସ ରଖି ଆଗେଇ ଯାଅ, ଦେଖିବ ନିଶ୍ଚିତ ଆହୁରି ସଫଳତା ମିଳିବ ଏବଂ ଦିନେ କ୍ୟାରିୟରର ଶୀର୍ଷସ୍ଥାନରେ ପହଞ୍ଚି ପାରିବ ବୋଲି ରାଜ୍ୟପାଳ କହିଛନ୍ତି। ଏଠାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ତାରା, ଦୂତୀ ଏକମାତ୍ର ଚାନ୍ଦ ବୋଲି ବର୍ଣ୍ଣନା କରିଥିଲେ। ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଆହୁରି ସଫଳତା ପାଇଁ ଦୂତୀଙ୍କୁ ଆଶୀର୍ବାଦ କରିଥିଲେ ଗଣେଶୀଲାଲ।

### ଯାଜପୁରରୁ ଜାକର୍ତ୍ତା

ଯାଜପୁର ଜିଲା ଚକା ଗୋପାଳପୁର ଗ୍ରାମର ମା ଅଖଜି ଓ ପିତା ଚକ୍ରଧର ଚାନ୍ଦଙ୍କ କନ୍ୟା ଦୂତୀ ଏବେ ଓଡ଼ିଶାବାସୀଙ୍କ ଭଲପାଇବାରେ ଅଭୀଭୂତ। ଯାଜପୁରର ବ୍ରାହ୍ମଣୀ ନଦୀ କୂଳରେ ୫–୬ ବର୍ଷରୁ ଦୌଡ଼ିବା ଆରମ୍ଭ କରିଥିବା ଛୋଟ ଝିଅଟି ଏବେ ଇଣ୍ଡୋନେସିଆର ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ହାସଲ କରି ଦେଶକୁ ଗର୍ବିତ କରିବା ସହ ସମାଲୋଚକଙ୍କୁ ଦୃଢ଼ ଜବାବ ଦେଇଛନ୍ତି। ସୋମବାର ସମ୍ବର୍ଦ୍ଧିତ ହେବା ଅବସରରେ ସେ ବଖାଣିଥିଲେ ନିଜ ସଂଘର୍ଷର କାହାଣୀ। ଛୋଟବେଳେ କିପରି ସେ ଦୌଡ଼ିବା ସମୟରେ ତାଙ୍କୁ ଲୋକମାନେ ହସରେ ଉଡ଼ାଉଥିଲେ, ଆଥଲେଟିକ୍ସରେ କ୍ୟାରିୟର କରି ଜୀବନରେ କିଛି କରିହେବନି ବୋଲି କହୁଥିଲେ ତାହା ସେ ବର୍ଣ୍ଣନା କରିବା ସହ ୨୦୧୪ରେ ବିବାଦୀୟ ହାଇପରଆଣ୍ଡ୍ରୋଜେନିଜମ ନିୟମ ପାଇଁ ତାଙ୍କ କ୍ୟାରିୟର କିପରି ସଙ୍କଟ ମଧ୍ୟକୁ ଚାଲି ଯାଇଥିଲା ତାହା ସେ ସ୍ମରଣକୁ ଆଣିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଟି ସମୟରେ ତାଙ୍କ ନିକଟରେ ଛିଡ଼ା ହୋଇଥିବାରୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି ବୋଲି କହିବାକୁ ଦ୍ୱିଧା କରି ନ ଥିଲେ। ଏହା ସହିତ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ୧୦୦ ମିଟରରେ ରୌପ୍ୟ ପଦକ ଜିତିବାପରେ ମୁଖ୍ୟମନ୍ତ୍ରୀ ସଙ୍ଗେସଙ୍ଗେ ତାଙ୍କ ପାଇଁ ଦେଢ଼କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଏହା କେବଳ ତାଙ୍କୁ ନୁହେଁ ଜାକର୍ତ୍ତାରେ ଉପସ୍ଥିତ ଅନେକ ଆଥଲେଟ୍ ଓ କୋଚ୍‌ଙ୍କୁ ଉଲ୍ଲସିତ କରିଥିଲା। ଏହି ଖବର ଦେବା ସହ କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ଖୁସିରେ ତାଙ୍କୁ କୁଣ୍ଢାଇ ପକାଇଥିଲେ ବୋଲି ଦୂତୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ଘୋଷଣାରେ ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଥିଲି ଏବଂ ୨୦୦ ଇଭେଣ୍ଟରେ ମଧ୍ୟ ଜୀବନ ଲଗାଇ ଦୌଡ଼ିବି ବୋଲି ସଂକଳ୍ପ କରିଥିଲି। ଦେଶ ଓ ରାଜ୍ୟବାସୀଙ୍କ ଭଲ ପାଇବା, ଆଶୀର୍ବାଦ ଯୋଗୁ ମୁଁ ସଫଳ ହୋଇପାରିଲି ଏବଂ ଏହି ଇଭେଣ୍ଟରେ ମଧ୍ୟ ରୌପ୍ୟ ପଦକ ହାସଲ କରିପାରିଲି ବୋଲି ଦୂତୀ କହିଥିଲେ। ଏହି ଅବସରରେ ଦୂତୀ ନିଜ ଗ୍ରାମରେ ବୁଣାକାର ବୃତ୍ତିକୁ ବେଉସା କରିଥିବା ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ସ୍ମରଣକୁ ଆଣିଥିଲେ। ସମସ୍ତଙ୍କ ଭଲପାଇବା ଓ ଶ୍ରଦ୍ଧା ଯୋଗୁ ସେ ଆଜି ଏଠାରେ ପହଞ୍ଚି ପାରିଛନ୍ତି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଘୋଷଣା କରିଛନ୍ତି। ତେଣୁ ସେ ଆହୁରି କଠିନ ପରିଶ୍ରମ କରି ଅଲିମ୍ପିକ୍ସରେ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ତାଙ୍କର ଉତ୍ଥାନ ପାଇଁ ଗଣମାଧ୍ୟମର ଭୂମିକା ଅନେକ ରହିଛି। ଲୋକଲୋଚନକୁ ଆସି ନ ଥିଲେ ମୁଁ ହୁଏତ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଥାନ୍ତି। ଶେଷରେ ମୁଁ ମୋ କୋଚ୍, ବାପା, ମା' ଓ ଭଉଣୀ ସରସ୍ୱତୀ ଚାନ୍ଦଙ୍କୁ ଧନ୍ୟବାଦ ଦେବାକୁ ଚାହିଁବି। ଅନେକ ଅଭାବ ଓ ଅସୁବିଧା ମଧ୍ୟରେ ବାପା, ମା ମୋତେ ଆଗକୁ ବଢ଼ିବାକୁ ଦେଇଛନ୍ତି। ଭଉଣୀ ମୋତେ ଜଣେ ଆଥଲେଟ୍ ହେବାପାଇଁ ମାର୍ଗଦର୍ଶନ କରିଛନ୍ତି ଏବଂ କୋଚ୍‌ଙ୍କ କଠିନ ପରିଶ୍ରମ ଓ ଗାଇଡ୍ ଯୋଗୁ ମୁଁ ନିଜ ତ୍ରୁଟିକୁ ସୁଧାରିବା ସହ ପ୍ରଦର୍ଶନରେ ଉନ୍ନତି ଆଣି ପାରିଛି ବୋଲି ଦୂତୀ କହିଛନ୍ତି।

> ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସର ଉଭୟ ମହିଳା ୧୦୦ ଓ ୨୦୦ ମିଟରରେ ରୌପ୍ୟ ପଦକ ଜିତି ଦେଶ ଏବଂ ରାଜ୍ୟକୁ ଗର୍ବିତ କରିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ। ସୋମବାର ଭୁବନେଶ୍ୱରରେ କିଟ୍ ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଦୂତୀଙ୍କୁ ଅଭିନନ୍ଦନ ଜଣାଇବା ସହ ୨୦୨୦ ଅଲିମ୍ପିକ୍ସରେ ପଦକ ଜିତିବା ପାଇଁ ଶୁଭକାମନା ଜଣାଇଛନ୍ତି।

### ଦୂତୀ ଓଡ଼ିଆ ଜାତିର ସୁଭଦ୍ରା

କେବଳ ଦୂତୀ ନୁହନ୍ତି ଆଜି ଦୂତୀଙ୍କ ଗାଁରୁ ଆସିଥିବା ୯୦ ଲୋକ ପ୍ରକୃତରେ ଆଜି ସମ୍ବର୍ଦ୍ଧିତ ବୋଲି ଅନ୍ୟତମ ଅତିଥି ଏମପି ପ୍ରସନ୍ନ ପାଟ୍ଟଶାଣୀ ପ୍ରକାଶ କରିଥିଲେ। ଦୂତୀ ହେଉଛନ୍ତି ଓଡ଼ିଆ ଜାତୀର ସୁଭଦ୍ରା। ଗୋଡ଼ଟଣା ନୀତି ଯୋଗୁ ଅନେକ ଲୋକ ତାଙ୍କୁ ତଳେ ପକାଇ ଦେବାକୁ ଚେଷ୍ଟା କରିଥିଲେ। ମାତ୍ର ନିଜ ପ୍ରତିଭା ବଳରେ ସେ ଆଜି ସଫଳତାର ସୋପାନ ଚଢ଼ି ଚାଲିଛନ୍ତି। ଏହି ସଫଳତା ନିଶ୍ଚିତଭାବେ ତାଙ୍କ ସମାଲୋଚକଙ୍କ ମୁହଁ ତଳକୁ କରିଥିବ। ସମସ୍ତଙ୍କ ଆଶୀର୍ବାଦ, ସ୍ନେହ ଓ ସଦିଚ୍ଛା ନେଇ ଦୂତୀ ନିଶ୍ଚିତ ଆଗାମୀ ଦିନରେ ମଧ୍ୟ ବଡ଼ ସଫଳତା ପାଇପାରିବେ ବୋଲି ପାଟ୍ଟଶାଣୀ କହିଥିଲେ।

### ରୁପା ପଦକ ସୁନାଠାରୁ ବଡ଼

ଦୂତୀ ଜାକର୍ତ୍ତାରୁ ଆଣିଥିବା ରୁପା ପଦକ ଆମପାଇଁ ସୁନାଠାରୁ ବି ବଡ଼ ବୋଲି କହିଥିଲେ ବିଶିଷ୍ଟ ଅଭିନେତା ତଥା ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି। ଆମେ ଏହି ମଞ୍ଚରେ ଦୂତୀଙ୍କୁ ଶୁଭେଚ୍ଛା ଜଣାଇଥିଲୁ। ଆଜି ଏଠାରେ ଅଭିନନ୍ଦନ ପାଇଁ ଏକାଠି ହୋଇଛୁ। ଆମେ ଯାହା ଆଶା କରିଥିଲୁ ସେ ତା'ଠାରୁ ଅଧିକ ଆଣିଛନ୍ତି। ଓଡ଼ିଆ ଜାତିର ଆଶା ଆକାଂକ୍ଷାକୁ ଦୂତୀ ତଳେ ପକାଇବାକୁ ଦେଇ ନାହାନ୍ତି। ତାଙ୍କ ନାଁ ଦୂତୀ ଚାନ୍ଦ, ସେ ଦୁଇଟି ଚାନ୍ଦ ଆଣି ନାରୀଜାତି ପାଇଁ ଉଦାହରଣ ସାଜିଛନ୍ତି। ବାପା, ମା'ଙ୍କୁ ଯିଏ ସମ୍ମାନ ଦେଇଛି ସେ କେବେହେଲେ କେଉଁଠି ହାରିବ ନାହିଁ। ଆଗାମୀ ଦିନରେ ସେ ଯେ ଆହୁରି ସଫଳତା ଆଣିବେ ଏଥିରେ କିଛି ସନ୍ଦେହ ନାହିଁ ବୋଲି ଅନୁଭବ କହିଥିଲେ।

### ଉଷାଙ୍କ ପରେ ଦୂତୀ

କିମ୍ବଦନ୍ତୀ ଆଥଲେଟ୍ ପି.ଟି. ଉଷା ୩୦ ବର୍ଷ ତଳେ ଏସିଆଡ୍‌ର ମହିଳା ୧୦୦ ମିଟରରେ ପଦକ ଆଣି ଦେଶକୁ ଗର୍ବିତ କରିଥିଲେ। ଏବେ ଜଣେ ଓଡ଼ିଆ ଝିଅ ଦୂତୀ ଦୀର୍ଘ ବର୍ଷ ବ୍ୟବଧାନରେ ସେହି ଇଭେଣ୍ଟରେ ପଦକ ଜିତି ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି। ଏହା ଦ୍ୱାରା ସେ ଏହି ଇଭେଣ୍ଟ ପାଇଁ ସମ୍ପୂର୍ଣ୍ଣ ଫିଟ୍ ବୋଲି ପ୍ରମାଣିତ କରିଛନ୍ତି। ତାଙ୍କ ଅସୁବିଧା ସମୟରେ ଉଭୟ ମାନସିକ ଓ ଆର୍ଥିକ ସମର୍ଥନ ଯୋଗାଇ ଦେଇଥିବାରୁ ଅଚ୍ୟୁତ ସାମନ୍ତଙ୍କୁ ଯେତେ ଧନ୍ୟବାଦ ଦେଲେ କମ୍ ହେବ। ଦୂତୀ ଆହୁରି ଆଗକୁ ଯାଇପାରିବେ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଦୂରଦ୍ରଷ୍ଟା କିମ୍ବଦନ୍ତୀ ହକି ତାରକା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ପଦ୍ମଶ୍ରୀ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି।

### ସମସ୍ତ ଭାରତୀୟଙ୍କୁ ଗର୍ବିତ କରିଛନ୍ତି

ଆମେ ଆଜି ଏପରି ଜଣେ ଆଥଲେଟ୍‌ଙ୍କୁ ସମ୍ବର୍ଦ୍ଧିତ କରୁଛୁ, ଯିଏକି ପ୍ରତିଟି ଭାରତୀୟଙ୍କୁ ଗର୍ବିତ କରିଛନ୍ତି। ନିଜ ସଂଘର୍ଷମୟ ଜୀବନରେ ସେ କଠିନ ପରିଶ୍ରମ କରି ଆଗକୁ ବଢ଼ିଛନ୍ତି। ଏସିଆଡ୍‌ରେ ସେ ୨ଟି ରୌପ୍ୟ ପଦକ ଜିତିଛନ୍ତି ଅର୍ଥ ଆମ ପାଇଁ ବଡ଼ ସଫଳତା ବୋଲି କୁହାଯାଇପାରିବ। ନିଜ ଝିଅ ଭଳି ଦୂତୀଙ୍କୁ ଅଚ୍ୟୁତ ସାମନ୍ତ ଯେପରି ସାହାଯ୍ୟ ସହଯୋଗ ଜାରି ରଖିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ନିଷ୍ଠାର ସହିତ ପରିଶ୍ରମ ଜାରି ରଖିଲେ ଦୂତୀ ଆଗାମୀ ୨୦୨୦ ଅଲିମ୍ପିକ୍ସରେ ମଧ୍ୟ ପଦକ ଜିତିପାରିବେ ବୋଲି କ୍ରୀଡ଼ା ସଚିବ ବିଶାଲ ଦେବ ପ୍ରକାଶ କରିଛନ୍ତି।

### ଅଲିମ୍ପିକ୍ସରେ ପଦକ ସମ୍ଭବ

ଦୂତୀ ଯେପରି ଭାବେ ଆଗକୁ ବଢୁଛନ୍ତି ନିଶ୍ଚିତ ଆଗାମୀ ଦିନରେ ଅଲିମ୍ପିକ୍ସରେ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିପାରିବେ ବୋଲି ଅନ୍ୟତମ ଅତିଥି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ମେୟର ଅନନ୍ତ ନାରାୟଣ ଜେନା ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦୂତୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ଆନନ୍ଦ ଫେରାଇବାର ବେଳ


ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତି ଦୂତୀ ଆମକୁ ଖୁସି ଆଣି ଦେଇଛନ୍ତି। ଏବେ ତାଙ୍କୁ ସମ୍ବର୍ଦ୍ଧିତ କରି ଆନନ୍ଦ ଫେରାଇବାର ବେଳ ବୋଲି ଅତିଥି ମାନଙ୍କୁ ସ୍ୱାଗତ ଅବସରରେ ପ୍ରକାଶ କରିଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ। ଏଠାକୁ ତାଙ୍କ ଗ୍ରାମରୁ ୯୦ ଜଣ ଗ୍ରାମବାସୀ ଆସିଛନ୍ତି। ଏହା ସେମାନଙ୍କର ଦୂତୀଙ୍କୁ ଭଲପାଇବାକୁ ସୂଚାଉଛି। ତେଣୁ ସମସ୍ତେ ଏବେଠାରୁ ଦୂତୀଙ୍କ ପାଇଁ ଦୀପ ଜାଳିଲେ ନିଶ୍ଚିତ ଦୂତୀ ୨୦୨୦ ଅଲିମ୍ପିକ୍ସରେ ପଦକ ଜିତିପାରିବେ ବୋଲି ସେ କହିଛନ୍ତି। ଦୂତୀଙ୍କ ପାଇଁ ସମଗ୍ର ଦେଶ ଗର୍ବିତ। ଆଗକୁ ମଧ୍ୟ ଦୂତୀ ସେଭଳି ପ୍ରଦର୍ଶନ ଜାରି ରଖି ଦେଶ ଓ ରାଜ୍ୟକୁ ଗର୍ବିତ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ସମ୍ବର୍ଦ୍ଧନା ଉତ୍ସବରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କ୍ରିକେଟର ତଥା ଜାତୀୟ କୋଚ୍ ଦେବାଶିଷ ମହାନ୍ତି, ଅନ୍ତର୍ଜାତୀୟ ମହିଳା କବାଡ଼ି ଖେଳାଳି ରଶ୍ମିତା ସାହୁଙ୍କ ସମେତ ଅନେକ କ୍ରୀଡ଼ାବିତ୍, କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁ ଏହି ଅବସରରେ ଦୂତୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓସିଏ ଛାଡ଼ିଲେ ୪ କ୍ରିକେଟର

## ଉତ୍ତରାଖଣ୍ଡରୁ ଖେଳିବେ ଦେବେନ୍ଦ୍ର, ସୌରଭ


ସୌରଭ ରାୱତ୍


ଦେବେନ୍ଦ୍ର ସିଂ କୁଅଁର

କଟକ ଅଫିସ,୩।୯

ଚଳିତ ସିଜନ ଆରମ୍ଭରୁ ୪ଜଣ କ୍ରିକେଟର ଓଡ଼ିଶାରୁ ବିଦାୟ ନେଇଛନ୍ତି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ପରେ ପୁର୍ନବାର ଏମାନେ ନିଜ ରାଜ୍ୟ ପକ୍ଷରୁ ଖେଳିବା ପାଇଁ ଇଚ୍ଛା ପ୍ରକଟ କରି ଫେରି ଯାଇଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ୨ ପ୍ରମୁଖ ଖେଳାଳି ସୌରଭ ରାୱତ ଓ ଦେବେନ୍ଦ୍ର ସିଂ କୁଅଁର ରହିଛନ୍ତି। କିଛି ଦିନ ତଳେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ନୋ ଅବଜେକ୍ସନ ସାର୍ଟିଫିକେଟ(ଏନ୍‌ଓସି) ପ୍ରଦାନ କରି ଏମାନେ ଓଡ଼ିଶା କ୍ରିକେଟକୁ ଅଲବିଦା ଜଣାଇଛନ୍ତି।

ଆସନ୍ତା ରଣଜୀ ସିଜିନରେ ପ୍ରଥମ ଥର ନିମନ୍ତେ ଭାଗ ନେବ ଉତ୍ତରାଖଣ୍ଡ କ୍ରିକେଟ ଦଳ। ଦୀର୍ଘ ୧୮ବର୍ଷ ପରେ ଏହି ଦଳକୁ ଦେଶର ପ୍ରମୁଖ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଖେଳିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସବୁଜ ସଙ୍କେତ ଦେଇଛି। ତେବେ ଉତ୍ତରାଖଣ୍ଡ ରଣଜୀ ଖେଳିବାର ଯୋଗ୍ୟତା ପାଇବା ପରେ ଏହି ରାଜ୍ୟର ୨ ଖେଳାଳି ସୌରଭ ରାୱତ ଓ ଦେବେନ୍ଦ୍ର ସିଂ କୁଅଁର ଉତ୍ତରାଖଣ୍ଡକୁ ଫେରି ଯାଇଥିବା ଜଣାପଡ଼ିଛି। ଓଡ଼ିଶା ପକ୍ଷରୁ ୨୩ବର୍ଷରୁ କମ୍ ବର୍ଗରେ ନିୟମିତ ଖେଳାଳି ଭାବେ ରହିଥିବା ଏହି ୨ ପ୍ରତିଭା ରାଜ୍ୟ ନିମନ୍ତେ ଅନେକ ଭଲ ଇନିଂସ୍ ଖେଳିବାର ରେକର୍ଡ ମଧ୍ୟ ରଖିଛନ୍ତି। ୨୩ବର୍ଷରୁ କମ୍ ଦଳର ମଧ୍ୟକ୍ରମ ବ୍ୟାଟିଂ ଭାର ମଧ୍ୟ ଏହି ୨ ଖେଳାଳି ସମ୍ଭାଳୁଥିଲେ। ହେଲେ ଓଡ଼ିଶା ସିନିୟର ତଥା ରଣଜୀ ଦଳରେ ଏମାନଙ୍କ ସ୍ଥାନ ସୁରକ୍ଷିତ ନଥିବା ଆଶା କରି ଉଭୟ ଖେଳାଳି ଏହି ନିଷ୍ପତ୍ତି ନେଇ ଥାଇ ପାରନ୍ତି ବୋଲି ଆଶା କରାଯାଉଛି। ସୌରଭ ଓଡ଼ିଶା ପକ୍ଷରୁ ପ୍ରଥମଶ୍ରେଣୀ, ଲିଷ୍ଟ–ଏ, ଓ ଟି୨୦ ମ୍ୟାଚ୍‌ରେ ସିନିୟର ଦଳରେ ସାମିଲ ହୋଇ ପାରିଥିବା ବେଳେ ଦେବେନ୍ଦ୍ର ମାତ୍ର ଗୋଟିଏ ଟି୨୦ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଦେବେନ୍ଦ୍ର ଗତ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶା ଦଳର ଅଧିନାୟକ ଭାର ସମ୍ଭାଳିଥିଲେ। ଏପରିକି ଗତ ସିଜନରେ ମଧ୍ୟ ତାଙ୍କର ପ୍ରଦର୍ଶନ ଭଲ ରହିଥିଲା। ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଦୁଇଟି ଅର୍ଦ୍ଧଶତକ ଇନିଂସ୍ ଦେବେନ୍ଦ୍ର ଖେଳିଥିଲେ। ୨୦୧୭ରେ ସେ ସିନିୟର ଦଳରେ ସାମିଲ ହୋଇ ୨ଟି ଟି୨୦ ମ୍ୟାଚ୍ ଖେଳିଥିବା ବେଳେ ଗୋଟିଏ ମ୍ୟାଚରେ ବ୍ୟାଟିଂ କରିବାର ସୁଯୋଗ ପାଇ ମାତ୍ର ୧୩ରନ୍ କରିଥିଲେ। କଲିକତାଠାରେ ଆସାମ ବିପକ୍ଷ ମ୍ୟାଚରେ ସେ ଏହି ରନ କରିଥିଲେ। ଅନ୍ୟପକ୍ଷରେ ୨୩ବର୍ଷରୁ କମ୍ ଓ ରଣଜୀ ଦଳରେ ଉଇକେଟ କିପର ଓ ବ୍ୟାଟ୍ସମ୍ୟାନ ଭାବେ ଖେଳିଥିବା ସୌରଭ ରାୱତ ମଧ୍ୟ ଓଡ଼ିଶା ଛାଡ଼ି ଉତ୍ତରାଖଣ୍ଡ ପଳାଇଛନ୍ତି। ସୌରଭ ମୋଟ ୧୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକ ବଳରେ ୩୩୫ରନ କରିଛନ୍ତି। ୨୦୧୬ରେ ସୌରାଷ୍ଟ୍ର ବିପକ୍ଷରେ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ଉକ୍ତ ବର୍ଷ କର୍ଣାଟକ ବିପକ୍ଷ ମ୍ୟାଚରେ ସେ କ୍ୟାରିୟରର ସର୍ବାଧିକ ସ୍କୋର ୮୫ରନ୍ କରିଥିଲେ। ଏହାଛଡ଼ା ସୌରଭ ଗୋଟିଏ ଲିଷ୍ଟ–ଏ ଓ ଗୋଟିଏ ଟି୨୦ ମ୍ୟାଚ୍ ମଧ୍ୟ ଓଡ଼ିଶା ପକ୍ଷରୁ ଖେଳିଛନ୍ତି। ଗତ ରଣଜୀ ସିଜନରେ ମଧ୍ୟ ସୌରଭ କେତୋଟି ମ୍ୟାଚ୍ ନିମନ୍ତେ ରାଜ୍ୟ ଦଳରେ ରହିଥିଲେ। ଏହି ୨ ସିନିୟର ବର୍ଗର ଖେଳାଳିଙ୍କ ରାଜ୍ୟ ଛାଡ଼ିବା ପଛରେ ମୁଖ୍ୟ କାରଣ ଭାବେ ସିନିୟର ଦଳରେ ସୁଯୋଗର ଅଭାବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ୧୯ବର୍ଷରୁ କମ୍ ବର୍ଗରେ ରାଜ୍ୟ ପକ୍ଷରୁ ଖେଳିଥିବା ଅଜିତ ଯାଦବ ଓ ପ୍ରିୟତମ ସିଂ ମଧ୍ୟ ନିଜ ରାଜ୍ୟ ବିହାରକୁ ଯାଇଛନ୍ତି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି।

# ଜାତୀୟ ଶିବିରରେ ଓଡ଼ିଶାର ୬


ଦୀପା ଇଭା ଜବାମଣୀ ସୋନି ଶାନ୍ତି ମନିଷା ବନ୍ୟା

**କଟକ ଅଫିସ, ୩।୯:** ୧୮ବର୍ଷରୁ କମ୍ ମହିଳା ସାଫ୍ ଫୁଟବଲ ଚାମ୍ପିୟନଶିପ ନିମନ୍ତେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍(ଏଆଇଏଫ୍‌ଏଫ୍) ପକ୍ଷରୁ ପଞ୍ଜାବ ପଟିଆଲାର ସାଇ ପ୍ରଶିକ୍ଷଣ କେନ୍ଦ୍ରରେ ଜାତୀୟ ଦଳର ଚୟନ ଶିବିର ଅନୁଷ୍ଠିତ ହେବ। ଉକ୍ତ ଶିବିର ନିମନ୍ତେ ରାଜ୍ୟର ୬ଜଣ ଖେଳାଳି ଚୟନ ହୋଇଛନ୍ତି। ଏମାନେ ହେଲେ କଟକ ସାଇ ହଷ୍ଟେଲର ଇଭା ପାନ୍ନା, ସୋନି ବେହେରା, ଦୀପା ନାୟକ, ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲର ଜବାମଣୀ ଟୁଡୁ, ଶାନ୍ତି ମୁର୍ମୁ, ମନୀଷା ନାୟକ। ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳି ବନ୍ୟା କବିରାଜ ଷ୍ଟାଣ୍ଡବାଏ ଖେଳାଳି ଭାବେ ରହିଛନ୍ତି।


# ରାଇଜିଂ ଷ୍ଟାର, ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

**କଟକ ଅଫିସ, ୩।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ରାଇଜିଂ ଷ୍ଟାର ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛନ୍ତି। ରାଇଜିଂ ଷ୍ଟାର ୪–୨ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଥିଲା। ରୋଭର୍ସ ପକ୍ଷରୁ ବିଜୁ ଓରାମ ୭ମ ମିନିଟରେ ପ୍ରଥମ ଗୋଲ ଦେବା ପରେ ରାଇଜିଂ ପକ୍ଷରୁ ଏହାର ଏକ ମିନିଟ ପରେ ରଜକ ନାଗ ଏକ ଗୋଲ ଦେଇ ମ୍ୟାଚ୍‌କୁ ରୋମାଞ୍ଚକର କରିଥିଲେ। ପ୍ରଥମାର୍ଦ୍ଧରେ ରଜକଙ୍କ ଗୋଲକୁ ମିଶାଇ ରାଇଜିଂ ପକ୍ଷରୁ ୪ଟି ଗୋଲ ହୋଇଥିଲା। ସଞ୍ଜିତ ଖୋରା ୧୩ତମ ଓ ୩୯ତମ ମିନିଟରେ ୨ଟି ଓ ଚନ୍ଦ୍ର ମୁଦୁଲି ୩୨ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧର ଖେଳ ୪–୧ରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧର ୬୯ତମ ମିନିଟରେ ରୋଭର୍ସ ପକ୍ଷରୁ ଦାଶରଥୀ କହଁର ଏକ ଗୋଲ ଦେଇଥିଲେ। ଅନ୍ୟଏକ ମ୍ୟାଚ୍‌ରେ ରାଧାରମଣ କ୍ଲବକୁ ୩–୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ ହରାଇଛି। ମ୍ୟାଚ୍‌ର ୨ୟ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟର ଚନ୍ଦ୍ରଶେଖର ବେହେରା ଗୋଲ ଦେଇ ଦଳର ଖାତା ଖୋଲିଥିଲେ। ପରେ ୩୪ତମ ମିନିଟରେ ଏସ୍‌ଏସ ଆଲାମଙ୍କ ଏକ ଗୋଲ ବଳରେ ରାଇଜିଂ ଦଳ ପ୍ରଥମାର୍ଦ୍ଧକୁ ୨–୦ରେ ଅଗ୍ରଣୀ ରଖିଥିଲା। ଦ୍ୱିତୀୟାର୍ଦ୍ଧର ୪୨ତମ ମିନିଟରେ ରାଧାରମଣ ପକ୍ଷରୁ ପ୍ରସନ୍ନଜିତ ସିଂ ଏକ ଗୋଲ ଦେଇଥିଲେ। ପରେ ପୁର୍ନବାର ରାଇଜିଂ ପକ୍ଷରୁ ଏକ ଗୋଲ ହୋଇଥିଲା। ୭୨ତମ ମିନିଟରେ ଲାଖାଇ ମୁର୍ମୁ ଏହି ଗୋଲ ଦେଇଥିଲେ।

> ଭାରତର ବ୍ୟାଟିଂ ଲାଇନ୍‌ଅପ୍ ଇଂଲଣ୍ଡ ଅପେକ୍ଷା ଅଷ୍ଟ୍ରେଲିଆରେ ଭଲ ପ୍ରଦର୍ଶନ କରିଥିଲା ।
> -ଶେନ୍ ୱାଟସନ, ପୂର୍ବତନ ଅଷ୍ଟ୍ରେଲୀୟ ଅଲରାଉଣ୍ଡର



> ଭାରତ-ଇଂଲଣ୍ଡ ସିରିଜକୁ ଲକ୍ଷ୍ୟ କଲେ ଏବେ ମଧ୍ୟ ଟେଷ୍ଟ ଖେଳ ଚମକ ରହିଛି ବୋଲି ପ୍ରମାଣ କରୁଛି ।
> -ଜୋ ରୁଟ୍, ଇଂଲଣ୍ଡ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ଧୋନୀଙ୍କୁ ପଛରେ ପକାଇଲେ କୋହଲି

**ସାଉଥମ୍ପଟନ,୩।୯:** ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଭାବେ ସର୍ବାଧିକ ରନ୍ କରିବା କ୍ଷେତ୍ରରେ ଅଧିନାୟକ ବିରାଟ କୋହଲି ପୂର୍ବତନ ତଥା ସଫଳତମ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇ ଦେଇଛନ୍ତି। ରୋଜ ବାଉଲଠାରେ ଅନୁଷ୍ଠିତ ଟେଷ୍ଟରେ ମୋଟ ୧୦୪ ରନ୍ କରି କୋହଲି ଭାରତୀୟ ଅଧିନାୟକ ଭାବେ ଟେଷ୍ଟରେ ସର୍ବାଧିକ ରନ୍ ସ୍କୋରର ହୋଇଯାଇଛନ୍ତି। ୬୦ ଟେଷ୍ଟରେ ଧୋନୀ ନେତୃତ୍ୱ ନେଇ ୩୪୫୪ ରନ୍ କରିଥିଲେ। ଏଥିରେ ୫ ଶତକ ଓ ୨୪ ଅର୍ଦ୍ଧଶତକ ରହିଛି। ଏହି ତାଲିକାରେ ଧୋନୀଙ୍କ ପଛକୁ ସୁନୀଲ ଗାଭାସ୍କର (୨୪୮୩), ରାହୁଲ ଦ୍ରାବିଡ (୧୯୫୦), ଗୁଣ୍ଡାପା ବିଶ୍ୱନାଥ (୧୮୮୦) ଓ ଦିଲୀପ ଭେଙ୍ଗସରକାର (୧୫୮୯)ଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ଉଲ୍ଲେଖଥାଉ କି, କୋହଲି ପ୍ରଥମ ଭାରତୀୟ ଅଧିନାୟକ ଭବେ ନିଜ ନେତୃତ୍ୱରେ ୪,୦୦୦ ରନ୍ ମଧ ପୂରଣ କରିଛନ୍ତି।

### ଦିଲ୍ଲୀ ରଣଜୀ ଦଳର ପରାମର୍ଶଦାତା ଲାନ୍ସ କ୍ଲୁଜନର

**ନୂଆଦିଲ୍ଲୀ,୩।୯(ପି.ଟି.):** ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ଲାନ୍ସ କ୍ଲୁଜନରଙ୍କୁ ଦିଲ୍ଲୀ ରଣଜୀ ଦଳର ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ଅଧିନାୟକ ମିଥୁନ ମାନହଂସ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବେ। ପ୍ରଥମ ଥର ଲାଗି କ୍ଲୁଜନରଙ୍କ ଭଳି ହାଇପ୍ରୋଫାଇଲ ବ୍ୟକ୍ତିଙ୍କ ନିଯୁକ୍ତି ଦିଆଯାଇଛି। ''ଆସନ୍ତା ୧୯ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଘରୋଇ ଦିନିକିଆ କ୍ରିକେଟ ଓ ଟି୨୦ ଟୁର୍ନାମେଣ୍ଟ ଲାଗି କ୍ଲୁଜନର ପରାମର୍ଶଦାତା କାର୍ଯ୍ୟ କରିବେ। ସେ ମୁଖ୍ୟ କୋଚ୍ ମିଥୁନ ଓ ଅନ୍ୟ କୋଚ୍‌ଙ୍କ ସହ କାର୍ଯ୍ୟ କରିବେ'' ବୋଲି ଡିଡିସିଏ ସଭାପତି ରଜତ ଶର୍ମା କହିଛନ୍ତି। ୪୬ ବର୍ଷୀୟ ପୂର୍ବତନ ଅଲରାଉଣ୍ଡର ୪୯ ଟେଷ୍ଟ ଖେଳିଛନ୍ତି। ଏଥିରୁ ସେ ୧୯୦୬ ରନ୍ କରିବା ସହ ୮୦ ଉଇକେଟ ନେଇଥିଲେ।

# କୁକ୍‌ଙ୍କ ସନ୍ନ୍ୟାସ



ଇନିଂସ କୁକ୍‌ଙ୍କ କ୍ୟାରିୟର ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଚଳିତ ଭାରତ ବିପକ୍ଷ ଟେଷ୍ଟ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରି ସେ ୭ଟି ଇନିଂସରୁ ମାତ୍ର ୧୦୯ ରନ କରିଛନ୍ତି। ଏଥିଯୋଗୁ ତାଙ୍କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା ଏବଂ କ୍ୟାରିୟର ସଙ୍କଟ ମଧ୍ୟକୁ ଚାଲିଯାଇଥିଲା। 'ଗତ କିଛିମାସ ହେବ କ୍ୟାରିୟରକୁ ନେଇ ବହୁଚିନ୍ତା କରିବା ପରେ ଶେଷରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛି। ଭାରତ ବିପକ୍ଷ ଟେଷ୍ଟ ସିରିଜ ମୋର ଅନ୍ତିମ ସିରିଜ ହେବ' ବୋଲି କୁକ୍ ସୋମବାର ପ୍ରକାଶ କରିଛନ୍ତି। 'ଏହା ମୋ ପାଇଁ ଏକ ଦୁଃଖଦ ଦିନ। ମୁଁ ସବୁକିଛି ଦେଇ ସାରିଛି ଏବଂ ଟ୍ୟାଙ୍କ୍‌ରେ ଦେବାକୁ

| ଅନ୍ତର୍ଜାତୀୟ କ୍ୟାରିୟର | | | | | | |
|---|---|---|---|---|---|---|
| | ମ୍ୟାଚ୍ | ରନ | ସର୍ବାଧିକ | ଆଭରେଜ | ଶତକ | ଅର୍ଦ୍ଧଶତକ |
| ଟେଷ୍ଟ | ୧୬୦ | ୧୨,୨୫୪ | ୨୯୪ | ୪୪.୮୮ | ୩୨ | ୫୬ |
| ଦିନିକିଆ | ୯୨ | ୩୨୦୪ | ୧୩୭ | ୩୬.୪୧ | ୫ | ୧୯ |
| ଟି୨୦ | ୪ | ୬୧ | ୨୬ | ୧୫.୨୫ | ୦ | ୦ |

**ଲଣ୍ଡନ, ୩।୯ (ପି.ଟି.):** ଇଂଲଣ୍ଡର ସର୍ବକାଳୀନ ସର୍ବାଧିକ ଟେଷ୍ଟ ରନ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତଥା ପ୍ରାକ୍ତନ ଇଂଲଣ୍ଡ ଅଧିନାୟକ ଆଲିଷ୍ଟର କୁକ୍ ସୋମବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେପ୍ଟେମ୍ବର ୭ରୁ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜର ୫ମ ମ୍ୟାଚ୍ କୁକ୍‌ଙ୍କ କ୍ୟାରିୟର ଅନ୍ତିମ ମ୍ୟାଚ୍ ହେବ। ବର୍ତ୍ତମାନ ସୁଦ୍ଧା ୧୬୦ଟି ଟେଷ୍ଟ ମ୍ୟାଚ୍ ଖେଳିସାରିଥିବା ବାମହାତୀ ବ୍ୟାଟ୍ସମ୍ୟାନ କୁକ୍ ୪୪.୮୮ ଆଭରେଜରେ ୧୨,୨୫୪ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୩୨ଟି ଶତକ ଓ ୫୬ଟି ଅର୍ଦ୍ଧଶତକ ସାମିଲ ରହିଛି। ୨୦୧୧ରେ ବିର୍ମିଂହାମରେ ଭାରତ ବିପକ୍ଷରେ ଖେଳିଥିବା ୨୯୪ ରନର ମାରାଥନ ଆଉ କିଛି ନାହିଁ। ଯାହା ମୁଁ ଭାବି ନ ଥିଲି ତାହାଠାରୁ ଢ଼େର ଅଧିକ ହାସଲ କରିପାରିଛି। ବହୁତ ଦିନ ଧରି ଜାତୀୟ ଦଳ ପକ୍ଷରୁ ଖେଳିବା ସହ କିଛି ମହାନ ଖେଳାଳିଙ୍କ ସହ ଏକାଠି ଖେଳିବାର ସୌଭାଗ୍ୟ ପାଇଛି' ବୋଲି କୁକ୍ ଏହି ଅବସରରେ ପ୍ରକାଶ କରିଛନ୍ତି। ୨୦୦୬ରେ ବିଦର୍ଭରେ ଭାରତ ବିପକ୍ଷରେ ଖେଳି କ୍ୟାରିୟର ଆରମ୍ଭ କରିଥିବା କୁକ୍ ୨୦୧୨ରେ ଭାରତ ମାଟିରେ ଘରୋଇ ଦଳକୁ ୨-୧ରେ ହରାଇଥିଲେ। ଏହା ତାଙ୍କ କ୍ୟାରିୟର ଶ୍ରେଷ୍ଠ ସିରିଜ ବିଜୟ ଥିଲା। ୨୦୧୨ରେ ସିରିଜରେ ସେ ମୋଟେରାରେ ୧୭୬, ମୁମ୍ବାଇରେ ୧୨୨ ଓ ଇଡେନ ଗାଡେନ୍ସରେ ୧୯୦ ରନର ଇନିଂସ ଖେଳି ଘରୋଇ ଦଳକୁ ଅଡୁଆରେ ପକାଇଥିଲେ।

### ସଂଖ୍ୟାରେ କୁକ୍

- ୧୬୦- ୨୦୦୬ରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା କୁକ୍ ବର୍ତ୍ତମାନ ସୁଦ୍ଧା ୧୬୦ଟି ମ୍ୟାଚ୍ ଖେଳିସାରିଛନ୍ତି।
- ୧୨,୨୫୪- କୁକ୍ ଟେଷ୍ଟ କ୍ରିକେଟରେ ୧୨,୨୫୪ ରନ ସଂଗ୍ରହ କରିଛନ୍ତି। ସର୍ବାଧିକ ରନ ସଂଗ୍ରହକାରୀ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ତାଲିକାରେ ସେ ଗ୍ରାହମ ଗୁଚ୍ (୮୯୦୦)ଙ୍କଠାରୁ ୩ ହଜାରରୁ ଊର୍ଦ୍ଧ୍ୱ ରନ ଆଗରେ ରହିଛନ୍ତି। ବିଶ୍ୱ ତାଲିକାରେ କୁକ୍ ୬ଷ୍ଠ ସ୍ଥାନରେ ରହିଛନ୍ତି।
- ୨୬,୦୮୬- ଟେଷ୍ଟ କ୍ରିକେଟରେ କୁକ୍ ୨୬,୦୮୬ ବଲ୍ କିମ୍ବା ୪,୩୪୭ ଓଭର ସାମ୍ନା କରିଛନ୍ତି।
- ୨୯୪- ୨୦୧୧ରେ ଭାରତ ବିପକ୍ଷରେ ଏଜବାଷ୍ଟନରେ ୨୯୪ ରନ ସଂଗ୍ରହ କରିଥିଲେ, ଯାହା ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର।
- ୩୨- ଟେଷ୍ଟ କ୍ରିକେଟରେ ମୋଟ୍ ୩୨ଟି ଶତକ ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ଅର୍ଜନକାରୀ ବ୍ୟାଟ୍ସମ୍ୟାନ ତାଲିକାରେ କୁକ୍ ମହାନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍‌ଙ୍କ ସହ ଯୁଗ୍ମଭାବେ ୧୦ମ ସ୍ଥାନରେ ରହିଛନ୍ତି। କୁକ୍‌ଙ୍କ ପଛକୁ କେଭିନ ପିଟରସନ (୨୩) ଇଂଲଣ୍ଡ ପାଇଁ ସର୍ବାଧିକ ଟେଷ୍ଟ ଶତକ ହାସଲ କରିଛନ୍ତି।
- ୧୭୩- ଟେଷ୍ଟ କ୍ରିକେଟରେ କୁକ୍ ୧୭୩ଟି କ୍ୟାଚ୍ ନେଇଛନ୍ତି। ଏଥିରୁ ସର୍ବାଧିକ କ୍ୟାଚ୍ ସେ ପ୍ରଥମ ସ୍ଲିପ୍‌ରେ ଧରିଛନ୍ତି।
- ୧- କୁକ୍ ଟେଷ୍ଟ କ୍ୟାରିୟରରେ ଗୋଟିଏ ମାତ୍ର ଉଇକେଟ୍ ଅକ୍ତିଆର କରିଛନ୍ତି। କୁକ୍‌ଙ୍କ ଏକମାତ୍ର ଶିକାର ହୋଇଥିବା ବ୍ୟାଟ୍ସମ୍ୟାନ ଜଣକ ହେଲେ ଇଶାନ୍ତ ଶର୍ମା। ୨୦୧୪ ସିରିଜରେ ଟ୍ରେଣ୍ଟବ୍ରିଜରେ ମ୍ୟାଟ ପ୍ରାୟରଙ୍କ ହାତରେ ଇଶାନ୍ତଙ୍କୁ ଆଉଟ୍ କରି କୁକ୍ ଏହି ଉଇକେଟ୍ ନେଇଥିଲେ।

### ୟୁଏସ୍ ଓପନ: କ୍ୱାର୍ଟରରେ ସେରେନା, ନାଡାଲ



**ନ୍ୟୁୟର୍କ,୩।୯(ଏଏଫ୍‌ପି)**

ମହିଳା ସିଙ୍ଗଲ୍ସ ବର୍ଗର ଛ' ଥର ଚାମ୍ପିୟନ ସେରେନା ୱିଲିୟମ୍ସ ଚଳିତ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେରେନା ୬-୦, ୪-୬, ୬-୩ ସେଟ୍‌ରେ ଅଣ ସିଡ୍ କାଇଆ କାନେପିଙ୍କୁ ପରାସ୍ତ କରିଛନ୍ତି। ୨୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସେରେନା କ୍ୱାର୍ଟର ଫାଇନାଲରେ କାରୋଲିନା ପ୍ଲିସ୍କୋଭାଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚ୍‌ରେ ୮ମ ସିଡ୍ ପ୍ଲିସ୍କୋଭା ୬-୪, ୬-୪ ସେଟ୍‌ରେ ଆଶଲେଘ ବାର୍ଟିଙ୍କୁ ପରାସ୍ତ କରିଛନ୍ତି। ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ସ୍ପାନିଶ ଟେନିସ ତାରକା ରାଫାଲ ନାଡାଲ ଓ ୯ମ ସିଡ୍ ଡୋମିନିକ୍ ଥିଏମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬'ର ଏକ ମୁକାବିଲାରେ ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନରେ ଥିବା ନାଡାଲ ୬-୩, ୬-୩, ୬-୭, ୬-୪ ସେଟ୍‌ରେ ୨୬ ବର୍ଷୀୟ ଜର୍ଜିଆର ନିକୋଲୋଜ ବସିଲାସଭିଲିଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅନ୍ୟ ଏକ ପ୍ରି-କ୍ୱାର୍ଟର ମୁକାବିଲାରେ ଅଷ୍ଟ୍ରେଲିଆ ଯୁବ ତାରକା ଡୋମିନିକ୍ ଥିଏମ୍ ୭-୫, ୬-୨, ୭-୬ (୭/୨) ସେଟ୍‌ରେ ଗତବର୍ଷର ରନର୍ସଅପ୍ କେଭିନ ଆଣ୍ଡରସନଙ୍କୁ ହରାଇଛନ୍ତି।

DSPL-146

ଓଡ଼ିଶା ଶାସନ

ଶିଶୁର ପରିପୂରକ ଖାଦ୍ୟାଭ୍ୟାସ
ଏକ ସଚେତନତା ଅଭିଯାନ



ରାଜ୍ୟର କନିଷ୍ଠତମ ନାଗରିକ ମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ବିକାଶ ନିମନ୍ତେ ଏକ ଉଦ୍ୟମ

୬ ମାସରୁ ୨୪ ମାସ ମଧ୍ୟର ଶିଶୁ ମାନଙ୍କ ପାଇଁ ପରିପୂରକ ଖାଦ୍ୟାଭ୍ୟାସର ଗୁରୁତ୍ୱ ବୃଦ୍ଧି ପାଇଁ ଏକ ପ୍ରଚେଷ୍ଟା

ପିତାମାତା ଏବଂ ଶିଶୁର ଦେଖା ଚାହାଁ କରୁଥିବା ଲୋକମାନେ ଏକଥା ଜାଣି ରଖିବା ଦରକାର ଯେ ଶିଶୁଟିକୁ ୬ ମାସ ହେବା ପରେ ସ୍ତନ୍ୟପାନ ସହ ନିମ୍ନଲିଖିତ ବିଷୟକୁ ସୁନିଶ୍ଚିତ କରାଯିବା ଦରକାର



- ଘରେ ରନ୍ଧା ହୋଇଥିବା ସ୍ୱାସ୍ଥ୍ୟକର ଖାଦ୍ୟକୁ ଉପଯୁକ୍ତ ପରିମାଣରେ ଦେବା ଆବଶ୍ୟକ
- ଶିଶୁକୁ ଯେଉଁସବୁ ଖାଦ୍ୟରୁ ଉପଯୁକ୍ତ ପରିମାଣର ଆବଶ୍ୟକୀୟ ପୋଷକ ମିଳିପାରିବ ତାହା ଖାଇବାକୁ ଦିଅନ୍ତୁ
- ଖାଦ୍ୟ ପ୍ରସ୍ତୁତି ସମୟରେ କିମ୍ବା ପିଲାକୁ ଖୁଆଉଥିବା ସମୟରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ଓଡିଶା ସରକାର

33001/13/0007/1819

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ସେପ୍ଟେମ୍ବର ୪ /୨୦୧୮ Dhenkanal-Angul, Tuesday, September 4 / 2018

**ସଂକ୍ଷେପରେ**

## କାର୍ଯ୍ୟ ଶେଷ ସତ୍ତ୍ୱେ ମିଳୁନି ପ୍ରାପ୍ୟ

ହିନ୍ଦୋଳ,୩।୯(ଡି.ଏନ.ଏ.)- ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କଁସରା ପଞ୍ଚାୟତରେ ଏକ କୂଅ ନିର୍ମାଣ କାର୍ଯ୍ୟ ଶେଷ ହେବା ସତ୍ତ୍ୱେ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳି ନ ଥିବା ସୋମବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ, ଗ୍ରାମର ଦେବରାଜ ସାହୁ, ଦୁର୍ଯ୍ୟୋଧନ ନାୟକ ଓ ବନ୍ଧୁଆ ସେଠୀ ୨୦୧୫ ଅଗଷ୍ଟ ୧୫ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟରୁ ସରକାରୀ ଯୋଜନାରେ ଓ୍ୱାର୍କ ଅର୍ଡର ପାଇ ୧ ଲକ୍ଷ ୪୫ ହଜାର ଲେଖାଏଁ ଟଙ୍କାର କାର୍ଯ୍ୟାଦେଶ ପାଇଥିଲେ। ଏଥିସହ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସେମାନେ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ। ମାତ୍ର ସେମାନଙ୍କୁ ଅଦ୍ୟାବଧି କୌଣସି ଅର୍ଥ ପ୍ରଦାନ କରାଯାଇ ନ ଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ସେମାନଙ୍କୁ ତୁରନ୍ତ ପ୍ରାପ୍ୟ ଅର୍ଥ ପ୍ରଦାନ କରିବାକୁ ଉପଜିଲାପାଳ ଭବେଶ କୁମାର ନାୟକଙ୍କୁ ନିବେଦନ କରିଛନ୍ତି। ଉପଜିଲାପାଳ ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହିତାଧିକାରୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

## ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ

ଢେଙ୍କାନାଳ ଅଫିସ,୩।୯- ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର ୧୪ ତମ ପ୍ରତିଷ୍ଠା ଦିବସ ସହିତ ୧୩ତମ ବାର୍ଷିକ ଉତ୍ସବ ରବିବାର କାରିଗର ସାହିସ୍ଥିତ ଅଭିନନ୍ଦନ ଗାର୍ଡେନରେ ପାଳିତ ହୋଇଯାଇଛି। ସଭାପତି ରମାକାନ୍ତ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମେତ ମଞ୍ଚର ଦିବଙ୍ଗତ ସଦସ୍ୟଙ୍କ ଅମରାତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉତ୍ସବରେ ବରିଷ୍ଠ ନାଗରିକ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଓ ସର୍ବଭାରତୀୟସ୍ତର ସଂଗଠନରେ ସ୍ୱତନ୍ତ୍ର ସଦସ୍ୟ ଭାବେ ମନୋନୀତ ହୋଇଥିବା ମଞ୍ଚର ଉପଦେଷ୍ଟା ପ୍ରହ୍ଲାଦ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ ବିବରଣୀ ପାଠ କରିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ସଦସ୍ୟ ଗଗନ ବିହାରୀ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ ଦାବି

ହିନ୍ଦୋଳ,୩।୯(ଡି.ଏନ.ଏ.)- ହିନ୍ଦୋଳ ବ୍ଲକ ସଞ୍ଜପଡା ପଞ୍ଚାୟତର ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବାକୁ ସମିତି ସଭ୍ୟ ଜଗଦୀଶ ସାହୁ ସୋମବାର ଉପଜିଲାପାଳଙ୍କଠାରେ ଦାବି କରିଛନ୍ତି। ଉପଜିଲାପାଳ ଏଥିପ୍ରତି ଦୃଷ୍ଟି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ। ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ବହୁ ସ୍ୱଚ୍ଛଳ ବର୍ଗର ଲୋକେ କେତେଜଣ ଡିଲରଙ୍କ ମାଧମରେ ଯୋଜନାରେ ନିଜ ନାମକୁ ସାମିଲ କରିବାକୁ ଚେଷ୍ଟା ଚଳାଇଛନ୍ତି। ଫଳରେ ପ୍ରକୃତ ହିତାଧିକାରୀ ଏଥିରୁ ବାଦ ପଡିଯିବା ଆଶଙ୍କା ଥିବା ସମିତି ସଭ୍ୟ ଉପଜିଲାପାଳଙ୍କୁ ଜଣାଇଥିଲେ।

## ଗଣତନ୍ତ୍ର ସୁରକ୍ଷା ଓ ବିକାଶ ଅଭିଯାନର ଶୁଭାରମ୍ଭ

ଅନୁଗୋଳ ଅଫିସ, ୩।୯- ଉତ୍କଳ ନବ ଜୀବନ ମଣ୍ଡଳ ପରିସରରେ ରବିବାର ଗଣତନ୍ତ୍ର ସୁରକ୍ଷା ଓ ବିକାଶ ଅଭିଯାନର ଶୁଭାରମ୍ଭ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଣ୍ଡଳ ସମ୍ପାଦକ ମୁରଲୀଧର ମୂଳିଆ, ମୋହନ ଗୋଚ୍ଛାୟତ, ରୋହିତ ସାମଲ, ଶିବରାମ ମିଶ୍ର, ଆଦ୍ୟାଶ୍ଳୋକ ମିଶ୍ର, ପଞ୍ଚାନନ ନାଏକ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଆଦିତ୍ୟ ପ୍ରସାଦ ମିଶ୍ର, ଆହାସ ବୀର ପ୍ରମୁଖ ଯୋଗଦେଇ ଦକ୍ଷ, ସଚ୍ଚୋଟ ଲୋକପ୍ରତିନିଧିଙ୍କୁ ନିର୍ବାଚିତ କରାଇବା ସହ ପ୍ରଶାସନକୁ ଉତ୍ତରଦାୟୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ ଲିପିକା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୋଦାମ, ସମବାୟ ସମିତିରେ ମିଳୁନି ସାର

**ଆଠମଲ୍ଲିକ, ୩।୯(ଡି.ଏନ.ଏ.)**

- ଚାଷ ବ୍ୟାହତ, ଚାଷୀ ମହଲରେ ଅସନ୍ତୋଷ
- ଆଠମଲ୍ଲିକରେ ମାର୍କଫେଡ, ବାମୁରରେ ରେକ୍ ପଏଣ୍ଟ ଦାବି

ଅନୁଗୋଳ ଜିଲା ଆଠମଲ୍ଲିକରେ ଚାଷୀଙ୍କୁ ଠିକଣା ସମୟରେ ମିଳୁନି ସାର। ଚଳିତ ବର୍ଷ ଚାଷ କାର୍ଯ୍ୟ ପୁରୁଖୁରୁରେ ଆଗେଇ ଥିଲେ ମଧ୍ୟ ଏବେ ସାର ସମସ୍ୟା ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ୟୁରିଆ ସାର ପାଇଁ ବାରମ୍ବାର ଗୋଦାମ, ସମବାୟ ସମିତିକୁ ଯାଇ ଫେରୁଥିବା ଅଞ୍ଚଳ ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। କେବଳ ଚଳିତ ବର୍ଷ ନୁହେଁ ଦୀର୍ଘ ବର୍ଷ ଧରି ଏପରି ସମସ୍ୟା ଉପୁଜୁଥିବା ସତ୍ତ୍ୱେ ସରକାରୀସ୍ତରରେ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି।

ସୂଚନାଯୋଗ୍ୟ, ଆଠମଲ୍ଲିକ ସହର ସମେତ ବ୍ଲକରେ ସମୁଦାୟ ୩୫,୯୩୦ ହେକ୍ଟର ଚାଷ ଜମି ରହିଛି। ଏଥିରୁ ୧୨,୪୬୭ ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୧୦,୯୧୮ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ଆଠମଲ୍ଲିକରେ ଚାଷୀ ସାଧାରଣତଃ ବର୍ଷା ଉପରେ ନିର୍ଭର କରିଥାନ୍ତି। ଚଳିତ ବର୍ଷ ଭଲ ବର୍ଷା ହେବାରୁ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଉଥିବାବେଳେ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି ସାର ଅଭାବ। ସରକାରଙ୍କ ପକ୍ଷରୁ ଆଠମଲ୍ଲିକର ୧୭ଟି ସେବା ସମବାୟ ସମିତି ମାଧ୍ୟମରେ ସାର ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏଥିପାଇଁ ମାଧପୁର ଓ କର୍ଣ୍ଣପ୍ରାଗଡ ଦୁଇଟି ସେବା ସମବାୟ ସମିତିକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମାଧପୁର ସମିତିକୁ ୧୫୫୫ କୁଇଣ୍ଟାଲ ୟୁରିଆ ଯୋଗାଇ ଦିଆଯାଇଥିବା ବେଳେ ଆଠମଲ୍ଲିକ ସହରରେ ଥିବା ଗୋଟିଏ ମାତ୍ର ସରକାରୀ ଲାଇସେନ୍ସ ପ୍ରାପ୍ତ କର୍ଣ୍ଣପ୍ରାଗଡ ସେବାସମବାୟ ସମିତିକୁ ଆଦୌ ସାର ଆସି ନ ଥିବା ଜଣାଯାଇଛି। ଫଳରେ କର୍ଣ୍ଣପ୍ରାଗଡ, ସାନହୁଲା, ପାଇକସାହି, ଅଣ୍ଡା ସେବା ସମବାୟ ସମିତି ନିମନ୍ତେ ୩୦୦, ମାଧପୁର ୪୦୦, କିଆକଟା, କନ୍ଦପଡା, କମଳା, ଠାକୁରଗଡ, କୁକିବାସପୁର, କନ୍ତପଡା ସେବା ସମବାୟ ସମିତି ପାଇଁ ୨୦୦ କୁଇଣ୍ଟାଲ, ପୁରୁଣାମାଣତ୍ରା, ଲିପିଲେଇ, ବଘୁଆକଟା, ଆୟରମୁଣ୍ଡା ପାଇଁ ୧୫୦ କୁଇଣ୍ଟାଲ ୟୁରିଆର ଆବଶ୍ୟକତା ପୂରଣ ହୋଇପାରୁନାହିଁ। ସାର ଯୋଗାଇ ଦେବାକୁ କୃଷି ବିଭାଗ ପକ୍ଷରୁ ବାରମ୍ବାର ପତ୍ର ଲେଖାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଜଣାଯାଇଛି। ଅବସ୍ଥା ଏପରି ହୋଇଛି ଆଠମଲ୍ଲିକର ଦୁଇଟି ସରକାରୀ ଲାଇସେନ୍ସ ପ୍ରାପ୍ତ ସାର ଗୋଦାମରୁ ମଧ୍ୟ ସାର ମିଳୁନାହିଁ। ସମ୍ବଲପୁରରେ ରେକ ପଏଣ୍ଟ ଥିବାରୁ ଆଠମଲ୍ଲିକକୁ ଆବଶ୍ୟକ ସାର ଆସିପାରୁ ନ ଥିବା ଅଭିଯୋଗ ହୋଇଛି। ଏଥିସହ ଆଠମଲ୍ଲିକଠାରେ ମାର୍କଫେଡ ଗୋଦାମ ନିର୍ମାଣ କରାଯିବାକୁ ମଧ୍ୟ ଦାବି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ସହକାରୀ କୃଷି ଅଧିକାରୀ ଅଞ୍ଜନ କୁମାର ନାୟକ କୁହନ୍ତି, ଚାଷ କାର୍ଯ୍ୟ ସୁଚାରୁ ରୂପେ ଚାଲିଛି। ତେବେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସାର ସମସ୍ୟା ଦେଖାଦେଇଛି। ସମ୍ବଲପୁରରେ ରେକ୍ ପଏଣ୍ଟ ରହିଥିବା ବେଳେ ଆଠମଲ୍ଲିକରେ ମାର୍କଫେଡ ଗୋଦାମ ନ ଥିବାରୁ ସାର ଯୋଗାଣରେ ଅସୁବିଧା ହେଉଛି। ବାମୁର ରେଳ ଷ୍ଟେସନଠାରେ ରେକ୍ ପଏଣ୍ଟର ଆବଶ୍ୟକତା ରହିଛି। ଏଥିସହ ଆଠମଲ୍ଲିକରେ ମଧ୍ୟ ଏକ ମାର୍କଫେଡ ଗୋଦାମ ନିର୍ମାଣ କରାଗଲେ ସାର ଅଭାବ ସମସ୍ୟା ଦୂର ହୋଇପାରିବ। ଏ ନେଇ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଜଣାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।



## ୫ ଶହ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ

**ଭୁବନ,୩।୯(ଡି.ଏନ.ଏ.)**

ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ସୋମବାର ୫୦୦ ନିର୍ମାଣ ଶ୍ରମିକଙ୍କୁ ସାଇକେଲ ଓ ୩୦୦ ନିର୍ମାଣ ଶ୍ରମିକଙ୍କୁ ସୁରକ୍ଷା କିଟ୍ ବଣ୍ଟନ କରାଯାଇଛି। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଉପ ସମାହର୍ତ୍ତା ଜିତ୍ ମୋହନ ହାଁସଦା ଏଥିରେ ଅଧ୍ୟକ୍ଷତା କରିଥିଲେ। ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାରେ ଥିବା ନିର୍ମାଣ ଶ୍ରମିକଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ପ୍ରକାଶ କରିଥିଲେ। ଜିଲା ଶ୍ରମ ଅଧିକାରୀ ମାନସ ରଞ୍ଜନ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଏନ୍ଏସି ଅଧ୍ୟକ୍ଷା ସ୍ୱର୍ଣ୍ଣମଞ୍ଜରୀ ସାହୁ, ପ୍ରଗତିଶୀଳ ନିର୍ମାଣ ଶ୍ରମିକ ସଂଗଠନର ସଭାପତି ଶିବରାମ ସାହୁ, ଓଡ଼ିଶା ମଜଦୁର ସଭାର କାମାକ୍ଷାନଗର ଉପଖଣ୍ଡ ସଂଯୋଜକ ଆମଜାଦ ଖାଁ, ଶ୍ରମ ନିର୍ଦ୍ଦେଶକ ନିରଞ୍ଜନ ବରାଳ, ବରିଷ୍ଠ କର୍ମକର୍ତ୍ତା ଦେବରାଜ ସିନ୍ଧୁ, ଶୁଭଙ୍କର ସାହୁ, ସଞ୍ଜୟ ସାହୁ, ଯୁଧିଷ୍ଠିର ସାମଲଙ୍କ ସମେତ କାମାକ୍ଷାନଗର ଉପଖଣ୍ଡର ସମସ୍ତ ନିର୍ମାଣ ଶ୍ରମିକ, ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଓଡ଼ିଶା ମଜଦୁର ଜିଲା ସଂଯୋଜକ ବାସୁଦେବ ସାହୁ ଧନ୍ୟବାଦ ଦେଇଥିଲେ।

## ଜଳ ପ୍ରକଳ୍ପ, ଖେଳ ପଡ଼ିଆ ପାଇଁ ଜମି ଚିହ୍ନଟ



ଯୁବଗୋଷ୍ଠୀଙ୍କ ସହ ଏମ୍‌ପିଙ୍କ ଜିଲା ପ୍ରତିନିଧି।

**ଅନୁଗୋଳ ଅଫିସ, ୩।୯**

ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପି ଲାଡ୍)ରେ ନିର୍ମାଣ ହେବାକୁ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଓ ଖେଳପଡିଆର ଉନ୍ନତୀକରଣ ପାଇଁ ଜମି ଚିହ୍ନଟ କରାଯାଇଛି। ଏ ନେଇ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତିପ୍ରସାଦ ଦାସ କାଙ୍ଗୁଲା-ବେନ୍ତପୁର ପଞ୍ଚାୟତର କାଙ୍ଗୁଲା ଗ୍ରାମରେ ପହଞ୍ଚିଥିଲେ। ସ୍ଥାନୀୟ ଯୁବ ଗୋଷ୍ଠୀ ତାଙ୍କୁ ସ୍ୱାଗତ କରିବା ସହ ଗାଁ ବୁଲାଇ ଜମି ଚିହ୍ନଟ କରାଇଥିଲେ। ଏହି ଅବସରରେ ଏମ୍‌ପିଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ଗ୍ରାମର ବିଭିନ୍ନ ସମସ୍ୟା ଓ ସମାଧାନ ଦିଗରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଆଲୋଚନା କରିଥିଲେ। ସରପଞ୍ଚ ପ୍ରକାଶ ଭୋଇ, ଯୁବ ବିଜେଡି ନେତା ମାନସ ରଞ୍ଜନ ଦେହୁରୀ, ଚନ୍ଦ୍ରଭାନୁ ରଥ, ତାପସ ପାଲ, ମନୋରଞ୍ଜନ ତ୍ରିପାଠୀ, ବେଣୁଧର ବେହେରା, ପ୍ରହ୍ଲାଦ ସାହୁ, ବିକ୍ରମ ସେଠୀ, ଜିତେନ୍ଦ୍ର ମୁଦୁଲି, ସୁଶିତ ସାହୁ, ବସନ୍ତ ପ୍ରଧାନ, ଦୁର୍ଲ୍ଲଭ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଧାନ ଫସଲ ନଷ୍ଟ କଲେ ହାତୀ

**ଛେଣ୍ଡିପଦା,୩।୯(ସ୍ୱ.ପ୍ର)**

ଛେଣ୍ଡିପଦା ଅନ୍ତର୍ଗତ କଇଁଛପଦା ଅଞ୍ଚଳରେ ଶନିବାର ରାତିରେ ହାତୀ ଉପଦ୍ରବ କରିଛନ୍ତି। କଇଁଛପଦା ନିକଟସ୍ଥ ଜରାଛାଟ ଗ୍ରାମର ଅଜିତ କୁମାର ସାହୁ, ଅରୁଣ ସାହୁ, ପ୍ରମୋଦ ସାହୁ, ଗୋପାଳ ଚନ୍ଦ୍ର ସାହୁ, ସୁରଥ ସାହୁ, ରାଜୁ ସାହୁ, ଶ୍ରୀକର ସାହୁ, ଗୋକୁଳା ସାହୁ, ଗଣେଶ୍ୱର ସାହୁଙ୍କ ପ୍ରାୟ ୨ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ହାତୀପଲ ଦଳି ଚକଟି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ ବନବିଭାଗ ପକ୍ଷରୁ ସହାୟତା ଯୋଗାଇବାକୁ ଦାବି ହୋଇଛି।

## ଫସଲ ବୀମା ରାଶି ପ୍ରଦାନ ଦାବି

**ଛେଣ୍ଡିପଦା,୩।୯(ଡି.ଏନ.ଏ.)**

ନିଶା ଶିଳ୍ପାଞ୍ଚଳ ଥାନା ବଡକେରଜାଙ୍ଗ ସେବା ସମବାୟ ସମିତି ଅଫିସ ପରିସରରେ ରବିବାର ଫସଲ ବୀମା ରାଶି ପ୍ରଦାନ ଦାବିରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡକେରଜାଙ୍ଗ ସେବା ସମବାୟ ସମିତି ସଭାପତି ହୃଷୀକେଶ ପ୍ରଧାନଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବୈଠକରେ ଗତ ବର୍ଷର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସହାୟତା ରାଶି ଚାଷୀମାନଙ୍କୁ ମଞ୍ଜୁର କରାଯାଇ ନ ଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷ କରି ଜରପଡା ଏବଂ ତୁବେ ରାଜସ୍ୱ ସର୍କଲ ଅଧୀନରେ ଥିବା ସମସ୍ତ ପଞ୍ଚାୟତରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ଅଦ୍ୟାବଧି ଅଧିକାଂଶ ପଞ୍ଚାୟତକୁ ମରୁଡ଼ି ଘୋଷଣା କରାଯାଇ ନାହିଁ। ଫସଲ ବୀମା ରାଶି ମଞ୍ଜୁର କରାଯାଇ ନ ଥିବା ଯୋଗୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ତରଫରୁ ତ୍ରୁଟିପୂର୍ଣ୍ଣ ଭାବେ କ୍ଷୟକ୍ଷତି ଆକଳନ କରାଯାଇଥିବା ଅଭିଯୋଗ ହୋଇଥିଲା। ତୁରନ୍ତ ପଞ୍ଚାୟତଗୁଡିକୁ ମରୁଡ଼ି ଘୋଷଣା କରାଯାଇ ବୀମା ରାଶି ପ୍ରଦାନ କରିବା ପାଇଁ ଦାବି ହୋଇଛି। ଏ ଦିଗରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ତୁବେ ସରପଞ୍ଚ ମୀନାକ୍ଷୀ ବେହେରା, ମନୋଜ ବେହେରା, ସାଆନ୍ତରାପୁର ବନିତା ଦେହୁରୀ, ଉମାବତୀ ପ୍ରଧାନ, ରଞ୍ଜୁଲ୍ତା ସେଠୀ, ମିଲି ମହାଲିକ, ମାନସୀ ଦେବୀ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁଜାତା ପ୍ରଧାନ, ସରୋଜିନୀ ଦେହୁରୀ, ସୂର୍ଯ୍ୟକାନ୍ତ ନାଏକ, ଗୋବିନ୍ଦ ମହାଲିକ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ନିର୍ମାଣ ହେଉନି ରେଳ ଷ୍ଟେଶନ, ହେବ ଆନ୍ଦୋଳନ

**ବଇଣ୍ଡା,୩।୯(ଡି.ଏନ.ଏ.)**



ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ କଣ୍ଢାଳ ନିକଟରେ ବହୁବାର ଦାବି ସତ୍ତ୍ୱେ ରେଳ ଷ୍ଟେଶନ ନିର୍ମାଣ କରାଯାଉ ନାହିଁ। ଫଳରେ ୪ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଏହା ପ୍ରତିବାଦରେ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ନାକିଚି ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ସୋମବାର ନାକିଚିଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବୈଠକ ବସିଥିଲା। କମିଟି ସଭାପତି ବିଜୟ କୁମାର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନାକିଚି ସରପଞ୍ଚ ପ୍ରଶାନ୍ତ କୁମାର ଦିଆଣି, ଉରୁକୁଳା ସରପଞ୍ଚ ଅଶୋକ କୁମାର ପ୍ରଧାନ, କମିଟିର ସମ୍ପାଦକ ସନତ କୁମାର ପ୍ରଧାନ, ଶିକ୍ଷାବିତ୍ ଗଙ୍ଗାଧର ବେହେରା, କୃଷ୍ଣଚନ୍ଦ୍ର ବେହେରା, ପୀତାମ୍ବର ବେହେରା, ସ୍ୱପ୍ନେଶ୍ୱର ପ୍ରଧାନ, ରମାକାନ୍ତ ପ୍ରଧାନ, ଅଶୋକ ପ୍ରଧାନ, ନାରାୟଣ ମାଝି, ପଦ୍ମଲୋଚନ ବାଘ, ଜେନାମଣି ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। କମିଟି ପକ୍ଷରୁ କୁହାଯାଇଛି ଯେ, କଣ୍ଢାଳଠାରେ ଏକ ରେଳ ଷ୍ଟେଶନ ନିର୍ମାଣ ପାଇଁ ବହୁବାର ଦାବି ହୋଇ ଆସୁଛି। ଏଠାରେ ଷ୍ଟେଶନ ନିର୍ମାଣ ହେଲେ ନାକିଚି, ଉରୁକୁଳା, କୁର୍ଡ଼ିବାସପୁର, ଠାକୁରଗଡ଼, ଅଙ୍ଗପଡ଼ା, ଧରଡ଼ପାଳ ଆଦି ପଞ୍ଚାୟତବାସୀ ସୁବିଧା ପାଇପାରିବେ। ଏ ନେଇ ପୂର୍ବରୁ ସମ୍ବଲପୁର ଏମ୍‌ପି, ରେଳମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଫଳରେ ଲୋକେ ୨୫ କିମି ଦୂର ବାମୁର ଓ ବଇଣ୍ଡା ରେଳ ଷ୍ଟେଶନ ଉପରେ ନିର୍ଭର କରୁଛନ୍ତି। ତୁରନ୍ତ ରେଳ ଷ୍ଟେଶନ ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଏମ୍‌ସିଏଲ୍ ନିର୍ଦ୍ଦେଶକଙ୍କ ସହ ଏନ୍‌ଏସ୍‌ସିୟୁର ଆଲୋଚନା



ବଅଁରପାଳ,୩।୯ (ଡି.ଏନ୍.ଏ)- ନାଲ୍‌କୋର ତାପଜ ବିଦ୍ୟୁତ୍ କେନ୍ଦ୍ର ବର୍ତ୍ତମାନ କୋଇଲା ସଙ୍କଟ ଦେଇ ଗତି କରୁଥିବା ନେଇ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ପକ୍ଷରୁ ଏମ୍‌ସିଏଲ୍‌ର ବୈଷୟିକ ନିର୍ଦ୍ଦେଶକ(ଉତ୍ପାଦନ) ଜଶବିନ୍ଦରପାଲ ସିଂଙ୍କୁ ଏମ୍‌ସିଏଲର ବୁର୍ଲା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଭେଟି ଆଲୋଚନା କରାଯାଇଛି। ଏହି ଅବସରରେ ୟୁନିୟନ କର୍ମକର୍ତ୍ତାମାନେ କହିଥିଲେ ଯେ, ନାଲ୍‌କୋ ପାଇଁ ଦୈନିକ ୧୭ ହଜାର ଟନ୍ କୋଇଲାର ଆବଶ୍ୟକତା ରହିଛି। କିନ୍ତୁ ଏମ୍‌ସିଏଲ୍‌ରୁ ମାତ୍ର ୫ ହଜାର ଟନ୍ କୋଇଲା ମିଳୁଛି। ତେଣୁ ଏହି ବିଦ୍ୟୁତ୍ କେନ୍ଦ୍ର କୋଇଲା ସମସ୍ୟାରେ ଯୁଝି ହେଉଥିବା କର୍ମକର୍ତ୍ତାମାନେ ଅବଗତ କରାଇଥିଲେ। ଏନ୍‌ଏସ୍‌ସିୟୁ ପ୍ରତିନିଧି ଦଳର ଅନୁରୋଧ ଏବଂ ନାଲ୍‌କୋ ଆବଶ୍ୟକତାକୁ ଉପଲବ୍ଧି କରି ଏମ୍‌ସିଏଲ୍ ବୈଷୟିକ ନିର୍ଦ୍ଦେଶକ ସିଂ ତୁରନ୍ତ ପଦକ୍ଷେପ ସ୍ୱରୂପ ଭରତପୁର ଖଣିର ମହାପ୍ରବନ୍ଧକଙ୍କୁ ଦୈନିକ ୧୧ ହଜାର ଟନ୍ କୋଇଲା ଏମ୍‌ଜିଆର୍ ମାଧ୍ୟମରେ ଓ ଅନ୍ୟ ତିନୋଟି ର୍ୟାକ୍ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଏନ୍‌ଟିୟୁସି (ରାଜ୍ୟ) ଉପସଭାପତି ମଦନମୋହନ ଧଳ ଓ ଏନ୍‌ଏସ୍‌ସିୟୁ ସାଧାରଣ ସମ୍ପାଦକ ପରେଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳରେ ଏନ୍‌ଏସସିୟୁ କର୍ମକର୍ତ୍ତା ବିଭୂତି ଶତପଥୀ, ବିଜୟ ଖୁଣ୍ଟିଆ, ହେମନ୍ତ ପ୍ରଧାନ, ସନାତନ ଭୂତିଆ, ପ୍ରଦୀପ୍ତ ସାହୁ, ସୁଜିତ ସେଠ, ସନ୍ତୋଷ ମହାରଣା, ରମେଶ ଭୋଇ, କୁଳମଣି ସାହୁ, ମଦେଶ ଓରାମ, ଦିଲୀପ ରାଉତ, ଦୀନବନ୍ଧୁ ମିଶ୍ର, ଗୁଣନିଧି ଆରୁଖ, ଅଶୋକ ବେହେରା, ବାବୁଲା ସାମଲଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବଜାରକୁ ଆସିଲା ମହିନ୍ଦ୍ରାର ମାରାଜୋ

**ଅନୁଗୋଳ ଅଫିସ, ୩।୯**



ଦେଶର ପ୍ରମୁଖ କାର୍ ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏହାର ନୂତନ ୟୁଟିଲିଟି ପାସେଞ୍ଜର ଭେଇକିଲ୍ ମାରାଜୋକୁ ସୋମବାର ଦେଶବ୍ୟାପୀ ବଜାର ପ୍ରବେଶ କରାଇଛି। ଏହି ଧାରାରେ ଅନୁଗୋଳସ୍ଥିତ ସିଦ୍ଧି ଲକ୍ଷ୍ମୀ ମୋଟର ପକ୍ଷରୁ ଏହି ଯାନକୁ ଉନ୍ମୋଚନ କରାଯାଇଛି। ଡିଜେଲ ଚାଳିତ ଏହି ଯାନ ଏମ୍ ୨, ଏମ୍ ୪,ଏମ୍ ୬ ଏବଂ ଏମ୍ ୮ ଆଦି ୪ଟି ଭାରିଆଣ୍ଟରେ ଆସିଛି। ଏହି ନୂତନ ଯାନର ବଜାର ଦର ୯.୯ ଲକ୍ଷ ଟଙ୍କାରୁ ୧୩.୯୦ ଲକ୍ଷ ଟଙ୍କା ମଧ୍ୟରେ ରହିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମହିନ୍ଦ୍ରା ଅଟୋମୋଟିଭ୍ ନର୍ଥ ଆମେରିକା(ଏମ୍‌ଏଏନ୍‌ଏ) ଏବଂ ମହିନ୍ଦ୍ରା ରିସର୍ଚ୍ଚ ଭ୍ୟାଲି(ଏମ୍‌ଆର୍‌ଭି)ର ମିଳିତ ସହଯୋଗରେ ଏହି ଯାନ ପାଇଁ ଜ୍ଞାନ କୌଶଳ ବିକଶିତ କରାଯାଇଛି ବୋଲି କମ୍ପାନୀ ପ୍ରକାଶ କରିଛି। ଏହା ୬ଟି ରଙ୍ଗରେ ଉପଲବ୍ଧ ହେବ। ଅନୁଗୋଳଠାରେ ଏହି ନୂତନ ଗାଡ଼ିର ବଜାର ପ୍ରବେଶ ଅବସରରେ ଶୋ'ରୁମର ସତ୍ତ୍ୱାଧିକାରୀ ବିକ୍ରମ କୁମାର ଅଗ୍ରୱାଲ, ରାଜ କୁମାର ଅଗ୍ରୱାଲ, କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ହୀରନମୟ ଲେହେରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମା ଭଗବାନ ମାନବ ସେବାସମିତି ପକ୍ଷରୁ ଅସହାୟଙ୍କୁ ବସ୍ତ୍ର ପ୍ରଦାନ


**ତାଳଚେର,୩।୯(ନି.ପ୍ର.)**

ଆତ୍ମା ଭଗବାନ ମାନବ ସେବାସମିତି ପକ୍ଷରୁ ରବିବାର ତାଳଚେର ବ୍ଲକ ଗୋବରା ଆଦିବାସୀ ହଟିଙ୍ଗ ଓ ସେଣ୍ଟ୍ରାଲ ୱାର୍କଶପ୍ କଲୋନୀରେ ବସବାସ କରୁଥିବା ପ୍ରାୟ ୪ଶହ ଅସହାୟ ବ୍ୟକ୍ତିଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ସେବିକା ଶାନ୍ତି ଦାଶାଜୀ ଉଦ୍‌ବୋଧନ ଦେବା ସହିତ ମହିଳାମାନଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ସାମାଜିକ କର୍ମୀ ରିତାରାଣୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମିନାକ୍ଷୀ ନନ୍ଦ, ସବିତା ଦାସ, ସୁବ୍ରତ ନାଥ, ସୁଶାନ୍ତ ଦାସ, କୁନି ମହାରଣା, ମିଲି ସାହୁଙ୍କ ସମେତ ସଙ୍ଗଠନର ବହୁ ସଦସ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମିଳିନି ମରୁଡ଼ି କ୍ଷତିପୂରଣ, ଆନ୍ଦୋଳନ ଚେତାବନୀ

**ଅନୁଗୋଳ ଅଫିସ, ୩।୯**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପରା ପଞ୍ଚାୟତର ପରା ଗ୍ରାମବାସୀ ମରୁଡ଼ି ଜନିତ କ୍ଷୟକ୍ଷତି କମ୍ ଦର୍ଶାଯାଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ପଞ୍ଚାୟତର ୬୪ ପ୍ରତିଶତ ଫସଲ କ୍ଷତିଗ୍ରସ୍ତ ହୋଇଥିବାବେଳେ ଅନୁଗୋଳ କୃଷି ନିର୍ଦ୍ଦେଶକ ଏହାକୁ କମ୍ କରି ଦେଖାଇଛନ୍ତି। ୭ ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ଅନୁଗୋଳ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ କହିଛନ୍ତି, ଆମକୁ ଉପଯୁକ୍ତ କ୍ଷତିପୂରଣ ନ ମିଳିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ। ଏଥିସହ ଜରପଡ଼ାରେ ଥିବା ସମବାୟ ବ୍ୟାଙ୍କ ଓ ଇଣ୍ଡିଆନ୍ ଓଭରସିସ୍ ବ୍ୟାଙ୍କରେ ମଧ୍ୟ ତାଲା ପକାଇବୁ ବୋଲି ପରା ଗ୍ରାମର ବେଣୁଧର ପ୍ରଧାନ, ସରୋଜ କୁମାର ସାହୁ, ବସନ୍ତ କୁମାର ପ୍ରଧାନ, ଦୁର୍ଲ୍ଲଭ ପ୍ରଧାନ, ସଞ୍ଜୟ କୁମାର ପ୍ରଧାନ, ରସାନନ୍ଦ ପ୍ରଧାନ, ବାବୁଲି ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ନବଘନ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ